# ଜୁଆଙ୍ଗ ଲୋକସାହିତ୍ୟ



ଆଦିବାସୀ ଭାଷା ଓ ସଂସ୍କୃତି ଏକାଡେମୀ
ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜାତି ଉନ୍ନୟନ ବିଭାଗ

# ଜୁଆଙ୍ଗ ଲୋକସାହିତ୍ୟ


ସଂକଳନ

**ଡ. ଚମ୍ପକ ସାହୁ**

ସଂପାଦନା

**ଡ. ପରମାନନ୍ଦ ପଟେଲ**

ନିର୍ଦ୍ଦେଶକ

**ପ୍ରଫେସର (ଡ.) ଅଖିଳ ବିହାରୀ ଓତା**



**ଆଦିବାସୀ ଭାଷା ଓ ସଂସ୍କୃତି ଏକାଡେମୀ**

ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜାତି ଉନ୍ନୟନ ବିଭାଗ

ଭୁବନେଶ୍ୱର

# ଜୁଆଙ୍ଗ ଲୋକସାହିତ୍ୟ

**ସଂକଳନ :** ଡ. ଚମ୍ପକ ସାହୁ

**ସମ୍ପାଦନା :** ଡ. ପରମାନନ୍ଦ ପଟେଲ

**ନିର୍ଦ୍ଦେଶକ :** ପ୍ରଫେସର (ଡ.) ଅଖିଳ ବିହାରୀ ଓତା

**© ପ୍ରକାଶକ**

ସଦସ୍ୟ-ସଚିବ,
ଆଦିବାସୀ ଭାଷା ଓ ସଂସ୍କୃତି ଏକାଡେମୀ,
ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜାତି ଉନ୍ନୟନ ବିଭାଗ
ଆଦିବାସୀ ପ୍ରଦର୍ଶନୀ ପଡ଼ିଆ
ୟୁନିଟ୍-୧, ଭୁବନେଶ୍ୱର-୭୫୧୦୦୯

**ପ୍ରଥମ ପ୍ରକାଶ-୨୦୧୪**

**ମୁଦ୍ରଣ :**
ଭୋଳାନାଥ ପ୍ରେସ୍
୧୨୦୧/୧୬୦୧, ବମିଖାଲ
ଭୁବନେଶ୍ୱର - ୭୫୧୦୧୦

## JUANGA LOKA SAHITYA

**Compilation :** Champak Sahoo

**Editor :** Dr. Paramananda Patel

**Supervisor :** Prof. (Dr.) Akhila Bihari Ota

**© Publisher :**
Member Secretary
Academy of Tribal Languages & Culture
Adivasi Exhibition Ground
Unit-I, Bhubaneswar-751009

**1st Edition :** 2014

**Printed at :**
Bholanath Press
1201/1601, Bomikhal,
Bhubaneswar-751010

# ମୁଖବନ୍ଧ

ସଭ୍ୟତାର ଉନ୍ମେଷ ସମୟରୁ ଯେତେବେଳେ ମନୁଷ୍ୟ ପାଖରେ ଆଜିପରି ଲିଖିତ ପରମ୍ପରା ଓ ମନୋରଞ୍ଜନ ସାମଗ୍ରୀର ଅଭାବ ଥିଲା, ସେତେବେଳେ ତତ୍କାଳୀନ ମଣିଷ ନିଜ ସୃଜନଶୀଳତାକୁ ପ୍ରକାଶ କରୁଥିଲା, ପ୍ରସ୍ତର ଗାତ୍ରରେ, କାଠ ବାଉଁଶରେ, କିଛି ପରିମାଣରେ ନିଜ ଆସବାବ ପତ୍ରରେ ଧ୍ୱନୀ ସମୂହକୁ ନାମ ଦେଇ ସେ ଗୁଣୁଗୁଣାଉଥିଲା ଓ ଉଲ୍ଲସିତ ହେଉଥିଲା, ଯାହା ସୁମଧୁର ଏବଂ ଅନ୍ୟମାନଙ୍କୁ ଆକୃଷ୍ଟ କରୁଥିଲା, ଅନ୍ୟମାନେ ତାକୁ ଅନୁକରଣ କରୁଥିଲେ । ନିଜ ଅଭିଜ୍ଞତା, ଅନୁଭୂତି ଓ ବିସ୍ମୟଭାବକୁ ସେ ବର୍ଣ୍ଣନା କରୁଥିଲା । ନୂତନ ପିଢ଼ି ପାଖରେ କାଳକ୍ରମେ ତାହା କଥାର ରୂପ ନେଉଥିଲା । ପରିବର୍ତ୍ତିତ ହେଉଥିଲା ଲୋକକାହାଣୀ, କିମ୍ବଦନ୍ତୀ, ଆଖ୍ୟାୟିକା, ପୁରାଣରୂପରେ । ବାସ୍ତବ ସହିତ କଳ୍ପନା ଓ ଅନୁସୃଜନ, ସେହିସବୁ ବାସ୍ତବତାକୁ ଭିନ୍ନ ରୂପରେ ଉପସ୍ଥାପିତ କରୁଥିଲା । ପିଢ଼ି ପରେ ପିଢ଼ି ଏହି ସବୁ ଗୀତ, କାହାଣୀ, ଅନୁଭୂତି ସମୂହ ସଂଚରିତ ହେଉଥିଲ । ବିନିଦ୍ର ରଜନୀ କଟୁଥିଲା, ଅବସାଦ ମେଣ୍ଟୁଥିଲା ଏବଂ ପ୍ରାଣରେ ସ୍ପନ୍ଦନ ଆସୁଥିଲା, ନୂଆ କିଛି ଦେଖାଇବାକୁ, କରିବାକୁ ।

ଭାରତୀୟ ପରମ୍ପରାରେ ଯେଉଁ ଗୋଷ୍ଠୀ ଆଦିବାସୀ ବୋଲି କଥିତ ହେଲେ ସେମାନଙ୍କ ପାଖରେ ଲେଖି ସାଇତି ରଖିବାର ସାଧନ ନଥିଲା ବା ସେମାନେ ସାଇତି ରଖିବାର ପକ୍ଷରେ ନଥିଲେ ତେଣୁ ଅନେକ ଲୋକ ବାଚନିକ ପରମ୍ପରା କାଳକ୍ରମେ ଲୋପ ପାଇବାରେ ଲାଗିଲା ।

ସଭ୍ୟତାର କ୍ରମବିକାଶ ସହ ଏହି ପରମ୍ପରାରେ ମଧ୍ୟ ପରିବର୍ତ୍ତନ ଆସିଲା । ଜନପଦର ମଣିଷ ଯେତେବେଳେ ଅନୁଭବ କଲା ଯେ ଆଜି ମଣିଷର ଏହି ସବୁ ଚିନ୍ତନ ଭିତରେ ବିଜ୍ଞାନର ମହାମନ୍ତ୍ର ରହିଛି ସେତେବେଳେ ସେ ତାକୁ ଖୋଜି ଲିଖିତ ରୂପ ଦେବାରେ ଆଗଭର ହେଲା । ତଥାପି ଅନେକ ଲୋକବାଚିକ ପରମ୍ପରା ଅଦ୍ୟାବଧି ଲୋକଲୋଚନ ଆଢୁଆଳରେ ରହିଯାଇଛି । ଅନେକ ମଧ୍ୟରେ ଆକାଶ ପାତାଳ ପ୍ରଭେଦ ପରିଲକ୍ଷିତ ହୋଇଛି ।

ଏଇ ସବୁ ଅସଜଡ଼ା ଲୋକ ପରମ୍ପରାକୁ ସାଇତିବାର ଆବଶ୍ୟକତାକୁ ହୃଦୟଙ୍ଗମ କରି ଏକାଡେମୀ ତାର ସିମୀତ ସମ୍ବଳ ମଧ୍ୟରେ ଆରମ୍ଭ କରିଛି ଲୋକ ପରମ୍ପରାର ସଂକଳନ । ପ୍ରକାଶିତ ଅନେକ ସଂକଳନ ମଧ୍ୟରୁ ଜୁଆଙ୍ଗ ଲୋକସାହିତ୍ୟ ଅନ୍ୟତମ । ଆଜିର ସମାଜରେ ପିଲାମାନଙ୍କୁ ଶିକ୍ଷାଦାନ ସମୟରେ ଲୋକପରମ୍ପରାର ଆବଶ୍ୟକତାକୁ ଆଖି ଆଗରେ ରଖି ଏହି ସବୁ ଉପାଦାନ ସଂଗ୍ରହ କରାଯାଇଛି । ଶିକ୍ଷାବିଦ୍, ବିକାଶ ପାଇଁ ଲୋକ ପରମ୍ପରାକୁ ଗୁରୁତ୍ୱ ଦେଉଥିବା ତତ୍‌ବିଦ୍‌ମାନଙ୍କୁ ଏହା କିଛି ଖୋରାକ ଯୋଗାଇବ ବୋଲି ଆଶା ଓ ବିଶ୍ୱାସ ।

ଡ. ଅଖିଳ ବିହାରୀ ଓତା

# ସୂଚୀପତ୍ର


| କ୍ର.ସଂ. | ବିଷୟ | ପୃଷ୍ଠା |
|---|---|---|
| ୦୧. | ଜୁଆଙ୍ଗର ଉତ୍ପତ୍ତି | ୧ |
| ୦୨. | ଲୋକକଥା | ୨୧ |
| ୦୩. | ଲୋକଗୀତ | ୧୪୭ |
| ୦୪. | ପହଲି | ୧୯୮ |


***

# ଜୁଆଙ୍ଗର ଉତ୍ପତ୍ତି

ଜୁଆଙ୍ଗମାନଙ୍କର ଉତ୍ପତ୍ତି ସମ୍ପର୍କରେ ବିଭିନ୍ନ ପ୍ରକାରର କିମ୍ବଦନ୍ତୀ ରହିଥିଲେ ମଧ୍ୟ ଗୋଟିଏ କିମ୍ବଦନ୍ତୀ ଲୋକମୁଖରୁ ଶୁଣିବାକୁ ମିଳିଥାଏ ।

ବହୁତ ଦିନ ତଳର କଥା । ପ୍ରଥମେ ଧର୍ମ ଦେବତା ପୃଥିବୀର ସୃଷ୍ଟି ସର୍ଜନା କଲେ । ସେ ସେଥିପାଇଁ ଜଣେ ଋଷି ତାଙ୍କ ଧର୍ମପତ୍ନୀଙ୍କ ସହିତ ଋଷିଟାଙ୍ଗର (ଗୋସାନିକା ଓ ଗୁପ୍ତଗଙ୍ଗାର ମଧ୍ୟ ଭାଗ) ଅଞ୍ଚଳକୁ ବାସ କରିବାକୁ ପଠାଇଲେ । ଏହି ଟାଙ୍ଗର ଛଡା ଅନ୍ୟ ଅଞ୍ଚଳ ସବୁ ଜଳମଗ୍ନ ହୋଇ ରହିଥିଲା । କିଛିଦିନ ପରେ ସେମାନଙ୍କର ଔରସରୁ ଗୋଟିଏ ପୁତ୍ର ସନ୍ତାନ ଜାତହେଲା । ଧର୍ମ ଦେବତା ପୃଥିବୀର ଜଳମଗ୍ନ ଅବସ୍ଥା ଦେଖି ଚିନ୍ତିତ ହୋଇ ପଡିଲେ । ସେ ଚିନ୍ତା କରୁଥିଲେ କେମିତି ପୃଥିବୀରେ ସ୍ଥିରତା ଆସିବ ? କେମିତି ଏଠି ଜୀବଜନ୍ତୁମାନେ ବସବାସ କରି ରହିପାରିବେ ? ଏହାପରେ ଧର୍ମଦେବତା ଗୋଟିଏ ବାଘ ସୃଷ୍ଟି କଲେ । ସେହି ବାଘ ଦେବତା ସହ ଧର୍ମଦେବତା ଟାଙ୍ଗରରେ ଥିବା ଋଷିଙ୍କ ଘରକୁ ଗଲେ । ସେମାନେ ଛଳନା କରି ତାଙ୍କ ଘରେଥିବା ଗୋଟିଏ କୁକୁଡା ମାଗିଲେ । ଋଷି ଏହାର ଅର୍ଥ ବୁଝିପାରିଲେ ନାହିଁ ଓ ଦେବାକୁ ରାଜି ହୋଇଗଲେ । ମାତ୍ର ଋଷିପତ୍ନୀ ବୁଝାଇ ଦେଲେ ଯେ ସେମାନେ ଆମର ପୁଅକୁ ନେବାକୁ ଆସିଛନ୍ତି । ପରେ ଋଷି ଯାଇ ସେମାନଙ୍କୁ କୁକୁଡା ଦେବାକୁ ମନା କରିବାରୁ ସେମାନେ ତାଙ୍କୁ ତାଙ୍କର ପୁଅକୁ ମାଗିଲେ ଏବଂ କହିଲେ "ତା ବଦଳରେ ମୁଁ ତୁମକୁ ଯୁବକ କରିଦେବି ଓ ଦୁଇଟି ପୁତ୍ର ଦେବି ।" ଋଷି ରାଜି ହୋଇଗଲେ ମାତ୍ର ଏହି ପ୍ରସ୍ତାବରେ ତାଙ୍କର ଧର୍ମପତ୍ନୀ ରାଜି ହେଲେନାହିଁ । ସେ ନିଜ ପୁଅକୁ ଲୁହାର ବାରହାତର ଧନୁ ଓ ବାରହାତର ତୀର ଧରାଇଦେଲେ । ସେ ବଡ ଧନୁର୍ଦ୍ଧର ହୋଇଥାଏ । ଧର୍ମଦେବତା ବାଘକୁ ଆଦେଶ ଦେଲେ ଋଷିପୁତ୍ରକୁ ମାରିବା ପାଇଁ । ମାତ୍ର ଋଷିପୁତ୍ର ସବୁବେଳେ ଧନୁତୀର ଧରି ବୁଲୁଥିବାରୁ ବାଘ ତା ପାଖ ପଶିପାରେ ନାହିଁ କି ଖାଇପାରେ ନାହିଁ । ଧର୍ମଦେବତା ଏହା ଦେଖି ଋଷିପୁତ୍ରକୁ ହସି ହସି କହିଲେ "ତୁମେ କେତେ କଦର୍ଯ୍ୟ ହୋଇଛ । କଣ ପାଇଁ ଗାଧୋଉନାହଁ ?" ଏହାପରେ ଋଷି ପୁତ୍ର ନାଳକୁ ଯାଇ ଗୋଟିଏ ହାତରେ ଧନୁ ଧରି ଗୋଧୋଇବାରୁ ଧର୍ମଦେବତା କହିଲେ, "ସେମିତି ଗାଧୋଇଲେ ପୁରା ପରିଷ୍କାର ହୋଇପାରିବୁ ନାହିଁ । ଧନୁତୀର ପଥର ଉପରେ ରଖି ଦୁଇହାତରେ ଘଷି ହୋଇ ଗାଧୋଇଲେ ପରିଷ୍କାର ହେବୁ । ଏହାପରେ ଋଷିପୁତ୍ର ଧନୁତୀର ରଖି ନାଳକୁ ପଶିବା ମାତ୍ରେ ଆଦେଶ ପାଇଥିବା ବାଘ ଋଷିପୁତ୍ରକୁ କାମୁଡି ମାରିଦେଲା । ସେହି ଋଷିପୁତ୍ରର ରକ୍ତ ପଡିବାକୁ ବାସୁକି ମାତାର ସ୍ଥିରତା ଆସିଲା । ଏହାର ହାତଗୋଡରୁ ବିଭିନ୍ନ

ଜଙ୍ଗଲ ଓ ଅନ୍ୟ ଅଞ୍ଚଳ ସୃଷ୍ଟି ହେଲା । ଏହାର ଜଙ୍ଘରୁ ଜୁଆଙ୍ଗ ଲୋକମାନଙ୍କର ଉତ୍ପତ୍ତି ବୋଲି ବିଶ୍ୱାସ କରାଯାଏ । ଗୋଡରୁ ଗଣ୍ଡ ଓ ନଖରୁ ବାଦୁଡିମାନଙ୍କର ଉତ୍ପତ୍ତି ବୋଲି ଶୁଣାଯାଏ । ଏହାର ରୋମରୁ ବିଭିନ୍ନ ଗଛଲତାଙ୍କର ସୃଷ୍ଟି ।

## ଧର୍ମୀୟ ଭାବନା-

ଜୁଆଙ୍ଗମାନେ ଯଦିଓ ନିଜକୁ ଋଷିପୁତ୍ର ବୋଲି କହିଥାନ୍ତି ତଥାପି ସେମାନେ ତାଙ୍କର ସର୍ବୋଚ୍ଚ ଦେବତା ଆକାରରେ ଉପରେ ଧର୍ମଦେବତା କହି ପ୍ରଥମେ ଯେକୌଣସି ପୂଜାପାଠ ଆରମ୍ଭ କରିଥାନ୍ତି । ଏହାପରେ ସେମାନେ ତଳେ ବାସୁକୀ ମାତାଙ୍କର ନାମ ଉଚ୍ଚାରଣ କରି ଯେକୌଣସି ପୂଜାରେ ସେମାନଙ୍କର ଆଶୀର୍ବାଦ ପାଇବା ପାଇଁ ତାଙ୍କୁ ପୂଜା କରିଥାନ୍ତି ।

ଗାଁ ପାଖରେ ଥିବା ଗୋଟିଏ ଘଞ୍ଚ ଜଙ୍ଗଲ ଭିତରେ କୌଣସି ଏକ ଶିଆଳିଲତା ତଳେ ଏହି ଜୁଆଙ୍ଗମାନଙ୍କର ଗ୍ରାମଦେବତା ଠାକୁରାଣୀ ଥାଆନ୍ତି । ଗ୍ରାମର ଯେକୌଣସି ପୂଜା କରିବା ପୂର୍ବରୁ ସେମାନେ ସେଠାରେ ଆଗ ଭୋଗ ଲଗାଇ ଅନ୍ୟଠାରେ ପୂଜାପାଠ କାର୍ଯ୍ୟ ଆରମ୍ଭ କରିଥାନ୍ତି । ସେ ତାଙ୍କର ଥାନପତିଙ୍କୁ ସେହିଠାରେ ପୂଜାକରି ଘରକୁ ଫେରିଥାନ୍ତି । ସେମାନେ ବିଭିନ୍ନ ସମୟରେ ବିଭିନ୍ନ ପର୍ବପର୍ବାଣୀ ସବୁ ପାଳନ କରିଥାନ୍ତି; ଯଥା :

## ପୀଢ଼ ଶାସନ -

ସାଧାରଣତଃ କେନ୍ଦୁଝରରେ ସବୁଠାରୁ ବେଶୀ ପରିମାଣରେ ଜୁଆଙ୍ଗ ଦେଖାଯାଆନ୍ତି । ତାଛଡା ୧୨୦୦୦ ଭାଗୁଡିଆ ଢେଙ୍କାନାଳ ଓ ଯାଜପୁର ଜିଲାମାନଙ୍କରେ ରହିଛନ୍ତି ।

କେନ୍ଦୁଝରର ଜୁଆଙ୍ଗ ଅଞ୍ଚଳକୁ ରାଜାଙ୍କର ଶାସନ ସମୟରେ ଶାସନଗତ ସୁବିଧା ଦୃଷ୍ଟିରୁ କିଛି ପିଢରେ ବିଭକ୍ତ କରିଥିଲେ । ସେଗୁଡିକ ହେଲା, ଝାଡଖଣ୍ଡ, ସାତଖଣ୍ଡ, କାଠୁଆ, ହୁଣ୍ଡା, ରେବେଣା ଏବଂ ଚାରିଗଡ । ଏହି ପୀଢ ଅଞ୍ଚଳରେ ପୀଢ ସର୍ଦ୍ଦାର ନିଯୁକ୍ତ ରହିଥିଲେ । ଗାଁର ଖଜଣା ସଂଗ୍ରହ କରିବା ପାଇଁ ଜଣେ ପ୍ରଧାନଙ୍କୁ ନିଯୁକ୍ତି ଦିଆଯାଇଥିଲା । ପ୍ରଧାନ ଖଜଣା ସଂଗ୍ରହ କରି ଆଣି ପୀଢ ସର୍ଦ୍ଦାରଙ୍କୁ ଦେଉଥିଲେ ଏବଂ ପୀଢ ସର୍ଦ୍ଦାର ରାଜାଙ୍କର ଉଆସରେ ତାହା ଦାଖଲ କରୁଥିଲେ ।

ଗାଁର ପୂଜା କରିବା ପାଇଁ ଗାଁର ଜଣେ ଲୋକ ନିଯୁକ୍ତ ହୋଇଥାନ୍ତି । ତାଙ୍କୁ 'ଜୁଇତା' କୁହାଯାଏ । ସେ ଗାଁର ସମସ୍ତ ପୂଜାରେ ବଳି ଦେଇ ଗାଁର

ମଙ୍ଗଳ କାମନା କରିଥାନ୍ତି । ଗାଁର ପ୍ରଧାନମାନେ ଜୁଇତାଙ୍କୁ ପୂଜାପାଠରେ ସାହାଯ୍ୟ କରିଥାନ୍ତି ।

ପିଢିଗୁଡିକ ସାଧାରଣତଃ କେନ୍ଦୁଝରର ଦକ୍ଷିଣ ଓ ପଶ୍ଚିମ ଦିଗରେ ଅବସ୍ଥିତ । ରେବେଣା ପିଢ ସମକାଇ ଦନୀ ଦ୍ୱାରା ଅନ୍ୟ ପିଢଠାରୁ ବିଚ୍ଛିନ୍ନ ହୋଇ ରହିଅଛି । ପିଢ ମଝିରେ ଗୋନାସିକା ପର୍ବତ ରହିଅଛି ଏବଂ ଏହାର ପାଖରେ ଗୁପ୍ତ ଗଂଗା ପାଡାହରୁ ବୈତରଣୀ ନଦୀ ବହି ଆସିଅଛି । କାଠୁଆ ପିଢର ଜୁଆଙ୍ଗ ବସତି ଗୁଡିକ ସାଧାରଣତଃ ପାହାଡ ତଳେ ଅବସ୍ଥିତ । ତେଣୁ ସେମାନେ ଅନ୍ୟ ହିନ୍ଦୁ ସମ୍ପ୍ରଦାୟର ଲୋକମାନଙ୍କ ସଂସ୍ପର୍ଶରେ ଆସିଥାନ୍ତି । ଏହାଛଡା ପାଲଲହଡା, କାମାକ୍ଷାନଗର, ଯାଜପୁର ଏବଂ ଅନ୍ୟ ଅଞ୍ଚଳରେ ରହୁଥିବା ଜୁଆଙ୍ଗମାନେ ହିନ୍ଦୁଜାତିର ସଂସ୍ପର୍ଶରେ ଆସିଥାନ୍ତି ।

ଜୁଆଙ୍ଗ ଲୋକମାନେ ନିଜକୁ ଆନିୟା ଓ ଭାଗୁଡିଆ ଦୁଇ ଭାଗରେ ବିଭକ୍ତ କରିଥାନ୍ତି । ଯେଉଁମାନେ ପୂର୍ବପୁରୁଷମାନଙ୍କର ବସତିରେ ରହିଲେ ସେମାନଙ୍କୁ ଆନିୟା ବୋଲି କୁହାଗଲା ଓ ଯେଉଁମାନେ ନିଜର ବାସସ୍ଥାନ ଛାଡି ଅନ୍ୟ ଅଞ୍ଚଳକୁ ଚାଲିଗଲେ ସେମାନଙ୍କୁ ଭାଗୁଡିଆ ବୋଲି କୁହାଗଲା । ତେଣୁ ଢେଙ୍କାନାଳ ଓ ପାଲଲହଡା ଅଞ୍ଚଳର ଜୁଆଙ୍ଗମାନଙ୍କୁ ଭାଗୁଡିଆ ବୋଲି କୁହାଯାଏ ।

ଏହା କୁହାଯାଏ ଯେ ପୂର୍ବରୁ କେନ୍ଦୁଝରର ରାଜା ଦୁର୍ଗାପୂଜା ସମୟରେ ନରବଳୀ ଦେଉଥିଲେ । ରାଜା ସେଥିପାଇଁ ଜୁଆଙ୍ଗ ଅଞ୍ଚଳରୁ ପିଲା ସଂଗ୍ରହ କରୁଥିଲେ । ଜୁଆଙ୍ଗ ଲୋକମାନେ ଭୟରେ ରାଜାଙ୍କୁ କିଛି କହି ପାରୁନଥିଲେ । ସେଥିପାଇଁ ଅନେକ ଶିଶୁଙ୍କୁ ବଳି ଦିଆଯାଉଥିଲା । ସେଥିପାଇଁ ଜୁଆଙ୍ଗ ଲୋକମାନେ ଗାଁ ଛାଡ଼ି ଜଙ୍ଗଲକୁ ଲୁଚି ପଳାଇ ଯାଉଥିଲେ । ଯାହା ଫଳରେ ସେମାନେ ନିଜର ପିଲାମାନଙ୍କୁ ବଳିରୁ ମୁକୁଳାଇ ପାରୁଥିଲେ । ତା ଛଡା ରାଜ୍ୟରେ ୧୮୬୮ ମସିହା ବେଳକୁ ରତନା ମେଳି ସମୟରେ ରାଜାଙ୍କର ଦମନ ଲୀଳା ଚରମ ସୀମାରେ ପହଞ୍ଚି ସାରିଥିଲା । ତା ଛଡ଼ା କର, ଖଜଣା ଓ ବେଠି ପ୍ରଥା ଜୁଆଙ୍ଗ ଅଞ୍ଚଳରେ ଚରମ ସୀମାରେ ପହଞ୍ଚି ସାରିଥିଲା । ଜୁଆଙ୍ଗମାନେ ଅତିରିକ୍ତ କର, ଖଜଣା ଦେଇ ସର୍ବସ୍ୱାନ୍ତ ହେଉଥିଲେ । ଏଥିପାଇଁ ପୁଣିଥରେ ୧୮୯୧ ମସିହାରେ ମେଳି ବାନ୍ଧିଥିଲେ । ଯାହାକୁ କି ଧରଣୀଧର ଭୂୟାଁ ମେଳି ବୋଲି କୁହାଯାଏ । ଏହାକୁ ଦମନ କରିବା ପାଇଁ ଇଂରେଜ ସୈନ୍ୟ ଗାଁ ଗାଁରେ ଲୋକମାନଙ୍କୁ ଖୋଜି ମାଡ ଦେଉଥିଲେ । ଫଳରେ ଜୁଆଙ୍ଗ ଲୋକମାନେ ଗାଁ ଛାଡି ଅନ୍ୟ ରାଜ୍ୟକୁ ପଳେଇ ଗଲେ ।

ସାଧାରଣତଃ ଜୁଆଙ୍ଗ ଗାଁ ମାନଙ୍କରେ ଗଉଡ ଲୋକମାନେ ବାସ କରିଥାନ୍ତି । ପ୍ରତ୍ୟେକ ଗାଁରେ ୩/୪ଟି ଗଉଡ ପରିବାର ରହିଥାଏ । ସେମାନେ ଗାଁର ଗାଈ ଚରାଇ ଓ କ୍ଷିର ବିକ୍ରି କରି ଚଳିଥାନ୍ତି । ବିଭିନ୍ନ ପୂଜା ପର୍ବ ସମୟରେ ସେମାନେ ଜୁଆଙ୍ଗ ଲୋକଙ୍କୁ କ୍ଷୀର ପୂଜା ପାଇଁ ଦେଇଥାନ୍ତି ।

## ଜୁଆଙ୍ଗ ବସତି -

ଜୁଆଙ୍ଗ ଗାଁ ଗୁଡିକ ପାହାଡର ତଳ, ଉପର ଏବଂ ମଧ୍ୟ ଭାଗରେ ଅବସ୍ଥିତ । ସେହି ଗାଁ ଗୁଡିକର ଘର ସଂଖ୍ୟା ୩୦ ରୁ ୫୦ ମଧ୍ୟରେ ଅଟେ । କେନ୍ଦୁଝର ଓ ହରିଚନ୍ଦନପୁର ବ୍ଲକର ଗାଁ ଗୁଡିକ ପାହାଡର ଉପର ଅଂଶରେ ଥିବା ବେଳେ ପାଲଲହଡା ଓ ଢେଙ୍କାନାଳ ଅଞ୍ଚଳରେ ଘରଗୁଡିକ ପାହାଡର ତଳ ଅଞ୍ଚଳରେ ଅବସ୍ଥିତ ।

ଜୁଆଙ୍ଗ ଲୋକମାନେ ନିଜ ଗାଁରୁ ଯଦି ବିଛିନ୍ନ ହୋଇ ପାଖ ଅଞ୍ଚଳରେ ରହନ୍ତି ତାହେଲେ ସେହି ପୁରୁଣା ଗାଁର ନାମ ଅନୁସାରେ ସେହି ସାହିର ନାମ ମଧ୍ୟ ରଖାଯାଇଥାଏ ।

ସୁମଟର ଲୋକମାନେ ଦୁଇ ଭାଗରେ ହୋଇଛନ୍ତି, ଯଥା : ତଳ ସୁମଟ ଓ ଉପର ସୁମଟ । ଜନ୍ତାରୀର୍ର ଲୋକମାନେ ମଧ୍ୟ ଦୁଇ ଭାଗରେ ବିଭକ୍ତ ଯଥା : ତଳ ଜନ୍ତାରୀ ଓ ଉପର ଜନ୍ତାରୀ ।

ଜୁଆଙ୍ଗମାନେ ନିଜ ଗାଁର ପରିସୀମା ମଧ୍ୟରେ ଥିବା ଜଙ୍ଗଲ ଏବଂ ଜମିର ବ୍ୟବହାର କରିଥାନ୍ତି । ସେମାନେ ନିଜ ଅଞ୍ଚଳରୁ ଗଛ କାଟିବା, ପକ୍ଷୀ ଶୀକାର କରିବାରେ କୌଣସି ପ୍ରତିବନ୍ଧକ ନଥାଏ । ମାତ୍ର ଅନ୍ୟ ଗାଁର ସୀମାରେ ଚାଷ କଲେ ସେହି ଗାଁର ଅନୁମତି ଲୋଡା ଯାଇଥାଏ । ପୂର୍ବରୁ ରାଜାଙ୍କ ସମୟରେ ଗାଁ ଗୁଡିକର ସୀମା ନିର୍ଦ୍ଧାରଣ କରାଯାଇଥିଲେ ମଧ୍ୟ ଓଡିଶା ସରକାରଙ୍କର ଅମଳରେ ହୋଇଥିବା ବନ୍ଦୋବସ୍ତ ଅନୁଯାୟୀ ଗାଁ ଗୁଡିକର ସୀମା ନିର୍ଦ୍ଧାରଣ କରାଯାଇ ସେଗୁଡିକୁ ଚିହ୍ନଟ କରାଯାଇଅଛି ।

ପୂର୍ବରୁ ଗାଁ ଗୁଡିକରେ ଗୋଟିଏ ବଂଶର ଜୁଆଙ୍ଗମାନେ ବସତି ସବୁ ରହିଥିଲା । ସେଥିପାଇଁ ସେହି ଲୋକମାନଙ୍କର ବଂଶଟି ନିଜ ଗାଁର ନାମ ହିସାବରେ ଉଚ୍ଚାରଣ କରାଯାଉଥିଲା ।

## ଗାଁ ପରିବର୍ତ୍ତନ -

ପୂର୍ବରୁ ଜୁଆଙ୍ଗମାନେ ଗାଁ ଗୁଡିକୁ ବର୍ଷ ଅନ୍ତରରେ ପରିବର୍ତ୍ତନ କରୁଥିଲେ । ସେମାନେ ଗୋଟିଏ ଜାଗାରେ ବେଶୀ ସମୟ ରହିବାକୁ ପସନ୍ଦ କରୁ ନଥିଲେ ।

ସେଥିପାଇଁ କିଛି ବର୍ଷ ପରେ ସେହି ଅଞ୍ଚଳରୁ ଅନ୍ୟ ଅଞ୍ଚଳକୁ ପଳେଇ ଯାଉଥିଲେ । କିନ୍ତୁ ବନ୍ଦୋବସ୍ତ ହୋଇ ସାରିବା ପରଠାରୁ ଜୁଆଙ୍ଗମାନେ ଆଉ ଅନ୍ୟ ଗାଁକୁ ଯାଇ ନାହାନ୍ତି । ମାତ୍ର ଗାଁର ପାଖ ଅଞ୍ଚଳରେ ଜାଗା ପରିବର୍ତ୍ତନ କରିବାରେ ଅନେକ ଦୃଷ୍ଟାନ୍ତ ରହିଛି ।

ଯଦି ଗାଁରେ ଅଧିକାଂଶ ଲୋକଙ୍କର ମୃତ୍ୟୁ ଘଟେ, ତାହେଲେ ଜୁଆଙ୍ଗ ଲୋକମାନେ ଆଉ ସେହି ଜାଗାରେ ରହିବାକୁ ଉପଯୁକ୍ତ ମଣି ନଥାନ୍ତି । ତେଣୁ ସେମାନେ ଜାଗା ପରିବର୍ତ୍ତନ କରିଥାନ୍ତି । ପୂର୍ବରୁ ପୋଡୁ ଚାଷର ଜମି ଖୋଜି ଖୋଜି ମଧ ଜାଗା ପରିବର୍ତ୍ତନ କରିଥାନ୍ତି । ପୂର୍ବରୁ ପୋଡୁ ଚାଷର ଜମି ଖୋଜି ଖୋଜି ମଧ ଜାଗା ପରିବର୍ତ୍ତନ କରୁଥିଲେ । ବେଳେବେଳେ ଗୁଣି ଗାରେଡି ବିଦ୍ୟା ନେଇ ଲୋକମାନଙ୍କର ମଧରେ ବିବାଦ ହୋଇ ଘର ପରିବର୍ତ୍ତନ କରିବାରେ ଦେଖାଯାଉଥିଲା ।

ସେମାନେ ଘର ପରିବର୍ତ୍ତନ କରିବା ପୂର୍ବରୁ ଯେଉଁ ଅଞ୍ଚଳରେ ରହିବେ ସେହି ଅଞ୍ଚଳକୁ ଆଗ ତାର ଲକ୍ଷଣ ଜାଣିବା ପାଇଁ ପରୀକ୍ଷା କରିଥାନ୍ତି । ଏକ ନିର୍ଦ୍ଦିଷ୍ଟ ଦିନ ବୁଇତା ପୂଜା କରିବାକୁ ଆସିଥାଏ । ସେ ଏକ ନିର୍ଦ୍ଦିଷ୍ଟ ଜାଗାକୁ ଗୋବରରେ ଲିପି ଦେଇଥାଏ । ସେ ଗୋଟିଏ ଜାଗାରେ ଦୁଇଟି ଚାଉଳ ଏକା ପାଖାପାଖି ରଖେ ଓ ଅନ୍ୟ ଚାଉଳକୁ ତା ଉପରେ ରଖି ଦେଇଥାଏ । ସେହିପରି ତିନୋଟି ଜାଗାରେ ରଖାଯାଏ । ଗୋଟିଏ ଗାଁର ଲୋକମାନଙ୍କର ଉଦ୍ଦେଶ୍ୟରେ ରଖାଯାଇଥାଏ । ଅନ୍ୟଟି ଗାଁର ଗାଈ, ବାଛୁରୀ, ଛେଳି, ମେଣ୍ଢା ଇତ୍ୟାଦିଙ୍କ ଉଦ୍ଦେଶ୍ୟରେ ଏବଂ ଶେଷଟି ଗାଁର ଅମଳ ହେବା ପାଇଁ ରଖାଯାଇଥାଏ । ଏସବୁକୁ ଗୋଟିଏ ପାଇରେ ଘୋଡାଇ ଦିଆଯାଇଥାଏ ଏବଂ ଏହା ଉପରେ ଗୋଟିଏ ବାଉଁଶର ଠେକି ଘୋଡାଇ ଦିଆଯାଇଥାଏ । ଏହାପରେ ଏହି ବାଉଁଶ ଠେକିର ବାହାର ଅଂଶକୁ ଗୋବରରେ ତଳ ଅଞ୍ଚଳକୁ ଲିପି ଦିଆଯାଇଥାଏ । ତା ପରଦିନ ବୁଇତା ସକାଳୁ ଆସି ସେହି ଚାଉଳଗୁଡିକୁ ନିରୀକ୍ଷଣ କରିଥାନ୍ତି । ଯଦି ସେହି ଚାଉଳଗୁଡିକ ଠିକ୍ ଭାବରେ ଥାଏ ତାହେଲେ ସେଇଠି ବସତି କରିବାର ଯୋଜନା କରାଯାଏ । ନଚେତ୍ ସେମାନେ ସେ ଜାଗା ଛାଡି ଅନ୍ୟ ଜାଗାରେ ଏହି ପରୀକ୍ଷା କରିଥାନ୍ତି ।

## ସାମାଜିକ ପଦ୍ଧତି -

ଜୁଆଙ୍ଗମାନଙ୍କର ନିଜର ବଂଶର ନାମ ଅନୁଯାୟୀ ଗାଁ ଗୁଡିକ ସୃଷ୍ଟି ହୋଇଥାଏ ଯେଉଁ ଗାଁର ଲୋକ ସେହି ଗାଁର 'ବକ୍' ଆକାରରେ ପରିଗଣିତ ହୋଇଥାଏ । ସେହି ଗାଁର ଝିଅମାନେ ରାଇ ବା ଡାଇ ଆକାରରେ ପରିଗଣିତ

ହୋଇଥାଆନ୍ତି । ସେମାନେ ସବୁବେଳେ ବନ୍ଧୁ ଗାଁର ଝିଅମାନଙ୍କୁ ବିବାହ କରିଥାନ୍ତି । ଜୁଆଙ୍ଗ ଗାଁ ଗୁଡିକୁ ସାଧାରଣତଃ ଦୁଇ ଭାଗରେ ବିଭକ୍ତ କରାଯାଏ, ଯଥା : କୁଟୁମ୍ବ ଗାଁ ଓ ବନ୍ଧୁ ଗାଁ ।

## ଘର -

ଜୁଆଙ୍ଗ ମାନଙ୍କର ନିଜର ଘରଗୁଡିକ ଝାଟିମାଟିରେ ତିଆରି ହୋଇ ଉପରେ ଛଣ ଛପର ଦିଆଯାଇଥାଏ । କିନ୍ତୁ ବର୍ତ୍ତମାନ ଇନ୍ଦିରା ଆବାସ ଘର ମିଳିବା ପରେ ଏହି ଘର ସଂଖ୍ୟା ଅନ୍ୟ ଘର ଅପେକ୍ଷା ଯଥେଷ୍ଟ ବେଶୀ ପରିମାଣରେ ଦେଖିବାକୁ ମିଳୁଛି । ପ୍ରତିବର୍ଷ କିଛି କିଛି ନୂଆ ଘର ତିଆରି ଚାଲିଛି । ଘରର ରୋଷେଇ ହେଉଥିବା ସ୍ଥାନକୁ 'ଉକୁସଙ୍ଗ୍' ବୋଲି କହିଥାନ୍ତି । ଏହା ଉପରେ ଧାନ ଶୁଖାଇବା ପାଇଁ ଥିବା ଜାଗାକୁ 'କେଳାଙ୍ଗ୍' କୁହାଯାଏ । ଯେଉଁ ସ୍ଥାନରେ ଧାନ ପୁଡ ସବୁ ରଖାଯାଏ ତାକୁ 'ଦଳ' ବୋଲି କହିଥାନ୍ତି ।

## ପାଣିର ଉତ୍ସ -

ସାଧାରଣତଃ ଗାଁ ପାଖରେ କୌଣସି ଝରଣା ବା ନାଳ ରହିଥାଏ । ସ୍ତ୍ରୀ ଲୋକମାନେ ସେହି ଝରଣା ବା ନାଳରୁ ପାଣି ଆଣି ପିଇବା ପାଇଁ ବ୍ୟବହାର କରିଥାନ୍ତି । ଅଧିକାଂଶ ଗାଁରେ ନଳକୂଅମାନ ଖୋଳା ହେବା ପରେ ଲୋକମାନେ ସେଇ ନଳକୂଅର ପାଣି ବ୍ୟବହାର କରୁଛନ୍ତି ।

## ମଣ୍ଡଘର -

ଗାଁ ମଝିରେ ସାଧାରଣତଃ ମଣ୍ଡଘରଟି ରହିଥାଏ । ଏହାକୁ 'ମଜାଙ୍ଗ୍' କୁହାଯାଏ । ଏହି ଘରଟି ପ୍ରାୟ ଅନ୍ୟ ଘର ଅପେକ୍ଷା ବଡ ହୋଇଥାଏ । ଗାଁର ଲୋକମାନେ ସକାଳ ଓ ସଞ୍ଜ ସମୟରେ ଏହି ଘରେ ଜୁଣ୍ଟ ହୋଇ ଗାଁର ଭଲମନ୍ଦ କଥାବାର୍ତ୍ତା ହୋଇଥାନ୍ତି । ଏହି ମଣ୍ଡଘରର କାନ୍ଥରେ ଆମ୍ବନୂଆ ସମୟରେ ବିଭିନ୍ନ ପ୍ରକାରର ଚିତ୍ର ସବୁ ଅଙ୍କା ଯାଇଥାଏ । ମଣ୍ଡଘରଟିରେ ରାତିରେ ପିଲାମାନେ ଆସି ଶୋଇଥାନ୍ତି । ସେଇ ଘର ମଝିରେ ନିଆଁ ସବୁବେଳେ ଜଳୁଥାଏ । ସେହି ଜଳୁଥିବା କାଠଗୁଡିକୁ ଗାଁର ଅବିବାହିତା ପିଲାମାନେ ସଂଗ୍ରହ କରିଥାନ୍ତି । ପୂଜା ପର୍ବପର୍ବାଣୀରେ ଗାଁ ଝିଅମାନେ ସେଇ ମଣ୍ଡଘର ଲିପିପୋଛି ପରିଷ୍କାର କରିଥାନ୍ତି । ଗାଁର ନ୍ୟାୟ ନିଶାପ ଏହି ମଣ୍ଡଘରେ ହୋଇଥାଏ । ମଣ୍ଡଘରର କାନ୍ଥରେ ହରିଣ ଶିଳାରେ ଚାଙ୍ଗୁଗୁଡିକୁ ଝୁଲାଇ ରଖାଯାଇଥାଏ । ମଣ୍ଡଘରଟିରେ ବନ୍ଧୁମାନଙ୍କୁ ଆଶ୍ରୟ ଦିଆଯାଇଥାଏ । ବିଭିନ୍ନ

ପର୍ବପର୍ବାଣୀ, ବାହାଘର ଓ ଉତ୍ସବ ସମୟରେ ଏହି ମଣ୍ଡଘର ସମ୍ମୁଖରେ ନାଚ, ଗୀତ ହୋଇଥାଏ ।

ମଣ୍ଡଘରେ ଆଗନ୍ତୁକ, ଅତିଥି, ଅଭ୍ୟାଗତମାନଙ୍କୁ ଆଶ୍ରୟ ଦିଆଯାଇଥାଏ । ଗାଁର କୋଠରୁ ସେମାନଙ୍କୁ ଖାଇବା ପାଇଁ ଚାଉଳ, ଡାଲି ଓ ରନ୍ଧାରନ୍ଧି କରିବା ପାଇଁ କଡାଡେକଚି ଗାଁର ପିଲାମାନେ ଯୋଗାଇ ଦେଇଥାନ୍ତି । ଏହାର ଗୋଟିଏ କୋଣରେ ଛୋଟ ଭାଡି ଉପରେ ଗ୍ରାମ କୋଠ ନିମନ୍ତେ ସଂଗୃହିତ ଧାନ, ଚାଉଳ, ଶସ୍ୟ ଆଦି ପୁଟୁଳା ବନ୍ଧା ହୋଇ ରହିଥାଏ ।

ମଜାଙ୍ଗ ଘରଟି ଦୁଇ ଭାଗରେ ବିଭକ୍ତ, ଯଥା : ଅନ୍ତଃଭାଗ ଓ ବର୍ହିଃଭାଗ । ବର୍ହିଭାଗର ତିନିଦିଗ ଆବୃତ୍ତ ଥାଏ । ପିଲାମାନେ ଏହାକୁ ନିର୍ମାଣ କରିବା ପାଇଁ ସବୁ ଉପକରଣ, ଛାଉଣି ଆଦି ଯୋଗାଇ ଦେଇଥାନ୍ତି । ଧୁନି କାଠ ଜଳାଇବା ସଙ୍ଗେ ସଙ୍ଗେ ଅଗ୍ନିକୁ ସର୍ବଦା ଜଳାଇ ରଖନ୍ତି । ଗ୍ରାମର ଅବିବାହିତ ଯୁବକ ବା କଙ୍ଗେରମାନେ ଏହି ଘର ଭିତରେ ଅଗ୍ନିକୁ ଘେରି ଶୋଇଥାନ୍ତି ।

ମଜାଙ୍ଗକୁ କେନ୍ଦ୍ର କରି ଯୁବ-ଜୁଆଙ୍ଗ ଅନୁଷ୍ଠାନ ଗଢି ଉଠିଛି । ଉଭୟ କଙ୍ଗେର୍ ଓ ସେଲାନ ଯୁବକ ଓ ଯୁବତୀ ଏହାର ସଭ୍ୟ ଅଟନ୍ତି ।

ଝିଅମାନେ ଘରଟିକୁ ସଫା କରିବା ଛଡା କୋଠ ଶସ୍ୟକୁ କୁଟି କାଣ୍ଡି ଓ ପାଛୋଡି ସଫା କରିଥାନ୍ତି ।

ଯୁବକ ଓ ଯୁବତୀମାନେ ସାମୂହିକ ଭାବରେ କିଛି ଜମି ଚାଷକରି, ଫଳମୂଳ ସଂଗ୍ରହ କରି, ଅନ୍ୟମାନଙ୍କର ଜମିରେ ମୂଲ ଲାଗି ଏହାର ପାଣ୍ଠି ସଂଗ୍ରହ କରିଥାନ୍ତି ।

ଉଭୟ ଯୁବକ ଓ ଯୁବତୀମାନଙ୍କର ଜଣେ ପରାମର୍ଶଦାତା ଭାବରେ କାମ କରନ୍ତି । ନିୟମ ପାଳନ ଓ କର୍ତ୍ତବ୍ୟର ଅବହେଳା ଦେଖିଲେ ଯୁବକ ଯୁବତୀମାନଙ୍କ ପ୍ରତି ଦଣ୍ଡବିଧାନ କରାଯାଇଥାଏ ।

ଜୁଆଙ୍ଗ ସମାଜରେ ନାରୀ ସ୍ୱାଧୀନତା ଥିଲେ ମଧ୍ୟ ଯୌନ ବ୍ୟଭିଚାରକୁ ଘୃଣା କରାଯାଏ । ଗୁପ୍ତ ପ୍ରେମ, ଯୌନ ବ୍ୟଭିଚାର ଭଳି ଅନେକ ଗାଁ ଗଣ୍ଡଗୋଳ ଅପରାଧ ଗୁଡିକୁ ଗ୍ରାମର ସମସ୍ତ ଲୋକ ଏକତ୍ର ବସି ବିଚାର କରି ନିଷ୍ପତ୍ତି ନେଇଥାନ୍ତି । ଗାଁର ବିଭିନ୍ନ ସଭାସମିତିର ଅଧିବେଶନ ବସି ସେହି ସ୍ୱାର୍ଥ୍ୟ ସମ୍ପୃକ୍ତ ବିଷୟରେ ନିଷ୍ପତ୍ତି କରାଯାଏ ।

## ଗ୍ରାମ ଶିରି -

ଗାଁର ମଣ୍ଡଘରକୁ ଲାଗି ଗୋଟିଏ ଠାକୁରାଣୀ ଶାଳ ଅଛି । ଏହି ଠାକୁରାଣୀ ଶାଳରେ ଗୋଟିଏ କରାଟ ଗଛ ରହିଥାଏ । ସେହି ଗଛ ତଳେ ଖଣ୍ଡିଏ ପଥରକୁ ସ୍ଥାପନ କରି ତାକୁ ଠାକୁରାଣୀ ଭାବରେ ପୂଜା କରିଥାନ୍ତି । ଯଦି ଗାଁରେ କୌଣସି କଳିକଜିଆ ହୁଏ ଏହି ଠାକୁରାଣୀ ଶାଳକୁ ଆସି ଜୁରି ପକାଇ ନିୟମ କରିଥାନ୍ତି ଏବଂ ଗାଁ ଠାକୁରାଣୀ ଦୋଷୀକୁ ଦଣ୍ଡ ଦେଇଥାନ୍ତି । ଏହା ପାଖରେ ଗୋଟିଏ ଖୁଣ୍ଟଥାଏ । ସେହି ଖୁଣ୍ଟରେ ବାନ୍ଧି ଛେଳି ବୋଦାକୁ ବଳି ଦେଇଥାନ୍ତି ।

## ଭାଷା -

ଜୁଆଙ୍ଗମାନେ ମୁଣ୍ଡାରି ପରିବାର ଅନ୍ତର୍ଗତ ହୋଇଥିବାରୁ ସେମାନେ ମୁଣ୍ଡାରି ଭାଷାରେ କଥାବାର୍ତ୍ତା କରିଥାନ୍ତି । ତାଙ୍କର ଯେଉଁ ଜୁଆଙ୍ଗ ଭାଷା ରହିଛି ତା'ର ଅକ୍ଷର ହୋଇପାରିନାହିଁ । ସେମାନେ ନିଜ ନିଜ ମଧ୍ୟରେ ତାଙ୍କ ଭାଷାରେ ଓ ବାହାର ଲୋକଙ୍କ ସହିତ ଓଡିଆରେ କଥାବାର୍ତ୍ତା କରିଥାନ୍ତି ।

## ଖାଦ୍ୟପେୟେ -

ଜୁଆଙ୍ଗମାନେ ଘରେ ପନିପରିବା ଛଡା ମାଛ, ମାସ ମଧ୍ୟ ଖାଇଥାନ୍ତି । ସେମାନଙ୍କର ପ୍ରିୟ ଖାଦ୍ୟ ହେଲା ଭାତ, ଯାହାକୁ ସେମାନେ 'ତଣ' ବୋଲି କହିଥାନ୍ତି । ସେମାନେ ଭାତ ସହିତ ଅଧିକାଂଶ ସମୟରେ ଶାଗ (ଶାଙ୍କଣା) ଖାଇଥାନ୍ତି ଏବଂ ବେଳେବେଳେ ଲୁଣ ଓ ଲଙ୍କା ଦେଇ ମଧ୍ୟ ଭାତ ଖାଇଥାନ୍ତି. ଯଦି ବଜାରରେ ପରିବା ଶସ୍ତାରେ ମିଳେ ତାହେଲେ ଏହି ପରିବାର ଗୁଡିକରେ ତରକାରୀ ହୋଇଥାଏ । ନଚେତ୍ ନିଜ ଉତ୍ପାଦିତ ବିରି, ହରଡ, କୋଳଥ ଆଦି ଡାଲି କରି ଖାଇଥାନ୍ତି । ବର୍ଷର ଅଧିକାଂଶ ସମୟରେ ବଣର ଫଳମୂଳ ଯଥା : ବାସନ ବା ପିତା ଆଳୁ ବା ବଇଗା ଆଳୁ (ଟୁଙ୍ଗା), ଜରଇ ବା ପାଣିଆଳୁ (ତାମଳିଆ) କାଲକୁ ବା କଣ୍ଟାଆଳୁ, ସଇତାଳ ବା ସଇଣ୍ଡା ଆଳୁ, ମିଠାଆଳୁ, ଓଲ ଓ ସାରୁ ପ୍ରଭୃତି ଆଳୁ ଖାଇ ଜୀବିକା ନିର୍ବାହ କରନ୍ତି । ଆମ୍ବ, ପଣସ, କେନ୍ଦୁ, କୁଣ୍ଡୁଇଫଳ, ଜାମୁକୋଳି, ଚାରକୋଳି, ବଇଞ୍ଚ କୋଳି, କୁସୁମ କୋଳି, କୁସାଇଢାଣା ବା ଦୁଧକୋଳି ଓ ଲାଙ୍ଗକୋଳି ଏମାନଙ୍କର ଖାଦ୍ୟ ଅଟେ । ବଣର ଶାକସବଜି ମଧ୍ୟରେ କୁଲିଆରି ଶାଗ, ପିତାବାଲି ବା ପିତାଶାଗ, ଚାକୁଣ୍ଡା ଶାଗ, କୁରକୁଶୁଣି ଶାଗ, ଶାଙ୍କନ ବା ଶଙ୍ଖୁଆ ଶାଗ, ଲଇଙ୍ଗା ଶାଗ, ବଇତାଳୁ, ଲଟାକ ବା ଖଟାଶାଗ,

ସୋରିଷ ଶାଗ, ଶିମିମଫୁଲକୁ ସେମାନେ ପାକ କରି ଖାଆନ୍ତି । ସେମାନେ ମାଛ ଖାଆନ୍ତି । ଜାଲ, ବନସୀ ଓ ମୁଗୁରା ବସାଇ ମାଛମାରି ଭୋଜନ କରନ୍ତି । ମାଂସ ଖାଇବା ପାଇଁ ସେମାନେ କୁକୁଡା, ବତକ, ଛେଳି, ମେଣ୍ଢା, ଘୁଷୁରି ପ୍ରଭୃତି ଗୃହପାଳିତ ପଶୁପକ୍ଷୀ ପାଳନ କରନ୍ତି । ଏହାଛଡା ଖରାଦିନେ ଜଙ୍ଗଲରୁ ବିଭିନ୍ନ ପ୍ରକାର ମୂଳ ସଂଗ୍ରହ କରି ଖାଇଥାନ୍ତି । ବର୍ଷାଦିନେ ଜଙ୍ଗଲରେ ମିଳୁଥିବା ଛତୁ ସଂଗ୍ରହ କରି ଖାଇଥାନ୍ତି । ବିଭିନ୍ନ ପର୍ବପର୍ବାଣୀ ସମୟରେ ମାଂସ ରାନ୍ଧି ଖାଇଥାନ୍ତି । ସେମାନେ ପୂର୍ବରୁ ଗୋ- ମାଂସ ଖାଉଥିଲେ । ମାତ୍ର ବର୍ତ୍ତମାନ ସବୁ ଛାଡି ଦେଲେଣି । ସେମାନେ ଜଙ୍ଗଲରୁ କାଇ (କୁକୁକୁଟି) ସଂଗ୍ରହ କରି ଘରକୁ ଆଣି ଭାତ ସହିତ କିମ୍ବା ହାଣ୍ଡିଆ ସହିତ ଖାଇଥାନ୍ତି । ଜୁଆଙ୍ଗମାନେ ବିଭିନ୍ନ ପ୍ରକାରର ଶସ୍ୟ ଖଜୁରୀ ଓ ସଲପ ରସ ତିଆରି କରି ମଦ୍ୟପାନ କରିଥାନ୍ତି । ହାଣ୍ଡିଆ ଧୀରେ ଧୀରେ ଜୁଆଙ୍ଗ ଚଳଣୀ ଭିତରେ ପଶିଗଲାଣି । ପୂର୍ବରୁ ଜୁଆଙ୍ଗମାନେ ହାଣ୍ଡିଆ ପିଉ ନଥିଲେ । ମାତ୍ର ବର୍ତ୍ତମାନ ସେମାନେ ନିଜେ ତିଆରି କରିବା ଶିଖି ତାହା ପିଉଛନ୍ତି । ଚାଉଳରୁ ତିଆରି ହାଣ୍ଡିଆ ଏମାନଙ୍କର ଅତି ପ୍ରିୟ ।

ସେମାନେ ଧୂଆଁପତ୍ର ଓ ଶାଳପତ୍ରରେ ତିଆରି ଏହି ପ୍ରକାର ବିଡି ତିଆରି କରି ଅଧିକାଂଶ ସମୟରେ ମଣ୍ଡଘର ମଝିରେ ବିଡି ପିଇ ଆଲୋଚନା କରିବାରେ ଦେଖିବାକୁ ମିଳିଥାଏ । ଏହାକୁ 'କାଡିଆ' ବୋଲି କୁହାଯାଏ ଓ ଅଧିକାଂଶ ସମୟରେ ସେମାନେ ଏହାକୁ ଅଣ୍ଟାରେ ଖୋସିଥିବାର ଦେଖାଯାଏ ।

ଏହି ଅଞ୍ଚଳରେ ମହୁଲ ଫୁଲ ମିଳିଥାଏ । ଜୁଆଙ୍ଗମାନେ ଏହି ଫୁଲକୁ ଚୈତ୍ର ବୈଶାଖ ମାସରେ ସଂଗ୍ରହ କରି ରଖିଥାନ୍ତି । ପରେ ଏଥିରୁ ମହୁଲି ମଦ ତିଆରି କରି ପିଇଥାନ୍ତି । ତାଙ୍କର ଦେବାଦେବୀ ପୂଜାରେ ମହୁଲି ବ୍ୟବହାର ହୋଇଥାଏ ।

ଆମ୍ବ ସମୟରେ ଅନେକ ଲୋକ ଆମ୍ବ ସଂଗ୍ରହ କରିଥାନ୍ତି । ଏହାଛଡା ଚାର ଏବଂ ଅନ୍ୟାନ୍ୟ ଜଙ୍ଗଲଜାତ ଫଳ ସଂଗ୍ରହକରି ଅଳ୍ପ ପରିମାଣରେ ଖାଇଥାନ୍ତି ।

## ପୋଷାକ ପରିଚ୍ଛଦ -

ପୂର୍ବରୁ ଜୁଆଙ୍ଗମାନେ ପତ୍ର ପିନ୍ଧୁଥିଲେ । ବର୍ତ୍ତମାନ ସେମାନେ ଆଧୁନିକ ଲୋକଙ୍କ ପରି ସାର୍ଟ, ପ୍ୟାଣ୍ଟ ପିନ୍ଧିବା ଆରମ୍ଭ କରିଦେଲେଣି । ସ୍ତ୍ରୀଲୋକମାନେ ଶାଢୀ, ଶାୟା, ବ୍ଲାଉଜ ପିନ୍ଧୁଛନ୍ତି । ସାଧାରଣତଃ ଛୋଟ ଝିଅମାନେ ଫ୍ରକ୍ ପିନ୍ଧିଥାନ୍ତି ଓ ବୟସ୍କ

ଲୋକମାନେ ଧୋତି, କୁର୍ତ୍ତା ପିନ୍ଧିବା ଆରମ୍ଭ କରିଦେଲେଣି । ବାହାରକୁ ଗଲେ ବା ବିବାହ ଉତ୍ସବାଦି ଅଥବା ପର୍ବପର୍ବାଣୀ ଇତ୍ୟାଦିରେ ପୁରୁଷମାନେ ପ୍ୟାଣ୍ଟ, ସାର୍ଟ ଆଦି ପିନ୍ଧିଥାନ୍ତି । ପୂର୍ବରୁ ଜୁଆଙ୍ଗ ଲୋକମାନେ କାନରେ କୁଣ୍ଡଳ ପିନ୍ଧୁଥିଲେ । କିନ୍ତୁ ବର୍ତ୍ତମ,ାନ ଆଉ ପିନ୍ଧୁନାହାନ୍ତି । ବର୍ତ୍ତମାନ ସ୍ତ୍ରୀଲୋକମାନେ ବଜାରରୁ ମିଳୁଥିବା ବିଭିନ୍ନ ପ୍ରକାରର ପ୍ରସାଧନ ସାମଗ୍ରୀ ବ୍ୟବହାର କରିଲେଣି । ପୂର୍ବରୁ ସ୍ତ୍ରୀଲୋକମାନେ ଅନେକ ପ୍ରକାରର ଅଳଙ୍କାର ମଧ୍ୟ ପରିଧାନ କରିଥାନ୍ତି । ସେଥିମଧ୍ୟରୁ ନାନା ଜାତିର ପଥର ଓ ପୋହଳା ଆଦି ପ୍ରଧାନ ଅଟେ । ସେମାନେ ଗୋଡରେ ବାଙ୍କିଆ ବା ଗୋଡଖଡୁ ପାଦ ଆଙ୍ଗୁଳିରେ ଝୁଣ୍ଟିଆ, ମୁଦି, ହାତରେ କାଚ ଓବା କାଚଖଡୁ, ପିତଳ କାଚ, ବାହୁରେ କଉଡିମାଳ ଓ କଳାସୁତା, ନାକରେ ଫୁଲି ଓ କାନରେ ଜଲକ ବା ଫିରିଫିରା ନାମକ କାନଫୁଲ, ବେକରେ ଅନେକ ପ୍ରକାର କଣ୍ଠିମାଳ ପିନ୍ଧୁଥିଲେ । ସେମାନେ ହାତ, ଗୋଡ ଓ ମୁଣ୍ଡରେ ନାନା ପ୍ରକାର ଚିତା କୁଟାଉଥିଲେ । ସ୍ତ୍ରୀମାନେ ମଥାରେ କେଶ ରଖନ୍ତି ଓ ମଥା କୁଣ୍ଡାଇବା ପାଇଁ କାଠ ଓ ବାଉଁଶରେ ନିର୍ମିତ ପାନିଆ, କୁସୁମ ତେଲ ଓ ରାଶିତେଲ ବ୍ୟବହାର କରୁଥିଲେ ।

## ଘର ଚୟନ -

ପୂର୍ବରୁ ଜୁଆଙ୍ଗମାନେ ଗୋଟିଏ ଗାଁରୁ ଅନ୍ୟ ଜାଗାକୁ ପଳାଇ ଯାଉଥିଲେ । ସେହି ଅଞ୍ଚଳକୁ ଯିବା ପୂର୍ବରୁ ସେମାନେ ସେହି ଅଞ୍ଚଳର ପାଣି ଓ ଜଙ୍ଗଲ ବିଷୟରେ ଅବଗତ ହୋଇଥାନ୍ତି । ଯେତେବେଳେ ସେମାନେ କୌଣସି ଏକ ଜାଗାରେ ଘର କରିବାକୁ ସ୍ଥିର କରନ୍ତି ସେତେବେଳେ କୌଣସି ଏକ ଦିନ ବୁଇତା ଆସି ଗୋଟିଏ ଜାଗା ଗୋବରରେ ଲିପିଥାଏ । ଏହାପରେ ଗୋଟିଏ କଳା କୁକୁଡାକୁ ଗୋଟିଏ ହାଣ୍ଡିରେ ଘୋଡାଇ ରଖି ଦିଆଯାଏ । ତା ପରଦିନ ସେମାନେ ସେ ଜାଗା ନିରୀକ୍ଷଣ କରିବାକୁ ଆସିଥାନ୍ତି । ଯଦି କୁକୁଡାଟି ବଞ୍ଚିଥାଏ ତାହେଲେ ସେହି ଜାଗାଟି ଉପଯୁକ୍ତ ବୋଲି ଧରି ନିଆଯାଇ ସେଠି ଘର ତିଆରି କରାଯାଇଥାଏ । ଯଦି କୁକୁଡାଟି ମରିଯାଇଥାଏ ତାହେଲେ ସେମାନେ ସେଠାରେ ଆଉ ଘର ତିଆରି କରି ନଥାନ୍ତି । ଯଦି ଭୂଇଁ ସନ୍ତସନ୍ତିଆ ରହେ ତେବେ କୁକୁଡାଟି ଉପଯୁକ୍ତ ପବନ ନପାଇ ମରିଯାଏ । ତେଣୁ ସେମାନେ ସେଠାରେ ବାସ କରିବାକୁ ଉପଯୁକ୍ତ ମଣି ନଥାନ୍ତି ।

## ଚାଷବାସ -

ଜୁଆଙ୍ଗମାନେ ପୂର୍ବରୁ ପୋଡୁଚାଷ ବା ତଇଲା ଚାଷ କରୁଥିଲେ । ବର୍ତ୍ତମାନ ମଧ୍ୟ ଅଧିକାଂଶ ଗାଁରେ ଏହି ପ୍ରକାର ଚାଷ କରୁଥିବାର ଦେଖିବାକୁ ମିଳିଥାଏ । ସେମାନେ

ଏକ ନିର୍ଦ୍ଦିଷ୍ଟ ଦିନ ଗୋଟିଏ ଜାଗାକୁ ଚୟନ କରି ଜଙ୍ଗଲ କାଟି ସଫା କରିଥାନ୍ତି । ଖାରାଦିନେ ଜଙ୍ଗଲକଟା ଡାଳ ସବୁ ଶୁଖିଗଲା ପରେ ସେଥିରେ ନିଆ ଲଗାଇ ଦିଆଯାଏ । ଏହାପରେ ସେମାନେ ସେଇ ଜମିରେ ରାଶି, ବିରି, ସୁତରି, ରୁହ୍ମା, ବୋଇତାଳୁ ଆଦି ଫସଲ କରିଥାନ୍ତି । ଏହାର ପର ବର୍ଷ ମଧ୍ୟ ଏହି ଜମିରେ ଧାନ ଚାଷ କରାଯାଇଥାଏ । ପ୍ରଥମ ବର୍ଷ ତଇଲାକୁ 'ଏକାନ' କୁହାଯାଉଥିବାବେଳେ ଦ୍ୱିତୀୟ ବର୍ଷ ତଇଲାକୁ 'ବୁଆଲୋକ' ବୋଲି କୁହାଯାଇଥାଏ । ଏହାପରେ ସେମାନେ ସେହି ଅଞ୍ଚଳକୁ ଛାଡି ଅନ୍ୟ ଜାଗାରେ ଚାଷ କରିଥାନ୍ତି । ପ୍ରତିବର୍ଷ ଜାଗା ପରିବର୍ତ୍ତନ କରିବା ଯୋଗୁଁ ଅଧିକାଂଶ ଜଙ୍ଗଲ ନଷ୍ଟ ହୋଇ ଚାଲିଛି । ଏହାଛଡା ତଳ ଅଞ୍ଚଳ ମାନଙ୍କରେ ଅଧିକାଂଶ ଗାଁରେ ବିଲ ଜମି ଏବଂ ଗୋଡା ଜମି ମଧ୍ୟ ରହିଛି । ସେମାନେ ବିଲ ଜମିରେ ପ୍ରତିବର୍ଷ ଧାନ ଫସଲ କରିଥାନ୍ତି, ମାତ୍ର ଗୋଡା ଜମିରେ ୨/୩ ବର୍ଷ ଅନ୍ତରରେ ଥରେ ଲେଖାଏଁ ଧାନ ଚାଷ କରିଥାନ୍ତି । ତିନି ବର୍ଷ ପରେ ସେମାନେ ପୁରୁଣା ତଇଲାକୁ ଛାଡି ଅନ୍ୟତ୍ର ତଇଲା ନିର୍ମାଣ କରି ଚାଷ କରିଥାନ୍ତି ।

ଜୁଆଙ୍ଗମାନଙ୍କର ସମସ୍ତ ପ୍ରକାରର ଘରବାଡି କୃଷି ଜମି ଉପରେ ବ୍ୟକ୍ତିଗତ ମାଲିକାନା ନ ଥିଲା । ସମସ୍ତ ଭୂମି ଗ୍ରାମର କୋଠା ସମ୍ପତ୍ତି ଥିଲା । ଗ୍ରାମର ପୁରୋହିତ ବା ବୁଇତା ମାଘ ପୋଡି ସମୟରେ ଆପଣା ମଧ୍ୟରେ ଗ୍ରାମର ଜମିକୁ ବଣ୍ଟନ କରୁଥିଲେ । ଗ୍ରାମର ବସତି ଗୁଡିକ ପୂର୍ବରୁ ପରିବର୍ତ୍ତନ ହେଉଥିଲା । ମାତ୍ର ବର୍ତ୍ତମାନ ଆଉ ପରିବର୍ତ୍ତନ କରୁନାହାନ୍ତି । ବସତି ପରିବର୍ତ୍ତନ ପରିବର୍ତ୍ତନ ପର୍ଯ୍ୟନ୍ତ ପରିବାର ମଧ୍ୟରେ ବଣ୍ଟନ କରାଯାଇଥିବା ଜମିବାଡି ସମ୍ପୃକ୍ତ ପରିବାର ଅଧିନରେ ରହୁଥିଲେ ମଧ୍ୟ ଭୂମିଗୁଡିକ ବସ୍ତୁତଃ ଗ୍ରାମର ଇଜିମାଲି ସମ୍ପତ୍ତି ହୋଇ ରହୁଥିଲା । ରାଜାଙ୍କ ଶାସନ କାଳରେ ଗ୍ରାମର ପ୍ରଧାନଙ୍କୁ ପଟ୍ଟା ଦିଆଯାଇ ତାଙ୍କ ଦ୍ୱାରା ଖାଦ୍ୟଦ୍ରବ୍ୟ ସଂଗ୍ରହ କରି ରାଜସ୍ୱ ଆକାରରେ ରାଜ ଉଆସରେ ଜମା କରୁଥିଲେ ।

ଜୁଆଙ୍ଗ ଲୋକମାନେ ଅମଳ ଶେଷ ହେବା ପରେ ଆଣିଥିବା ଧାର ସବୁ ଶୁଝିଥାନ୍ତି ଏବଂ କିଛି ଲୋକ ଧାର ଶୁଝିବା ପାଇଁ ଜିନିଷ ସବୁ ବିକ୍ରି କରି ଧାର ଶୁଝିଥାନ୍ତି । ବଳକା ଅମଳ ସବୁ ଘରର ଗୋଟିଏ କୋଣରେ ପୁଡା ବାନ୍ଧି ରଖି ଦେଇଥାନ୍ତି । ଅଧିକାଂଶ ଜୁଆଙ୍ଗମାନଙ୍କର ଅମଳ ସବୁ ବିହନ ଓ ଅନ୍ୟାନ୍ୟ ଖର୍ଚ୍ଚ କରିବା ପାଇଁ ବାନ୍ଧି ରଖି ଦେଇଥାନ୍ତି ।

ଘର ସାମଗ୍ରୀଗୁଡିକ ମଧ୍ୟରେ ଜୁଆଙ୍ଗ ଘର ଗୁଡିକରେ ୨/୩ ଖଣ୍ଡ ପଟିଆ, ୨/୩ଟି ପିଢା, ୨ଟି ମାଟିହାଣ୍ଡି, ୨ଟି ଆଲୁମିନିୟମର କଳସୀ, ଗୋଟିଏ ଡେକଚି ଓ

କରେଇ ଥାଏ । ଘରର ଉପରେ ଭାଗରେ ୨/୩ଟି ଦାଆ, ବୁଡିଆ (କୁରାଢି), ଗୋଟିଏ କୋଦାଳ, ୨ଟି ମାଟି ଖୋଳିବା ଗଇଁତି, ଗୋଟିଏ ଧାନ କୁଟିବା ବାଡି ଏବଂ କିଛି ଲୁଗାପଟା ଥାଏ । ଘରର ବାହାରେ କିଛି ମାଛ ମାରିବା (ଘୁଗି) ରହିଥାଏ । ସ୍ତ୍ରୀଲୋକମାନେ ଅବସର ସମୟରେ ପାଳରୁ ପଟିଆ ତିଆରି କରିଥାନ୍ତି । ଅଧିକାଂଶ ପଟିଆକୁ ବଜାରକୁ ନେଇ ବିକିବା ବ୍ୟତୀତ କିଛି ପଟିଆ ନିଜେ ବ୍ୟବହାର କରିଥାନ୍ତି ।

ବଜାରକୁ କୁମ୍ଭୀରମାନେ ଆଣିଥିବା ମାଠିଆଗୁଡିକୁ ନିଜର ଚାହିଦା ମୁତାବକ ଜୁଆଙ୍ଗମାନେ କିଣି ଘରକୁ ନେଇଥାନ୍ତି । ସେମାନେ ଲାଉକୁ ପାଚିଗଲା ପରେ ତାକୁ ଗୋଟିଏ ସୁନ୍ଦର ପାଣି ନେବାର ପାତ୍ର ଆକାରରେ ତିଆରି କରିଥାନ୍ତି ।

କାଟ ଲଙ୍ଗଳ, ଜୁଆଳି, ଧନୁ, ଶର ଆଦି ଜିନିଷ ଜୁଆଙ୍ଗ ଲୋକମାନେ ନିଜେ ତିଆରି କରି ବ୍ୟବହାର କରିଥାନ୍ତି । ଗରଣ୍ଡା ବାଡିଟି ପାହାଡିଆ ଜୁଆଙ୍ଗମାନଙ୍କର ବେଶୀ କାମରେ ଆସିଥାଏ । ସେମାନେ ମଦାରି ସାହାଯ୍ୟରେ ଚାଷ କରିଥାନ୍ତି । ଏହାଛଡା 'ବୁଲୁକ' ବାଡି ଯାହାକି ଖେଳିବା ପାଇଁ ବ୍ୟବହାର କରାଯାଇଥାଏ । ସ୍ତ୍ରୀଲୋକମାନେ ଏହାକୁ ଧରି ଜଙ୍ଗଲକୁ ଯାଇଥାନ୍ତି । ପୁରୁଷମାନେ ସାଧାରଣତଃ ଗୋଟିଏ ହାତରେ ବୁଡିଆ ଧରି ଜଙ୍ଗଲକୁ ଯାଇଥାନ୍ତି । ସେ ଯେତେବେଳେ ଜଙ୍ଗଲରେ ତଇଲା ଚାଷକରେ ସେହି ସମୟରେ 'ବୁଡିଆ'ର ଉପଦେୟତା ଅନୁଭବ କରାଯାଇଥାଏ ।

ସେମାନେ ଶୀକାରକୁ ଯିବା ସମୟରେ କାନ୍ଧରେ ଧନୁତୀର ଧରି ଜଙ୍ଗଲକୁ ଯାଇଥାନ୍ତି ।

ଘର ଭିତରେ ଯେଉଁ ଅଂଶଟି ଧାନକୁଟିବା ପାଇଁ ତିଆରି ହୋଇଥାଏ ଜୁଆଙ୍ଗ ସ୍ତ୍ରୀ ସକାଳୁ ଉଠି ସେଠି ଧାନ କୁଟି ସେହିଦିନ ଚାଉଳ ସଫା କରିଥାଏ ।

ଜୁଆଙ୍ଗମାନେ ବସତି ସ୍ଥାପନ କରିବା ପୂର୍ବରୁ ସେହି ଅଞ୍ଚଳରେ ପାଣିର ସୁବିଧା ଦେଖି ଘର ତିଆରି କରିଥାନ୍ତି । ଏହି ଗାଁ ପାଖ ଦେଇ ଛୋଟ ନାଳ କିମ୍ବା ଝରଣା ବହି ଯାଇଥାଏ । ସେମାନେ ଏହି ଝରଣା ଜଳକୁ ପବିତ୍ର ଜଳ ଭାବି ପିଇଥାନ୍ତି ।

ସେମାନଙ୍କର ଗୁରୁଗୁଣି ପଡାଟି ସାଧାରଣତଃ ନାଳପାଖରେ ଥାଏ । ଶବକୁ ପୋତି ସାରିବା ପରେ ସେଇ ନାଳ ପାଣିରେ ଖାରକୁ ଧୋଇ ଦେଇଥାନ୍ତି ।

ଜୁଆଙ୍ଗ ସ୍ତ୍ରୀ ସକାଳୁ ଉଠି ଘରଦ୍ୱାର ସଫା କରିଥାଏ । ନିଜର ଗୁହାଳ ସବୁ ସଫା କରିସାରିବା ପରେ ଖତ ଓ ଆବର୍ଜନା ସବୁ ଘରର ପଛପାଖ ବାଡିରେ ଫିଙ୍ଗି ଦେଇଥାନ୍ତି ।

ଜୁଆଙ୍ଗ ପୁରୁଷମାନେ ପ୍ରତିଦିନ ଗାଧୋଇଥାନ୍ତି । ଯଦିଓ ସେମାନଙ୍କର କମ୍ ଲୁଗାପଟା ଥାଏ, ତଥାପି ସ୍ତ୍ରୀ ଲୋକମାନେ ମଧ୍ୟ ପ୍ରତିଦିନ ଗାଧୋଇଥାନ୍ତି । ପୁରୁଷ ଲୋକମାନେ ବେଳେବେଳେ ଦିନକୁ ଦୁଇବେଳା ଗାଧୋଇଥାନ୍ତି । ସେମାନେ ଲୁଗାଗୁଡିକୁ ସାବୁନୁ କିମ୍ବା ସୋଢାରେ ଶିଝାଇ ସଫା କରିଥାନ୍ତି ।

ସାଧାରଣତଃ ଜୁଆଙ୍ଗ ପିଲାମାନେ କ୍ଷୀର ଛାଡିବା ପରେ ଧୀରେ ଧୀରେ କାଠି ଘସିବା ଆରମ୍ଭ କରିଥାନ୍ତି । ପୁରୁଷ ଲୋକମାନେ ସକାଳୁ ଦାନ୍ତ ଘଷି ସାରି ଖାଇବା ପରେ କାମ କରିବାକୁ ବାହାରକୁ ଯାଇଥାନ୍ତି । ମାତ୍ର ସ୍ତ୍ରୀ ଲୋକମାନେ ଘରକାମ ଶେଷ ହେଲା ପରେ ଗାଧୋଇ  ଯିବା ସମୟରେ ଦାନ୍ତ ଘଷିଥାନ୍ତି । ଏହି ଦାନ୍ତକାଠି ଗୁଡିକ ପୁରୁଷ କିମ୍ବା ସ୍ତ୍ରୀ ଜଙ୍ଗଲକୁ ଯାଇଥିବା ସମୟରେ ଜଙ୍ଗଲରୁ ସଂଗ୍ରହ କରିଥାନ୍ତି ।

ସ୍ତ୍ରୀ ଲୋକମାନେ ଘରକୁ ପ୍ରତିଦିନ ସଫା କରିଥାନ୍ତି । ୨/୪ ଦିନ ଅନ୍ତରରେ ଘର ଭିତର ଅଂଶଟିକୁ ଗୋବରରେ ଲିପିଥାନ୍ତି । ମାତ୍ର ପର୍ବପର୍ବାଣୀ ଗୁଡିକରେ ସମସ୍ତ ଜୁଆଙ୍ଗ ଲୋକମାନେ ଘରଗୁଡିକୁ ସଫା କରିଥାନ୍ତି ।

ଜୁଆଙ୍ଗ ଧନୀ ପରିବାର ଗୁଡିକରେ ବେଶୀ ପରିମାଣରେ ବଳଦ ଏବଂ ଛେଳି ଥାଆନ୍ତି । ସେମାନେ ସେଗୁଡିକୁ ନିଜର ଅଭାବ ସମୟରେ ବିକ୍ରି କରି ନିଜର ଗୁଜରାଣ ମେଣ୍ଟାଇଥାନ୍ତି ।

ବର୍ତ୍ତମାନ ଜୁଆଙ୍ଗ ଲୋକମାନେ ଅନ୍ୟ ହିନ୍ଦୁ ସମ୍ପ୍ରଦାୟ ଲୋକଙ୍କ ସହିତ ମିଶି ଧୀରେ ଧୀରେ ହିନ୍ଦୁ ଦେବାଦେବୀଙ୍କୁ ପୂଜା କରିବାକୁ ଆରମ୍ଭ କଲେଣି । ଜୁଆଙ୍ଗ ଘର ସାମ୍ନାରେ ତୁଳସୀ ଚଉରା ମଧ୍ୟ ବର୍ତ୍ତମାନ ଦେଖିବାକୁ ମିଳୁଛି ।

ଜୁଆଙ୍ଗମାନଙ୍କର ସମସ୍ତ ପ୍ରକାରର ଘରବାଡି ଓ କୃଷିଜମି ଉପରେ ବ୍ୟକ୍ତିଗତ ମାଲିକାନା ନଥିଲା । ସମସ୍ତ ଭୂମି ଗ୍ରାମର କୋଠ ସମ୍ପତ୍ତି ଥିଲା । ଗ୍ରାମର ବୁଢତା ଓ ବୟସ୍କ ବ୍ୟକ୍ତିମାନେ ମାଘପୋଡି ପର୍ବରେ ଏକତ୍ର ବସି ଆପଣା ଆପଣା ମଧ୍ୟରେ ଗ୍ରାମର ଭୂମିକୁ ବଣ୍ଟନ କରିଥାନ୍ତି । ପୂର୍ବରୁ ଗ୍ରାମର ବସତି ଗୁଡିକ ୧୦/୧୫ ବର୍ଷ ପରେ ବଦଳି ହେଉଥିଲା । କୌଣସି ସ୍ୱତନ୍ତ୍ର ଉତ୍ସବ କରାଯାଇ ଗ୍ରାମବାସୀଗଣ ନିଜର

ପୁରୁଣା ଘରକୁ ଭାଙ୍ଗି କାଠ ବାଉଁଶ ବୋହି ନେଇ ନୂତନ ବସତି ସ୍ଥାପନ କରୁଥିଲେ । ବସତି ପରିବର୍ତ୍ତନ ପର୍ଯ୍ୟନ୍ତ ପରିବାର ମଧ୍ୟରେ ବଣ୍ଟନ କରାଯାଇଥିବା ଜମିବାଡି ସମ୍ପୃକ୍ତ ପରିବାର ଅଧୀନରେ ରହୁଥିଲେ ମଧ ଭୂମିଗୁଡିକ ବସ୍ତୁତଃ ଗ୍ରାମର ଇଜମାଲି ସମ୍ପତ୍ତି ହୋଇ ରହିଲା । ଏହି ବ୍ୟବସ୍ଥା ପରମ୍ପରା କ୍ରମେ ପ୍ରଚଳିତ ହୋଇ ରହିଆସିଅଛି । ରାଜା ଶାସନ କାଳରେ ପ୍ରଧାନ ମାନଙ୍କୁ ସମସ୍ତ ଜମିର ପଟ୍ଟା କରାଯାଉଥିଲା ଏବଂ ପ୍ରଧାନ ଯେଉଁ ଶସ୍ୟ ଦ୍ରବ୍ୟ ସଂଗ୍ରହ କରି ରାଜସ୍ୱ ଆକାରରେ ତହବିଲରେ ପଇଠ ଦେବେ ତାହା ପଟ୍ଟାରେ ଲିପିବଦ୍ଧ ହୋଇ ରହୁଥିଲା ।

ଜୀବନ ଧାରଣ ପାଇଁ ଯେତିକି ଆବଶ୍ୟକ ସେମାନେ ସେତିକି ମାତ୍ର ସଂଗ୍ରହ କରିବା ପାଇଁ ପରିଶ୍ରମ କରନ୍ତି । ଜୁଆଙ୍ଗ ଗୃହରେ ଖାଦ୍ୟ ଶସ୍ୟ ଗଚ୍ଛିତ ଥିବାର ଖୁବ କମ୍ ଦେଖାଯାଏ । ସେମାନଙ୍କର ମନରେ ବାଣିଜ୍ୟ ବ୍ୟବସାୟର ମନୋଭାବ ଏ ପର୍ଯ୍ୟନ୍ତ ସୃଷ୍ଟି ହୋଇନାହିଁ । ଅବସର ସମୟରେ ସ୍ତ୍ରୀଲୋକମାନେ ମଶିଣା ବୁଣନ୍ତି ଓ ପୁରୁଷମାନେ ମହୁଲ ଓ କେନ୍ଦୁପତ୍ର ସଂଗ୍ରହ କରନ୍ତି ।

## ଜନ୍ମଉତ୍ସବ -

ଜୁଆଙ୍ଗ ଜାତିର ପୁତ୍ର ବା କନ୍ୟା ଜନ୍ମ ଉତ୍ସବକୁ ଅତି ଆନନ୍ଦର ସହିତ ପାଳନ କରାଯାଏ । ଘରେ ସୂତିକା ହେଲେ ସ୍ତ୍ରୀ ସାତଦିନ ପର୍ଯ୍ୟନ୍ତ ଅଶୁଦ୍ଧି ରହେ । ପୁରୁଷ ଓ ତା'ର ମାଆ ସ୍ତ୍ରୀର ସବୁପ୍ରକାର ସେବାଶୁସ୍ରୁଶା କରିଥାନ୍ତି । ପ୍ରସବ ପୂର୍ବରୁ ଓ ପରେ ଅନେକ ପ୍ରକାର ଖାଦ୍ୟ ଖାଇବାର ନିଷେଧ କରିଥାନ୍ତି । ଶିଶୁ ଜନ୍ମର ଏକୋଶିଇ ଦିନ ପରେ ନାମକରଣ ଉତ୍ସବ ପାଳିତ ହୁଏ । ସାଧାରଣତଃ ସେଦିନ ହାଣ୍ଡିଆରେ ବଡଲୋକ ମାନଙ୍କୁ ଆପ୍ୟାୟିତ କରାଯାଇ ପୂର୍ବପୁରୁଷଙ୍କର ନାମ ଅନୁଯାୟୀ ସେହି ଶିଶୁର ନାମକରଣ କରାଯାଇଥାଏ ।

## ବିବାହ -

ଗୋଟିଏ ଗ୍ରାମରରେ ବାସକରୁଥିବା ଜୁଆଙ୍ଗମାନେ ଏକ ବଂଶୋଦ୍ଭବ ହୋଇଥାନ୍ତି । ଜୁଆଙ୍ଗ ସମାଜରେ ଅନେକ ବକ ବା ବଂଶ ଅଛି । କୌଣସି ଫଳ ପଶୁପକ୍ଷୀ ବଂଶର ପ୍ରତୀକରୂପେ ନିରୂପଣ କରାଯାଇଥାଏ । ତେଣୁ ଏ ଗ୍ରାମ ମଧ୍ୟରେ ବିବାହ ସମ୍ପୂର୍ଣ୍ଣ ନିଷେଧ ଅଟେ । ଅପର ଗ୍ରାମରେ ବାସ କରୁଥିବା ଜୁଆଙ୍ଗ ପରିବାର ସହିତ ବୈବାହିକ ସମ୍ବନ୍ଧ ସ୍ଥାପିତ ହୋଇଥାଏ ।

ସାଧାରଣତଃ କମଡରା ବା ଭଦ୍ରଲୋକ ଦ୍ୱାରା ବିବାହ ସମ୍ବନ୍ଧ ସ୍ଥାପନ କରାଯାଏ । ଗ୍ରାମର ବୟସ୍କ ବ୍ୟକ୍ତିମାନେ ପ୍ରଥମେ ବିବାହ ପ୍ରସ୍ତାବକୁ ପରସ୍ପର ମଧ୍ୟରେ

ଆଲୋଚନା କରି ସ୍ଥିର କରିଥାନ୍ତି । ତାପରେ କେତେଜଣ ବୟସ୍କ ବ୍ୟକ୍ତି କନ୍ୟାର ଗ୍ରାମକୁ ଯାଇ କନ୍ୟା ଗୃହର ଦ୍ୱାରରେ ଗୋଟିଏ ଠେଙ୍ଗା ଡେରି ଦେଇ ଆସନ୍ତି । ସେମାନେ ଫେରିବା ସମୟରେ ପଥ ମଧ୍ୟରେ ଦେଖିଥିବା ଶକୁନ ବିଷୟରେ ମଧ୍ୟ ଆଲୋଚନା କରନ୍ତି । ସମ୍ପର୍କ ସ୍ଥିର ହେବା ପରେ କୌଣସି ଏକ ଦିନ ପରପକ୍ଷର ଦୁଇ ତିନି ଜଣ ଯାଇ କନ୍ୟା ଗ୍ରାମରେ କନ୍ୟା ମୂଲ ପହଞ୍ଚାଇଥାନ୍ତି ଏବଂ ସେଠାରେ ଜୁରି ପକାଯାଇଥାଏ । (ମଦ ଢାଳି ପିତୃପୁରୁଷଙ୍କୁ ଦିଆଯାଏ) । ସେହିଦିନ ସନ୍ଧ୍ୟାରେ କନ୍ୟାକୁ ଧରି ବରର ଗ୍ରାମକୁ ଆସିଥାନ୍ତି । କନ୍ୟାକୁ ଛାଡିବା ପାଇଁ ଗାଁର ସମସ୍ତ ବୁଢାବୁଢୀ ଲୋକ ଆସନ୍ତି । ବର ପକ୍ଷରୁ ସେମାନଙ୍କୁ ସ୍ୱାଗତ କରାଯାଇ ଘରର ଦ୍ୱାରଦେଶରେ କନ୍ୟାକୁ ବନ୍ଦାପନା କରି ଘରକୁ ନିଆଯାଏ । ଗାଁ ଲୋକମାନେ ଭୋଜି ଖାଇ ନାଚ ଗୀତ କରିଥାନ୍ତି । ଗାଁର ଠାକୁରାଣୀଙ୍କ ପାଖରେ ଜୁରି ପଡିବାପରେ ବୁଇତା ଚାଙ୍ଗୁ ନାଚ ଘୋଷଣା କରିଥାନ୍ତି ।

ଏହାଛଡା କନ୍ୟାକୁ ଚୋରିକରିଆଣି, ଝିଙ୍କିଆଣି, ପ୍ରେମକରିଆଣି ବିବାହ କରିବା ପଦ୍ଧତି ଜୁଆଙ୍ଗ ସମାଜରେ ରହିଛି । ଏ ପ୍ରକାର ବିବାହରେ ଗୁରୁଜନ ସମ୍ମତି ନ ଥିବାରୁ ଅନେକ ସମୟରେ ଗଣ୍ଡଗୋଳର ସମ୍ଭାବନାକୁ ଏଡାଇ ଦିଆଯାଇ ନ ପାରେ । ଏପ୍ରକାର ବିବାହ ଖୁବ କମ୍ ପରିମାଣରେ ଦେଖିବାକୁ ମିଳେ । ପରିବାରର ବିବାହ ଓ ଛାଡପତ୍ର ଉଭୟ ଗ୍ରାମର ଲୋକମାନଙ୍କର ଉପସ୍ଥିତିରେ ବନ୍ଧୁ ଗ୍ରାମରେ ସମାଧାନ କରାଯାଇଥାଏ । ବିବାହ ସାଧାରଣତଃ ଗ୍ରୀଷ୍ମକାଳରେ ହୋଇଥାଏ ଏବଂ ବିବାହରେ ବରପକ୍ଷରୁ ଅଧିକ ଖର୍ଚ୍ଚ ହୋଇଥାଏ ।

## ପୂଜା -

ଜୁଆଙ୍ଗମାନଙ୍କର ଧର୍ମ ବ୍ୟବସ୍ଥା ବଡ ସରଳ । ସେମାନଙ୍କର ମୁଖ୍ୟ ଦେବତା ହେଉଛନ୍ତି ଧର୍ମଦେବତା ବା ସୂର୍ଯ୍ୟ ଦେବତା ଓ ବାସୁକୀ ମାତା । ସେମାନେ ଏହି ଦୁଇ ଦେବତାର ପୂଜା ଆରାଧନା କରିଥାନ୍ତି । ପ୍ରତି ଗ୍ରାମରେ ଗ୍ରାମଶିରି ବା ଗ୍ରାମଦେବତା ରହନ୍ତି । ଏକ ଲମ୍ବ ପଥରକୁ ଗ୍ରାମଦେବତୀ ରୂପେ କଳ୍ପନା କରାଯାଇ ତାହାକୁ ମଜାଙ୍ଗ ପାଖରେ ସ୍ଥାପନ କରାଯାଇ ପୂଜା କରାଯାଏ । ଏହାଛଡା ଗ୍ରାମ ନିକଟରେ ଥାନପତି ବାସ କରୁଥିବା ବିଶ୍ୱାସ କରି ତାଙ୍କୁ ପୂଜା କରାଯାଏ । ପୂଜା ସାମଗ୍ରୀ ମଧ୍ୟରେ ଅରୁଆ ଚାଉଳ, ଧାନଫୁଲ, ହଳଦୀ, ସିନ୍ଦୁର, ଧୂପ, ଗୁଡ ପ୍ରଭୃତି ନୈବେଦ୍ୟ ଦରକାର ହୁଏ । ଜୁଆଙ୍ଗ ପୂଜାପଦ୍ଧତିରେ ଜୀବ ବଳି ପ୍ରଥା ଏକ ଅଙ୍ଗ ଅଟେ ।

ଗ୍ରାମର ମୁଖ୍ୟ ପୁରୋହିତ ବୁଇତା ଅଟନ୍ତି । ସେ ଜଣେ ବୃଦ୍ଧ ବ୍ୟକ୍ତି ହୋଇଥାନ୍ତି । ସେ ଗ୍ରାମର ସବୁ ଉତ୍ସବ ପାଳନ କରିବା ସଙ୍ଗେ ସଙ୍ଗେ ପୌରହିତ୍ୟ କରିଥାନ୍ତି । ବିଭିନ୍ନ ଉତ୍ସବର ଶୁଭଦିନ ନିର୍ଣ୍ଣୟ କରନ୍ତି । ଧାର୍ମିକ ରୀତି ନୀତି ସମ୍ପର୍କରେ ତାଙ୍କର ପ୍ରଚୁର ଆଧିପତ୍ୟ ଥାଏ । ଜୁଆଙ୍ଗମାନେ ତାଙ୍କର ଜମିରେ ବିନା ମଜୁରୀରେ ଗୋଟିଏ ଦିନ କାମ କରିଦେଇଥାନ୍ତି ।

ମଜାଙ୍ଗ ଭିତରେ ରଖାଯାଇଥିବା ଚାଙ୍ଗୁକୁ ଆମ୍ବନୂଆ ସମୟରେ ପୂଜା କରାଯାଇଥାଏ । ତେଣୁ ପ୍ରତି ସାମାଜିକ ଉତ୍ସବରେ ପିତୃଗଣଙ୍କ ଉଦ୍ଦେଶ୍ୟରେ ପୂଜା ଓ ନୈବେଦ୍ୟ ପ୍ରଦାନ କରନ୍ତି । କୌଣସି ନୂତନ ଶସ୍ୟ ଓ ଫଳରୁ ଭୋଜନ କରିବା ପୂର୍ବରୁ ସେମାନେ ଦେବତା ଓ ପିତୃଗଣଙ୍କୁ ଆଗ ଅର୍ପଣ କରି ପରେ ନିଜେ ଖାଇଥାନ୍ତି ।

ସେମାନେ ମୃତବ୍ୟକ୍ତିକୁ ଦାହ କରନ୍ତି କିମ୍ବା ପୋତି ଦେଇଥାନ୍ତି । ମରିବାର ଛଅରୁ ଆଠ ଦିନ ମଧ୍ୟରେ କୌଣସି ଏକ ଦିନ ଧାର୍ଯ୍ୟ କରାଯାଇ ଶୁଦ୍ଧକ୍ରିୟା କରାଯାଏ । ଶୁଦ୍ଧ ବେଳକୁ ମଧ୍ୟ ବନ୍ଧୁ ଗାଁରୁ ଲୋକ ଆସିଥାନ୍ତି ।

## ପର୍ବପର୍ବାଣୀ -

ଜୁଆଙ୍ଗମାନେ ବର୍ଷର ବିଭିନ୍ନ ସମୟରେ ବିଭିନ୍ନ ପର୍ବପର୍ବାଣୀମାନ ପାଳନ କରିଥାନ୍ତି । ବାର୍ଷିକ କୃଷିଚକ୍ର ସହିତ ଏହାର ସମ୍ପର୍କ ରହିଅଛି । କୃଷିର ବିଭିନ୍ନ ପର୍ଯ୍ୟାୟରେ ଏହି ପର୍ବ ସବୁ ପାଳନ କରାଯାଇଥାଏ ।

## ମାଘପୋତି -

ଏହାକୁ ପୁଷପୁନେଇ ବା ମାଘମୋଡି ପର୍ବ ବୋଲି କହିଥାନ୍ତି । ଏହି ଉତ୍ସବ ତିନିଦିନ ଧରି ଚାଲିଥାଏ । ପ୍ରଥମ ଦିନ 'ବାର ଗୁହା' ହୁଏ । ବୁଇତା ଦେବତା ମାନଙ୍କୁ ଉତ୍ସବ ସମ୍ପର୍କରେ ଅବଗତ କରାଇଥାନ୍ତି ବା ବାରଣ କରିଥାନ୍ତି । ଦ୍ୱିତୀୟ ଦିନ ଭାତ ଖିଆ ଓ ତୃତୀୟ ଦିନ ପିଠା ଖିଆ ହୋଇଥାଏ । ଉତ୍ସବ ଦିନ ଗ୍ରାମର ସମସ୍ତ ପରିବାର ବୁଇତା ଘରକୁ ଯାଇ ଧାନ, ମାଣ୍ଡିଆ, ଚାହା, ଡାଲି, ହରଡ, କାଙ୍ଗୁ ପ୍ରଭୃତି ଶସ୍ୟ ଏକତ୍ର କରନ୍ତି । ସଂଗୃହିତ ଶସ୍ୟ ଚାରିଭାଗ ହୋଇଥାଏ । ବୁଇତା, ଗାଁ ବାରଭାଇ, ଗାଁର ପିଲାମାନେ ଏବଂ ଗୋଟିଏ ଭାଗ ପୂଜା ପାଇଁ ରଖାଯାଇଥାଏ । ପିଠାଖିଆ ଦିନ ଗ୍ରାମର ସମସ୍ତ ପରିବାର ପିଠା ତିଆରି କରି ଖାଇଥାନ୍ତି । ତୃତୀୟଦିନ ପୂଜାରେ ବୋଦା ବଳି ପଡିଥାଏ । ଏହି ଉତ୍ସବନରେ ବିଭିନ୍ନ ପ୍ରକାର ଡାଲି ଜାତୀୟ ଶସ୍ୟ ରାନ୍ଧିକରି ଖାଇଥାନ୍ତି ଓ ଘରର ଛାଉଣୀ କାମ କରାଯାଇଥାଏ । ଏହିଦିନ ସାନ ସାନ

କାଠ ଫାଳକୁ ୨ ଫାଳ କରି ଚିରି ଦେବତାମାନଙ୍କର ନାମରେ ଭୂମିରେ ପକାଯାଏ । ଏହାକୁ ଭୂମିବନ୍ଧା କୁହାଯାଏ । ଗ୍ରାମର ସମସ୍ତ ଲୋକ ଏହି ଉତ୍ସବରେ ଯୋଗ ଦେଇଥାନ୍ତି । ଉତ୍ସବ ଶେଷରେ ତଇଲା ଜମିର ବଣ୍ଟନ ହୋଇଥାଏ । ଗୃହସ୍ଥମାନେ ଭୋଜନ ସାରି ଘରକୁ ଫେରି ଆସନ୍ତି ।

## ଆମ୍ବନୂଆଖିଆ -

ଏହି ଉତ୍ସବ ଚୈତ୍ର କିମ୍ବା ବୈଶାଖ ମାସରେ ଅନୁଷ୍ଠିତ ହୋଇଥାଏ । ନିର୍ଦ୍ଧାରିତ ଦିବସରେ ଆମ୍ବ ସଂଗ୍ରହ କରି ଦେବତାମାନଙ୍କୁ ତାହା ନୈବେଦ୍ୟ ଦେଇ ଗ୍ରାମବାସୀମାନଙ୍କୁ ବିତରଣ କରାଯାଏ । ଏହି ପର୍ବ ମଧ୍ୟ ତିନିଦିନ ଧରି ହୋଇଥାଏ । ପ୍ରଥମ ଦିନ ବାର ରହା, ଦ୍ୱିତୀୟ ଦିନ ଭାତ ଖିଆ ଓ ତୃତୀୟ ଦିନ ଆମ୍ବନୂଆଖିଆ ପର୍ବ ଅନୁଷ୍ଠିତ ହୋଇଥାଏ । ଏହି ଦିନଟି କଙ୍ଗେର ଓ ସେଲାନ ମାନଙ୍କର ଏକ ସ୍ମରଣୀୟ ଦିନ ଅଟେ । ଏହିଦିନ ଯୁବକ ଯୁବତୀମାନେ ମଜାଙ୍ଗର ନୂତନ ସଭ୍ୟ ହୋଇ ଯୁବ ଅନୁଷ୍ଠାନ ମଜାଙ୍ଗର ସଭ୍ୟ ହୁଅନ୍ତି । ନବ ବିବାହିତ ଯୁବତୀମାନେ ସଭ୍ୟ ପଦରୁ ବିଦାୟ ନିଅନ୍ତି । ଏହିଦିନ ଯୁବକ ଓ ଯୁବତୀମାନେ ସ୍ୱୟଂ ବୁଇତା ଦ୍ୱାରା ଟାଙ୍ଗୁ ଦେବତା ବଡାମ ବୁଢା ଓ ବୁଢୀଙ୍କୁ କୁକୁଡା ଓ କୁକୁଡା ଅଣ୍ଡା ଦେଇ ପୂଜା କରିଥାନ୍ତି । ସେମାନେ ହାତୀ ନାଚ, ଘୋଡା ନାଚ କରି ଗାଁକୁ ଉତ୍ସବ ମୁଖରିତ କରିଥାନ୍ତି ।

ଏହି ପର୍ବ ଶେଷରେ ସାମୁହିକ ଶୀକାର ପାଳନ କରାଯାଇଥାଏ । ଗାଁର ସମସ୍ତ ବୟସ୍କ ଲୋକମାନେ ଏହିଦିନ ଶୀକାର କରିବାକୁ ଯାଇଥାନ୍ତି ।

## ଆଷାଢି -

ଆଷାଢ ମାସରେ କୌଣସି ଗୋଟିଏ ଦିନ ଏହି ପର୍ବ ପାଳନ କରାଯାଇଥାଏ । ଏହି ଦିନ କୁସୁମ କୋଳି ଦେବତାଙ୍କୁ ଅର୍ପଣ କରାଯାଏ । ଏହି ପର୍ବ ପରେ ଜୁଆଙ୍ଗମାନେ କୁସୁମ, ଆମ୍ବଲ ଆଦି ଭୋଜନ କରିଥାନ୍ତି । ଆଷାଢି ଉତ୍ସବ ପରେ ଜମିରେ ବିଦୁଡା ହୁଏ ।

## ଧାନନୂଆଖିଆ -

ଏହି ପର୍ବଟି ଚୈତ୍ର କିମ୍ବା ବୈଶାଖ ମାସରେ ଅନୁଷ୍ଠିତ ହୋଇଥାଏ । ନିର୍ଦ୍ଧାରିତ ଦିବସରେ ଆମ୍ବ ସଂଗ୍ରହ କରି ଦେବତାମାନଙ୍କୁ ତାହା ନୈବେଦ୍ୟ ଦେଇ ଗ୍ରାମବାସୀମାନଙ୍କୁ ବିତରଣ କରାଯାଏ । ଏହି ପର୍ବ ମଧ୍ୟ ତିନିଦିନ ଧରି ହୋଇଥାଏ । ପ୍ରଥମ ଦିନ ବାର ରହା, ଦ୍ୱିତୀୟ ଦିନ ଭାତ ଖିଆ ଓ ତୃତୀୟ ଦିନ ଆମ୍ବନୁଆଖିଆ ପର୍ବ

ଅନୁଷ୍ଠିତ ହୋଇଥାଏ । ଏହି ଦିନଟି କଙ୍ଗେର ଓ ସେଲାନ ମାନଙ୍କର ଏକ ସ୍ମରଣୀୟ ଦିନ ଅଟେ । ଏହି ଦିନ ଯୁବକ ଯୁବତୀମାନେ ମଜାଙ୍ଗର ନୂତନ ସଭ୍ୟ ହୋଇ ଯୁବ ଅନୁଷ୍ଠାନ ମଜାଙ୍ଗର ସଭ୍ୟ ଅଟନ୍ତି । ନବ ବିବାହିତ ଯୁବତୀମାନେ ସଭ୍ୟ ପଦରୁ ବିଦାୟ ନିଅନ୍ତି । ଏହିଦିନ ଯୁବକ ଓ ଯୁବତୀମାନେ ସ୍ୱୟଂ ବୁଇତା ଦ୍ୱାରା ତାଙ୍କୁ ଦେବତା ବଡାମ ବୁଢା ଓ ବୁଢୀଙ୍କୁ କୁକୁଡା ଓ କୁକୁଡା ଅଣ୍ଡା ଦେଇ ପୂଜା କରିଥାନ୍ତି । ସେମାନେ ହାତୀ, ନାଚ, ଘୋଡା ନାଚ କରି ଗାଁକୁ ଉତ୍ସବ ମୁଖରିତ କରିଥାନ୍ତି ।

ଏହି ପର୍ବ ଶେଷରେ ସାମୁହିକ ଶୀକାର ପାଳନ କରାଯାଇଥାଏ । ଗାଁର ସମସ୍ତ ବୟସ୍କ ଲୋକମାନେ ଏହିଦିନ ଶୀକାର କରିବାକୁ ଯାଇଥାନ୍ତି ।

## ଆଷାଢି :

ଆଷାଢ଼ ମାସରେ କୌଣସି ଗୋଟିଏ ଦିନ ଏହି ପର୍ବ ପାଳନ କରାଯାଇଥାଏ । ଏହିଦିନ କୁସୁମ କୋଳି ଦେବତାଙ୍କୁ ଅର୍ପଣ କରାଯାଏ । ଏହି ପର୍ବ ପରେ ଜୁଆଙ୍ଗମାନେ କୁସୁମ, ଆମ୍ବଲ ଆଦି ଭୋଜନ କରିଥାନ୍ତି । ଆଷାଢ଼ି ଉତ୍ସବ ପରେ ଜମିରେ ବିଦୁଡା ହୁଏ ।

## ଧାନନୁଆଖିଆ -

ଏହି ପର୍ବଟି ଆଶ୍ୱିନ ମାସରେ ଅନୁଷ୍ଠିତ ହୁଏ । ନୂତନ ଧାନ ପ୍ରତି ପରିବାରରୁ ସଂଗ୍ରହ କରାଯାଏ ଓ ଦେବଦେବୀଙ୍କୁ ପୂଜା କରିବା ପରେ ପୁଟୁଳି କରି ମଜାଙ୍ଗରେ ରଖାହୁଏ । ଗ୍ରାମର ସାମୁହିକ ପର୍ବ ପାଳିତ ହେବା ପରେ ପ୍ରତି ପରିବାର ନିଜ ନିଜ ପିତୃଗଣଙ୍କୁ ପୂଜା କରି ନିଜ ନିଜ ହସ୍ତରେ ନିଜ ଗୃହରେ ନୂତନ ଧାନ ସଂରକ୍ଷଣ କରନ୍ତି । ନୂଆ ଭାତ ପିତୃଗଣଙ୍କୁ ଦିଆଯାଇ ନିଜେ ଉତ୍ସବ ମନାଇଥାନ୍ତି ।

## ଗୁଳଦିନୂଆ -

ଏହା ଶ୍ରାବଣ ମାସରେ ଅନୁଷ୍ଠିତ ହୋଇଥାଏ । ଏହି ପର୍ବ ଅନୁଷ୍ଠିତ ହେବାପରେ ନୂଆ ଶାଗ, ବୋଇତାଲୁ, ପନିପରିବା, ଗୁଳଦି, ସୁଧା ଭୋଜନ କରାଯାଇଥାଏ ।

## ଅକ୍ଷୟ ତୃତୀୟ -

ଏହାଛଡା ଜୁଆଙ୍ଗମାନେ ହିନ୍ଦୁ ବଂଶଧରର ନିଦର୍ଶନ ସ୍ୱରୂପ ଅକ୍ଷୟ ତୃତୀୟ ବା ଶୁଭଧାନ ମୁଠି ଗହ୍ଣା ପର୍ବ ପାଳନ କରିଥାନ୍ତି । ସେମାନେ ବିଭିନ୍ନ ନଦୀକୁ ପାଟ ଆକାରରେ ପୂଜା କରି ଭଲ ଫସଲ ହେବାର କାମନା କରିଥାନ୍ତି ।

## ଗୁଣି, ଗାରେଡି -

ସେମାନେ କୌଣସି ବ୍ୟାଧିଗ୍ରସ୍ତ ହେଲେ ତାହାକୁ ଭୂତପ୍ରେତାଦି ଉପଦ୍ରବ ବୋଲି ମନେକରନ୍ତି । ଏହା ବ୍ୟତୀତ ମନ୍ଦ ଲୋକର କ୍ରୁର ଦୃଷ୍ଟି ଗୁଣିଆର ତନ୍ତ୍ର ପ୍ରୟୋଗ ଓ କାମୁଡା ବିଦ୍ୟା, ଦେବତା ପିତୃଗଣଙ୍କର କୋପରୁ ଶସ୍ୟ ନାଶ, ରୋଗ ବ୍ୟାଧି, ପ୍ରାକୃତିକ ବିପର୍ଯ୍ୟୟ ପ୍ରଭୃତି ହେଉଥିବାର ସେମାନେ ବିଶ୍ୱାସ କରନ୍ତି । ତେଣୁ ପୂଜାପାଠ ମନ୍ତ୍ର ତନ୍ତ୍ର ସାହାଯ୍ୟରେ ଦେବତାମାନଙ୍କୁ ସନ୍ତୁଷ୍ଟ କରି ଦୁଷ୍ଟ ଶକ୍ତିର ପ୍ରକୋପ ଓ ରୋଗ ବ୍ୟାଧିରୁ ମୁକ୍ତ ପାଇଁ ଯତ୍ନବାନ ହୁଅନ୍ତି ।

## ଚାଙ୍ଗୁ ନୃତ୍ୟ -

ଜୁଆଙ୍ଗମାନେ ନୃତ୍ୟ ପ୍ରିୟ ଅଟନ୍ତି । ବିଭିନ୍ନ ପର୍ବପର୍ବାଣୀ ତଥା ସାମାଜିକ ଉତ୍ସବରେ ନୃତ୍ୟ ଗୀତରେ ଲହରୀ ଛୁଟେ । ସେମାନେ ସ୍ୱଭାବତଃ ଆମୋଦ ପ୍ରିୟ ହେବାରୁ ଜୁଆଙ୍ଗ ସଙ୍ଗୀତ ଓ ସଂସ୍କୃତିର ବିକାଶ ହୋଇପାରିଛି । ଡାଲଟନ ଜୁଆଙ୍ଗମାନଙ୍କ ଦ୍ୱାରା ଅନୁଷ୍ଠିତ ହେଉଥିବା ପଶୁପକ୍ଷୀ ନୃତ୍ୟ ଅବଲୋକନ କରି ପୁସ୍ତକରେ ଲିପିବଦ୍ଧ କରିଅଛନ୍ତି । ଭେରିଅର ଏଲଓ୍ୱିନ ଜୁଆଙ୍ଗ ମାନଙ୍କର ହରିଣ ନୃତ୍ୟ, ମୟୁର ନୃତ୍ୟ, ଶ୍ୱେନପକ୍ଷୀ ନୃତ୍ୟ, ଉଲକ ନୃତ୍ୟ ପ୍ରଭୃତି ବର୍ଣ୍ଣନା କରି ତାହା ତାଙ୍କର ସଂସ୍କୃତିର ଗୋଟିଏ ଅଙ୍ଗ ବୋଲି ଧରି ନେଇଛନ୍ତି ।

ଜୁଆଙ୍ଗ ନୃତ୍ୟ ସମୟରେ ପୁରୁଷମାନେ ବାଦ୍ୟ ବଜାନ୍ତି ଓ ସ୍ତ୍ରୀମାନେ ନୃତ୍ୟ କରନ୍ତି । ଏହି ବାଦ୍ୟ ମଧ୍ୟମରେ ଚାଙ୍ଗୁ ବାଦ୍ୟ ମୁଖ୍ୟ ଅଟେ । ଚାଙ୍ଗୁ ବାଦ୍ୟ ଦେଢଫୁଟ ରୁ ଦୁଇଫୁଟ ବ୍ୟାସ ବିଶିଷ୍ଟ ଗୋଲାକାର ବାଦ୍ୟ ଅଟେ । ଏହାର 'ବନ୍ଧଗ' କାଠର ନିର୍ମିତ ହୋଇଥାଏ । ବାଦ୍ୟଟି ଛେଳି କିମ୍ବା ମାଙ୍କଡ ଚମଡାରେ ତିଆରି ହୋଇଥାଏ । ଏହାର ପୃଷ୍ଠ ଦେଶରେ ଗୋଟିଏ ଲୁହାଛଡ ଲଗାହୋଇ ଏହାର ଦେହରେ ପାଞ୍ଚ ଛଅ ଗୋଟି ଲୁହା ବଳା ମଧ୍ୟ ସଂଯୁକ୍ତ ହୋଇଥାଏ । ଏହାଫଳରେ ଚାଙ୍ଗୁ ବାଦ୍ୟ ବଜାଇବା ସମୟରେ ତାଳ ଅନୁସାରେ ରୁଣୁଝୁଣୁ ଶବ୍ଦ ମଧ୍ୟ ସୃଷ୍ଟି ହୋଇଥାଏ । ଏହା ବ୍ୟତୀତ ନୃତ୍ୟ ସମୟରେ 'ଝୁମୁକି' ନାମକ ଏକ ବାଦ୍ୟ ମଧ୍ୟ ତାଙ୍କ ମଧ୍ୟରୁ ଜଣେ ବଜାଇଥାନ୍ତି । ବାଦକ ଚାଙ୍ଗୁ ବାଜାକୁ ବାଁ ହାତରେ ମୁହଁ ପାଖରେ ଧରିଥାଏ । ଡାହାଣ ହାତରେ ଚାଙ୍ଗୁ ବଜାଯାଇଥାଏ ।

ଚାଙ୍ଗୁ ନାଚ କରିବା ସମୟରେ ପୁରୁଷମାନେ ମଧ୍ୟ ସ୍ଥଳରେ ରହନ୍ତି ଓ ସ୍ତ୍ରୀମାନେ ନୃତ୍ୟକରି ଚାରି ଦିଗକୁ ଗତି କରୁଥାନ୍ତି । ନୃତ୍ୟ କରିବା କାଳରେ ସେମାନେ

ଧାଡିବାନ୍ଧି ରହିଥାନ୍ତି ଓ ପରସ୍ପର ହାତ ଛନ୍ଦାଛନ୍ଦି ହୋଇ ନାଚ କରିଥାନ୍ତି । ଶରୀରର ପଛ ଭାଗରେ ଅଣ୍ଟାପାଖରେ ପ୍ରଥମ ସ୍ତ୍ରୀର ଡାହାଣ ହାତ ସହିତ ତୃତୀୟ ସ୍ତରୀର ବାମ ହାତ ଓ ତାହାର ଡାହାଣ ହାତ ସହିତ ପଞ୍ଚମର ବାମହାତ ଏହି କ୍ରମରେ ଛନ୍ଦା ହୋଇଥାଏ । ପ୍ରଥମ ଯୁବତୀର ବାମହାତ ଖାଲିଥାଏ ଏବଂ ଦ୍ୱିତୀୟ ଯୁବତୀର ବାମହାତ ତାର ଅଣ୍ଟାରେ ଥାଏ । ନୃତ୍ୟ ସମୟରେ ସମସ୍ତେ ନିଜ ନିଜ ହାତକୁ ତାଳ ଅନୁକ୍ରମେ ଚାଟିଥାନ୍ତି ଓ ଆଗକୁ ପଛକୁ ପାଦ ପକାଉଥାନ୍ତି । ହାତର ଛଡି ଓ ଗୋଡର ଝୁମୁକା ସାହାଯ୍ୟରେ ବାଦ୍ୟଧ୍ୱନି ସହିତ ତାଳ ଖାଇ ବାଜିଥାଏ । ଏହି କ୍ରମରେ ସେମାନେ ଏହି ଦିଗକୁ ଅନ୍ୟଦିଗକୁ ଘୁରି ଯାଉଥାନ୍ତି । ନୃତ୍ୟ ସମୟରେ ପୁରୁଷ ଓ ସ୍ତ୍ରୀମାନେ ପରସ୍ପରର ପାଦକୁ ଅବଲୋକନ କରୁଥାନ୍ତି ।

ଚାଙ୍ଗୁ ନାଚ ଅବସରରେ ପୁରୁଷମାନେ ଗୀତ ଗାଇ ଚାଙ୍ଗୁ ବାଦ୍ୟ ବଜାଇଥାନ୍ତି । ତାଳ କ୍ରମ ଅନୁସାରେ ମସ୍ତକ ଓ ପାଦଚାଳନା କରି ନୃତ୍ୟ କରନ୍ତି । ସ୍ତ୍ରୀଲୋକମାନେ ଗୀତ ଗାଇ ନଥାନ୍ତି । ବନ୍ଧୁ ଗ୍ରାମର ଯୁବକମାନଙ୍କର କୌତୁକ ସେହି ଗାଁର ଯୁବତୀ ମାନଙ୍କର ସହିତ ନାଚରେ ପ୍ରକାଶ ପାଇଥାଏ । ଯୁବତୀମାନେ ପିଲାମାନଙ୍କର ପାଦକୁ ଚଢିଯିବା ଓ ତାଙ୍କର ଚାଙ୍ଗୁରେ ନିଜର ହାତ ପିଟିଦେଇ ପିଲାଙ୍କ ସହିତ କୌତୁକ କରିଥାନ୍ତି ।

କିନ୍ତୁ ଅନ୍ୟ ସମୟରେ ଜୁଆଙ୍ଗ ଯୁବକ ବନ୍ଧୁ ଗ୍ରାମର ଯୁବତୀମାନଙ୍କ ମଧ୍ୟରେ ଗୀତ ମାଧ୍ୟମରେ ଭାବର ଆଦାନ ପ୍ରଦାନ କରିଥାନ୍ତି । କୃଷିକାର୍ଯ୍ୟରତ ଥିବା ସମୟରେ ମଧ୍ୟ ବିଭିନ୍ନ ଗୀତ ଗାଇ କାମ କରିଥାନ୍ତି ।

ଚାଙ୍ଗୁ ନାଚ କରିବା ପାଇଁ କୌଣସି ଗ୍ରାମର ଯୁବତୀମାନେ ଦଳବଦ୍ଧ ହୋଇ କୌଣସି ଏକ ବନ୍ଧୁ ଗ୍ରାମକୁ ଯାଇଥାନ୍ତି । ସେହି ଗ୍ରାମର ଯୁବକମାନେ ତାଙ୍କୁ ଖୁଆଇ ପିଆଇ ରାତିରେ ନାଚ କରାଇଥାନ୍ତି । ଏହି ଚାଙ୍ଗୁ ନାଚ ପ୍ରତିଯୋଗୀତାମୂଳକ ହୋଇଥାଏ । ଅଧରାତିରେ ଗାଁର ଅଗୋଚରରେ ସେମାନଙ୍କର ମଧ୍ୟରୁ କିଛି ଯୁବତୀଙ୍କୁ ପିଲାମାନେ ଗାଁର ଏକ ନିଛାଟିଆ ନେଇ ନିଜର ଦେହଘସା କରାଇଥାନ୍ତି ।

ବିବାହ ଉତ୍ସବ ସମୟରେ ଚାଙ୍ଗୁ ନାଚର ବେଶ୍ ଆସର ଜମେ । ଏହତ ଅବସରରେ ଯୁବତୀମାନେ ଯୁବକଙ୍କ ସହିତ ଚାଙ୍ଗୁ ନାଚ କରିବା ସମୟରେ ବୃଦ୍ଧ ଓ ବୟସ୍କ ପୁରୁଷ ମଧ୍ୟ ସ୍ତ୍ରୀମାନଙ୍କ ସହିତ ମିଶି ଚାଙ୍ଗୁ ନାଚ କରିଥାନ୍ତି ।

# ଜୁଆଙ୍ଗ ଲୋକକଥା

## ଗୁରୁପବ ଓ ଗାଫଟେଲାଗ୍ ଦୁଇ ସେକାମ

ଆରକିଆ ଅନକିଆ, ଆରବ ବୁଲିୟ କିୟାଯୁ କିଛି ମାକୁୟ କିୟା, ଉରୁଳି ବାଶା କୁୟଃକିୟା ସୁସୁତେର୍ ସାତଗଟା ଆସିକେ । ଦୁଇ ସେକାମ୍ ବେଚାରଆନ୍ କିୟା ମାଣ୍ଡାକୁଯୁ କୁଲାଲାୟ୍ ଆସିକିଯୁ ସୁମୁସିଞ୍ଜ୍ତେ ଶାଆଞ୍ଚା ମାଣ୍ଡା ଆସିକେ ସେକାମ୍ ମାଟା ବତାହିଁଆ ଲାଲାପେ କୁଆକେକେ ସେକାମ୍ ତାରା, ମାଣ୍ଡା ଆସିକେୟୁଯଏଁ । ଆରା ସେକାମଣ୍ଡ ଅକେୟାନ ଗୁଲୁଟାବ ଗାମ ଆଇଁ ଅଣ୍ଡେ ଗଗ୍ତେ, ଯୁବୁଟାବୁ ଅନ୍ ଅଲୁଣ୍ଡିଶୁନ୍ ତାହାଗା ଆଭଛିଆନ୍ ଡାହାଗ୍ ତେନେ ଗାମ ଗୁଲୁଟାବତେ ଗାପ ତାହାଗା ଅନଜୁଲେବାନ୍ ଗାଫଟେଲାଗ୍ ଭତିଆନ୍ ଲାଲାୟଁତେ ଅନ ଲାଲାଯା ଶାମୁରା ଆଉଛିଆନ୍ ଲାଲାଯଂତେଗାମ ଅଉ ତା ଅଣ୍ଡେ ଗାଁଣ୍ଡେ ନୀତା ଅଣ୍ଡେ ଗାଁଣ୍ଡେ ଲାଲାପ୍ ଶେଖେ ଶେନା, ଗାମ୍ ଲାଲାଯା ରାବତମାନ୍ ସୁଗରୁତେତେ ରୟାନ୍ ମାସମିଞ୍ଚବ ତେବ, ଏରେ ସଶୁତେତା ମୁଣୁଷ ମଇଁଟ ତେବ, ନାଆଁହର ବିଦଶି, ଭଣ୍ଡିଆ ମୁଇଁଟ ଡେବ । କଳେଂଗଂ ମୁଁଇଟେ ଡେବ । ଆରମୁଞ୍ଚଁଟ୍ କନ୍ତେର୍ ଡ଼େବ ନି ସୁଶୁତେଡା ସାତ ବାଇ ଯନମ ଇୟାନ୍‌କୀ । ଆରକୀ ବେଚାରଆନଖକୀ କୁସେଙ୍ଗ୍ଆଁ କାଆ ଗାମକୀ ତିଣିକୀ ଡ଼ାଜିଙ୍ଗ୍ ଙ୍‌କି ଅନକୀୟୁ ଅନକୀୟୁ ଯିଂଆରୀ ବାଳିଆ ରୟାନ୍ ଉରୁଳୀ ଗାମ ଆଞ୍ଚ ରଏରେ ଗାମ ଆଞ୍ଜ୍ଁ ରଏରେ ନାଆଁତେ, ଡେ ବଲ ଦାନାତ୍ ମିକୁୟାନକୁ ନିବତାଙ୍ଗ ମାଣ୍ଡିଆତେନ ଅନା ମେରଏରେ ଆପଦ ବିପଦତେ କାକାମ ଆଏତେ ମେଛେତାଏ । ଆରବି ଡୁଙ୍ଗବି ବନାଏ ଯୟ ଜୁଆଁଣିବାଲି ଆଂଞ୍ଜ୍ ନାଆତେ ରଏରେ କାଆ ନାଆନ୍ତେ ତେଣୁକୁ ଲାତା ଯାୟ, ବିରି ଡୁଙ୍ଗ୍ ତେଣୁକୁ ଗାମ ଆପଦ ବିପଦ ମେଛେତାଏଲେ କାଆ ଏରେତା । ତୁଙ୍ଗକୀୟୁ ବାବୁଗଂ ମୁଇଁଟ ଗାତର ଯୟ ଥଗଂନା ରଏରେ ଆଞ୍ଜ୍ ନାତେ ରଏରେ କାଆକି ରଏରେ ବିପଦ୍ ଆପଦତେ ମେଛେତା ଏଲେ କାଆ । ଏରେତା କିଳଗ୍ରା ମଇଁଟ ବଣଯୟ ଏରାରୟାନ୍ ଆହେଁ ରଏରେ କାଆ ଆମ ଆବଦ ବିପଦ୍ ମେଛେତାଏ । କଳେଙ୍ଗ୍ ବିଲ ଯୟଯ ରଏଆନ୍ ବୁଆ କକ୍‌ବ୍ତେ ରଏଆନ୍ ବିପଦ

ଆପଦତେ ମେଣ୍ଢେତାଏ । ଆରକିୟା ଉଣ୍ଡିଆବ ବିଟାରକିବାନକୀୟା ଆମାମନମ୍‌ତେ ବରୀ ଇକୁଡିଆରୀ ବାରଏନା ବେଗଲରୀ । ଭଣ୍ଡିଆ ଗାମ ଆମ୍ ଯୁଆତେ କାଆ ଆଞ୍ଚ ସିଆଢ଼େ ତାଆଲେକୁ ବାଆଡୁଙ୍ଗେ ଯୟକୀୟାୟୁ ରାଜାରା ମାଟାର ବଣ, ଆଲୁଙ୍ଗା ପଡିଆ ଆସିକେ ଭଣ୍ଡିଆ ଗାମ ନାଆଁନେ ବାରଏନା ପାଲା ଟାମାଡା ମୁଇଁଟ ଶିରୀକୀୟା । ଡିଣିକୀ ବିଦଶି ରଏୟାନା । ଏରେ ପାଲାରାତାସୁନ୍ ଯୟୁଜୁ ମୁଁଇଟ କୁପରୀ ଆସିକେ, ବିଦଶିତେ ଗାମ କାଆଲେ ଆଡିଆ କୁପୁରୀରାତେ ଡାଏଲେ ବକ ଶରେ ଏରାତେ ଡାଗ୍ ମୁରେ ଘାସ ମିଯିମେ ମେଖଭେ ନାଆତେ ମେଢେନାଆଁ ସାତ ଦିନ ବିତୀରେ ସାତ ବଣୀକୀତେ ଯଯଏତେ ଅଣ୍ଡେ ଭଣ୍ଡିଆରେ ଯୟ ସାତ ବୁଣୀକୀ ଉଆଗଢ଼ି ବୀରି ଡୁଂଙ୍ଗୁଁକୀ ଭଣ୍ଡିଆରେ ବି ଡୁଂଙ୍ଗୁ ଏଂଆଁବ । କାଆଲେ ସାତ ଗଟା ଆସିକି ଆଲିନାନ୍ ଡିୟର ମାଣ୍ଡାତେ ମେଯଏ ଉଆଡାଗ୍ ଣ୍ଡେଟେରକି ଆଏଁ କୁ ଆବ୍‌ବୟେ ଅନଯ ଯୟଜୁ ଇଟାନ୍ ବୁଟ୍ୟ ତାଆ ଏଲେ ମିଶିଏଁ ମନର ଅରସ । ଆଉ ଦିନମିଈତା ଅଣ୍ଡେ ଦିନି ଯଦି ଯଏ ଗାହାତାମ୍ । ତାହାଲେ ସୁଇଁଣ୍ଡ ଇନାବିରିଅନା ହେଲେ ଭଲୁ ମାଆଁ ଯଉମାଣ୍ଡ ଆଏଁ ଯଉ ବୁଦି ଗାତାଶେନମ୍ ନା ବୁଧୀ ମଣସେନା । ଭଣ୍ଡିଆ ଗାମ୍ ଗୁଣିନ୍ ରପ ଗିନା ବିରୀ ମେଣ୍ଡଂଣ୍ଡଂ ଏଁ ରଗା ତେନକୀଯ ସାତ ଭଣୀକୀ ଭଣ୍ଡିଆ ସହକେ ଇଳଆ ଗୁଣିନଂ ଉପରେ ଇୟାନ୍ ବିଦଶି ଯୟବୁ । ସାତ ବଣିବି ସାଶାଂଙ୍ଗ୍ ତାଜାନକୀ ମୁହଁ ବାଗତା ବଲେହ, ମିଶିଏଁ ସୁଏଣ୍ଡ କଲେହ । ସଧାଏତ ଆବଲେକେ କୁହୁଲା ଭଳିଈଣ୍ଡ ନୁଆଁଗାଁ ହଆଶାକିବିରୀ ଡୁଙ୍ଗକୀ ଆଉ ଦିନମିଈଁତା ତେନକୀ ଆଏଁ ଆତାଲେକେ ଯେନା ମିଶିଈଁ ଯେଏଲେ ତାଯେପେତେ ବୁଭା ଆଝିର କ । ସାନରେତେ ଗାମଜୀ ମିଶିଈଁ ଥାମ୍ ଥାଯେ ଆଈଁତ ଥାହାଯଜୁ ବଲେୟ ଲଲଙ୍ଗପା ଆଡିକେ ଅଅସିକେୟୁ । କଗାମନ୍‌କି ମିନତା ତାଈଁଆ ଡେଏଲା ବଲେହରୟୁ । ମଜିୟାଣିରେ ତାହାଯ ଏରେବି ବଲେହ ସମଧାଏତ ନେତାଯ ବଲେକେ ମୁଈଁଣ୍ଡ । ଭଣ୍ଡିଆ ଗାମ ସୁମୁସିଈଁତେ ଡାଈଁଆ ଡାଏ ଯେତେ ତାକେୟମକିଯ ମଲେହାଣ୍ଡ ଆରଖି ଯୟକି ହଆ ଅଲେନ । ନେବତମା ଡାଗତେ ଲରାନ୍ ଆସନିକୁଯିମା ଯଦି ନିକୁଇମ୍ ଆମ୍ ମାରେନା । ସାତ ବଣିକି ଗାମକି ବିଦଶିତେ ସିଈଁତେ ଯଦି ମେକୁଏ ନିଈଁଆତା ମୁଈଁଟ ମେଗ ଘାଁ । ବିଦା ଆଗିଲା ଲରାନ୍ ଆଈଁ ଲେତେ ହେଁ । ଆଉ ଲରାନ୍ ଆରତେ ମାକୁୟଲୀ ଡା ଗୁଣୀଈଁ ହୁପରେ ଇଆନ୍ ଭଣ୍ଡିଆ ମତେଏତା ଡୁଇନାନ୍ । ମେକୟାମ ମୁଇଷ୍ଟ କାନିଂରାୟ ସୁଖରେ ଆରଇଲା ।

# (୧)

# ଟେକା ଏବଂ ପତ୍ର ଦୁଇ ବନ୍ଧୁ

## ଓଡ଼ିଆ ଅନୁବାଦ

ଦିନେ ଦୁଇ ସଙ୍ଗାତ ଗଲେ ବଣକୁ ଶୀକାର କରି । ବୁଲି ବୁଲି କିଛି ପାଇଲେ ନାହିଁ । ଗୋଟିଏ ଚଢେଇ ବସା ବାନ୍ଧି ରହିଥିଲା । ସେହି ବସାରେ ଦେଖିଲେ ସାତୋଟି ଅଣ୍ଡା ଅଛି । ଦୁଇ ସଙ୍ଗାତ ବିଚାର କଲେ କୋଉଠି ନିଆଁ ଅଛି । ଗଛ ଉପରକୁ ଉଠି ଦେଖିଲେ କୋଉଠି ନିଆଁ ଅଛି ଦେଖିଲେ ଯେ ଗୋଟିଏ ବଡ ଜଙ୍ଗଲରେ ନିଆଁ ଜଳୁଛି । ପାଣି କୋଉ ଝରଣାରେ ଅଛି ଦେଖିଲେ ସଙ୍ଗାତ ଗଛ ଉପରୁ ତଳକୁ ଓହ୍ଲାଇ ଆସିଲା । ଟେକାକୁ କହୁଛି ମୁଁ ପାଣି ଯାଉଛି  । ତାପରେ ଗଡ଼ିଗଲା । ପାଣି ଭିତରକୁ ପଶିଲା । ଟେକା ପାଣିରେ ପଶି ମିଳେଇ ଗଲା ତାକୁ ପତ୍ର କହିଲା, ମୁଁ ନିଆଁ ପାଇଁ ଯାଉଛି ସେମାନେତ ବର୍ତ୍ତମାନ ସୁଧା ଆସି ନାହାନ୍ତି । ତା ପରେ ପତ୍ର ଉପରକୁ ଉଡି ଉଡି ଗଲା । ନିଆଁ ପାଖରେ ପହଞ୍ଚିଲା । ନିଆଁ କହିଲା ସେପଟେ ଯାଉଛି କାଟୁଛି ଏପଟେ ଯାଉଛି କାଟୁଛି । ଏପରି ନିଆଁକୁ କଣ ଧରନ୍ତା । ସିଏ ମଧ୍ୟ ନିଆଁ ପୁଡେଇ ହେଲା । ଅଣ୍ଡା ଯୋଡିକ ରହିଲେ । ଗୋଟିଏ ମାସରେ ଫୁଟିଲା । ସେ ଅଣ୍ଡା ଭିତରୁ ମଣିଷ ଗୋଟେ ଫୁଟେଇଲା । ତାହାର ନାଆଁ ବିଦଶ । ତାପରେ ଗୋଟିଏ ଷଣ୍ଢ ହେଲା । ଫୁଟି ବାହାରିଲା ଆଉ ଗୋଟିଏ ବାଘ ହେଲା । ଆଉ ଗୋଟିଏ ଭାଲୁ ହେଲା । ତାପରେ ସାପ ହେଲା ଗୋଟିଏ । ତାପରେ ମୂଷା ଗୋଟିଏ ହେଲା ଓ ଶେଷରେ ଚଢେଇଟିଏ ହେଲା । ଏହି ଅଣ୍ଡା ସାତଟିରୁ ସାତ ଭାଇ ଜନ୍ମ ହେଲେ । ସେମାନେ ସାତଭାଇଯାକ ଏକାଠି ରହି ବିଚାର କଲେ । ଚାଲ ଆଗରେ । ବଡଭାଇ ତେଣୁକରି ଚାଲିଲେ । ଗୋଟିଏ ଶୁଙ୍ଗାର ବାଡିରେ ପଶିଲେ । କହୁଛି ଚଢେଇ ମୁଁ । ଏଇଠି ରହିବି ଭାଇ ବୋଲି କହୁଛି । ହଁ, ଭଲ । ଚାଲ ଆମେ ବି ଯିବା । କେଉଁଠି ରହିବା । ବିପଦ ଆପଦରେ ଭାଇକୁ ଜଣାଇବ । ଅନ୍ୟ ଛଅ ଜଣ ଚାଲିଲେ । ଭାଲୁ ମକାବାଡି ଦେଖିଲା । ମୁଁ ଏଠି ରହିବି ବୋଲି କହିଲା ଓ ପାଖ ପଥର ଖୋଲରେ ରହିଲା । ବିପଦ ଆପଦରେ ଭାଇକୁ ଜଣେଇବ । ଅନ୍ୟ ପାଞ୍ଚ ଜଣ ଚାଲିଲେ । ସାପ ପଥର ଖୋଲ ଦେଖି ରହିବ ବୋଲି କହିଲା । ବିପଦ ଆପଦରେ ଜଣେଇବ ଭାଇ । ଅନ୍ୟ ଚାରି ଜଣ ଚାଲିଲେ । ତାପରେ ବାଘ ଜଙ୍ଗଲରେ ପହଞ୍ଚିଲା । ସେଠାରେ ସେ ରହିଲା । ଆପଦ ବିପଦରେ ଜଣେଇବ ଭାଇ ବୋଲି କହିଲା । ମୂଷା (କଲେଙ୍ଗ)

ବିଲ ଦେଖି ରହିଲା । ଆପଦ ବିପଦଦରେ ଜଣେଇବ କହିଲା । ଆଉ ରହିଲେ ଷଣ୍ଢ ଏବଂ ମଣିଷ । ସେମାନେ ଦୁଇଜଣ ବିଚାର କଲେ ଏକାସାଙ୍ଗରେ ରହିବା ନା ଅଲଗା ରହିବା । ଷଣ୍ଢ କହିଲା ତୁ ଯୁଆଡେ ମୁଁ ସିଆଡେ । ଦୁଇଜଣ ଚାଲିଲେ । ଦେଖିଲେ ରାଜାର ଗୋଟିଏ ପଡିଆ ରହିଛି । ଏଇଠି ଆମେ ଛାମୁଣ୍ଡା ତିଆରି କରି ରହିବା । ସେଠାରେ ଷଣ୍ଢ ଆଉ ବିଦେଶୀ ରହିଗଲେ ସେଇ ଘର ପାଖରୁ ଷଣ୍ଢ ଦେଖିଲା ଗୋଟିଏ ପୋଖରି ଅଛି । ଷଣ୍ଢ ବିଦେଶୀ ପାଖକୁ ଯାଇ କହିଲା ଭାଇ ସେଇ ପୋଖରୀରେ ପାଣି ପିଇବୁ ମୁଁ ଘାସ ଖାଇବି । ଦୁଇଦିନ ଭିତରେ ୭ ଭଉଣୀ ସେଇ ପୋଖରୀକୁ ଗାଧୋଇବାକୁ ଗଲେ । ଷଣ୍ଢ ଦେଖିଲା ଏହାପରେ ସମସ୍ତେ ଫେରିଗଲେ ।

ଆଉ ଦିନେ ଷଣ୍ଢ କହିଲା । ୭ ଜଣ ଅଛନ୍ତି । ତୁଯାଇ ଭଲରେ ଦେଖିବୁ ମୁଁ ଗଲେ ଭଲ ହୁଅନ୍ତା, ବିଦେଶୀ କହିଲା । ମୋର ମନ ଆଦି ହରସ । ଷଣ୍ଢ କହିଲା ଯଦି ଆସିଥିବେ ମୁଁ ତୋତେ କହିଦେବି । ବିଦେଶୀ କହିଲା ଆଉ ଥରେ ଦେଖିବୁ ଯା ମାତ୍ର ଦେଖେଇ ହେବୁ ନାହିଁ । ଷଣ୍ଢ କହିଲା ମୁଁ ତୋତେ ଗୋଟେ ବୁଦ୍ଧି ଦେଉଛି । ଷଣ୍ଢ କହିଲା ମାଛି ରୂପରେ ଶବ୍ଦ କରୁଥିବୁ ।

ଅନ୍ୟ ଦିନେ ୭ ଭଉଣୀ ଗାଧୋଇବାକୁ ଆସିଲେ । ଷଣ୍ଢ ଚରୁଛି ହୁଡାରେ । ବିଦେଶୀ ମାଛି ରୁପରେ ଦେଖିଲା ୭ ଭଉଣୀ ହଳଦୀ ଭାଗ କରୁଛନ୍ତି । ଗୋଟିଏ ଭାଗ ବଳି ପଡୁଛି । ସେମାନେ ବିଚାର କଲେ ଆଜି କେମିତି ବଳିଲା । ଚାଲ ଏମିତି ଗାଧୋଇବା ହଳଦୀ ଲଗାଇବା ନାହିଁ । ଫେରିଗଲେ । ଆଉ ଦିନେ ଆସିଲେ । ଆଉ ଜଣକୁ ବାଣ୍ଟିବାକୁ ଦିଆଗଲା । (ସାନ ଭଉଣୀକୁ) । ସେତେବେଳେ ମଧ ବଳିଲା । ତେଣୁ କହିଲେ ଖୋଜ ଅନ୍ୟ କେହି ଅଛନ୍ତି କି । ମଣିଆଣି ବି ବାଣ୍ଟିବାରୁ ବଳିଲା । ସମସ୍ତ ଭାଗ ସରିଲା ଗୋଟିଏ ଭାଗ ବଳିଲା । ଷଣ୍ଢ କହିଲା ଗଛ ଉପରକୁ ଉଠି ଯା । ବିଦେଶୀ ଉପରେ ଥିଲା । ତାକୁ ସ୍ତ୍ରୀମାନେ ଡାକି ଆଣିଲେ । କହିଲେ ଆମେ ପାଣିରେ ଲୁଚକାଳି ଖେଳ ଖେଳିବା । ଆମକୁ ପାଇବୁ ନା ନାହିଁ । ଯଦି ଦେଖିବୁ ତୁ ଓ ଜଣକୁ ବାହାହେବୁ । ଯଦି ହାରିବୁ ନାହିଁ । ପ୍ରଥମେ ଝିଅମାନେ ପାଣିରେ ଲୁଚିଲେ ସେ ପାଣିକୁ ପଶିଲା । ସେମାନେ ବିଦେଶୀକୁ ପାଇଲେ ନାହିଁ । ବିଦେଶୀ ଷଣ୍ଢ ପାଖରେ ମାଛି ରୂପରେ ରହିଗଲା । ଏହାପରେ ଖୋଜି ନ ପାଇବାରୁ ତାଙ୍କ ମଧ୍ୟରୁ ବଡ ଝିଅକୁ ବାହାହେଲା ଓ ସୁଖରେ ରହିଲା ।

## (୨)

ଇକୁସି ରାଇଜ ମିଇତେ ମୁଇଁଟ ସାଧବ ବୁଢା ଆରା ଅମ୍ଭାଟମନନଣ୍ଡିକିଆ ଦିନମିଇବ ବୁଢାତେ ଭୂତ ସପନ କୟାନ୍ । ଭୂତ ଗାମ ଆମତ ବୁଢା ସବୁ ବର୍ଷ ଚାଷ ମିଲ୍କିବିଢେ ଆମା ଚାଷ ଆଇରେ । ଆମା ପଣୁଆ କନ୍‌ନ୍‌ମତେ ମିଡିଞ୍ଜି ଯଦି ଆମା ଚାଷ ମିଇନା । ବୁଢା ଗାମ ଅଜହେ ଡିଜ୍‌ସୁଂନ୍ ।

ବୁଢା ପଣୁଆଁ ଜନନଣ୍ଡ ବିଲବ ଅଲଗଗ । ମୁଣିଷ କନନଣ୍ଡେ ପେଟେକେ ପଣ୍ଡା ରିକିଆତେ । ପଣ୍ଡା ଗାମ୍‌କେ ଆମ ମେପେଟେଅର । ଆମ୍ ସିସିଂଜ୍ ମେଗଜେ । ସତ ସତ ମଣୁଷ କନନଣ୍ଡେ ଅନଯ ଜୟଜୁ ନୈବେଦ୍ୟ ଜିନିଷରେ କି ମଣିଷ କନନ୍‌ଗାମ ବିରିକିବେଜ ବଞ୍ଜେ । ପଣ୍ଡାଗାମ ଆମ୍ ଲାଲାଜ୍ ବେଷ୍ଟି ମୁଇଁଟ । ଡାଗ୍ ମଇଁଟ ଲୁଟା, ଆଳ ମୁଇଁଟ । ମୁଣୁଷ କନନ ପଣ୍ଡା ଜୁଆଳିରାତେ ଆଗୁଲିଆଁ ଇଗାନ୍ ବିରିଡିନ । ବୁଢା ବିଲବ ଅନ ଜୟଜୁ ଜଅତେ । ଭୂତ ଗାମ ମାଆଣ୍ଡା କନନମ ବୁଢା ଗାମ ଢାଏ ଆମ୍ ଯଉଠି ମିକୁଇଏ ଏରାତେ ମିଜିମେ । ଭୂତ ଅନଜୁ ଅନଜୁ ମୁଇଁଟ ରାଇଜ ପାଖା ପାଖି କୁଇଅ । ମୁଣିଷ କନନ୍ ଗାମ୍ ଆଉରେକ ବିରିଡେଣ୍ଡେ ପଣ୍ଡାକିଆ ଗାମକିଆ ଡେଆଳରେ ପିଜେ । ଆଳରେ ପିଜ ଆଳନେ ଆଳ । ଆଳଲୁଟିଅ ଭୂତ କେଡେ କଷଟବ ପୁଣି ଆଭ ତରମିଇଞ୍ଜିତା ବେଅନ୍ । ମୁଣୁଷ କନନ୍ ଗାମ ଆରିଆନା ଆଉରେକ ବିରି ଆଲୁଅ ଡେଗାନ୍ ଟେଲାବସୁନଜେଣ୍ଡେ । ପଣ୍ଡାକିଆ ଗାମ୍ କିଆ ଡାଗତେ ରଗେତୁ । ଡାଗରଗ ଡାଗ୍‌ଡେ ଡାଗ୍ ସମୁଦ୍ର ଡେଗାନ୍ ଜୁଉରୁ ଡାଗ୍ ଭୂତ କେତେ କେତେବ ଗଳେଅ । ତରବିଇଞ୍ଜିତା ବେଅନ ମୁଣୁଷ କନନ୍ ଗାମ ଆଉରେକ ବିରି ଆଲୁଅ ଡେଗାନ୍ ଟେଲାବସୁନଡେଣ୍ଡେ । ପଣ୍ଡାକିଆ ଗାମକିଆ ଲାଲାଜଡେ ପିଜେଡୁ ଲାଲାଜ ପିଜ । ଲାଲାଜଜେ ଲାଲାଜ୍ ଭୂତ ଆଉ ଅଙ୍ଗ୍‌ର ଆରିମାନ୍ ପେରେଅ । ମୁଣୁଷ କନନ ମୁଇଁଟ ବନସ୍ତ ରାଇଜଆ ବାସାକିବାନ୍ ।

ଦିନମିଇଞ୍ ରାଜା କଟୁଆଳକି ଆରିଦି କିକିବେଡେନ୍‌ଞ୍ଜେରକି ପାଇକୁରେକି ଜୟଅ କିଜ ଗାମକି ଆଡିକ, ନିଇଞ୍ଜା ରାଜଆ ବାସାକିବାନ୍ ଆରକି ଅନକିଜ ରାଜାତେ ଗାତାଅକି । ରାଜା ନିଆଞ୍ଜା ରାଇଜଆ ମୁଁଇଁଟ ସାଧବ ଜନନଡେନଜ ଇଞ୍ଜା । ରାଜାମାମ ଆରା ପଣ୍ଡା ନିଆଞ୍ଜା ପଣ୍ଡା ଲଡେଇ ନିକିବେ ଯଦି ମାରେନା ତେବେ ଆର ଡୁମୁଁୟେଁ ଆର ଯଦି ଜିମିତିନା ରମଏନା ।

ପଣ୍ଡାତେ ପଣ୍ଡା ଲଡେଇ ଇଆନ୍ । ରାଜା ପଣ୍ଡାର ଆରେଆନ୍ ଆଉତର ମିଇଞାତା ରାଜାଗାମ ଆରା ପଣ୍ଡା ଆଞା ମେଣ୍ଡା ଲଡେଇ ନିକିବ୍ ଯଦି ମାରେନା ତେବେ ଆରାକୁଟୁମରତେ ଅରେନା ଆର ଜିମିତିନା ଯଦି ଯାଜା ଉଆଁସ ପାଲିପିଇକ୍ଷି ଦିଆମିଇନା ପଣ୍ଡାକିଆ ଗାମସିକିଆତେଜୁ ନିଇଞିବା ବାରେନା ବାରେଆନଜ ଆଲେଞିବାରେ ଆଟିକାତେ ମେସେସେଜେ ବିରି ମିତୁଡାନ୍ । ଆରା ମେଣ୍ଡା ବଲତେ ଏତାନ୍ ପଣ୍ଡା ପଣ୍ଡା ଆରେଆନ୍ କଟୁଆଲକିଗାମକି ଡାଏ ଅରେନପେ । କଟୁଆକି ଅନେକି ଏରେବେଲା ସାଧବ କନନ୍ ଆଟିକାରେ କୁଲିଅ ବଲତେ କଟୁଆଲକିତେ ଉଅଁର ତିଅଇଆନ୍ କିଜ କେଡାବସୁନ ଡିନକି । ରାଜା ଆରିମାନ୍ ଗଗଂ ମଣିଷ କନନ ରଏଆନ ।

## ଓଡ଼ିଆ ଅନୁବାଦ

ଗୋଟିଏ ରାଇଜରେ ସାଧବ ବୁଢାଟିଏ ଥିଲା । ତାର ଦୁଇ ପୁଅ ଥିଲେ । ଦିନେ ବୁଢାକୁ ଭୂତ ସପନ ହେଲା । ଭୂତ କହିଲା ବୁଢା ତୁ ତ ସବୁ ବଣ ଚାଷ କରୁଛୁ । ଚାଷ ହେଉନାହିଁ । ଭୂତ କହିଲା ତୋର ଯଦି ବଡପୁଅକୁ ଦେବୁ ହେଲେ ତୋର ଭଲ ଚାଷ ହେବ । ବୁଢା କହିଲା "ହଁ, ମୁଁ ଦେବି ।"

ବୁଢାର ପଣୁଆ ପୁଅଟି ବିଲକୁ ହଳ ନେଲା । ପିଲାଟି ପଣ୍ଡାମାନଙ୍କୁ ମାରେ । ପଣ୍ଡାମାନେ କହନ୍ତି ତୁ ମାରେନା । ତୁ ଆଜି ମରିବୁ । ସତେ ସତେ ପିଲାଟି ଯାଇକି ଦେଖିଲା । ସବୁ ପୂଜା ନୈବେଦ୍ୟ ଜିନିଷ ସଜାଡିକି ରଖିଛନ୍ତି । ପିଲାଟି ପଣ୍ଡାମାନଙ୍କୁ ପଚାରିଲା । "ମୁଁ କେମିତି କଲେ ବଞ୍ଚିବି ?" ପଣ୍ଡାମାନେ କହିଲେ, "ତୁ, ଯା, ନିଆବେଣ୍ଟି, ଢାଳେ ପାଣି, ବାଉଁଶ ଗୋଟେ ଆଣି ଆସ ।" ପିଲାଟି ସେ ସବୁ ନେଇ ଆସିଲା । ପଣ୍ଡା ଜୁଆଳି ଉପରେ ଓହଳେଇ ପଣ୍ଡାଙ୍କୁ ଓଡେଇଲା ।

ବୁଢା ବିଲକୁ ଗଲା । ଦେଖିଲା ପୁଅ ନାହିଁ । ଭୂତ କହିଲା କାହିଁ ତୋର ପୁଅ । ବୁଢା କହିଲା ତୁ ଯା ତାକୁ ଯେଉଁଠି ପାଇବୁ ସେଇଠି ଖାଇବୁ । ଭୂତ ଗଲା । ଗୋଟିଏ ରାଜ୍ୟ ପାଖାପାଖି ତାକୁ ପାଇଲା । ପିଲାଟି ଦୂରରୁ ଦେଖିଲା ଆଲୁଅପରି କଣ ଗୋଟେ ତା ଆଡକୁ ଆସୁଛି । ପଣ୍ଡାମାନଙ୍କୁ କହିଲା ଏଇଟା କ'ଣ ଆସୁଛି ? ପଣ୍ଡାମାନେ କହିଲେ ବାଉଁଶଟି ତଳେ ପକେଇଦେ । ବାଉଁଶଟି ପକେଇଦେଲେ ତାହା ଲୋଟି ହୋଇ ରହିଲା । ଭୂତ ବହୁ କଷ୍ଟରେ ଗଳି ଚାଲି ଆସିଲା । ପିଲାଟି ପୁଣି ଦେଖିଲା କ'ଣ ଆଲୁଅ ପରି ଜଳି ଜଳି ଆସୁଛି । ପଣ୍ଡାମାନେ କହିଲେ ପାଣି ତଳେ ଢାଳି ଦେ ।

ପାଣିରେ ସବୁଆଡ ପରିପୁର୍ଣ୍ଣ ହୋଇଗଲା । ଭୂତ ବହୁ କଷ୍ଟରେ ପାଣି ପାରି ହୋଇ ପିଲାଟି ପାଖକୁ ଆସିଲା । ପିଲାଟି ଦେଖିଲା ପୁଣି ଆଲୁଅ ପରି କ'ଣ ଗୋଟେ ଆସୁଛି । ପିଲାମାନେ କହିଲେ ନିଆଁ କୁଣ୍ଡଟି ତଳେ ପକେଇଦିଅ । ନିଆଁ କୁଣ୍ଡି ତଳେ ପକେଇଦେଲେ । ନିଆଁକୁ ନିଆଁ ଲାଗି ରହିଲା । ଭୂତ ଜମା ଗଳି ପାରିଲା ନାହିଁ ।

ପିଲାଟି ଗୋଟିଏ ବନସ୍ତରରେ ବାସକଲା । ଦିନେ ରାଜାଙ୍କ ପ୍ରଜାମାନେ ପାରିଧି କରି ଆସିଥିଲେ । ଦିନେ ରାଜାଙ୍କ ପ୍ରଜାମାନେ ପାରିଧି କରି ଆସିଥିଲେ । ଦେଖିଲେ ଆମ ଜଙ୍ଗଲରେ କିଏ ଆସି ବାସ କରିଛି । ପ୍ରଜାମାନେ ଯାଇ ରାଜାଙ୍କୁ କହିଲେ, "ଆମ ଜଙ୍ଗଲରେ କିଏ ଜଣେ ଆସି ଦୁଇଟି ପଣ୍ଡାଙ୍କ ସହିତ ବାସ କରିଛି ।" ରାଜା କହିଲେ- "ତାଙ୍କର ପଣ୍ଡାକୁ ଆମର ପଣ୍ଡା ଲଢେଇ ହେବ । ଜିତିଲେ ସେ ରହିବ, ନ ଜିତିଲେ ଜଙ୍ଗଲ ଛାଡି ଚାଲିଯିବ ।"

ପଣ୍ଡାକୁ ପଣ୍ଡା ଲଢେଇ ହେଲା । ରାଜାଙ୍କ ପଣ୍ଡା ହାରିଗଲେ । ପ୍ରଜାମାନେ ରାଜାଙ୍କ ପଣ୍ଡା ହାରିଯିବାର ଖବର ରାଜାଙ୍କ ଜଣାଇଦେଲେ ।

ଆଉଥରେ ରାଜା କହିଲେ, "ତାଙ୍କର ପଣ୍ଡାଙ୍କୁ ଆମର ମେଣ୍ଢା ଲଢେଇ ହେବ ।" ପଣ୍ଡାମାନେ କହିଲେ, "ଆମେ ହାରିଲେ ଆମ ମାଂସ କାଟିକି ହାଣ୍ଡିରେ ପୁରେଇ ରଖିବ ।" ପଣ୍ଡା ଓ ମେଣ୍ଢା ଲଢେଇ ହେଲା । ପଣ୍ଡାମାନେ ହାରିଲେ । ରାଜା କହିଲେ । ତାପରେ ରାଜା ଆଦେଶ ଦେଲେ ଯେ ସେ ପିଲାର ସ୍ତ୍ରୀକୁ ଆଣିବାକୁ । ପ୍ରଜାମାନେ ଆଣିବା ପାଇଁ ଗଲେ । ସେହି ସମୟରେ ସାଧବ ପିଲାଟି ହାଣ୍ଡିଟି ଖୋଲିଦେଲା । ହାଣ୍ଡି ଭିତରୁ ଭଅଁର ପୋକ ବାହାରି ପ୍ରଜାମାନଙ୍କୁ ମାରି ଗୋଡେଇଲେ । ତେଣୁ ପ୍ରଜାମାନେ ଆଉ ନେଇ ନ ପାରି ଫେରିଗଲେ । ପିଲାଟି ସେହି ବଣରେ ଆନନ୍ଦରେ ବାସକଲା ।

## (୩)

ଇକୁସି ରାଇଜ ମିଇଞ୍ଜିତେ ଦୁଇ ଭଉଣୀ ଆସିଆନ୍ କିଆ । ଦିନ ମିଇଞ୍ଜି ଜାମୁ କକବ୍ ଅନକିଆ ଜାମୁ କକବ କକବ ଡାଗ ଏଜେଲାଙ୍ଗଆନ୍ କିଆ । ଏତେ ଆଜିର ବକ୍‌ରା ଆଡି ଡାଗ୍ ମାଣ୍ଡିଆ ବାଉରେ । ବକରାରେ ଗାମ୍ ଆଜି ଗିମାତେ ବାଡ଼ା କେ । ଆଟିକା ଗାମ ଡେ ସେହି ସମୟରେ ଆଲିଙ୍ଗତ କେଲେଏଙ୍ଗ କନ୍ତେରେ ଡାକେଅ କଲେଏଙ୍ଗ ଗିମା ଟୁକିଆକୁ । ଏକାତରମିଇଞ୍ଜ ନଦୀବଡା ଆଟିକା ପୁଲୁ ଇଆନା । ବକରା ଆରିମାନ୍‌ଭର ବକାରା ଗାମ ଆଜି ବାଡୁଙ୍ଗିକୁ । ନଦୀ ବଡେସେରେ ।

ବକରା ଆର ପାହାରି ଇଆନ୍ ଆଟିକା ଏରା ବୁଡିଆନ । ବିକାରା ଉଆଗ ଅମାନ୍ ଏରେ ବେଲା ରାଜାକୁ କଟୁଆଲରକି ଉଆଡାଗ ଅନକି । ଜୟକିଙ୍କୁ ଏଡେ ବଡିଆର ମୁଇଁଟ ଜୁଆଙ୍ଗଡାଏର ଉଅଗଡେ । ଅନନ୍ ଅନକି ରାଜାତେ ଗାଡାଏ । ରାଜା ଆମାଡା ମୁଇଁଟ ବଡିଆଁ ଜୁଆଙ୍ଗଡାଏ ଆସିକେ । ରାଜା ଗାମ ସତୁକୁରିଇଞ୍ । ରାଜାଡେନଜ ଜୟକୁ ସୁରୁକୁରିଅଞ୍ଜି ରାଜାତେ ଗଗକି । ରାଜା କାନିଆଁ ଉନ ।

ରାଜା ଆଗିଲା କୁଟୁମର ମୁଇଁଞ୍ଜି କଚନନ୍ଣ୍ଡକିଆ ଢ଼େନା । ଅଚତା ରାଣୀ ମୁଁଇଟ କନନଣ୍ଡଆନ୍ ବଲତେ । ଆଗିଲା କୁଟୁମର ସାରାକା କନନ୍ଣ୍ଡତେ ପୁଖରିବଆ ଚିଅଗ । କୁଟୁମର ଗାମ ରାଜା ଡାଏତ ଡାଏ ଜଜୟେ ନିଉଣିଇଞ୍ଜୁ ମୁଇଁଟ ମୁଣିଷ କଞ୍ଚେଲାନ୍ । ଜେନଗ୍ ଯାଇ ଜନମ କିବସେରେ । ରାଜା ଡେନେଜ ଜୟ ଆଉ ତରମିଇଞ୍ଜିତା ଜନମ କିବାନ୍ । ଏରେବେଲା ବେଅଙ୍କେ ସାନ କନନଣ୍ଡତେ ଚିଅଗା ରାଜା ଏ ରାଜା ଡାଏ ଡାଏ ଜୟେ ଏରେ ମୁଁଇଟ ବିରି କଞ୍ଚେଲା ଜେନଗ୍ ଯାଇ ଜନମ କିବିଢ଼େ । ରାଜା ଏରେବେଲା ଦିନରା ଛଳେ ଆନଜ । ଆରତେ ମୁଁଇଟ ଚାଲିଆ ଇଞ୍ଜାବ ଡିନ । ଆର ଏରେବେଲା ଆଗିଲା କୁଟୁମରା ସାଙ୍ଗେର ହେଆନ୍ ।

ଦିନମିଇଞ୍ଜି ରାଜା କଟୁଆଲର କି ଉଆଡାଗ ଅଙ୍ଗମାନ୍‌କି । ଜୟକିଙ୍କୁ ଅସ୍ପାଟ କଇଁ ରାଶିଂ ପୁଟି ଅଜ ଆସିକେ ରାଜା କଟୁଆଲରକି ଗାମ୍‌କି ଆଡିମାଣ୍ଡି ରାସିଂଡେ କେମେଞ୍ଜା ନିଗାମ୍‌କେ ଆଞ୍ ନିଗାମ୍‌କେ ଆଞ୍ ସସବ୍‌ତେ ଅଣ୍ଡିକି ବଲତେ ମୁଡି ଢୁଁଙ୍କିଆ ।

ଆମ ଇନି ରସଗୁଲାରେ ଡଅ ସବସେନା ଆମା ବହୁତ କାମ ଡେମେନା । ଦରଜୀ ରସଗୁଲାରେ ସବାନ୍ । ପୁଣି ଆଗିଲାବ ଅନ । ଅଙ୍ଗର ଅଙ୍ଗର ଜୟ ମୁଇଣ୍ଡ କେ ଆନ୍ତେରେ କନ୍ତେର କାଜ୍‌ଦଂଆଁ ଲୁଟପଟ ଇରେ । କନ୍ତେରଂଡେ ଗାମ ଏବାଇ ମାଣ୍ଡିବ ମଣ୍ଡେ । ଦରଜୀ ଗାମ ଆଞ୍ଜ ଅସୁର କିଆତେ ମାରେତେ ଅଣ୍ଡେ । କନ୍ତେର ଗାମ ଆଞ୍ଜତେ ସବ୍‌ସେନା ଆମା ଦରକାରତେ ଲାଗେନା । ଦରଜୀ ସାଙ୍ଗେ ସାଙ୍ଗେ ଗୁଜ୍‌ଦାଗଗ ପାଟକୁରା ଉସିଗାନା । ବୁଲି ବୁଲି ଅସୁର ବାସା ଆଉଚିଆନା । ଜୟଜୁ ବଳ ସୁମୁସିଂଦ୍ ଗଳଣ୍ଡବ ଡାଜାନ୍ । ବୁଲୁ ଇଆନ୍ । ଅସୁର କିଆ ସୁମୁସିଂଦ୍ ତୁଲିବ ଡେନକିଆଜ ଲେବେର କିଆ । ଠିକ୍ ଏରେବେଳା ଆଲିଂଙ୍ଗ ତା ମିନ୍‌ଗଗା ଇଣିରତେ ଏଗେର ଅବଳଗ । ସଙ୍ଗେ ସଙ୍ଗେ ଏରେ ଅସୁର ବୁଲୁରାନ୍; ଆର ମୁଣ୍ଡତା ଅସୁରେତେ ଆବୁଜ୍ ଆମ୍ ମେତାମକୁର ଗାମଜ । ପୁଣି ଲେବେରକିଆ ଆଉ ଥରମିଂଜତା ଆଉ ମିନଗଗା ଇଣିରାତେ ଅବଳଗ । ଆର ସାଙ୍ଗେ ସାଙ୍ଗେ ବୁଲୁରାଂଜ ଆର ଅସୁରରେତେ ଟୁକିଅ । ଇନିପୁଣିଂଜ୍ ବାନଲଙ୍ଗ କଲେଜାନ୍ କିଆ । ମିନକ୍ ଅସୁର ଗଜ । ସେକାଳ ଇଆନ୍ । ମୁଇଣ୍ଡତା ଅସୁରରେ ବୁଲୁରଜ ସରେତେ ଅନ । ଦରଜୀ ସୁମୁସିଂଜତା ଅଳେ ଆନନ୍ଦ୍ ଡୁଙ୍ଗ । ଡୁଂ ଡୁଂଡା ସମରେ ଗଟାନ୍ତେ ଅସୁର କୁଇଅ । ଅସୁର ଗାମ ଆମତେ ଏକଲଙ୍ଗ ଜିମମ୍ । ଦରଜୀ ଗାମ୍ ମିଜିମତ ଏତେ ଚାନିଆଁ ମିରେ ବିତେ । ଆଡିଆ କିଡି ଜଳ ଆସିକେ ଆଗିଲା ବାଜଏ । ଅସୁର ଗାମ୍ । ଡେଏଗର ସରଗବ ବାତାମ୍‌କୁରେ କି ତିବଲତେ ଅଳଗ୍‌ଡେ । ଇନିଗାମବ ଅସୁର ଏଗେର୍ ତାମ୍‌କୁର । ବହୁତ କିଚି ସମୟ ବଲତେ ଏଗେର୍ ଅଳଗାନ୍ । ଦରଜୀ ଏରେ କେଆନ୍ତେର କନ୍ତେରଡେ ସରଗବ ତାମକୁର । ଏରେ କନ୍ତେରଡେ ଆଉ ଆପେରେଅ ।

ଅସୁର ବେତଙ୍ଗନା । ପୁଂଣିଗାମ ଏଗେର ବାତେଡାଗେ ଆଡି ଡାକ୍ ଆବ୍‌ରିଏକେ । ଅସୁର ଏଗେର ତେଡାଗ ଡାକ ଦିଟୁପା ଆରିଆନା ତାପରେ ଦରଜୀ ରସଗୁଲା ଆଉ ଏଗେରବ ତେଡାଗ୍, ଡାକ୍ ଖାଲି ଟପ୍ ଟପ୍ ଅଳଗାନ୍ । ଅସୁର ବେତଂଙଗାନ୍‌ଜ ରାଇଜ ସାଡେଅଜ ଡୁଂଗ୍ ।

ଦରଜୀ ଇଂଞାବ୍ ଫେରେଅ । ରାଜା ଜିଂଙ୍ଗ । ଦରଜୀ ଟାଙ୍କୁଲିଂଜ ଟିକ୍ ଗାତା ଗାତାଅ । ରାଜା ଗାମ ଯାହାଉ ମୁଇଣ୍ଡ ଅସୁରତେ ମବ୍‌ଗଜ୍ । ଆଉ ମୁଇଣ୍ଡତେ ମିଡିନ । ରାଜା ଦରଜୀତେ ଏରେ ରାଇଜରା ମନ୍ତିରି କିବ ।

## ଓଡ଼ିଆ ଅନୁବାଦ

ଥରେ ଗୋଟିଏ ରାଜ୍ୟରେ ଜଣେ ଦରଜୀ ଥିଲା । ତା'ର ସ୍ତ୍ରୀ ଦିନେ ଭାତ ଥାଳିରେ ବାଢ଼ିକରି ରଖିଥାଏ । ସେହି ଭାତରେ ମାଛିମାନେ ବସିଛନ୍ତି । ଦରଜୀ ଯାଇ ଦେଖିଲା ଯେ ମାଛିମାନେ ଭାତରେ । ସେ ଯେଉଁଟା ସିଲେଇ କରୁଥିଲା ସେହି କନାରେ ଭାତଥାଳିକୁ ଜୋର କରି ପିଟିଲା । ଏକାଥରକେ ସାତଟା ମାଛି ମରିଗଲେ । ଦରଜୀ ଦେଖିଲା ଯେ ଏକାଥରକେ ସାତ । ମୋଠାରୁ ଆଉ କିଏ ବଳୁଆ ଅଛି । ଏହିପରି ଭାବି ଦରଜୀ ସଙ୍ଗେ ସଙ୍ଗେ ଗୋଟିଏ ବେଲଟ ତିଆରି କଲା । ସେହି ବେଲଟରେ ଲେଖିଲା ଯେ ଏକାଥରକେ ସାତ୍ । ତାପରେ ଗାଁ ଗାଁ ରାଜ୍ୟ ରାଜ୍ୟ ବୁଲିଲା । ଯିଏ ତାକୁ ଦେଖିଲା ସମସ୍ତେ ଡରିଲେ ।

ଏହି ସମୟରେ ଗୋଟିଏ ରାଜ୍ୟରେ ଦୁଇଟା ଅସୁର ଥିଲେ । ସେମାନେ ସେହି ରାଜ୍ୟର ଗାଁ ସାରାର ଗାଈ, ଛେଳି, ମଣିଷ ଇତ୍ୟାଦିଙ୍କୁ ଖାଉଛନ୍ତି । କେହିହେଲେ ସେହି ଅସୁର ଦୁଇଟାଙ୍କୁ ମାରିପାରନ୍ତି ନାହିଁ । ରାଜା ପ୍ରଜାମାନଙ୍କୁ ପଠାଇଲେ ଯାଅ ଡାକ ଏଠି କିଏ ବଳୁଆ ଅଛି, ଅସୁରମାନଙ୍କୁ ମାରିପାରିବ । ଯେତେବେଳେ ଏକାବେଳକେ ସାତ୍ ବୋଲି ସମସ୍ତ ଜାଣିଲେ, ସେତେବେଳେ ରାଜା ପ୍ରଜାମାନଙ୍କୁ ପଠାଇଲେ । ଦରଜୀ ବାଲାକୁ ଡାକିଲେ ରାଜାଙ୍କ ପାଖକୁ । ରାଜା ତାକୁ କହିଲେ ଯେ ଆମ ଗାଁ ବଣରେ ଦୁଇଟା ଅସୁର ଅଛନ୍ତି । ତୁମେ ଯାଅ ସେମାନଙ୍କୁ ମାରିବ । ସେମାନଙ୍କୁ ମାରିଲେ ତୁମେ ଆମ ରାଜ୍ୟର ମନ୍ତ୍ରୀ ହେବ । ଏହିକଥା ଶୁଣି ଦରଜୀ ଭୟ କଲା । ଭାବିଲା କଣ ପାଇଁ ଏକାଥରକେ ସାତ ବୋଲି ଲେଖୁଥିଲି । ଜୀବନକୁ ଆଶା ନରଖି ଗଲା । ଯାଉ ଯାଉ ବାଟରେ ଗୋଟିଏ ବୁଢ଼ୀ ଦେଖିଲା । ବୁଢ଼ୀ କହିଲା ବାପା କୁଆଡେ ଯାଉଛୁ ? ତୁ ଏହି ରସଗୋଲାଟି ନେ, ଧରିଥା । ତୋର ବହୁତ କାମରେ ଅଅସିବ । ଦରଜୀ ରସଗୋଲାକୁ ଧରି ଆଗକୁ ଗଲା । ଯାଉ ଯାଉ ଦେଖିଲା ଗୋଟିଏ ଛୋଟିଆ ଚଢେଇ କାଦୁଅରେ ଉବୁଟୁବୁ ହେଉଛି । ଚଢେଇଟି କହିଲା ଏ ଭାଇ କୁଆଡେ ଯାଉଛୁ । ଦରଜୀ କହିଲା ମୁଁ ଅସୁରମାନଙ୍କୁ ମାରିବା ପାଇଁ ଯାଉଛି । ଚଢେଇ କହିଲା ମୋତେ ଧରିଥା । ତୋର ଦରକାରରେ ଲାଗିବି । ଦରଜୀ ତାକୁ ସଙ୍ଗେ ସଙ୍ଗେ ସଫାକରି ପକେଟରେ ଭର୍ତ୍ତିକଲା । ବୁଲି ବୁଲି ଅସୁର ବସାରେ ପହଞ୍ଚିଲା । ଦେଖିଲା ଯେ ବରଗଛ ମୂଳରେ ଶୋଇଛନ୍ତି । ସଙ୍ଗେ ସଙ୍ଗେ ପଥର ଗଣ୍ଡିଲି କରି ଗଛ ଅଗକୁ ଚଢିଲା । ସନ୍ଧ୍ୟା ହୋଇଗଲା । ଅସୁରମାନେ ଗଛ ମୂଳରେ ଆସି ଶୋଇପଡିଲେ ।

ଠିକ୍ ସେହି ସମୟରେ ଜଣକର ଦେହରେ ପଥର ପକେଇଦେଲା । ସଙ୍ଗେ ସଙ୍ଗେ ସେହି ଅସୁର ଉଠିଲା । ଅନ୍ୟ ଅସୁରକୁ ପିଟିଲା । ସେ ଅସୁରଟି କହିଲା ତୁ ମାରିଲୁ କାହିଁକିନା ତାପରେ ପୁଣି ଶୋଇପଡିଲେ । ଆଉଥରେ ଅନ୍ୟ ଜଣକ ଉପରେ ପଥର ପକେଇଦେଲା । ସଙ୍ଗେ ସଙ୍ଗେ ସେ ଉଠିଯାଇ ଅନ୍ୟ ଅସୁରକୁ ପିଟିଲା । ଏହିପରି ଦୁଇଜଣଯାକୁ ଝଗଡା ଲାଗିଲେ । ଗୋଟିଏ ଅସୁର ମରିଗଲା । ସକାଳ ହେଲା । ଅନ୍ୟ ଅସୁରଟି ଉଠି ଚରିବା ପାଇଁ ଗଲା । ଦରଜୀ ଗଛକୁ ଓହ୍ଲାଇ ଆସି ପଳେଇଲା । ପଳାଉଥିବା ସମୟରେ ବାଟରେ ଅସୁରକୁ ଦେଖିଲା । ଅସୁର କହିଲା ତୋତେ ବର୍ତ୍ତମାନ ଖାଇଦେବି । ଦରଜୀ କହିଲା ଖାଇବୁତ ଏତେ ଛାନିଆଁ କାହିଁକି ହେଉଛୁ, କାହାର କେତେ ବଳ ଅଛି ଆଗ ଦେଖିବା । ଅସୁର କହିଲା, ପଥର ସ୍ୱର୍ଗକୁ ମାରିବା କେତେବେଳେ ଖସୁଛି । ଏହା କହି ଅସୁର ମାରିଲା । ବହୁତ କିଛି ସମୟ ପରେ ପଥରଟି ପଡିଲା । ଦରଜୀ ସେ ଛୋଟିଆ ଚଢେଇଟିକୁ ସ୍ୱର୍ଗକୁ ମାରିଲା । ସେ ଚଢେଇ ଆଉ ଫେରିଲା ନାହିଁ । ଅସୁର ଡରିଗଲା । ପୁଣି କହିଲା, ପଥର ଚିପିବା କିଏ କେତେ ପାଣି ବାହାର କରିପାରୁଛି । ଅସୁର ପଥରଟିଏ ଚିପିଲା । ରସ ଦୁଇଟୋପା ବାହାରିଲା । ପରେ ଦରଜୀ ପଥର ସହିତ ରସଗୋଲାକୁ ଚିପିଦେଲା । ରସ ଖାଲି ଥପ୍ ଥପ୍ ପଡିଲା । ଏହା ଦେଖି ଅସୁର ଭୟରେ ରାଜ୍ୟ ଛାଡି ପଳେଇଲେ ।

ଦରଜୀ ରାଜ ଦରବାରକୁ ଫେରିଲା । ରାଜା ପଚାରିଲେ । ଦରଜୀ ସମସ୍ତ କଥା ଠିକ୍ ଠିକ୍ କରି କହିଲା । ରାଜା କହିଲେ, ଯାହାହେଉ, ଗୋଟିଏ ଅସୁରକୁ ମରେଇ ଦେଲା । ଆଉଜଣକୁ ଦୂରକୁ ପଠେଇ ଦେଲା । ଏହା କହି ରାଜା ଦରଜୀକୁ ସେ ରାଜ୍ୟର ମନ୍ତ୍ରୀ କଲେ ।

## (୧୫)

ସିଆଳ ଆଉ ଅଲଙ୍ଗ୍ ଦି ସେ କାମ । ଆରକିଆ ଦିନି ବୁଲିକିକିଆ । ଦିନମିଂଜ କିବାନ୍ କିଆ ଜୁ ପିସିଟି ବାକିମା । ସିଆଳ ଗାମ ଆଞ୍ଜ୍ ସେକଂଏ ଅରେନେ । ଅଲଙ୍ଗ ଗାମ୍ ଆଞ୍ଜ୍ ରୁକୁଂବ୍ ଅରେନେ । ଅଲଙ୍ଗ ଅନ ରୁବୁଂଗ୍ ଗାରଗାରଜ ଅରେନ । ସିଆଳ ଆର ସେକଂଏରେତେ ମୁଇଣ୍ଡ ପଦାନ ଇଞ୍ଜ୍ଆଁତା ଅରେନ । ଅଲଙ୍ଗ ପୁଣି ଆଟିକାତେ ଅନ । ତଣ ଆଏଲା । ଗଲାୟାନା କିଆ । ଶିଆଳ ଚତୁର ଆସିଆନା । ଗାମ ସେକାମ୍ ଡେ ଖୁଣ୍ଟତେ ବାକତଡମା । ଏରେ ଗାମଜ ସିଆଳ ଅଲଙ୍ଗତେ ଖୁଣ୍ଟୁଆତର ସାଙ୍ଗେ ସାଙ୍ଗେ ଅନଜ ଅଏଲା ରେକି ସିଆଳ ଜିମ । ସାଙ୍ଗେ ସଙ୍ଗେ ଅଲଙ୍ଗ କାଜ୍ଡମାନା ।

ସିଆଲତେ ମାର ମାର ତର । ଅଟତା ଅଲଙ୍ଗ ଆଏଲା ଜିମ । ସିଆଲ ଗାମ ସେକାମ ଆଞ୍ଜାତେ କୁଟିଜ ଜାଲିଜ ମୁନେ । ଅଲଙଗ ଯେତିକି ରିମାନା ଜିମ୍ । ଯାଆ ବଲେଅ ଡାଗା ଉତୁୟ । ଡାକୁରି ଗଟକେସୁନ୍ ଡୁଙ୍ଗ୍ । ଅନ ଅନ ମୁଇଣ୍ଡ ବାଲିଗଦା ଡକଆନଜ ବାଲି କକମ୍ମଡେ । ସିଆଲ ଏରା ଆଉ ଚିଆନା । ଗାମ ସେକାମ ବାଲିରେ ସୁଣିଣ୍ଡ କବକେକି । ଅଲଙ୍ଗ ଗାମ ଆସିସେକାମ ଆଞ୍ଜ ଚାକିରିଣ୍ଡେ ମିବୁଏ ଆଞ୍ଜ ରାଜା ଆସରବ ଅଣ୍ଡେ । ଅଲଙ୍ଗ ଅନଜ ମୁଇଣ୍ଡ ଡୁଙ୍କାରି ବାଲିଆ ଡକଆନାଜ ଡୁଙ୍କାରି ଜିମକେ । ଶିଆଲ ଅନ ଜୟଜୁ ଅଲଙ୍ଗ୍ ଡୁଙ୍କାରି ଜିମକେ । ଶିଆଲ ଗାମ ସେକାମ ଡୁଙ୍କାରି ସୁଣିଣ୍ଡ ମିଜିମ୍‌କେ ଅଲଙ୍ଗଗାମ ଆସି ଆଞ୍ଜ୍ୟାଁ ଚାକିରିଣ୍ଡେ ମିବୁଡାଏ । ଆସି ଆଞ୍ଜ ରଜା ଆସରବ ଅଣ୍ଡେତା ଜିଂକେ । ଇନି ଡୁଙ୍କାରିରେ ଏଗେରତେ ମିରିରେ ବିରି ଅମନମତେ ମିକିମା ଆଉ ମେଘଣେନା । ଏରେ ପୁଣିଣ୍ଡ ଶିଆଲ କିବାନା ଡାକୁରିଂ ଜଏପେ ସିଆଲଆ ମଜାର । ଅଲଙ୍ଗ୍ ଗଟକେସନୁ ଡୁଂଙ୍ଗ । ସିଆଲ ଗାମ ଆସି ଅକଲଂତେ ଯୁଟି କୁଇନା ଏରାତେ ଜିମେ । ଅନଜୁ ଅନଜୁ ମୁଇଣ୍ଡ ବୁଦା ତୁଲିତେ ଅଲଙ୍ଗତେ କୁୟଯ ଜିମ । ଅଲଙ୍ଗ ଗାମ ସେକାମ ସାବରଂଙ୍ଗ୍ ମିଜିମେ ବୁଟିଜ୍ ଆଟାନିଣ୍ଡେ ମୁନ୍ ଚେରେ । ସିଆଲ ସାବରଙ୍ଗ ଇଣିରକି ଜିମ୍ ଆର୍ଟାଡ କୁଟିଜ କୁଣ୍ଟୁକୁଲୁଙ୍ଗତେ ଉନ ।

ଦିନମିଞ୍ଜା ସାତ ବାଇ କମତେ ଅଙ୍ଗନମାନକି । ଅଲଙ୍ଗ ଆଟାର୍‌ଡେ ଡାକେଅ ଏ ଆଞ୍ଜାତେ ଆଡିଏଗନିଞ୍ଜ ଆପେଆ ବହୁତ ଉପକାର କିବେ । ସାତ ବାଇକି ମାର ମାର ଅଲଙ୍ଗ ଆଟାରତେ ଗଗାନାକି ଇଞ୍ଜାଆଁବ ଆଉଚି ଆରିମାନାକି ଗଟାତ ତେ ଏନ୍ଦାରୟ ଯଠି ସାତ ବଣି ଆସିଆନାକି ଏରାତେ ରୟାନାକି । ସାତବଣିରାକା ଅବାର ବୁଇର ଅସୁର ଅସୁରାଣୀ । ଆରକିତେ ଜିମ୍ ଜିମ୍ ତେ ଗାମ କିଆ ଏନ୍ଦାର ଇଆନା ଅସୁର ଅସୁରାଣି ଜିମ୍ ଜିମତେ ଅନକିଆ । ଏରେବେଲା ଅଲଙ୍ଗ ଗାମ୍ ଆପେ ସାବରଙ୍ଗ ଲୁଙ୍ଗି ପିଜେପେ । ଆରକିତେ କଛାମାରେ ଡେମକି ଗାମେପେ । ଏରେ ପୁଣିଂଣ୍ଡ କିବକି ଅସୁର ଅସୁରାଣି ନିଜେ କଡ଼ଅଲାଣ୍ଡ କିତେର ଜିମକି ସେକାଲ ଇଆନା ।

ସାତ ବାଇ ଇଞ୍ଜଆଁବ ଡୁଙ୍ଗକି । ଗଟାଂଗାଂ ଆଉଚି ସେରେ କି ଅସୁର ଅସୁରାଣି ଆଁ କିବ କିଆଜ ଡେଣ୍ଡେକିଆ ଅଲଙ୍ଗ ଗାମ ଆପେ ସାବରଙ୍ଗ ତାଲ ସୁମୁସିଂତେ ଡାଂଜାପେ । ଆଞ୍ଜିତେ ମୁଇଁଣ୍ଡ ଗୁଟିଆ ଡିଂଜେଁପେ ସମଙ୍ଗରଂଞ୍ଜ ଡାଜାନକିଂ । ଅସୁର ଯେତେବେଳେ ଆଉଚିଆନାକି ଏରେବେଲା ଖଣ୍ଡିଆ ଅଲଙ୍ଗ ଅଟାର ଗୁଟିଆ ରେବ ଡେଜ । ଅସୁର ଅସୁରାଣି ଗଜକିଆ । ସାବରଂଙ୍ଗ ଅଳେ ଅନାକି ଆଉ ଇାଞ୍ଜାଆଁବ

ଡୁଡୁଁଙ୍ଗମାନାକି ମୁଇଁଣ୍ଟ ଗାଁରା ରାଜା ପରବାକିତେ ଆଖୁ ଆବ୍‌ଡେଜଂମାନା । ଅଲଙ୍ଗ ଗାମ ଡାଏ ଅନାପେ ଆଖୁ ଗାରେପେ । ଅନକିଜ ଆଖୁଗାରକି । ଏରେବେଲା ପରଯାରକି ଲେଲେଜାନାକି । ଅଲଙ୍ଗ୍ ଜିଂଙ୍ଗ ବିରି ଗାମକି ବାଇ ଗାମକି ବଡେ ଜୁର ଲେଲେ ଜାନ୍‌କି । ଅଲଙ୍ଗ ରଗ୍‌ମେସାର ଗୁଟିଆ କନ୍‌ଣ୍ଡେ ସବାନ୍‌ଜ ଅନ । ଆଡି ଡେଜ ବଲତେ ପାଟି କିବକି ଆପି ଆଖୁ ଏଡେବ୍‌ଡେଲେ । ଅଲଙ୍ଗ ଗାମ୍ ସାଉମ୍, ଡେନକି ଜୟକିଜୁ କେହି ଜେନା । ଅଚତା ହାତୀ ଅରେନକି ଆଖୁବାଲିଆ ମାଡାଅକି । ଏରେବେଲା ହାତୀଆ ମତେଜ୍‌ଡା ଅଲଙ୍ଗ୍ ଅର୍ଚାରଡେ ଡୁଇରାନା । ହାତୀ ଉଲୁଣ୍ଡିଆନା । କେହିମାଲେ ବୁଲୁର୍ ଆରିମାନାକି । ଅଚତା ରାଜା ସାତ ବାଇରି କିତେ ଡାକେ ଅକି । ସାତ ବାଇ ଗାମକି ଆଡିମନା; ଅତଲା ଆଖୁ ନେଗାରାନତ କେଇ ଆମା ଇଡିଂଜ । ରାଜାଗାମ ଆଞ୍ଜି ସାତଗଟା କଞ୍ଚେଲାନିକି ଆସିକେକି ଆରକିତେ କାନିଆଁ ଡିଂଜେପେ । ସାତବାଇ ଅନକି । ହାତୀର ଇଣିର ମତେଜଡ ଆଲାଣ୍ଡେଅକି ଅଲଙ୍ଗ ଆଟାର ଆରିଆନା । ହାତୀ ବୁଲୁରାନା । ସାତ ବଣି କିତେ ସାତ ବାଇ ବାହା ଇଆନାକି ।

## ଓଡ଼ିଆ ଅନୁବାଦ

ଶିଆଳ ଏବଂ ଠେକୁଆ ଦୁଇ ବନ୍ଧୁ ଥିଲେ । ସେମାନେ ସବୁଦିନ ବୁଲିଲେ । ଦିନେ ବିଚାର କଲେ ଯେ ଭୋଜି କରିବା । ଶିଆଳ କହିଲା ମୁଁ କୁକୁଡା ଆଣିବି । ଠେକୁଆ କହିଲା ମୁଁ ଚାଉଳ ଆଣିବି । ଠେକୁଆ ଗଲା ଚାଉଳ ମାଗି ମାଗି ଆଣିଲା । ଶିଆଳ କୁକୁଡାଟିଏ ଗୋଟିଏ ପ୍ରଧାନ ଘରୁ ଆଣି ଆସିଲା । ଠେକୁଆ ପୁଣି ହାଣ୍ଡି ପାଇଁ ଗଲା । ଭାତ ମାଂସ ରୋଷେଇ କଲେ । ଶିଆଳ ଚତୁର ଥିଲା । କହିଲା ବନ୍ଧୁ ଦିଅ ଖୁଣ୍ଟରେ ବନ୍ଧା ବନ୍ଧି ହେବା । ଏହା କି ଶିଆଳ ଠେକୁଆକୁ ଖୁଣ୍ଟରେ ବାନ୍ଧି ଦେଲା । ସଙ୍ଗେ ସଙ୍ଗେ ଯାଇ ଶିଆଳ ମାଂସ ଖାଇବାର ଲାଗିଲା । ଠେକୁଆ ସଙ୍ଗେ ସଙ୍ଗେ ଫିଟେଇ ଦେଲା ଏବଂ ଶିଆଳକୁ ସଙ୍ଗେ ସଙ୍ଗେ ବାନ୍ଧି ଦେଲା । ଠେକୁଆ ସବୁ ମାଂସ ଖାଇଦେଲା । ଶିଆଳ କହିଲା ସାଙ୍ଗ ସବୁ ଖାଇବ ନାହିଁ । ମୋ ପାଇଁ ଟିକେ ହେଲେ ରଖିବ । ତାପରେ ଦୌଡି ପଳାଇଲା । ଯାଉ ଯାଉ ଗୋଟିଏ ବାଲି ଗଦାରେ ବସିଲା । ଆଉ ବାଲି ଖାଇବାରେ ଲାଗିଲା । ଶିଅଳ ଫିଟି ଠେକୁଆ ପାଖକୁ ଗଲା । ଶିଆଳ ଦେଖିଲା ଯେ ଠେକୁଆ ବାଲି ଗଦାରେ ବସି ବାଲି ଖାଉଛି । ସେ ତା ପାଖକୁ ଗଲା ଏବଂ କହିଲା ସାଙ୍ଗ ବାଲିଗୁଡିକ କେମିତି ଖାଆନ୍ତି । ଗୁହ ମୋର ଚାକିରି ଉଡେଇ ଦେବ । ମୁଁ ରାଜା ପାଖକୁ ଯାଇସାରେ । ଠେକୁଆ ଯାଇ ଗୋଟିଏ ଲଙ୍କା ବାଡିରେ ପଶି

ଲଙ୍କା ଖାଉଛି । ଶିଆଳ ଯାଇ ଦେଖିଲା ଠେକୁଆ ଲଙ୍କା ଖାଉଛି । ଶିଆଳ କହିଲା ବନ୍ଧୁ ଲଙ୍କା କେମିତି ଖାଉଛନ୍ତି । ଠେକୁଆ କହିଲା ରୁହ ସାଙ୍ଗ ହୋଇ ଚାକିରି ବୁଡେଇ ଦେବା । ମୁଁ ରାଜା ପାଖକୁ ଯାଇସାରେ । ଏହା ଲଙ୍କା ପଥରରେ ବାଟି ଆଖିରେ ଦେଇ ଘସିବୁ । ସେମିତି ଶିଆଳ କଲା । ତାପରେ ଦେଖ ଶିଆଳର ମଜା । ଠେକୁଆ ଦୌଡି ପଳାଇଲା । ଶିଆଳ ଠେକୁଆକୁ କହିଲା ରହ । ଯେଉଁଠି ପାଇବି ସେଇଠି ଖାଇବି । ଯାଉ ଯାଉ ଗୋଟିଏ ବୁଦା ତଳେ ଠେକୁଆକୁ ପାଇଲା ଏବଂ ଖାଇବାକୁ କହିଲା । ଠେକୁଆ କହିଲା ସାଙ୍ଗ ସବୁ ଖାଇବ, ହେଲେ ମୋର ଲାଞ୍ଜଟା ଟିକେ ରଖିଥିବ । ଶିଆଳ ସବୁ ଖାଇଦେଲା । ତାର ଲାଞ୍ଜଟିକୁ ଗୋଟିଏ ଖୁଣ୍ଟରେ ରଖିଦେଲା ।

ଦିନେ ସାତଭାଇ କାମ କରିବା ପାଇଁ ଯାଉଥିଲେ । ଠେକୁଆ ଲାଞ୍ଜଟି କହିଲା ମୋତେ ଟିକିଏ ନିଅ, ମୁଁ ତୁମର ଉପକାରରେ ଲାଗିବି । ସାତଭାଇ ସଙ୍ଗେ ସଙ୍ଗେ ଠେକୁଆ ଲାଞ୍ଜଟିକୁ ନେଇଗଲେ । ଘରେ ପହଞ୍ଚିପାରିଲେ ନାହିଁ । ବାଟରେ ଅନ୍ଧାର ହୋଇଗଲା । ଯେଉଁଠି ସାତ ଭଉଣୀ ଥିଲେ ସେଠାରେ ରହିଲେ । ସାତ ଭଉଣୀଙ୍କର ବାପା ମାଆ ଅସୁର ଅସୁରୁଣୀ ଥିଲେ । ସେମାନଙ୍କୁ ଖାଇବା ପାଇଁ ସ୍ଥିର କଲେ । ରାତି ହେଲା । ଖାଇବା ପାଇଁ ଗଲେ । ସେତେବେଳେ ଠେକୁଆ ଲାଞ୍ଜ କହିଲା ତୁମେ ସମସ୍ତେ ଲୁଗି ଛାଡିଦିଅ । କଛାମାର ବୋଲି ସେମାନଙ୍କୁ କହିଲା । ସେମାନେ ସେପରି କଲେ । ଅସୁର ଅସୁରଣୀ ନିଜ ଝିଅଙ୍କୁ ଖାଇଦେଲେ । ସକାଳ ହେଲା । ସାତଭାଇ ଘରକୁ ଫେରୁଛନ୍ତି । ବାଟରେ ଦେଖିଲେ ଅସୁର ଅସୁରୁଣୀ ଆଁ କରି ଆସୁଛନ୍ତି । ଠେକୁଆ ଲାଞ୍ଜ କହିଲା, ତୁମେ ସମସ୍ତେ ତାଳ ଗଛ ଉପରକୁ ଚଢିଯାଅ । ମୋତେ ଗୋଟିଏ କୁରାଢୀ ଦିଅ । ସମସ୍ତେ ଗଛ ଉପରକୁ ଚଢିଗଲେ । ଅସୁର ଅସୁରୁଣୀ ଯେତେବେଳେ ପହଞ୍ଚିଲେ ସେତେବେଳେ ଖଣ୍ଡିଆ ଲାଞ୍ଜ ସେମାନଙ୍କୁ ହାଣିଦେଲା । ଅସୁର ଅସୁରୁଣୀ ମରିଗଲେ । ସମସ୍ତେ ଗଛରୁ ଓହ୍ଲାଇ ଆସିଲେ । ନିଜ ଘରକୁ ଫେରିବା ସମୟରେ ବାଟରେ ଦେଖିଲେ ଗୋଟିଏ ଗାଁରେ ରାଜା ପ୍ରଜାମାନଙ୍କୁ ଆଖୁ ହଣା କରାଉଥିଲେ । ଠେକୁଆ ଲାଞ୍ଜ କହିଲା, ଯାଅ । ଆଖୁ ମାଗ । ସେମାତେ ଯାଇ ଆଖୁ ମାଗିଲେ । ସେତେବେଳେ ପ୍ରଜାମାନେ ରାଗିଲେ । ଠେକୁଆ ଲାଞ୍ଜ ପଚାରିଲା କ'ଣ ହେଲା ? ସାତଭାଇ କହିଲେ ବଡ ଜୋରରେ ରାଗିଲେ । ଠେକୁଆ ଲାଞ୍ଜ ରାଗ ହୋଇ କୁରାଢୀ ଧରିଗଲା । ଆଖୁ କାଟିଲାବେଳେ ପ୍ରଜାମାନେ ପାଟି କଲେ, କିଏ ଆଖୁ କାଟୁଛି । ଠେକୁଆ ଲାଞ୍ଜ କହିଲା, ତୋର ସ୍ୱାମୀ । ଆସି ଦେଖିଲେ କେହିନାହିଁ । ପରେ ହାତୀ ଆଣି ଆଖୁ ବାଲିରେ ମଡେଇ ଦେଲେ । କେହି ମଧ

ଉଠେଇ ପାରିଲେ ନାହିଁ । ପରେ ରାଜା ସାତଭାଇ ମାନଙ୍କୁ ଡାକିଲେ । ସାତଭାଇ କହିଲେ କିଏ ଯିବ ? ସେତେବେଳେ ଆଖୁ ମାଗୁଥିଲୁ ତ କେହି ଦେଲନାହିଁ । ରାଜା କହିଲେ ମୋର ସାତ ଝିଅ ଅଛନ୍ତି । ସେମାନଙ୍କୁ ଦେବି । ସାତଭାଇ ଗଲେ । ହାତୀର ନାକରରେ ଘସିଦେଲେ । ଠେକୁଆ ଲାଞ୍ଜ ବାହାରିଲା । ହାତୀ ଉଠି ପଡିଲା । ସାତ ଭଉଣୀଙ୍କୁ ସାତଭାଇ ବାହାହେଲେ ।

## (୧୬)

ମୁଇଣ୍ଡ କାରଙ୍ଗ ଜାଲୁଆ । କାରଙ୍ଗ ସବାନ୍‌ଜ ଆର ବଞ୍ଚେକେ । ଦିନମିଂଜ କାରଙ୍ଗ ଅଡଗ ଆରିମାନା । ଏରେ ଦିନରା ମୁଇଣ୍ଡ ଶିଶି ଡଗାନା । ଏନେ ବତଲରେତେ କାରଙ୍ଗ ଜାଲୁଆ ଆଦାବଅରେନଜ ବତଲରା କାନାକରଡ ଏପ୍‌ଟାଅ । ଏରେ ବତଲରାତା ମୁଇଣ୍ଡ ଅସୁର ଆରିଆନା । ବିରି କିମିବେ କାରଙ୍ଗ ଜାଲୁଆ । ଅଚତା କାରଙ୍ଗ ଜାଲୁଆ ବୁଦିର ବଲେଅ । କାରଙ୍ଗ ଜାଲୁଆ ଗାମ ଆମ ଆଞ୍ଚାତେ ମିଜିମ୍ ଆମ୍ କୁଟିଜ୍ ରହେନା ମିଜିମ୍‌ତ ଏତେ ଗନିଆ ଆଞ୍ଚ ଆମ୍‌ତେ ମୁଇଣ୍ଡ ପଶ୍ନ ଦିଙ୍ଗମ୍ ଠିକ ମିକିବେ, ଅଚତା ମିଜିମିଂ । ଆମତ କୁବାର ଅସୁର ଆମ୍ ସୁଣିଂଣ୍ଡ ଇନି ଏଣ୍ଡେଜ ବତଲରାତେ ମିଡୁଇ ସେରାନ୍ । ଡେର ମେର୍କତା ଡୁଇନା ଆଞ୍ଚ୍ କୁଟିଜ୍ ଜଏକମ୍ । ଅସୁର ବକା ବତଲରାତେ ପୁଣି ଡୁଇରାନା । ଆଲିଂତା ମାର ମାର ବତଲାଆ କାନାକର୍ରଡ ବନ୍ଧ କିବ । ଅସୁର ଆର ଆରି ଆରିମାନା । କାରଙ୍ଗ ଜାଲୁଆ ଶିଶିରେତେ ପୁଣି ଡ଼ାଗ୍‌ଗା ତମ୍ । ଇଞ୍ଚାଆବ ଡୁଂଙ୍ଗ ।

## ଓଡ଼ିଆ ଅନୁବାଦ

ଗୋଟିଏ ମାଛ ଜାଲୁଆ ଥିଲା । ମାଛ ଧରିଲେ ସେ ବଞ୍ଚେ । ଦିନେ ତାର ଜାଲରେ ମାଛ ଲାଗିଲେ ନାହିଁ । ସେହିଦିନ ଗୋଟିଏ ବଡ ବୋତଲ ଲାଗିଥିଲା । ସେହି ବୋତଲଟି କେଉଟ ପଦାକୁ ବାହାର କଲା । ବାହାର କରି ତାର ଠିପିଟି ଖୋଲିଦେଲା । ସେହି ବୋତଲରୁ ଗୋଟିଏ ବିରାଟ ଅସୁର ବାହାରିଲା । କଣ କରିବ ? କେଉଟର ବୁଦ୍ଧି ହଜିଗଲା । କିଛି ସମୟ ପରେ କେଉଟର ବୁଦ୍ଧି ପଶିଲା । କେଉଟ କହିଲା ତୁ ମୋତେ ଖାଇବୁ ତ ଟିକିଏ ରହ । କାହିଁକି ଏତେ ଛାନିଆଁ ହେଉଛୁ । ମୁଁ ତୋତେ ଗୋଟିଏ ପ୍ରଶ୍ନ କରିବି । ତୁ ତାର ଠିକ୍ ଉତ୍ତର କଲେ ମୋତେ ଖାଇବୁ । କେଉଟ ପଚାରିଲା ତୁ ତ ଏତେ ବଡ ଅସୁର । ତୁ କେମିତି ଏ

ଛୋଟ ବୋତଲରେ ପଶିଥିଲୁ । ଆଉଥରେ ପଶିଲୁ ମୁଁ ଟିକିଏ ଦେଖିବି । ବୋକା ଅସୁର ବୋତଲରେ ପୁଣି ଥରେ ପଶିଗଲା । କେଉଟ ସଙ୍ଗେ ସଙ୍ଗେ ବୋତଲର ଠିପି ବନ୍ଦ କରିଦେଲା । ଅସୁର ଆଉ ବାହାରି ପାରିଲା ନାହିଁ । କେଉଟ ପୁଣି ବୋତଲଟିକୁ ପାଣିକୁ ଫୋପାଡି ଦେଲା ।

## (୧୭)

ରାଜା କନନ ଆଉ ମନ୍ତ୍ରୀ କନନ ଦି ସେକାମ । ଆରକିଆ ଦିନି ଆରିଦି କିବଡେକିଆ । ଦିନମିଂ କିଛି ସୁରିକା କନ୍ତେର୍ ଆଅବଗଜାନ୍‌କିଆ । ରାଜା ଇଞ୍ଜଆଁ ରାତେ ଚେଆଙ୍‌ତେର୍ କନ୍ତେର୍ ଅମ୍ଭାଟ ବାସା କିବାଣ କିଆଜ ରଏ ସେରାନ୍ କିଆ । ରାଜା କନଣ୍ଡ ଗାମ ଇନିଂଜା ଇଞ୍ଜଆଁ କନ୍ତେର୍ ଡେ କିଆତେ କୁ ବାଜିଂମେ । ଅନକିଆଜ ସାଙ୍ଗେ ସଙ୍ଗେ ଦିମକିଆ । ରାଜା କଂଙ୍ଗ । ଆରକିଆ ବାନଲଂତେ ରାଜା ଇଞ୍ଜଆଁ ତା ଡିନ । ରାଜା କନନ ସୁଗାଇ ପଇସା ସବାନ୍ ଆଉ ମନ୍ତ୍ରୀ କନନ ଅଲପ ପଇସା ସବାନ । ସେକାମ ଇଆନ କିଆଜ ଡୁଂଙ୍ଗ କିଆ । ଅଲପ ଲାଙ୍କା ଅନକିଆଜ ରାଜା କନଣ୍ଡ ଗାମ ସେକାମ ଆଡି ଆମା । କୁବା ପଇସାରି ବୁଦ୍ଧି । ମନ୍ତ୍ରୀ କନନ ଗାମ ବୁଦ୍ଧି ଆଉ ରାଜା କନନ ଗାମ ପଇସା । ମନ୍ତ୍ରୀ କନନ ଗାମ ଆମା ପଇସା କୁଦା ଆଞ୍ଜ ବୁଦ୍ଧି କୁଦା ଏକଲଂ ଅଲଗା ବାଇନା । ବାନଲଂ ଅଲଗା ଇଆନା କିଆଜ ଡୁଙ୍ଗ କିଆ । ରାଜା କନଣ୍ଡା ପଇସା ଜେଲାଅ । ମନ୍ତ୍ରୀ କନନ ମଇଣ୍ଟ ଇସ୍କୁଲିଆ ପଡାଅ । ରାଜା କନଣ୍ଡ ବିରି କିମିବେ ବୁଜି ଆରିମାନା । ଆର ଗାଁଅ ଆ ଅନଜ ଗାମ ଆଡି ବଗାଲିଆ ଇଉନା । ମିନକ ମାଲିକ ଗାମ ଆଞ୍ଜ୍ ଉନା । ଇଞ୍ଜଆଁରବ ଅନ । ମାଲିକ ଗାମ ସାବରଙ୍ଗ କମ ମେକମନା ଆଉ ଉରୁଡା ବଲତେ ମୁଇଣ୍ଟ ଅଲାଗତେ ତଣ ମୁରେ ମେରଏନା ନାଲେ କିନମମତା ଚାଲିଥାଏ । ରାଜାପୁଅ ଅଏଗାମ । ସାବରଙ୍ଗ କମ କମଆନା । ତଣ ଭରୁଡା ସମରେ ଅଲାଗ୍ ଅରେନା ଡାଏ ଗାମକି । ଏରେବେଲା ତିନ୍ତିଣି ଅଲାଗ ଅରେଡେ । କିତିଆଉ କମମନା । ତିରିତିରି ବସର ଗାମ ଆଉରସ ଆମାରିମତେ ଜେନା କିନବ ସେଜ ଆଉ ଏରା ବିଲୁ ଅବ୍‌ଲଗ । ରାଜା କନନଣ୍ଡ ଡୁଂଙ୍ଗ୍ ଡେନଜ ଜଲାର ଆସିଆନା ଏରାତେ ଆଉ ଚିଆନା । ରାଜା କନଣ୍ଡ ତାମାନ୍ ଆରିମାନା । କିନ୍ତୁ ମନ୍ତ୍ରୀଆ କନନ ତାମାନ । ଅଚତା ଗାମ ସେକାମ । ଆମ ମେଃଡେନ୍ ଚେରେ । ରାଜା କନଣ୍ଡ ଗାମ ଅୟେ ଆଞ୍ଜ ଡେନଚେରେ । ବିତେ ଆମ ପାଚଲା ମେଡ଼ାନ୍ ଚେରେ । ଆଞ୍ଜ ମୁଇଣ୍ଟ ମାଲିକ ଇଞ୍ଜଆଁରାତେ ବଗାଲିଆ ରଏସେରାନ୍ । ଏରାତେ କମ

ଆମାରିମାନ ଏତେ ଆଞ୍ଜ୍ । କିନନମିଂଜାଛାଲ ସେଜଜ ଏରାତେ ବିଲୁଙ୍ଗ୍ ଅବଲଗଜ ପିଜ । ଜଲାର ଗାମ ଆମ ଏନାନ୍ତେ ରଏନା ଆଞ୍ଜ ଅଣ୍ଡେ । ମନ୍ତ୍ରୀ କନନ ବୁଦ୍ଧିଆ ଅନଅନ ଆଉ ଟିଆନା ମାଲିକ ଇଞ୍ଜିଆରା । ଗାମ ବଗାଲିଆ ଆଡି ମୁନ୍‌ନା । ଏରେ ମାଲିକରେ ଗାମ ଆଞ୍ଚଉନା । ଏରା ମନ୍ତ୍ରୀ କନନ ରଏଅନା ମାଲିକ କମ ଗାତାଅ ଡାଏ ବୁଦା ଡେଡେଜ୍ । ମନ୍ତ୍ରୀ କନଣ୍ଡ ଅନଦ ମେରମ୍ ବୁଦା ଡେଡେଜ । କିଆରିରେ ଇନି ମୁଣ୍ଡ ତାସୁନ୍ ଆର ମୁଣ୍ଡ ସିଏ । ମନ୍ତ୍ରୀ କନନ ଇନି ମୁଣ୍ଡ ତାସୁନ ଆର ମୁଣ୍ଡ ସିଅ । ମାଲିକ ଯଜ ରଗର ଇରେ । ପୁଣି ଗାମ୍ ବିଲଆ ବାଟିମିଂ ତେଂଞ୍ଜେଁ । ମନ୍ତ୍ରୀ କନନ ଅନଜ ବାଟି ମୁଇଣ୍ଟ କୁଲିବଜ ତେଂଞ୍ଜ । ତଣ ଉରୁଡା ସମରେ ଅଲାଗ୍ ଅରେନା ଗାମ୍‌କେକି ବଲତେ । କଦିଲ ଅଲାଗ ଅରେ ନ୍‌ଣ୍ଡେ । ଅଚତା ମାଲିକ ଗାମ ଆମ୍‌ତେ ଆଞ୍ଜ୍ ଉନୁନ୍ ରିମଡ଼େ ଜେନା । ଆମ ଡୁଂଡାଏ । ମନ୍ତ୍ରି କନନ ଗାମ ଆମା କିନମମା ଚାଲ ସେଜେ । ଚାଲ ସେଜବିରିଏରା ବିଲୁଙ୍ଗ୍ ଅବ୍‌ଲଗ । ଏରେ ଘଲରେ ଅରେନଣ ରାଜା କନଣ୍ଡା କିନବଡା ଲଗାଅ । ରାଜା କିନବଡ ଡିଅଇଆନା । ଏରେ ତାସୁନ୍ ହିଁ ଜଲା ଇଞ୍ଜାଆଁବ ପେରେଅକିଆ ।

## ଓଡ଼ିଆ ଅନୁବାଦ

ରାଜାପୁଅ ଏବଂ ମନ୍ତ୍ରୀପୁଅ ଦୁଇ ବନ୍ଧୁ । ସେମାନେ ସବୁଦିନ ଶିକାର କରନ୍ତି । ଦିନେ କିଛି ହେଲେ ବି ଚଢେଇ ମାରିପାରିଲେ ନାହିଁ । ରାଜାଘରେ ଦୁଇଟି ଚଢେଇ ବାସ କରି ରହିଥିଲେ । ଦୁଇ ବନ୍ଧୁ କଥାହେଲେ ଚାଲ ଆମ ଘରେ ଥିବା ଦୁଇଟି ଚଢେଇଙ୍କୁ ଶିକାର କରିବା । ଏକଥା ଚିନ୍ତା କରି ସଙ୍ଗେ ସଙ୍ଗେ ଆସି ଘରେ ଚଢେଇ ଦୁଇଟିକୁ ମାରିଦେଲେ । ରାଜା ଏକଥା ଜାଣିପାରିଲେ । ସେମାନଙ୍କୁ ରାଜା ନିଜ ରାଜ୍ୟରୁ ତଡିଦେଲେ । ରାଜାପୁଅ ଅଧିକ ଟଙ୍କା ଧରିଲା । ମନ୍ତ୍ରୀ ପୁଅ କମ୍ ଟଙ୍କା ଧରି ଚାଲିଲା । କିଛି ଦୂର ଗଲାପରେ ରାଜାପୁଅ ପଚାରିଲେ ସଙ୍ଗାତ କିଏ ତୁମର ବଡ ଟଙ୍କା ବା ବୁଦ୍ଧି । ମନ୍ତ୍ରୀପୁଅ କହିଲା ମୋର ବୁଦ୍ଧି ବଡ । କିନ୍ତୁ ରାଜାପୁଅ କହିଲା ମୋର ଟଙ୍କା ବଡ । ମନ୍ତ୍ରୀ ପୁଅ କହିଲା ତୁମର ଟଙ୍କା ବଡ, ମୋର ବୁଦ୍ଧି ବଡ । ବର୍ତ୍ତମାନ ଚାଲ ଦୁଇଜଣ ଅଲଗା ହୋଇଯିବା । ଦୁଇଜଣ ଅଲଗା ଅଲଗା ହୋଇ ପଳେଇଲେ । ରାଜାପୁଅର ପଇସା ସରିଗଲା । ମନ୍ତ୍ରୀପୁଅ ଗୋଟିଏ ସ୍କୁଲରେ ପଢାଇଲେ । ରରାଜାପୁଅ କଣ କରିବ କିଛି ବୁଝିପାରିଲା ନାହିଁ । ସେ ଗାଁକୁ ଯାଇ କହିଲା କିଏ ବଗାଳିଆ ରଖିବ । ଜଣେ ମାଲିକ କହିଲା ମୁଁ ରଖିବି । ତାଙ୍କ ଘରକୁ ଗଲା । ମାଲିକ କହିଲା

ସମସ୍ତ କାମ କରିବୁ ଆଉ ଖାଇଲାବେଳେ ଗୋଟିଏ ପତ୍ରରେ ଭାତ ଖାଇବୁ । ରହିବୁ ବାକି ନ ହେଲେ ତୋର ପିଠି ଛାଲେଇ ଦେବି । ରାଜାପୁଅ ହଁ କଲା । ସମସ୍ତ କାମ କଲା । ଭାତ ଖାଇଲାବେଳେ ପତ୍ର ଆଣିବା ପାଇଁ କହନ୍ତି । ସେତେବେଳେ ତେନ୍ତୁଳି ପତ୍ର ଆଣେ । କେତେ ଆଉ କାମକରିବ । ଧୀରେ ଧୀରେ ଶୁଖିଲା । ପରେ ମୁଁ ପାରିବି ନାହିଁ ବୋଲି କହିଲା । ମାଲିକ ସଙ୍ଗେ ସଙ୍ଗେ ପିଠିରୁ କାଟିଦେଲା ଏବଂ ସେଠାରେ ଲୁଣ ପକାଇ ଦେଲା । ରାଜାପୁଅ ପଳାଇ ଆସୁଥିଲା । ତାର ସଙ୍ଗାତ ଯେଉଁଠି ଥିଲା ସେଠାରେ ଆସି ପହଞ୍ଚିଲା । ରାଜାପୁଅ ତା ସଙ୍ଗାତକୁ ଚିହ୍ନିପାରିଲା ନାହିଁ । କିନ୍ତୁ ମନ୍ତ୍ରୀପୁଅ ରାଜାପୁଅକୁ ଚିହ୍ନି ପାରିଲା । ପରେ କହିଲା ସଙ୍ଗାତ ତୁମେ ଆସିଛ । ରାଜାପୁଅ କହିଲା ହଁ ମୁଁ ଆସିଛି । ମନ୍ତ୍ରୀପୁଅ କହିଲା, ମୁଁ ଗୋଟିଏ ମାଲିକ ଘରେ ବଗାଲିଆ ରହିଥିଲି । ସେଠାରେ କାମ କରିପାରିଲି ନାହିଁ । ସେଥିପାଇଁ ମୋ ପିଠି ଛାଲେଇ ଦେଇ ଏଠାରେ ଥାଅ, ମୁଁ ସେଠାକୁ ଯାଉଛି । ମନ୍ତ୍ରୀପୁଅ ତ ବୁଦ୍ଧିଆ । ଯାଇ ମାଲିକ ଘରେ ପହଞ୍ଚିଲା । କହିଲା ବଗାଲିଆ ରଖିବ । ମାଲିକ ହଁ କଲା । ସେଠାରେ ମନ୍ତ୍ରୀପୁଅ ବଗାଲିଆ ଭାବରେ ରହିଲା । ମାଲିକ କାମ ବତାଇଲେ । ଯାରେ ବୁଦା ଗୁଡ଼ିକୁ କାଟିବୁ । ମନ୍ତ୍ରୀପୁଅ ଯାଇ ଛେଳିବୁଦାକୁ କାଟିଲା । କିଆରିରେ ଏମୁଣ୍ଡରୁ ସେ ମୁଣ୍ଡ ତସିବୁ । ମନ୍ତ୍ରୀପୁଅ ଏ ମୁଣ୍ଡରୁ ସେ ମୁଣ୍ଡ ପର୍ଯ୍ୟନ୍ତ ଗାର ଟାଣିଲାପରି ତସିଲା । ପୁଣି କହିଲା ବିଲରେ ମାଣେ ବାଛିବୁ ଯାଆ । ମନ୍ତ୍ରୀ ପୁଅ ଯାଇ ଗୋଟିଏ ମାଣ ଡମ୍ଫେଇ ବାଛିଲା । ଭାତ ଖାଇଲାବେଳେ ପତ୍ର ଆଣିବୁ ଯାଆ କହିଲାବେଳେ କଦଳୀ ପତ୍ର ଆଣି ଆସେ । ମାଲିକ କହିଲା ତତେ ମୁଁ ରଖି ପାରିବି ନାହିଁ । ତୁ ପଳା ଯା । ମନ୍ତ୍ରୀପୁଅ କହିଲା ତୋର ପିଠିରୁ ଛାଲ କାଟିବି । ସେ ମାଲିକର ପିଠିରୁ ଛାଲ କାଟି ସେଠାରେ ଲୁଣ ପକାଇଦେଲା । ସେହି ଛାଲ ଆଣି ରାଜାପୁଅ ପିଠିରେ ଲଗାଇ ଦେଲା । ରାଜାପୁଅର ପିଠି ଭଲ ହୋଇଗଲା । ସେହିଦିନଠାରୁ ସେମାନେ ଘରକୁ ଫେରିଲେ ।

## (୧୮)

ମୁଇଣ୍ଟ ରାଇଜଆତେ ମିନକ୍ ରାଜା ଆସିଆନା । ଆରା ସାତଗଟା କୁଟୁମରକି । ଏରେ ରାଜା ଆଣ୍ଟୁକୁଳା । ମୁଇଣ୍ଟ ସୁରିକା କନନ ଆଉ କଞ୍ଛେଇଲାଣ୍ଡକି ଜତେ । ଏରେ ଗାଆଁରାତେ ଆସିଆନା ମୁଇଣ୍ଟ ବାମଣ । ଆର ରୁଂକୁବ ଗାରଗାରାନଜ ଚଲେକେ । ଦିନମିଂଜ ରାଜା ଆବୁଡରେ ବାମଣ ଅଳଗାନା । ବାମଣ ଗାମ ଚିସଲା ମିସିଂ ଅଶୁବ ଇଆନା । ଆଣ୍ଟୁକୁଳା ରାଜା ଆଗିଲାରତା ଇଆନା । ରାଜା ଚଲେ ଆନନ୍ଦ ଇଞ୍ଜାଆଁବ

ଡେନ୍ । ଆରା ସାନ ବକର କିତେ ଗାତାଅ ବକରକି କିଛି ଆଗାମକି । ଅଚତା ରାଣୀ କିତେ ଗାମ ଆଞ୍ଜବରି ଗାଗାର୍ରତେ ଅଣ୍ଡେ । ସାତ ବରଷ ଇଆନଜ ଆଞ୍ଚେପେରେ ଯଦି ବର କୁଇନା ମାର ମାର ଡେନା । ଯଦି ସାତ ବରଷ ତାକୁରି ପାର ଇଆନା ତାଲେ ଆପେ ବିଧବା ଏସାଜେନା । ଏରେ ଗାମଜ ରାଜା ଆରିଆନା । ସାତ ରାଣୀ । ମିନକ ରାଣୀ କୁଟିଙ୍ ଲାଙ୍କା ରଏ ସେରେ ଆଉ ଚଅ ଜଣତା ଇକୁଡିଆ ରଏ ସେରେକି । ଯିଏ ଲାଙ୍କା ଇଏସେରେ ଆର ସାନରାଣୀ, ଆର ଗଲା ଆତୀ ଜଉତୁକ ଅରେନଚେରେ । ରାଜା ଡାଇଙ୍ଗ ଡାଇଙ୍ଗ ଆଏତଆନା । ଆଉ ଏଜଲାଙ୍ଗାନ୍ । କିତି ଡାମାଇଙ୍ଗେ । ଡାଇଙ୍ଗ ଡାଇଙ୍ଗ ମୁଇଣ୍ଡ ବଣଆ ଆଉ ଚିଆନା । ଏରା ଅଲେ ବିଲିମ୍ ସେକେ ଜରଣା କୁଳ । ଏରା ଆଣ୍ଟୁକୁଳା ରାଜା ଉକଆନା । ବହୁତ ତିଲାଜାନ୍ ଅଚତା ତିଲାଜ ସଏ ଆରିମାନା. ଆର ତଙନାନଜ ଅଲେ ଜିମ୍ ଜିମ୍ ତେ ଅଲେତୁଲିବ ଅନ । ଅଲେ ସୁମୁସିଙ୍ ଗାମ ଆମ ଅଲେ ଏଗଟା ଗଗେ । ଇନି ଏଗଟା ଅଲେରେକି ଇକୁଡିଆ ମେମେ ସାଏ ବିରି  ଇରିରେ ଆଉ ସାବରଙ୍ଗ ରାଣି ରେକିତେ ସମାନ୍ ସମାନ୍ ମେତାତାଜେ । କେହି ଅନିଷ୍ଟ ଇକିବର । ଯଦି ଇକିବେ ତାଲେ ଇଁଜାମ ଲାଟାଗ କନନ ମିନାକି । ରାଜା ଏଗଟା ଅଲେ ଗଗାନ୍ । ଆଉ ରାଣୀ କିତେ ଗାତାଅ । ଯେମିତି ଅଲେ ସୁମୁସିଙ୍ଗ୍ ଗାତାଏ ସେର । ଏରେ ଛଅଜଣ ରାଣୀ ଆଟା ସରତେ ରିରାନ୍ କିଜ ଜିମମକି । ଆଉ ମିନକତା ରାଣୀତେ ଆଡିଂଜକି । ରାଣୀ ସାନ ସେକାଲା ଡେନ । ଏରେ ଅଲେ ଚପାରକି ଆର କୁଳାୟାନଦ ଜିମ୍ । ଅଚତା ଆର ଯୁଟି ରଏରେ ଏରେ ଉଆଁସବତୁଂଙ୍ଗ । ପାଞ୍ଚ ଚଅ ମାସ ଇଆନା ଚଅଜଣ ସାରା ରାଣୀ ଇଂଜାଁମ୍ ଲଟାଗ କନନ୍ ଜନମ କିବକି । ବିତେନ ଆରକି ଚଅ ଜଣ ଜିମଖବକି । ଆଉ ମିନତା ରାଣୀତେ ଆଡିଂଜଂକି । ରାଜା କାଲି କୁସି । କାମ୍ବୁଲକ୍ ଜନମ ଇଆନ୍‌କେ ସୁନା ଗଣ୍ଡ ପେଟେ ଆଉ ଯୁଆଙ୍ଗଡାଏ ଜନମ ଇୟାନ୍ ରୂପା ଗଣ ପେଟେ ଗାମ । ଏଲେ ସାବରଙ୍ଗ କାମ୍ବୁଲକ୍ କନନ । ରାଜା ସୁନା ଗଣ୍ଡ ପେଟେଅ । ଏଲ ସାବରଂଙ୍ଗ ଇଁଜାମ୍ ତୁଳା ସାମାନି ବାହାରିଆ ଇଣିରାକା ଆଡ଼ ଆଉ ଜେନା ।  ଅଚତା ରାଜା ଚିନ୍ତା କିବ । ଟିକ୍ ଦୁଇ ତିନିମାସ ଅଚତା ସାନରାଣୀଆ କାମ୍ବଲକ୍ କନନ ଜନମ ଇଆନା । ଏରେ କାମ୍ବୁଲ କନଣ୍ଡେତେ ମାର ମାର ଜରକାତା ଚିଅଗକି ଜରକାତା ଗଳା ଆସିଆନା । ଗଳାରେ କଂଜଗ । ରାଣୀଆ ସମୁରା ସୁଲବ ମୁଲୁସ କନନ ବନା ଅକିଜ ଅଏରକି । ବୁଇର ଏଲେ ଆକଙ୍ଗ । ବିତେନା ଆରା ଚେତା ଆରା ସିଆନା । ଚଅ ବୁଣିସାରା ଇଁସା । ସୁନା ଗଣ୍ଡ ବାଜାଅକି । ଏରେବେଲା ରାଜା ଡେନ୍ । ଜୟଜୁ ସୁଲବ ବମନାଏତା

ମୁଣୁଷ କନନ କିତିଦିନ ଇଆନା । ଗଳାର ଇତିବ୍ଡା ମୁଣୁଷ କନନଡେ କୁବାଆଅ । ଗଳା ଆଉ ଡାଇଙ୍ଗ୍ ଆରିମାନା ଲାଙ୍କାବ । ପରଜାକି ବିଚାରଆନାକି ଗଳା ଇତିବ୍ଡା ଜାଆ ଏଲେ ଆସିକେ । ଗଳାରେତେ ଇତିବଡ ସେଜତେ ମିନା । ଗଳା ଅଙ୍ଗ୍ । ସେକାଳ ଇ ସେରେନା ଗଳା ମାର ମାର ଉକାଳେଅ ମୁଲୁଷ କନଣ୍ଡେତେ । ହାତୀ ମାର ମାର ଜଂଜଗ । ସେକାଳା ଗଳାରା ଇତିବଡ ସେଜକି ଏଲେ କିଚି ଜତେ । ପୁଣି କିଚ ଦିନ ଅନ ହାତୀ ଆଉ ଡାଇଙ୍ଗ ଆରିମାନା । ଏରେତେ କିଲଙ୍ଗ୍ ସେସେଜତେ ଗାମ୍କି ସେକାଳ ଇତେ ଇତେ ହାତୀ କନଣ୍ଡେତେ ରାଣୀ ଆବର ଡିଂଜ୍ । ସେକାଳ ଇଆନା ହାତୀତେ କିଲଙ୍ଗ୍ ସେଜ୍କି । ଏରାଜଂଙ୍ଗ୍ କିଛି ଆକୁୟକି । ଏରେବେଲା ରାଜା ଏରେ ମୁଣୁଷ କନଣ୍ଡେତେ ଜୟ ଏବଗମାନ୍ ଗାମ ରାଣୀ ଇନି ମୁଣୁଷ କନନ୍ ଆଡିଆ ସାନ ରାଣୀ ସାବରଂଙ୍ଗ ଗାତା ଗାତାଏନିଂଜ । ଅଚତା ରାଜା କୁବା ଚଅଜଣ ରାଣୀକିତେ ଡାକେଅ ଗାମ୍ ଚଅଗଟା ଆଟାସର ଅରେନାପେ । ଇନି ଆଟାସରଡାତେ ଇଁଜାମ ଭୁଲା କନନ୍ ପେତେ ରିନାପେଜ ଜିମେପେ । ଚଅଜଣ ଜାକ ରାଣୀ ଜିମକି । ରାଜା ଗାମ ଇନିଏନାନ୍ତେ ମୁଇଁଣ୍ଡ କୁଅ ଲାଏପେ । ପରଜାରକି ମାର୍ ମାର୍ କୁଅଲାୟକି ଏରାତେ ଚଅଜଣ ରାଣୀରେ କିତେ ଟେଲେଅ । ଆଉ ସାନରାଣୀ ରେବ ରଏଆନା କିଆ ।

## ଓଡ଼ିଆ ଅନୁବାଦ

ଗୋଟିଏ ରାଜ୍ୟରେ ଜଣେ ରାଜା ଥିଲେ । ତାଙ୍କର ସାତୋଟି ରାଣୀ ଥିଲେ । ସେହି ରାଜା ନିସନ୍ତାନ ଥିଲେ । ସେହି ଗାଁରେ ଗୋଟିଏ ବ୍ରାହ୍ମଣ ଥିଲା । ସେ ଭିକ୍ଷା ମାଗି ମାଗି ଚଳେ । ଦିନେ ବ୍ରାହ୍ମଣ ରାଜାଙ୍କ ହାବୁଡରେ ପଡିଲା । ବ୍ରାହ୍ମଣ କହିଲା ଛି, ଶଳା ଆଜି ଅଶୁଭ ହେଲା । ଆଣ୍ଟୁକୁଡା ରାଜା ହାବୁଡରେ ପଡିଗଲି । ରାଜା ଏହାଶୁଣି ରାଗି କରି ଘରକୁ ଆସିଲେ । ତାଙ୍କ ସାନଭାଇମାନଙ୍କୁ ଏସବୁ କଥା କହିଲେ । କିନ୍ତୁ ସେମାନେ କିଛି କହିଲେ ନାହିଁ । ପରେ ରାଣୀମାନଙ୍କୁ କହିଲେ, ମୁଁ ତପସ୍ୟା କରିବାପାଇଁ ଯାଉଛି । ବରପ୍ରାପ୍ତ ହୋଇ ସାତବର୍ଷ ପରେ ଘରକୁ ଫେରିବି । ଯଦି ତପସ୍ୟାରେ ଶୀଘ୍ର ସଫଳତା ଲାଭ କରେ ତାହେଲେ ଶୀଘ୍ର ଫେରିଆସିବି । ଯଦି ସାତବର୍ଷରୁ ଉର୍ଦ୍ଧ୍ୱ ହୋଇଯାଏ, ତେବେ ତୁମେମାନେ ବିଧବା ହୋଇଯିବ । ଏହାକହି ରାଜା ବାହାରିଲେ । ସାତ ରାଣୀ । ଜଣେ ରାଣୀ ଟିକେ ଦୂରରେ ରହୁଥିଲେ । ଆଉ ଛଅଜଣ ଏକାଠି ଥିଲେ । ଯିଏ ଦୂରରେ ଥିଲେ ସିଏ ସାନରାଣୀ । ସେ ଘୋଡା ଏବଂ ହାତୀ ଯୌତୁକ ଆଣିଥିଲେ ।

ରାଜା ଚାଲି ଚାଲି ଥକି ପଡିଲେ । ତାଙ୍କୁ ଭୀଷଣ ଶୋଷ ହେଲା । କେତେ ଅବା ଚାଲିବେ । ଚାଲି ଚାଲି ଯାଇ ଗୋଟିଏ ବଣରେ ପହଞ୍ଚିଲେ । ସେହି ବଣ ମଧ୍ଯ ଦେଇ ଗୋଟିଏ ଝରଣା ବହିଯାଉଥାଏ ଏବଂ ବହୁତ ଆମ୍ବ ପାଚିଥାଏ । ସେଠାରେ ଆଣ୍ଠୁକୁଡା ରାଜା ବିଶ୍ରାମ ନେଲେ ।  ତାଙ୍କୁ ବହୁତ ଭୋକ ହେଉଥିଲା । ସେ ଭୋକ ସମ୍ଭାଳି ପାରିଲେ ନାହିଁ । ସେ ଆମ୍ବ ଖାଇବା ପାଇଁ ଆମ୍ବଗଛ ମୂଳକୁ ଗଲେ । ଆମ୍ବଗଛ କହିଲା, ଏ ରାଜା ତୁ ଆଣ୍ଠୁକୁଡା । ମୋତେ ଛୁଇଁ ପାରିବୁ ନାହିଁ । ରାଜା ନିଜର ସବୁ ଦୁଃଖ ଆମ୍ବଗଛକୁ କହିଲେ । ପରେ ଆମ୍ବଗଛ ରାଜାଙ୍କୁ ତିନୋଟି ଆମ୍ବ ଦେଇ କହିଲା, ଏ ତିନୋଟି ଆମ୍ବ ନେଇ ଏକାଠି ବାଟିଦେବ । ସମସ୍ତ ରାଣୀଙ୍କୁ ସମାନ ସମାନ ଭାଗ କରି ଖୁଆଇଦେବ । କେହି କିଛି ଅନିଷ୍ଟ କରିବ ନାହିଁ । ଯଦି କରିବ ତେବେ ରକ୍ତ ପିଣ୍ଡୁଳା ଛୁଆ ଜନ୍ମ ହେବ । ରାଜା ତିନୋଟି ଆମ୍ବ ନେଇ ରାଣୀମାନଙ୍କୁ ଦେଇ ଆମ୍ବ ଗଛ କହିଥିବା କଥା କହିଲେ ଓ ସେପରି କରି ଖାଇବାକୁ କହିଲେ । ଛଅରାଣୀ ଆମ୍ବଗୁଡିକୁ ଶିଳରେ ବାଟି ଖାଇଦେଲେ । କିନ୍ତୁ ସାନରାଣୀଙ୍କୁ ଦେଲେ ନାହିଁ । ସେ ରାଣୀ ସକାଳେ ଆସିଲା  । ସେ ଆମ୍ବ ଚୋପାଗୁଡିକ ଚୋବେଇକରି ଖାଇଦେଲା । ପରେ ସେ ଯେଉଁଠି ରହୁଥିଲା ସେଠାକୁ ଚାଲିଗଲା । ଛଅମାସ ବେଳକୁ ଛଅରାଣୀ ଛଅଟି ରକ୍ତପିଣ୍ଡୁଳା ଛୁଆ ଜନ୍ମ କଲେ । ସେମାନେ ଆମ୍ବଗଛର କଥାଅନୁସାରେ ଆମ୍ବ ବାଟି ଖାଇ ନଥିବାରୁ ରକ୍ତ ପିଣ୍ଡୁଳା ଜନ୍ମ ହେଲେ । ରାଜା ଭାରି ଖୁସି ହେଲେ । ପୁଅ ଜନ୍ମ ହେଲେ ସୁନା ଘଣ୍ଟା ଏବଂ ଝିଅ ଜନ୍ମ ହେଲେ ରୂପା ଘଣ୍ଟା ପିଟିବେ ବୋଲି ରାଜା କହିଥିଲେ । ସବୁ ପୁଅ ହୋଇଥିବାରୁ ରାଜା ସୁନାଘଣ୍ଟା ପିଟିଲେ । କିନ୍ତୁ ପରେ ଜାଣିଲେ ଯେ ସେମାନଙ୍କ ଦେହରେ ହାଡ ନାହିଁ । ସେମାନେ ସମସ୍ତେ ରକ୍ତ ପିଣ୍ଡୁଳା ପରି । ଏହାର ଠିକ୍ ଦୁଇ ତିନିମାସ ପରେ ସାନରାଣୀର ପୁଅ ଜନ୍ମ ହେଲା । ପୁଅ ଜନ୍ମ କରି ସାନରାଣୀ ବେହୋସ ଥିଲେ । ଏହି ସମୟରେ ଅନ୍ୟମାନେ ଛୋଟ ପିଲାଟିକୁ ଝରକାବାଟେ ବାହାରକୁ ଫିଙ୍ଗିଦେଲେ । ବାହାରେ ଘୋଡା ଥିଲା । ଘୋଡା ପିଲାଟିକୁ ଗିଳିଦେଲା  । ପିଲାଟିକୁ ଫିଙ୍ଗିଦେଇ ତା ପାଖରେ  ଗୋଟିଏ ସୋଲର ପୁଅ ରଖିଦେଲେ । ଏକଥା ତାର ମାଆ ଜାଣିପାରିଲା ନାହିଁ । ରାଜା ସୁନାଘଣ୍ଟା ବଜାଇଲେ । ଆସି ଦେଖିଲାବେଳକୁ ରାଣୀ ସୋଲର ଛୁଆଟିକୁ ଜନ୍ମ କରିଛି ।

ପିଲାଟି କିଛିଦିନ ଘୋଡା ପେଟରେ ବଢିବାକୁ ଲାଗିଲା । ଘୋଡା ଆଉ ବେଶି ଚଲାବୁଲା କରିପାରିଲା ନାହିଁ । ରାଜକର୍ମଚାରୀମାନେ ଭାବିଲେ ଯେ ଘୋଡା

ଜନ୍ମ କରିବାର ଅଛି । ତେଣୁ ତା ପେଟ କାଟିବା ପାଇଁ ପଡିବ । ଏକଥା ଘୋଡା ଶୁଣିପାରିଲା । ରାତି ପାହିବା ପୂର୍ବରୁ ସେ ମଣିଷ ଛୁଆକୁ ବାନ୍ତି କରିପକାଇଲା । ପାଖରେ ହାତୀ ଥିଲା । ସେ ସଙ୍ଗେ ସଙ୍ଗେ ଛୁଆଟିକୁ ଗିଳିଦେଲା । ସକାଳେ ରାଜାଙ୍କର ଲୋକମାନେ ଘୋଡାର ପେଟ କାଟିଲେ ହେଲେ କିଛି ପାଇଲେ ନାହିଁ । ପୁଣି କେତେଦିନ ଗଲା ପରେ ଦେଖାଗଲାଯେ ହାତୀ ଆଉ ଚାଲବୁଲ କରିପାରୁନାହିଁ । ତାର ପେଟ କାଟି ଛୁଆ ବାହାର କରିବା ପାଇଁ ବିଚାର କଲେ । ରାତି ନ ପାହୁଣୁ ହାତୀ ଛୁଆଟିକୁ ପାଟିବାଟେ ବାହାର କରି ତାର ମାଆ ସାନରାଣୀଙ୍କୁ ଦେଲା । ସକାଳ ହେଲା । ଲୋକମାନେ ହାତୀର ପେଟ କାଟିଲେ । କିନ୍ତୁ କିଛି ପାଇଲେ ନାହିଁ । ସେତେବେଳକୁ ପିଲାଟି ସାନରାଣୀଙ୍କ କୋଳରେ ଖେଳୁଥିଲା । ରାଜା ଦେଖି ସାନରାଣୀଙ୍କୁ ଛୁଆଟି କିଏ ବୋଲି ପଚାରିଲେ । ସାନରାଣୀ ସବୁକଥା ରାଜାଙ୍କ ଆଗରେ କହିଦେଲେ । ତାପରେ ରାଜା ବଡ ଛଅଜଣ ରାଣୀଙ୍କୁ ଡାକିକହିଲେ ଛଅଟା ଶିଳ ନେଇ ଆସ । ଏହି ଶିଳରେ ରକ୍ତପିଣ୍ଡୁଳା ପୁଅ ଗୁଡାକୁ ବାଟିକରି ଖାଇଦିଅ । ଛଅରାଣୀଯାକ ରାଜା କହିବା ଅନୁସାରେ ଖାଇଦେଲେ । ରାଜା ତାଙ୍କ ଲୋକମାନଙ୍କୁ ଏଠାରେ ଗୋଟିଏ କୂଅ ଖୋଳିବା ପାଇଁ କହିଲେ । କୂଅ ଖୋଳା ସରିଲାପରେ ରାଜା ଛଅରାଣୀଙ୍କୁ ସେହି କୂଅକୁ ଠେଲିଦେଲେ ଓ ସାନରାଣୀ ସହିତ ଖୁସିରେ ରହିଲେ ।

## (୧୯)

ମୁଇଣ୍ଟ ରାଇଜତେ ମିନଗ୍ ସାଧବ ବୁଡା ଆଉ କାଣ୍ଡାଏ ଆସିଆନା କିଆ । ଆରକିଆ ସାତଗଟା କନଣ୍ଡକି ଆସିଆନାକି । ସର୍ବା ସାନ ଲୁକରା ନାଅଁର ବିଦା । ଆର ଟିକ ଡବଲ ଡେଗାନ୍ ଗୁଲ । ଚଅବାଇ କାନିଆଁ ଅରେ ନାନକି । ବିଦା ଗାମ୍ ଆପେତ କାନିଆଁ ଏଅରେନାନ୍ । ଆଞ୍ଜ କଅ । ଚଅ ବାଇ ଗାମକି ଆମତେ ଆଡି କାନିଆ ଡିମିଂ ଜମକି । ଆମତ ଡବଲଆ ଡେଗାନ ମାସିକେ ବିଦା ଆଉ କିଚି ଆଗାମ କଲେର ଜାଲାକାନ୍ । କୁବା କାକାରକି ଗାମକି ଡେଲେ ଜମିବାଲି ନେତାଙ୍ଯାଁ । ଆଉ ମୁଇଁଷିରେକି କିଲଙ୍ଗ ନେତାଞ୍ଜାଁ । ସାବରଂଙ୍ଗ ତାଞ୍ଜିଁନକି କୁବା କାକାରକି ଡିଅ ଡିଅର ମୁଁଷି ଗଗାନାକି । ବିଦାତେ ମୁଇଣ୍ଟ କାଣ୍ଡାଏ ମୁଇଁଷି ଡିଂଜକି । ବିଦା ଦିନି ମୁଇଁଷିର ତେ ସରାଏ ଗଗ । ମଇଁଷରା ଆଟାର୍ରଡାତେ ବିଦା ଡାଲିଆଡ୍ଡେ । ବଉତ ଦିନ ଇଆନ । ବିଦାର କାଣ୍ଡାଏ ମୁଇଁଷିର । ଇଣିର ଇଆନା । କାକାରକି ଗାମକି ବିଦା ଆମା ମୁଇଁଷିମଡେ ସୁଣିଣ୍ଡଲେ ଡିଅର ଇଆନା । ବିଦା ଗାମ ଆଞ୍ଜ୍ ଏରେ ପୁଁଣ୍ଡି ଆଦାର ଡିଞ୍ଜିଁକେ ନା ଆଉ ।

ଦିନମିଂଜା ଗଟଣା । ବିଦା ମୁଇଁଷି ଆଟାର୍ଡା ଡାଲିଆଡ୍‌ସେରେ । ମୁଇଁଷିରେ ବାଲିଅ । ବିଦା ଏକାତରମି ତିଣ୍ଡମାନା । କାଣ୍ଡାଏ ମୁଇଁଷି ଇଞ୍ଜାଆଁବ ଡୁଂଙ୍ଗ । ମୁଇଁଷରେ ଗନା ଆଡି ସମରାଏ ବିଦାତ ମୁଇଁଷି ଇଜ୍‌ତାଙ୍ଗଆଁ ତିଣ୍ଡମାନା । ମୁଇଁଷିରେତେ ଗଗରତେ ଡମ୍ବକି ଗଗାନାକି । ମିନକ୍ ଡମ୍ବ ଚତୁର ଆସିଆନା । ଆର ଗାମ, ଆନେଲେ ଚାଲର ନୁନେ । ଅଦକତା ଗାମକି ଅ ଏରେ ଡେଣ୍ଡେ ଆରତ ଗଜ ଚତୁର ଡମରେ ଗାମ ଆନେ ଆଞ୍ଜ୍ ଉନଚେକେ । ଆର ଗଗଜ ଉନ୍‌ଚେକେ କବ୍‌ସରଜ । ଦିନମିଂ ବିଦେଶୀ ଇଜ୍‌ତାଙ୍ଗ ଡଗରାଏନମାନ୍ । ଆରକିତ ଇତାଙ୍ଗ୍‌ବ ତଣ ଗଲା ଏରିକି । କରମତ ଏରେ ଇତାଙ୍ଗ୍‌ଡାବ ବିଦେଶୀ ଲୁକରେ ଅନ । ଇଦାଙ୍ଗଡେ ଯେତେବଲା କୁଲାଅ । ବିଦା ଗାମ ଏ ବାରପରଷଆ ଗୁମୁଚକ୍‌ତା ବିଦା ବୁଲୁରାନ୍ । ଇନିଣ୍ଣୁଂଣ୍ଡ ଗାମଜ ବିଦା ଗଟକେଆନା । ବିଦେଶୀ ଲୁକରେ ବେଲେକା ଇଆନ୍ୟ ଇଙ୍‌ସେକେ । ମନେ ମନେ ଗାମ ଇନିନାନ୍ତେ କଲ୍ୟଙ୍ ଆସିଆନା ।

ବିଦା ଇଞ୍ଜାଆଁବ ତେନଜ ଗାମ କାଆକି ଆଞ୍ଜା ମୁଇଁଷିଣ୍ଡେ ମାଣ୍ଡିଆ । କାକାରକି ଗାମକି ଡମକି ଗଗସେରେ କିତେ । ବିଦାଗାମ ବିତେ ଗଗାନ୍‌କି । କାକାରକି ଗାମକି ମୁଇଁଷିରେ ଗଜ । ଗଗରତେ ଗଗାନାକି । ବିଦା ମାର ମାର ଡମକା ଆସରକିବ ଅନ ଗାମ ଏ ଡମ୍ବକି ଆଞ୍ଜା ମଇଁଷିଣ୍ଡା ଘଲାର ଆନେ । ଡମକି ଗାମକି ଏରେଲେ ଆର ଟିକ୍ ଗାମ୍ ଗାମମମାନ୍ । ଇନିଂଜ୍ ନେଗାମ ବିଦା ଗଜ । ଡମ୍ବରେକି ଗାମକି ଆଉରି ଇଞ୍ଜାଆଁରା ଲୁକରେ ଉନଚେକେ ଆରାବ ଅନାଡାଏ । ବିଦା ଅନଜ ଚାଲର ଗାରାନ୍ । ଏରେ ବଣଆ ମୁଇଁଷି ରାଜା ଉଆଁସତା ବାନକ ଲୁକେ କିଆ ପଇସା ସୁରମନ୍ତେ ଅନ୍‌ଚେରକିଆ । ଆରକିଆ ଇଆଗ୍ କିଆ କଣା ଅଉ କୁଜା । ଦିନି ସୁରମଡେ କିଆ । ଏରେ ଦିନରା ମୁଇଣ୍ଡ ସୁମୁସିଙ୍ ତୁଲିଆ ପଏସା ତାଜ୍‌ଡେ କିଆ । ସୁମୁସିଂ ଆଲିଂଗା ବିଦା ଏରେ ମୁଇଁଷି ଚାଲରେ ସବାନଜ୍ ଡାଜ୍‌ସେରାନ୍ । କଣା ଗାମକେ ଡେ଼ ବିଗ ତାଜେ ମୁଣ୍ଡୁଷକି ଡେମେନାକି କୁଜା ଗାମ୍‌କେ ଡେବିଗ ତାଜେ । ଏରେ ବେଲା ବିଦା ଆଲିଂଗ୍‌ତା ମୁଇଷି ଚାଲରେ ଅବ୍‌ଲଗ । କଣା ଆଉ କୁଜା ପଏସାରେକି ସାଡେଅକିଆଜ ଡୁଙ୍ଗ୍ କିଆ । ବିଦା ଅନେଆନ୍ୟ କତେଆ ଗୁଣ୍ଡିଆମ୍ବାନାଜ ଡୁଂଙ୍ଗ୍ । ବିଦା ବୁଇରତେ ଗାମ ବଂଜ୍ ଡାଏତ ଅନା କାକାଂଜ୍‌କା ମାଣ ବାଟିରେ ଅରେନ୍ ପଏସାରେ ତାଙ୍କେ । ବୁଇର ଅରେନ । ଚଅ ବାଇତେ ଚଅମାଣ ଡିଂଜ୍ ଅଦକତା ଉନାନ କାକାରକି ଗାମ୍‌କିରେ ବିଦା ଆମ ପଏସା ମାଣ୍ଡିତା ମରେନାନା । ବିଦାଗାମ ମେଗାତା ଅରକା ଆପେତ ଆଂଜତେ

କାଣ୍ଡାଏ ମୁଇଁଷି ଇଡିଂଜ । ଡିଅର ଇଡିଂଞ୍ଚେର୍‌ନ ଆଉରି ପଏସା ଅରେନ୍ ଚେତାନା । ଏରେ ମୁଇଁଷି ଚାଲରେ ଆବ୍‌ସଂଗାନା କାକାରକି ଗାମକି ମାଣ୍ଡିଆତେ ମାବ୍‌ସଙ୍ଗାନା । ବିଦାଗାମ ରାଜା ଉଆଁସ । କାକାରକି ମାରମାର ମୁଇଁଷିରେକି ତେଗେଅକି । ଚାଲର କିତେ ଆବ୍‌ସଂଙ୍ଗତେ ଗଗାନ୍‌କି ରାଜା ଉଆଁସବ । ଗାମକି ଏଆଡି ଚାଲଏଗନା । ରାଜା ଙ୍ଗିଂଙ୍ଗ ବିରି ଚାଲ । ଚଅ ବାଇ ଗାମଙ୍କ ମୁଇଁଷି । ରାଜାତ ଲେଲେଜାନ୍ ଗାମ ସଲାକି ଇନିଞ୍ଜ୍ ବିରି ଡମ୍ବକି ଇନିବ ଏ ଅରେନ୍‌କୁ ।

ଚଅ ବାଇ ଗଟକେସୁନ ଡୁଙ୍ଗକି । ଆଉ ଗାମ୍‌କି ସଲା ବିଦାତେ ବିରିନିକିବେ ଇଞ୍ଜାଆଁର ନେଲବ୍ । ଏରେ ଗାତାରେ କୁଲିରକି ବିଦାବ ଗାତାଅକି । ବିଦାଗାମ ଅ ଆପେଏରେତେ ଚିନ୍ତା ଇକିବ୍‌କେ । ବିଦା ଇଣ୍ଡା ଡକଆନ୍‌ଜ ଲଡଂସେକେ । ଚଅ ବାଇ ଡେଣ୍ଡେକି ଏରେବ । ଚଅ ବାଇ ଡେନକି ବିଦା ଆଲୁଙ୍‌ବ ଡୁଇରାନା । ଲେବେର ଟେକେ ଡେଗାନ୍ ଇଆନ୍ । ଗାମକି ବିଦା ଆଲୁଙ୍ଗା ଡୁଇରାନା କୁ ଇଞ୍ଜାଆଁର ନେଲବ ତର ଏରାତେ ଆରକିଲଙ୍ଗ ଗମଜେ । ଇଞ୍ଜାଆଁର ଲବତରକି ବିଦା ମାର୍ ମାର୍ କାଣାତା ଲୟଜ ଡୁଙ୍ଗାଁ । ଡେନଜ ଡାଣ୍ଡଆ ତଙ୍ଗନ୍‌ଚେରେ । ଡଙ୍ଗନାନଜ ଗାମକେ ଏ ବିଦାରା ଇଞ୍ଜାଆଁର ଲବ, ବିଦାରା ଇଞ୍ଜାଆଁର ଲବ । କାକାରକି ଗାମକି ଏରେଲେ ବିଦା ମାଣ୍ଡିତାକ ଆରିଆନା ଜେନାଲେ ଆଲୁଙ୍‌ତେ ଡୁଇ ଜେନା ଆରାଏ । ଜେନା ଆଞ୍ଜ ନିଜେ ପରା ଜୟ ଡୁଇରାନା । ଇଞ୍ଜାଆଁର ଲବ । ବିଦା ଡେନଜ ଆକବ୍‌ରେକି କାକାଅଜ ବସତା ସେଲଗାନ୍‌ଆଉ ବୁଇରତେ ଗାମ ବିଦା ଆନେ ଆଞ୍ଜନ୍ତେ ତଣ । ବୁଇର ତଣ ଡିଂଜ । ଉରଜ ଆକବ୍ ବସତାରକି ତିନ୍ତାରାନଜ ଅନ । ଆଉତା ସୁନା ପଇସା ତିନ୍ତାରାନ୍ କିଜ ମୁଗୁସରେକି ଡେଣ୍ଡେକି । ଗଟାଙ୍ଆଁ ଏନ୍ଦାରୟ । ବିଦାଗାମ ଏକାକି ମାଣ୍ଡିବ ଏଅଣ୍ଡେ । ଏନାନ୍ତେ ନେଲେବେରେ ଅଲଙ୍ଗତ ଏନ୍ଦାର ଇଆନା । ତେରା ସେକାଲତେ ନିଡୁଙ୍ । ଏରାତେ ରଏଆନାକି । ବିଦାତେ ଗାମ୍‌କିରେ ବାବୁ ଆମ ରୁଙ୍କୁବ୍ ମରେନ୍ ତେରେ । ବିଦାଗାମ୍ ଜେନା ଆଞ୍ଜାତ ମାରଦର ଡେନ୍ । ଅରକି ଗାମ୍‌କି, ଡାଏ ଆମ୍ ସେଙ୍ଗନ୍ ଅରେନ୍ ଅରେନ୍ ଇନିଂଜ ଡାଗ ଡିଗ୍ ନତେଞ୍ଜକେ । ବିଦା ଅନଯ ମୁଇଣ୍ଡ ଗୁଣ୍ଡି ଟିକ୍ କିବାନ୍ । ତଣ ତିଣି ରିକି ଉର କି ସାବରଙ୍ଗ ଲେବେରକି । ଏନ୍ଦାରଆ ବିଦା ବୁଲୁରାଜ୍ ଏରେ ଗୁଣ୍ଡିରା ଆସରବ ଅନ ଆଉ ଗାମ ଜୟ ଆଞ୍ଜ୍ ଯଦି ସାଦବ କନନ୍ ଇସେନା ଇନି ଗୁଣ୍ଡିରେ ଆଙ୍କୁରେବିରି ଗଗେ । ଆଉ ଆର କିତେ ଅକ୍‌ଡାଙ୍କ । ଆଙ୍କୁରଜ ଅରେନଜ ଆରକିତେ ଆବ ଜାଙ୍କେଅ । ମୁଲୁସରେକି ଗଜକି । ବିଦା ସୁନା ପଇସାରକି ଅରେନାନ । ଆଉ ବୁଇରତେ ଗାମ ବଂଜ୍ ଡାଏ

ମିସିଂ କାକାଂଙ୍ କାତା ଦୁଇ ପାଇ ମାଣିଆରେ ଅରେନ୍ । ସୁନା ପଇସା କାକାରକିତେ ଦିପାଇ ଲେକା / ଡିଂଙ୍ । କାକାରକି ଗାମ୍‌କି ବିଦା ଇନିକି ମାଣ୍ଡିତା ମରେନାନା । ଇନିଙ୍ ତେ ଗାତାଏ ଇନିଂଡା କନନିନଡିକି ତୀଲାଜ୍‌ଡେକି । ବିଦାଗାମ୍ ଡୁଡୁମେଗାତାଏ ଆପେତ ଅଞ୍ଜୁଆଁଣ୍ଡେ ଏଲବ୍‌ତର ଡିଅର କୁଟିଜ ଡାଲଡିଲି ଇଡିଂଚେରଜ ଏଲବ୍‌ତର ସେତାନ୍ । ଅଲପରତ ଆକପ୍ ଇଆନ୍ । ସୁଗାଇ ଇସେରାନଯ ସୁଗାଇ ସୁନା ଅରେନ୍ ଚେତାନ୍ । ଆପେ କିଲଙ୍ଗ ଇଞ୍ଜାଆଁ ପେରେ ଲବ୍‌ତର୍‌ପେ ନାଲେ ଆଞ୍ଜ୍ ଲବ୍‌ତର । କାକାରକି ଇଞ୍ଜାଆଁରକି ଲବ୍‌ଏରକି । ଆକବ୍ ସବାନ୍ କିଜ୍ ଗାମକି ମାଣ୍ଡିବ ନନାଲେ ବିଦା । ବିଦାଗାମ ସିଦା ରାଜା ଉଆଁସବ ଆହୁରି ମୁଣ୍ଡବ ଏଅନା । କାକାରକି ଅନକଯ ଗାମକି ଏ ଆଡିକି ଆକପ୍ ଏଗନା । ରାଜାଗାମ ଆଡିଲେ । କାକାରକି ଗାମକି ଇନିଂଙ୍‌ଲେ ସାଧବଆ କନଣ୍ଡକି । ରାଜା ବାଡି ସବାନଜ ଗାମ ସଲାକି ଇନିଂଲ୍ ବିରି ଧୂବାକି ଆକପ ଏଅରେନ୍ ଚେକେ । ଚଅ ବାଇ ମନଦୁ କିବକିଜ ତୁଂଙ୍ଗ୍‌କି । ଗାମକି ଇନି ବିଦାତେ ମିସିଂଙ୍ କୁ ନେଗେ । ସଲାରେ ଇନିଂଙ୍‌ତେ ସବୁଦିନ ବଣ୍ଡେକେ । ଅଦକତା ଗାମକି ଶୁଣିଣ୍ଡ ନବ୍‌ଚଜେ । ବିଦାତେ ନେଗାମ୍ ବଣବ ସେଙ୍ଗ୍‌ନ୍‌ତେ ନଅନା କୁ । ଏରାତେ ଶୁମୁଗିଂ ନେଡେଙ୍ଗେ ବିରି ନାବ୍‌ଜାକେ । ଏରେ ଗାତାରେ କିଲଙ୍ଗ ବିଦା ଅଙ୍ଗ । ବଣଆ ଡେଜକି ଜୁଆଲେ ଡିମିନା ଏରେତା କତେରକି ଉନଚେରୋନାକି । ଶୁମୁଗିଂ ଡିଡିର । ବ ବିଦାତେ ଗାମକି ଡାଏଲେ କତେରେକି ଅରେନ । କତେରକି ଅରେନତେ ଅନ୍ । ଏରବେଲା ଶୁମୁଗିଂଡେ ଡିଆନା ବିଦାତେ ଲଦେଅ । ବିଦାତ ବଲଅ ଡେଗାନ୍ ଗୁଲୁ । ମାଣ୍ଡି କାଣାଆକ ରଏଆନା । ବିଦାକ ଡେରକି ସବ ଆଉଗାମ ଜୟ ଆଞ୍ଜ୍ ଯଦି ସାଧବ କନନ ଇସେନା ତାନେ ଇନି ସୁମୁଗିଂଡେ ତିନ୍ତାରେ ବିରି ଇଞ୍ଜଆଁବ ଗଗେ । ସୁମୁଗିଂତେ ତିନ୍ତାରଜ ଅରେନ୍ ଇଞ୍ଜଆଁ ଇଣ୍ଡା ଡକସେରେ । କାକାରକି ଚଅ ଜଣ ଡେନକି ଗାମକି ଆଉରେଜୟ ବିଦା, ଆରତେ ପରା ସୁମୁଗିଂ ଜାକେଅ । ଇଞ୍ଜଆଁବ ଏରେ ଶୁମୁଗିଂତେ ତିନ୍ତାରଜ ଅରେନଚେକେ ଜୟ । ବିଦାତେ ଆଉ ନିରିମଡେ ଜେନା । ସୁଣିଣ୍ଡ ନବଗଜେ । କୁନେଗାମ ମିସିଂଜ ଚେକା ମାରେତେ ନଅନା । ଏରେ ଚେକାରାତେ ନେଲେ କାଏ ବିରି ଆଲିଙ୍ଗତା ନେଡାନଡାନେ । ଚେକା ମାରେତେ ଅନକି । ଏରାତେ ବିଦାତେ ଆଗିଲା ଅସେଂଙ୍ଗକି । ବିଦାତେ ଏରେଏରାତେ ଏଲେକାଅକି ଆଲିଙ୍ଗତା ଚେକୋତମକି । ବିଦା ଆଲୁଙ୍ଗା ରଏଆନା । କାକାରକି ଗାମକି କୁ ନିଡୁଂଙ୍ । ବିଦା ଗଜ ଅକଲଙ୍ଗ୍ ଆଉ କିଛି ଜେନା । ଡେନକିଜ ଉଆଗମାନକି । ବିଦା ଗାମ ଜୟ ଆଞ୍ଜ୍ ଯଦି ସାଧବ କନନ ଇସେନା ଇନି ଚେକୋରେକି

ତିନ୍ତାର ବିରିଗଗେ ଆଉ ଦୁଆରକି ବନ୍ଦ କିବେ । ଚେକା ଚିନ୍ତାରଜ ଅରେନ ଦୁଆରରକି ବନ୍ଦ କିବ । ବିଦା ଇଞ୍ଜାରା ଡକ ସେରେ । କାକାରକି ଡେନକିଜ ଜୟାକି ଆଉରେକ ବିଦାରେ ଇଣ୍ଡାଡକସେରେ । ଅଦକତା ଗାମକି ସୁଣିଣ୍ଡଲେ ଆରପରା ଗଜ ପୁଣି ଏରାନ୍ ଡେନଚେରେ । ଇନିତେ ବିରି ନିବିବଜ ନବ୍‌ଗଜେ । ପୁଣି ବିଚାର ଆନାକି ଗାମକି କାରଙ୍ଗ୍ ସସବ ନନା ଏରାତେ ଗାତରତେ ନାବତ୍ତୁଏ ଆଉ ଆଲିଙ୍ଗତା ଏଗେର ନିମୁବି । ଇନି ଗାତାରେ କିଲଙ୍ଗ ଅଙ୍ଗ । କାରଙ୍ଗ ସସବ ଅନକି । ମୁଇଣ୍ଟ କୁବା ଦର ଜୟକିଯୁ କାରଙ୍ଗ୍ ଜତେ । ମୁଇଣ୍ଟ ଗାତର ଆସିଆନା । ଏରାତେ ଗାମକି ବିଦା ଡାଏଲେ ଆମ ଇନି ଗାତର ଡାତେ ଡୁଇନା ବାରଙ୍ଗ ଡେକି ଏରା ଡୁମୁଇ ସେନାକି । ବିଦା ଡୁଇରାନା ମୁଇଣ୍ଟ ଏଗେର ଚଅବାଇବ ବହୁତ କଷ୍ଟବ ଗଡାଏ ଶୁନ୍ ଅରେନକି । ବିଦା ଗାତରତା କାରଙ୍ଗ ଆଦାବ ତମ୍ ତମ୍ କେ । ଏରେ ଏଗେର ତେ ତାଏତା ମୁବିଅକି ଆଉ କାରଙ୍ଗ୍ ଆଦାବ ତମ ତମ କେ । ଏରେ ଏଗେର ଢ଼େ ବାଏତା ମୁଦିଅକି ଆଉ କାରଙ୍ଗ୍ ବି ଆଅରେନାକି ଇଞ୍ଜାଆଁ ବ ଡୁଙ୍‌ଗଁକି । ବିଦା ଗାମ ଜୟ ଆଞ୍ଜ୍ ଯଦି ସାଦବ କନନ ଇସେନା ଇନି କାରଙ୍ଗ ଆଉ ଏଗେରଡେ ଇଞ୍ଜାଆଁବି ଗଗେ । ବିଦା ଅରେନ୍ । ବିଦା ତଣ ତିଣି ଉରଜ ଇଣ୍ଡାଡକସେରେ । କାକାରକି ଡେନକି ଜୟକିୟ ଇଣ୍ଡାଡ଼ ଡ଼କସେରେ ଗାମକି ଆଉରେଲେ ବିଦା । ସାବରଂ ବେଲେକା । ବିଦା ଗାମ କାକି ମାଣ୍ଡିଆତେ ଏଆସିଆନାଲେ । କାକାରକି ଗାମକି ଆଉରାତେ ନୁଆଁଗମାନ । ମନେ ମନେ ବିଚାର ଆନାକି ସୁଲିଣ୍ଡ ନବ୍‌ଗଯେ । ଆଉ ଦିନମିଂଜ୍ ତା ଆରତେ ନେଗାମ କୁ ନଦୀତେ ଲୁଚକାଲି ନେବଗାଁ । ଏରାତେ ମୁଇଁଣ୍ଟ ବସତାତେ ନୁସିଗେଆଉ ନଦୀତେ ନେତମ୍ । ଏରେ ପୁଣି ନୁଦୀ କାଡେ ସୁନ୍ ଗଗ । ତୁଳିତା ମୁଇଁଷି ବଗାଲିଆ କି ମୁଇଁଷି ଗୁଦ୍ୟାଗମାନକି । ଆରକି ଜୟକିଜୁ ବସତାରା ବିରିକ । ଆରକି ଏରେ ବସତାରେତେ ସବକି ଏବଟାଅକି । ଏରେବେଲା ବିଦା ଗାମ ଏତ୍ ତିରିକା ଆପେ ଆଞ୍ଜତେ ଇଜିବ । ଆଞ୍ଜ୍ ପରା ରାଜା କନିଆଁତେ ବାଇତେ ଅଙ୍ଗନମାନା । ମଇଁଷି ଚରାଲି ଗାମକି ଡେଇନିଂନ୍ତେ ଉସିଗେ ଇନିଂଜ ରାଜା କାନିଆତେ ବାଇତେ ନଣ୍ଡେ । ଆମ ମୁଇଁଷିରେକି ଗଗେଡାଏ । ବିଦା ଆରକିତେ ବସତା ଉସିଗଜ ନୁଦୀଆ ତମ୍‌ତମ । ଆରକି ଏରେତା ଗଜକି । ବିଦା ଇଞ୍ଜାଆଁବ ଡେନ୍ ବୁଇରତେଗାମ ବଂଞ୍ଜ୍ ମିସିଂଜ୍ କାକାଂଜ୍‌କିତେ ମେଗାତାଏ ମୁଇଁଷି କୁଣ୍ଡା ଅଶିଗଟା ମରେନ୍ କିଜ ଟାମାଙ୍କର୍ ସେରେକି ନାଲେ ଆଞ୍ଜ୍ ଡେନଜ ଅବଗଜ । ଟାଙ୍କର୍ ସେରକିଜ୍ ଡିଅ ।

ବୁଇର କନଣ୍ଡକିତେ ଗାମ ଡାଏ କୁଷ୍ଟ ଟାଙ୍କର ଚେରେପେ ବିଦା ମାଣ୍ଡିଆକ ମୁଇଁଷିକି ଅରେନକେ । କାକାରକି ଗାମଙ୍କି ବିଦା ତଲେ ଗଜ ସୁଣିଣ୍ଡ ଆଉ ବଞ୍ଚେଅ । କିଲା ଅରେନ୍ କିଜ ଟାଙ୍କର୍ ସେରକି । ବିଦା ମୁଇଁଷି ଅରେନତର । ବାକାରବି ଗାମକି ବିଦା ମାଣ୍ଡିତା ମୁଇଁଷି ମରେନାନା । ବିଦା ଗାମ ଡୁକାକି ଏରେ ଗାତାରେ ଏଗାତା ଅର ଆପେତ ଆଞ୍ଜ୍‌ତେ ବସତାତେ ଇଉସିଗଜ ପାରମିଂ ଇଡିଂଜ୍‌ଜ ନୁଦୀଆତେ ଏତମ ଯଦି ଚଅ ବାଇତେ ଚଅ ପାର ଇଡିଂଜ୍ ଚେରଜ ଆଉରି ମୁଇଁଷ ଅରେନଚେତାନ୍ । କାକାରକି ଗାମକି ଡେତାଲେ ଇନିଂଜ୍ ତେ କିଲଙ୍ଗ ଏରେ ପୁଣିଣ୍ଡ କିବେ । ଇନିଂଜ୍ କିଲଙ୍ଗ୍ ମୁଇଁଷି ନରେନ୍‌ଡେ । ଆର ଏରେ ପୁଣିଣ୍ଡ  କିବଜ ଗାନାବ ପାର ପାରମିଂଜ୍ ଡିଂଜ ଆଉ ଡାକତେ ତମ । ବାବାରକି ଗଜକି । ବିଦା ଇଞ୍ଜାଆଁବ ଡେନଜ ଇଣ୍ଡା ଡକସେରେ । ବୁଲିରକି ଗାମକି କାକାମକି ମାଣ୍ଡିଆ ଆସିକିକି । ବିଦାଛେ ମୁଇଁଷି ବାମାନ୍ତେ ନମାକି । ଅଚତା କୁବା କୁଲିର ଜିଂଙ୍ଗ୍ ଏରେବେଲା ଗାମ ଆଁଞ୍ଜ୍‌ତେ ପରା କାନିଆଁ ଆଡିଂଜମାନାକି ଆପେଏକଲଂ ଆଞ୍ଜାଆଁ ଆସନ୍ତେ ଏରଏନା । କାକାଂକିତେ ଆଞ୍ଜ୍ ଅବଗମ । ସାବରଂଙ୍ଗ ବୁଲିରକିତେ ବିଦା ବାନିଆଁ ଉନ୍ ।

## ଓଡ଼ିଆ ଅନୁବାଦ

ଗୋଟିଏ ରାଜ୍ୟରେ ଜଣେ ସାଧବ ବୁଢ଼ା ଏବଂ ବୁଢ଼ୀ ଥିଲେ । ତାଙ୍କର ସାତ ପୁଅ ଥିଲେ । ସବୁଠୁ ସାନପୁଅର ନାମ ବିଦା । ସେ ଠିକ୍ ବଲ୍ ପରି ଗୋଲ ଥିଲା । ଛଅଭାଇ ବାହାହୋଇ ବୋହୂ ଆଣିଲେ । ବିଦା କହିଲା, ତୁମେ  ତ ବୋହୂ  ଆଣିଲ ଆଉ ମୁଁ । ଛଅ ଭାଇ କହିଲେ ତତେ କିଏ ଝିଅ ଦେବ । ତୁ ତ ବଲ ପରି । ବିଦା ଆଉ କିଛି ନ କହି ଚୁପ ରହିଲା । ବଡଭାଇମାନେ କହିଲେ ଜମିବାଡି ଭାଗ କରିଦିଅ । ଆଉ ମଇଁଷି ଗୁଡିକ ମଧ୍ୟ ଭାଗ କରିବା । ସବୁଗୁଡାକ ଭାଗ କଲେ । ବଡଭାଇମାନେ ଭଲ ଭଲ ମଇଁଷି ନେଲେ । ବିଦାକୁ ଗୋଟିଏ ବୁଢ଼ୀ ମଇଁଷି ଦେଲେ । ବିଦା ତାକୁ ପ୍ରତ୍ୟେକ ଦିନ ଚରେଇବା ପାଇଁ ନେଲା । ମଇଁଷର ଲାଞ୍ଜରେ ବିଦା ଝୁଲୁଥାଏ । ବହୁତ ଦିନ ହେଲା । ବିଦାର ବୁଢ଼ି ମଇଁଷିର ଦେହ ବାହାରି ପଡିଲା । ବିଦାର ଭାଇମାନେ କହିଲେ, ବିଦା, ତୋର ମଇଁଷିଟା କିପରି ଭଲ ହେଲା । ବିଦା କହିଲା, ମୁଁ ମଇଷିକୁ ସେପରି ଖାଦ୍ୟ ଦେଉଛି ନାଁ ।

ଦିନକର ଘଟଣା । ବିଦା ମଇଁଷି ଲାଞ୍ଜରେ ଝୁଲିଥାଏ । ମଇଁଷିଟା ଝାଡା ଫେରିଲା । ବିଦା ଏକାଥରକେ ପୋତି ହୋଇଗଲା । ବୁଢ଼ୀ ମଇଁଷି ଘରକୁ ପଳେଇଲା ।

କିଛିଦିନ ପରେ ମଇଁଷିଟି ଖାଇବାକୁ ନ ପାଇଁ ମରିଗଲା । କିଏ ଚରେଇବ । ବିଦା ତ ମଇଁଷି ଖତରେ ପୋତି ହେଲା । କାଟିବା ପାଇଁ ମଇଁଷିଟାକୁ ଡମମାନେ ନେଇଗଲେ । ଜଣେ ଡମ ଚାଲାକ ଥିଲା । ସେ କହିଲା ଛାଲଟାକୁ ରଖିବା । ଅଧେ କହିଲେ ହଁ ଏଟା ଆସୁଛି ସେତ ମରିଗଲା । ଚତୁର ଡମ କହିଲା ଦିଅ ମୁଁ ରଖିଥିବି । ସେ ନେଇ ଶୁଖେଇକରି ରଖିଥିଲା । ଦିନେ ବିଦେଶୀ ଖତ ଖୋଜୁଥିଲେ । ସେମାନେ ଖତ ପାଖରେ ରୋଷେଇ କରୁଥିଲେ । ଭାଗ୍ୟକୁ ସେହି ଖତ ଆଡକୁ ଜଣେ ବିଦେଶୀ ଲୋକ ଗଲା । ସେ ଯେତେବେଳେ ଖତ ଆଣିଲା, ସେତେବେଳେ ବିଦା ଉଠି କହିଲା, ଏ ବାର ବର୍ଷରେ ଶୋଇଥିବା ବିଦା ଉଠିଲା । ଏହିପରି ଆସ୍ତେ ଆସ୍ତେ କହି ବିଦା ଦୌଡିଲା । ବିଦେଶୀ ଲୋକଟି ଆଶ୍ଚର୍ଯ୍ୟ ହୋଇ ଚାହିଁଛି । ମନେମନେ ଭାବିଲା ଏଠାରେ ଦେବତା ଥିଲେ ।

ବିଦା ଘରକୁ ଆସି କହିଲା ଭାଇମାନେ ମୋର ମଇଁଷିଟା କାଇଁ । ଭାଇମାନେ କହିଲେ ଡମମାନେ ନେଇଛନ୍ତି । ବିଦା କହିଲା କଣ ପାଇଁ ନେଲେ । ଭାଇମାନେ କହିଲେ ମଇଁଷିଟା ମରିଗଲା । କାଟିବା ପାଇଁ ନେଲେ । ବିଦା ସଙ୍ଗେ ସଙ୍ଗେ ଡମମାନଙ୍କୁ ପାଖକୁ ଗଲା । କହିଲା ଡମମାନେ ମୋର ମଇଁଷିର ଛାଲ ଦିଅ । ଡମମାନେ କହିଲେ ଏଇଯେବେ ସେ ଠିକ୍ କହୁଥିଲା । ଆମେ କହିଲୁ ବିଦା ମରିଗଲା । ଡମମାନେ ଯିଏ ଛାଲ ରଖିଥିଲା ତାକୁ ମାଗିବାକୁ ବିଦାକୁ କହିଲା । ବିଦା ତାକୁ ଯାଇ ଛାଲ ମାଗିଲା ଓ ଛାଲ ନେଇ କରି ଚାଲିଲା । ଯାଉ ଯାଉ ବାଟରେ ଅନ୍ଧାର ହୋଇଗଲା । ବିଦା ମଇଁଷ ଛାଲଟି ନେଇ ଗୋଟିଏ ଗଛ ଉପରେ ଯାଇ ବସିଲା । ରାତି ଅଧରେ ଦୁଇଜଣ ଚୋର ରାଜ ଉଆସରୁ ଚୋରି କରି ଟଙ୍କା ପଇସା ଆଣି ସେ ଗଛ ମୂଳରେ ବସି ଭାଗ କରୁଛନ୍ତି । ସେମାନଙ୍କ ମଧ୍ୟରୁ ଜଣେ କଣା ଓ ଆଉ ଜଣେ କୁଜା । ପଇସା ଭାଗ କରୁ କରୁ ରାତି ପାହି ଆସୁଥାଏ । ତେଣୁ କଣା କୁଜାକୁ କହୁଛି ବେଗି ଭାଗ କର ମଣିଷମାନେ ଆସିଯିବେ । କୁଜା ମଧ୍ୟ ସେହି କଥା କହୁଛି ଦେ, ବେଗି ଭାଗକର ମଣିଷମାନେ ଆସିଯିବେ । ଏହିପରି କଥାବାର୍ତ୍ତା ଶୁଣି ଗଛ ଉପରେ ଥିବା ବିଦା ସେମାନଙ୍କ ଉପରେ ମଇଁଷି ଛାଲଟି ପକାଇଦେଲା । ସେମାନେ ପଇସା ଛାଡି ଚାଲିଗଲେ । ବିଦା ସବୁ ପଇସା ଲୁଗାରେ ବାନ୍ଧି ଘରକୁ ଗଲା । ଘରେ ତାର ମାଆକୁ କହିଲା ମାଣଟା ଆଣିଲୁ ପଇସାଗୁଡାକ ମାପିବି । ତାର ମାଆ ମାଣ ଆଣିଲା । ବିଦା ମାପିକରି ଛଅଭାଇଙ୍କୁ ଛଅ ମାଣ ଦେଲା । ଆଉ ବାକିତକ ନିଜେ ରଖିଲା । ତାର ଭାଇମାନେ କହିଲେ, ହଇରେ ବିଦା ତୁ ଏତେ ପଇସା କୋଉଠୁ ଆଣିଲୁ । ବିଦା କହିଲା କୁହନାହିଁ ଭାଇ ତୁମେ ତ ମୋତେ ବୁଢୀ ମଇଁଷି ଦେଲ, ଭଲ ମଇଁଷ ଦେଇଥିଲେ ଆହୁରି ପଇସା

ଆଣିଥାନ୍ତି । ସେହି ମଇଁଷି ଛାଲଟି ବିକିଲି । ଭାଇମାନେ କହିଲେ କେଉଁଠି ବିକିଲୁ । ବିଦା କହିଲା ରାଜଉଆସରେ । ଭାଇମାନେ ସଙ୍ଗେ ସଙ୍ଗେ ମଇଁଷିଗୁଡ଼ିକୁ ମାରିଦେଲେ । ଛାଲଗୁଡ଼ିକୁ ବିକିବା ପାଇଁ ରାଜଉଆସକୁ ନେଲେ । କହିଲେ କିଏ ଛାଲ ରଖିବ ? ରାଜା ପଚାରିଲେ କଣ ଛାଲ ? ଛଅଭାଇ କହିଲେ ମଇଁଷି ଛାଲ । ରାଜା ରାଗିଯାଇ କହିଲେ ଶଳାମାନେ ଆମେ କଣ ଡମ, ଆମ ଆଡେ ଆଣୁଛ । ଛଅଭାଇ ରାଜାଙ୍କର ରାଗ ଦେଖି  ଦୌଡିକରି ପଳାଇ ଆସିଲେ । ଆଉ କହିଲେ ବିଦାକୁ କଣ କରିବା । ଘରଟା ତାର ପୋଡିଦେବା । ଏହିକଥାଟା ବିଦାକୁ ତାର ଭାଉଜମାନେ କହିଲେ । ବିଦା କହିଲା ତୁମେ ସେଟାକୁ ଚିନ୍ତା କରୁଛ ? ବିଦା ପିଣ୍ଡାରେ ବସି ଅନେଇଛି, ଛଅଭାଇ ଆସୁଛନ୍ତି ସିଆଡେ । ଛଅଭାଇ ଆସିଲେ ବିଦା ଘର ଭିତରକୁ ପଶିଗଲା । ବିଦା ଶୋଇଛି ବୋଲି ସେମାନ ଭାବିଲେ । କହିଲେ ବିଦା ଘର ଭିତରକୁ ଗଲା ଚାଲ ପୋଡିଦେବା । ସେ ଭିତରେ ଥାଇ ସେ ମଧ୍ୟ ପୋଡିଯିବ । ଘରଟା ପୋଡିଦେଲେ । ବିଦା ଗୋଟିଆ ଗଳିଆ ବାଟ କରି ସଙ୍ଗେ ସଙ୍ଗେ ପଦାକୁ ବାହାରି ଆସିଲା । ସେ ଆସି ରାସ୍ତାରେ ଛିଡା ହୋଇ କହୁଛି, ହେ ବିଦାର ଘର ପୋଡିଗଲା, ବିଦାର ଘର ପୋଡିଗଲା । ଭାଇମାନେ କହିଲେ ଏଇଯେ ବିଦା କେଉଁବାଟେ ଚାଲିଗଲା ? ବିଦା ଆଉ କଣ ଘର ଭିତରେ ପଶି ନଥିଲା କି ? ଘର ପୋଡିଗଲା । ବିଦା ଆସି କ୍ଷାରଗୁଡ଼ିକୁ ବସ୍ତାରେ ଭର୍ତ୍ତିକଲା ଆଉ ତାର ମାଆକୁ ଭାତ ଖାଇବାକୁ ମାଗିଲା । ମାଆ ଭାତ ଦେବାରୁ ଖାଇକରି କ୍ଷାର ବସ୍ତାକୁ ଧରି ବାହାରିଲା । ଆରପଟ ସୁନା ପଇସା ଧରି ଲୋକମାନେ ଆସୁଛନ୍ତି । ବାଟରେ ଅନ୍ଧାର ହୋଇଗଲା । ବିଦା କହିଲା ଏ ଭାଇମାନେ କୁଆଡେ ଯାଉଛ ? ଏଠାରେ ରହିବା ବର୍ତ୍ତମାନ ତ ରାତି ହୋଇଗଲାଣି । କାଲି ସକାଳେ ଯିବା । ସେମାନେ ସମସ୍ତେ ସେଠାରେ ରହିଗଲେ । ବିଦାକୁ କହିଲେ, ହେ ବାବୁ ତୁମେ ଚାଉଳ ଆଣିଛ କି ? ନାଇଁ ମୁଁ ତ ମାରଧର ଆସିଲି । ସେମାନେ କହିଲେ ଯାଅ ତୁମେ କାଠ ଆଣିବ । ଆମେ ପାଣି ବସଉଛୁ । ବିଦା ଯାଇ ଗୋଟିଏ ଗଣ୍ଡି ଠିକ୍ କଲା । ଭାତ ଖାଇସାରି ସମସ୍ତେ ଶୋଇପଡିଲେ । ରାତିରେ ବିଦା ଉଠି ସେହି ଗଣ୍ଡି ପାଖକୁ ଗଲା, ଆଉ କହିଲା ମୁଁ ଯଦି ସାଧବ ପୁଅ ହୋଇଥିବି ଏହି ଗଣ୍ଡି ଟେକିକରି ନେବି, ଆଉ ସେମାନଙ୍କୁ ମଡେଇ ଦେବି । ଗଣ୍ଡିଟି ବୋହି ଆଣିଲା ଏବଂ ସେମାନଙ୍କୁ ଉପରେ ମଡେଇ ଦେଲା । ମଣିଷଗୁଡାକ ମରିଗଲେ । ବିଦା ସୁନା ପଇସା ସବୁ ଧରି ଆସିଲା । ଆଉ ତାର ମାଆକୁ କହିଲା, ମାଆ ଯାଆ ଭାଇମାନଙ୍କ ପାଖରୁ ଆଜି ପାଞ୍ଚମାଣିଆ ମାଣଟା ଆଣିବୁ । ସୁନା ପଇସା ଭାଇମାନଙ୍କୁ ଦୁଇପାଇ ଲେଖାଏ ଦେଲା ।

ତାର ଭାଇମାନେ କହିଲେ ବିଦା ଏହି ଟଙ୍କା କେଉଁଠୁ ଆଣିଲୁ । ଆମକୁ କହ । ଆମ ଛୁଆମାନେ ଭୋକରେ ଅଛନ୍ତି । ବିଦା କହିଲା ଛାଡ ଛାଡ । ଆଉ ସେକଥା କହନାହିଁ । ତୁମେତ ଘର ପୋଡିଲ ଯଦି ଆଉ କିଛି ପାଳପତ୍ର ଅଣି ପୋଡି ଥାଆନ୍ତ ଆହୁରି ଅଧିକା କ୍ଷାର ହୋଇଥିଲେ ବେଶି ସୁନା ମିଳିଥାନ୍ତା । ତୁମେ ମଧ୍ୟ ଘରଗୁଡାକ ପୋଡିଦିଅ । ନହେଲେ ମୁଁ ପୋଡିଦେବି । ଭାଇମାନେ ତାଙ୍କ ଘରଗୁଡାକ ପୋଡିଦେଲେ । କ୍ଷାର ଧରି କହିଲେ କୁଆଡେ ଯିବୁ ବିଦା । ବିଦା କହିଲା ସିଧା ରାଜଉଆସର ଆର ମୁଣ୍ଡକୁ ଯିବ । ଭାଇମାନେ ଯାଇ କହିଲେ କିଏ କ୍ଷାର ରଖିବ ? ରାଜା ପଚାରିଲେ କିଏ ? ଭାଇମାନେ ଆମେ ସାଧବ ପୁଅମାନେ କ୍ଷାର ଆଣିଛୁ । ରାଜା ବାଡି ଧରି ଗୋଡେଇଲେ, କହିଲେ ଶଳାମାନେ ଆମେ କଣ ଧୋବା ଯେ କ୍ଷାର ଆଣିଛ ? ଛଅଭାଇ ମନ ଦୁଃଖ କରି ଫେରିଆସିଲେ । କହିଲେ ବିଦାକୁ ଆଜି ଚାଲ ପିଟିବା । ଶଳାଟା ଆମକୁ ସବୁବେଳେ ଠକୁଛି । ଅଧେ କହିଲେ କେମିତି ମାରିବା । ବିଦାକୁ ବଣକୁ କାଠ ପାଇଁ ଡାକିନେବା । ସେଠି ଗଛ ହାଣିବା । ଗଛଟାକୁ ତା ଉପରେ ପକେଇ ଦେବା । ଏହି କଥାଟା ବିଦା ମଧ୍ୟ ଶୁଣିପାରିଲା । ସେମାନେ ବଣକୁ ଗଲେ ଓ ଗଛ ହାଣିଲେ । ଗଛ ଯେଉଁଆଡକୁ ଢଳିବ ସେପଟକୁ ଲୁଗାଗୁଡିକ ରଖିଲେ । ଗଛ ଢଳିବା ସମୟରେ ବିଦାକୁ କହିଲେ ଯାଆ ଲୁଗାଗୁଡିକ ଆଣିବୁ । ଲୁଗା ଆଣିବା ପାଇଁ ଗଲାବେଳେ ଗଛଟି ବିଦା ଉପରେ ପଡିଗଲା । ବିଦାତ ବଲ ପରି ଗୋଲ । ଗଛର କେଉଁ ଫାଙ୍କାରେ ରହିଗଲା । ବିଦା ଲୁଗାଗୁଡାକ ଧରିଲା ଆଉ କହିଲା ମୁଁ ଯଦି ସାଧବ ପୁଅ ହୋଇଥିବି ଏହି ଗଛଟାକୁ ବୋହି ନେଇ ଘରେ ରଖିବି । ଗଛକୁ ବୋହି ଆଣି ଘରେ ରଖିଲା ଏବଂ ପିଣ୍ଡାରେ ବସିଛି । ଛଅଭାଇ ଆସି ବିଦାକୁ ଦେଖି କହିଲେ ହେଇଟିତ ବିଦା । ତାକୁ ପରା ଗଛ ମଡାଇଥିଲେ । ଘରକୁ ସେହି ଗଛ ବୋଲି ଆଣିଛି ଦେଖ । ବିଦାକୁ ଆଉ ପାରିବା ନାହିଁ । କେମିତି ମାରିବା । ଚାଲ କହିବା ଆଜି ଚେକା ମାରି ଯିବା । ସେହି ଚେକାରେ ଠେଲି ଦେଇ ଉପର ପଟ ଚେକା ମାରିବା । ଚେକା ମାରିବା ପାଇଁ ଗଲେ । ସେଠାରେ ବିଦାକୁ ଆଗରେ ଚଲାଇଲେ । ବିଦାକୁ ସେଠାରେ ପେଲିଲେ ଏବଂ ଉପରପଟ ଚେକା ଫିଙ୍ଗିଲେ । ବିଦା ଭିତରେ ରହିଲା । ଭାଇମାନେ କହିଲେ ଚାଲ ପଳେଇବା । ବିଦା ମରିଗଲା । ବର୍ତ୍ତମାନ ଆଉ କିଛି ଚିନ୍ତା ନାହିଁ । ଆସି ଗାଧୋଇଲେ । ବିଦା କହିଲା, ଦେଖ ମୁଁ ଯଦି ସାଧବ ପୁଅ ହୋଇଥିବି, ତାହେଲେ ଏହି ଚେକାଗୁଡିକ ବୋହି ନେଇଯିବି ଆଉ ତାଙ୍କର ଦୁଆର ଗୁଡିକ ବନ୍ଦ କରିଦେବି । ବିଦା ଚେକା ବୋହି ଆଣିଲା ଓ

ଦୁଆର ବନ୍ଦ କଲା । ବିଦା ପିଣ୍ଡାରେ ବସିଛି । ଭାଇମାନେ ଆସି ଦେଖିଲେ । କହିଲେ ଏଇବେ ବିଦା ପିଣ୍ଡାରେ ବସିଛି । ଅଧେ କହିଲେ କେମିତି ବେ ସିଏ ପରା ମରିଗଲା । ପୁଣି ଏଠାରେ କେମିତି ବସିଛି । ଏହାକୁ କଣ କଲେ ମରିବ ? ଛଅ ଭାଇ ପୁଣି ବିଚାର କଲେ, କହିଲେ ମାଛ ଧରି ଯିବା । ସେଠାରେ ବିଦାକୁ କହିଲେ ଯାରେ ତୁ ଏହି ଗାତରେ ପଶିବୁ ମାଛଗୁଡାକ ସେ ଭିତରେ ପଶିଥିବେ । ବିଦା ପଶିଗଲା । ଗୋଟିଏ ବଡ ପଥର ଛଅଭାଇ ବଡ କଷ୍ଟରେ ଗଡାଇକରି ଆଣିଲେ । ବିଦା ଗାତରୁ ମାଛ ବାହାର କରି ଉପରକୁ ଫିଙ୍ଗୁଥାଏ । ସେ ପଥରଟିକୁ ବାହାରପଟୁ ମଡେଇଦେଲେ । ଆଉ ମାଛ ମଧ୍ୟ ଆଣିଲେ ନାହିଁ । ଘରକୁ ପଳେଇ ଆସିଲେ । ବିଦା କହିଲା, ଦେଖ ମୁଁ ଯଦି ସାଧବ ପୁଅ ହୋଇଥିବି ଏହି ମାଛ ଅଉ ପଥରଟି ଘରକୁ ନେଇଯିବି । ବିଦା ସବୁ ନେଇ ଆସିଲା । ବିଦା ଭାତ ଖାଇ ସାରି ପିଣ୍ଡାରେ ବସିଛି । ଭାଇମାନେ ଆସିଲେ, ଦେଖିଲେ ବିଦା ପିଣ୍ଡାରେ ବସିଛି । କହିଲେ ହେଇ ବେ ବିଦା । ବିଦା କହିଲା ଭାଇମାନେ କେଉଁଠି ଥିଲ ? ଭାଇମାନେ କହିଲେ ଗାଧୋଉଥିଲନେ ମନେ ବିଚାର କଲେ କିପରି ମାରିବା ? ଆଉ ଦିନେ ତାକୁ କହିବା ଚାର ନଦୀରେ ଲୁଚକାଳୀ ଖେଳିବା । ସେଠାରେ ଗୋଟିଏ ବସ୍ତାରେ ଭର୍ତ୍ତି କରି ନଦୀରେ ଫିଙ୍ଗିଦେବା । ସେହିପରି କଲେ । ନଦୀ ଭସେଇ ନେଲା । ତଳପଟେ ମଣିଷ ଚରାଳି ମଇଁଷି ଗାଧୋଉଥିଲେ । ସେମାନେ ଦେଖିଲେ ଯେ ବସ୍ତାରେ କଣ ଗୋଟାଏ ଭାସି ଯାଉଛି । ସେମାନେ ସେହି ବସ୍ତାକୁ ଧରିଲେ ଆଉ ଫିଟେଇଲେ । ସେତେବେଳେ ବିଦା କହିଲା ତୁମେ ମତେ କାହିଁକି ଛୁଇଁଲ । ମୁଁ ପରା ରଜା କନିଆଁ ବାହାହେବା ପାଇଁ ଯାଉଥିଲି । ମଇଁଷି ଚରାଳି କହିଲେ ଦିଅ ଆମକୁ ଭର୍ତ୍ତି କରିଦିଅ ଆମେ ରାଜ କନିଆଁ ବାହାହେବା ପାଇଁ ଯାଉଅଛୁ । ତୁମେ ମଣିଷଗୁଡାକ ଦେଖୁଥାଅ । ବିଦା ସେମାନଙ୍କୁ ବସ୍ତାରେ ଭର୍ତ୍ତି କରି ନଦୀରେ ଫିଙ୍ଗିଦେଲା । ସେମାନେ ମରିଗଲେ । ବିଦା ଘରକୁ ଫେରିଲା ଆଉ ତାର ମାଆକୁ କହିଲା, ମାଆ ଆଜି ଭାଇମାନଙ୍କୁ କହିଥିବୁ ମୁଇଁଷି ଖୁଣ୍ଟ ଅଣିଟା ଆଣିକରି ରଖିଥିବେ । ନହେଲେ ମୁଁ ଆସିଲେ ମାରିଦେବି । ମାଆ ପୁଅମାନଙ୍କୁ କହିଲା ଯାଆ ମଇଁଷି ଖୁଣ୍ଟ ଠିକ୍ କର । ବିଦା କେଉଁଠୁ ମଇଁଷି ଆଣିଲୁ । ବିଦା କହିଲା ଛାଡ ଭାଇମାନେ ଏକଥା ନ କହିଲେ ଭଲ । ତୁମେ ମତେ ବସ୍ତାରେ ଭର୍ତ୍ତିକରି ନଦୀରେ ଫିଙ୍ଗିଦେଲ । ଯଦି ଛଅଜଣଙ୍କୁ ମୋ ସାଙ୍ଗରେ ଭସାଇ ଦେଇଥାନ୍ତ ଆହୁରି ମଇଁଷି ଆଣିଥାନ୍ତି । ଭାଇମାନେ କହିଲେ ଦେ ଆମକୁ ମଧ୍ୟ ସେହିପରି କର । ଆମେ ବି ମଇଁଷି ଆଣୁଛୁ । ସେ ସେହିପରି କରି

ପାହାରେ ପାହାରେ ଦେଇ ପାଣିକୁ ଫିଙ୍ଗିଦେଲା । ଭାଇମାନେ ମରିଗଲେ । ବିଦା ଘରକୁ ଆସି ପିଣ୍ଡାରେ ବସିଛି । ଭାଉଜମାନେ କହିଲେ ତୋର ଭାଇମାନେ କେଉଁଠି ଅଛନ୍ତି । ବିଦା କହିଲା ମଇଁଷି ବାଛୁଥିବେ । ପରେ ବଡ ଭାଉଜ ପଚାରିଲା । ବିଦା ସେତେବେଳେ ମୋତେ ସିନା କନିଆଁ ଦେଉ ନଥିଲେ । ତୁମେ ବର୍ତ୍ତମାନ ମୋ ପାଖରେ ରହିବ । ଭାଇମାନଙ୍କୁ ମୁଁ ମାରିଦେଲି । ସମସ୍ତ ଭାଉଜମାନଙ୍କୁ ବିଦା ରଖିଲା ।

## (୨୦)

ବେଲା ଆଉ ଲେରାଡ଼୍ ବାନଲଡ଼୍ ସରଗଆ ଆସିକେ କିଆ । ଆଗିଲା ଯୁଗଆତେ ବେଲଆ ଆଉ ଲେରଡଂଆ ବହୁତ କନଣ୍ଡିକି ଆସିଆନକି । ଏକଲଡଂ ବେଲଆ କନଣ୍ଡିକି ଜତେ । ଲେରାଡଂ ଗାମଜୁ ବେଲରା କାରାରବ ମୁଲୁଷକି ଗମଜେକି । ସୁଣିଣ୍ଡ କିବକେଦ କନଣ୍ଡକି ଗମଜେକି । ଲେରାଡଂ ବଉତ ଚତୁର ଆସିଆନା । ଦିନମିଂଜ ବେଲ ଆଉ ଲେରାଡଂ ବୁଲିନମାନା କିଆ । ଆରାକିଆ ଇଞ୍ଜଆଁରା କିଆତେ ଏରେବେଲ । କିଚି ଆରାସିଆନା । ବିରି ଜିମିମ୍ କିଆଜ ରମଏନା କିଆ । ବୁଲି ବୁଲି ବହୁତ ଲାଙ୍କାବଁ ଅନକିଆ । କମସେରାନ୍ କିଆଜ ସେନା ଉରୁରତେ କୁଇସେତାନ କିଆ । କମତ କିକିବ ଜେନା ସୁଣିଣ୍ଡ ମୁରେକିଆ । ଜୁରସୁର୍ ତିଲାଜାନ୍ କିଆ । ଇଞ୍ଜଆଁବ ଡେନ କିଆ । ବେଲ ଆର ଇଞ୍ଜଆଁରା ଜୟଜୁ କିଛି କାଏଦ ଜତେ । ଲେରାଡ଼୍ଆଁ ଇଞ୍ଜ୍ଆଁରାତେ ମୁଇଣ୍ଡ କୁଲାବ ସୁମୁସିଡ଼୍ ଆସିଆନା । ଏରା କୁଲାବ୍ ବଉତ ଲାକୁଇ ସେର । ଲେରାଡଂ କିଚି ଆକୁୟାନା ବଲତେ କୁଲାବ୍ ଡବକୟାନା । ବେଲ ଡେନ ଜୟୁଜୁ ଜିଡ଼୍ଙ୍ଗ ବିରି ମିଦି ମେଡବ କୟେ ସେରେ । ଲେରାଡଂ ଚତୁର ଗାମ ବିରିଆଉ ଡବକଏନା ତିଲାଜ୍ ସାମ୍ବାଲେ ଆମାରିମାନା ବଲତେ କନନିଂ କିତେ ଡବକଏ ସେରେ । ବେଲଗାମ ଆଞ୍ଜି କିଲଡଂ ତାଲେ କନନିଂଜ କିତେ ଡବକଏରେ । ବେଲ କନଣ୍ଡ କିତେ ଡବକୟାନାଜ ଜିମ । ଏଦାରରିଆନା ଲେରାଡଂ କନଣ୍ଡ କିତେ ଅବିରାୟ । ବେଲ ଜୟଜ ଚଲେଆନା ଗାମ ଆମ ଆଞ୍ଜିତେ ମେବଣ୍ଡେଅ ଗାମାଜ ଲେରାଡ଼୍ ତେ ଶାବଲବ ଡୁଲୁଡଂଗଁ । ଏରେ ତାସୁନ୍ ଲେରାଡଂଆ ଇଣିରା କାଳିଆ ଦାଗଇସେରେ ।

## ଓଡ଼ିଆ ଅନୁବାଦ

ସୂର୍ଯ୍ୟ ଆଉ ଜହ୍ନ ଦୁଇଜଣ ସାରା ଆକାଶରେ ରହୁଛନ୍ତି । ଆଗ ଯୁଗରେ ସୂର୍ଯ୍ୟ ଆଉ ଜହ୍ନର ବହୁତ ଛୁଆ ଥିଲେ । ବର୍ତ୍ତମାନ ସୂର୍ଯ୍ୟର ଛୁଆମାନେ ନାହାନ୍ତି । ଜହ୍ନ

କହିଲେ ଯେ ସୂର୍ଯ୍ୟ କିରଣରେ ଲୋକମାନେ ମରିଯିବେ । କଣ କଲେ ଛୁଆଗୁଡା ତାର ମରିଯିବେ । ଜହ୍ନ ବହୁତ ଚାଲାକ ଥିଲା । ଦିନେ ସୂର୍ଯ୍ୟ ଆଉ ଜହ୍ନ ବୁଲୁଥିଲେ । ସେତେବେଳେ ତାଙ୍କ ଘରେ କିଛି ନଥିଲା । କଣ ଖାଇକରି ରହିବେ । ବୁଲି ବୁଲି ବହୁତ ଦୂରକୁ ଗଲେ । କାମ କରିଥିଲେ ସିନା ଖାଇବା ପାଇଁ ପାଇଥାନ୍ତେ । କାମତ କରିନାହାନ୍ତି କିପରି ଖାଇବେ । ଜୋରରେ ଭୋକ ହେଲା । ଘରକୁ ଆସିଲେ । ସୂର୍ଯ୍ୟ ତାଙ୍କ ଘରେ ଦେଖିଲେ ଯେ କିଛି ଖାଦ୍ୟ ନାହିଁ । ଜହ୍ନ ଦେଖିଲା ଯେ ଘରେ କିଛି ଖାଦ୍ୟ ନାହିଁ । ଜହ୍ନର ଘରେ ଟେିଏ ବେଲ ଗଛ ଥିଲା । ସେଥିରେ ବହୁତ ବେଲ ଫଳିଥିଲା । ଜହ୍ନ କିଛି ନ ପାଇ ବେଲକୁ ସିଝେଇଲେ । ସୂର୍ଯ୍ୟ ଆସି ଦେଖି ପଚାରିଲା କଣ ସିଝେଇଛୁ ? ଜହ୍ନ ତ ଚତୁର । ସେ କହିଲା କଣ ଆଉ ସିଝେଇବି । ଭୋକ ସମ୍ଭାଳି ନପାରି ନିଜ ଛୁଆମାନଙ୍କୁ  ସିଝେଉଛି । ସୂର୍ଯ୍ୟ କହିଲା ତାହେଲେ ମୁଁ ମଧ୍ୟ ମୋର ଛୁଆମାନଙ୍କୁ ସିଝେଇବି । ସୂର୍ଯ୍ୟ ତାର ନିଜ ଛୁଆଙ୍କୁ ସିଝେଇ ଖାଇଦେଲା । ରାତି ହେଲା । ଜହ୍ନ ତାର ଛୁଆମାନଙ୍କୁ ବାହାରକଲା । ସୂର୍ଯ୍ୟ ଦେଖିଲା ଓ ରାଗିକରି କହିଲା, ତୁ ମୋତେ ମିଛି କହିଲୁ । ଏହା କହି ଜହ୍ନକୁ ଶାବଳରେ ବାରମ୍ବାର ଭୂଷି ଦେଲା । ସେହିଦିନଠାରୁ ଜହ୍ନ ଦେହରେ କଳା କଳା ଦାଗ ହୋଇଛି ।

## (୨୧)

ମୁଇଣ୍ଡ ଧନୀ ମୁଲୂଷ ଆସିଆନା । କରମ ଅଭାଗ୍ୟ ବଲତେ କିଚି ଦିନ ଇଆନା ଆର ଧନରକି ଜେଲାଅ । ଅଚତା ଆର ବିରିକିମିବେ । ଦିନମିଂ ଆର ଇଞ୍ଜଆଁ ସାଡେଅଜ ଡୁଙ୍ଗ ଡୁଙ୍ଗ ତେ ଗାମ । ସୁତୁକୁରିଂ ଆରା ଆଉ ଯାଆ ଦନ ଆସିଆନା ଏରେକି ସବାନ ଡୁଂଙ୍ଗ । ଅଂଗର ଅଂଗର ମୁଇଣ୍ଡ ଗାଅଁଆ ଆଉଚିଆନା । ଜୟଜୁ ଏରା ଉଆଲିକି ପାଟି କିକି କିବ ଅଉବ ଇନିବ ଦବଡେକେକି । ବୁଢା ଜିଂଙ୍ଗ ବିରିଲେ ଉଆଲିକି ଗାତା ବିରି ? ବିତେ ଇନିପୁଂଣ୍ଡ ପାଟିଇକିବବେ । ଉଆଲିକି ଗାମକି ଇନି ଜୟେ ଇନିଂଜଂ ମୁଇଣ୍ଡ କଲେଙ୍ଗ ନିକୁଇ ସେକେ । ମଜା କିକିବତେ ଆରତେ ଦାଉଲାବ ନେତରଜ ନୁବକୁଜକେ । ଇନିଜଏ କଲେଙ୍ଗେ ସୁଣିଣ୍ଡ କିଜକେ, ବିଚରା କଲେଙ୍ଗ ଡେତେ ଜୟଜ ଲୁକରା ମାମୁନୁ ଇଆନ । ଆର ଗାମ ଆରେ ବିଜେପେ ଉଆଲିକି କଲେଙ୍ଗ ଡେତେ ଡ଼ିଜେପେ ଆନେ ଆଞ୍ଜି ଆପେତେ ପଏସା ଡିଂକେ । ଇନିଗାମଜ ଲୁକରେ ଉଆଲିକିତେ କିଚି ପଇସା ଡିଂଜ । କଲେଙ୍ଗ ଡେତେ ଇଜିଂଡତା ଦାଉଲା ଏବଟାଅଜ ଡୁଂଙ୍ଗ ଲୁକରେ ଅଚତା ଅନଜ ମୁଇଣ୍ଡତା ଗାଅଁଆ ଆଉଚିଆନା । ଏରା

ଜୟ ଦଲମିଂ ଉଆଲିକି ମୁଇଣ୍ଟ ଗଦତେ ସବକିଜ ଆରା ଇଜିଂଙ୍ଗତତେ ତମଗନ ସେକେକି । ଗଦରେ ଅବାଟ ଇଜିଂଙ୍ଗବ ତଙ୍ଗନା ସୁଣିଣ୍ଡ । ରେ ତରମିଂଜ ଆର କା ଚେରମାନଦ ଅଲଗଡପେ । ଲୁକରେ ଏରେ ପୁଟିଣ୍ଡ ଉଆଲିକିତେ କିଚି ପଏସା ଡ଼ିଂଜ ଗଦରେତ ଏବ୍‌ଟାଅଜ ପିଜ । ଅଚତା ଆଉ ମୁଇଣ୍ଟତା ଗାଆଁଆ ଆଉଟିଆନ୍ ଏରା ଜୟଜୁ ଦଲମିଂଜ ଲୁକକି ବନାଏତେ ଉବକୁଦ କିକି । ବାନାଏରେ କେଞ୍ଚା ଜିମକେ କଷ୍ଟଇରେ । ଲୁକରେ ଆରକିତେ କିଲଙ୍ଗ୍ କିଚି ପଇସା ଡିଂଜ ଦନାଏ ବିରତେ ଏବ୍‌ଟାଅ । ଇନୁଜିଦ ଇଆନାଜ ଲୁକରା ପଇସାର ଜେଲାଅ । ଆର ଗାମରାଜା ଉଆସବ ଅଣ୍ଡେତୁକିଚି ପଏସା ଅଁବାର ଅରେନା । କିଚି ଦିନ୍ ଇଆନାଜ ଆଞ୍ଚ । ବହୁତ ଦନ ରତ୍ନ ଇଆନଜ ରାଜା ଇଞ୍ଚଆଁରା ଦାର ସୁଜିନା ଇନୁଲିଂଜ ଗାମଜ ଲୁକରେ ରାଜା ଇଞ୍ଚଆଁରବ ଅନ । ଏରେତା ଅଲପ କିଚି ପଇସା ଅରେନାନଜ ଡେଙ୍ଗରଡା ବଲତେ ରାଜାରା ଜଗୁଆରକି ଆରତେ ସବକି । ଚୁର ଗାମକିଜ ଆରତେ ଆକିମଆ ଆସରବ ଗଗକି । ଆକିମ ବିଚାର କିବଜ ଗାମ । ଇନି ଲୁକରେ ସୁରମସେରେ ଏତେ ଆର ଦୋଷୀ । ଏତେ ଆରତେ ମୁଇଣ୍ଟ ବାଂକସତେ ଉସିଗ୍‌ପେବିରି ଡାଗତେ ତମେପେ । ଏରେ ବାଂଙ୍କସରାତେ ଅଲପ ଡାକ ରୁଟି ଆରତେ ବନ୍ଦ କିବକିବିରି ତମକି । ବାଂଙ୍କସରେ ଡାଗା ତୁଇସୁନ ଅଣ୍ଡେ । ଲୁକରେ ଲାତେ ଡକ ଆନାଜ ମନ ଦୁକରେ ଜେକେ । ଇନିବେଲା ଅଙ୍ଗଜ ଆଡିକ ମିନକ ବାଂସରେତେ ଏବ୍ ଟାଏକେ । ମାର ମାର ବାଂକସାର ଡାପୁଣିର ଏଟେଆନା ଲୁକରେ ଜୟଜୁ ଯଉ କଲେଙ୍ଗତେ ଆର ଦିନମିଂଜ ରକିଆ କିବ ସେର ଆର ଡେନଜ ଆସାର ଆଉଟିଆନା । ଅଚତା ଗଦ ଆଉ ବାନାଏ ଆଲଉଟିଆନା ଲୁକରେ ଆରକିତେ ସହଯୋଗ କିବ୍ ସେର ଏତେ ବାଂକସରେତେ ଡିଗାର୍‌ଶୁନ କୁନ୍ଦୁଆ ଲଗାଅକି । ବିରିକିମିବେକି । ଏରେ କୁଲରେ ବାନାଏ ଗଦ, କଲେଙ୍ଗ ଆଉ ଲୁକରେ ଡକଆନକିଜ ବାବେ କିକି । ଏତେ ବେଲ ଡେଉଁ ଇଆନଜ ମୁଇଣ୍ଟ ସୁସୁତେର ଡେଗାନା ଏଗେର ଡେନ କୁଲବ । ଏରେବେଲା ବାନାଏଗାମ । ଇନି ଏଗେଡେ ବାଇଗତେ ଆସିଆନାଜ ମେଲେରେ । ଇନି ଏଗେରଡେ ଆସିଆନଜ ମହାଚରଣାମ୍ ତାଆ ମେମେଲେନା । ଲୁକରେ ଆନଜ ମାର ମାର ଅନଜ କୁଲାୟାନ୍ । ଆଉ ଅରେନ୍ ନାୟ ଆସରା ଉନାନ୍ । ବାବେଅ ମୁଇଣ୍ଟ ବଗିଚା ମାସିନା କୁବା କୁଚା ଇଞ୍ଚାଆଁ ଆଉ ଗଳାଗାଡି ଆଞ୍ଚା ଇତାନଡି । ବାବେଅଯ ମାର୍ ମାର୍ ଆରା ସାବରଂଙ୍ଗ ଏରେପୁଣିଣ୍ଡ ଇଆନ୍ । ଇନି ଡିଅର ଇଞ୍ଚଆଁରାତେ ·ଆର ସୁକରେ ରଏଆନା ।

## ଓଡ଼ିଆ ଅନୁବାଦ

ଜଣେ ଧନୀ ଲୋକ ଥିଲା । ମାତ୍ର ଦୁର୍ଭାଗ୍ୟ ବସତଃ ଅଳ୍ପ କେତେଦିନ ମଧ୍ୟରେ ସେ ତା'ର ସମସ୍ତ ଧନସମ୍ପତ୍ତି ହରାଇ ବସିଲା । ତା'ପରେ ଆଉ କଣ ବା କରିବ ? ଶେଷକୁ ଦିନେ ସେ ତା'ର ଘର ଛାଡି ଚାଲିଯିବାକୁ ଠିକ୍ କଲା । ସତକୁ ସତ ତା'ର ଆଉ ଯାହାକିଛି ଥିଲା ତାକୁ ଧରି ସେ ବାହାରିଲା । ଯାଉ ଯାଉ ସେ ଗୋଟିଏ ଗାଁରେ ପହଞ୍ଚିଲା । ଦେଖିଲା ସେଠି ଟୋକାମାନେ ପାଟିତୁଣ୍ଡ କରି ଏଣେତେଣେ ଦୌଡିଦୌଡି କରୁଛନ୍ତି । ଲୋକଟି ପଚାରିଲା- କିରେ ପିଲାଏ କଥା କ'ଣ ? କାହିଁକି ଏପରି ପାଟି କରୁଛ ? ଟୋକାମାନେ କହିଲେ- କରେ ପିଲାଏ କଥା କ'ଣ ? କାହିଁକି ଏପରି ପାଟି କରୁଛ ? ଟୋକାମାନେ କହିଲେ- ହେଇଟି ଦେଖ, ଆମେ ଗୋଟିଏ ମୂଷା ପାଇଛୁ । ମଜା କରିବାକୁ ତାକୁ ଦଉଡିରେ ବାନ୍ଧି ନଚାଉଛୁ । ହେଇଟି ଦେଖ ଏ ମଜା । ମୂଷା କିପରି ନାଚୁଛି । ବିଚରା ମୂଷାଟିକୁ ଛାଡିଦିଅ । ମୁଁ ତୁମକୁ ପଇସା ଦେବି । ଏହା କହି ଲୋକଟି ପିଲାଙ୍କୁ କିଛି ପଇସା ଦେଇ ମୂଷାଟିକୁ ଆଣି ତା ଗୋଡରୁ ଦଉଡି ଫିଟାଇ ଦେଲା । ଲୋକଟି ବାଟରେ ଯାଉ ଯାଉ ଆଉ ଗୋଟିଏ ଗାଁରେ ପହଞ୍ଚିଲା । ସେଠାରେ ଦେଖିଲା ଦଳେ ପିଲା ଗୋଟିଏ ଗଧକୁକ ଧରି ତାକୁ ଦି ଗୋପରେ ଠିଆ କରାଇଛନ୍ତି । ଗଧଟି ଦୁଇଟି ଗୋଡରେ ଠିଆ ହେବ ବା କିପରି ? ଥରକୁ ଥର ସେ କଚାଡି ହୋଇ ପଡୁଥାଏ । ଲୋକଟି ସେହିପରି ପିଲାମାନଙ୍କୁ କିଛି ପଇସା ଦେଇ ଗଧଟିକୁ ଖୋଲି ଛାଡିଦେଲା । ତାପରେ ଆଉ ଗୋଟିଏ ଗାଁ ପଡିଲା । ସେଠାରେ ଦେଖିଲା ଦଳେ ଲୋକ ଗୋଟିଏ ଭାଲୁକୁ ନଚାଉଛନ୍ତି । ଭାଲୁଟି କେଞ୍ଚା ଖାଇ ଖାଇ ବଡ କଷ୍ଟ ପାଉଅଛି । ଲୋକଟି ସେହି ଲୋକମାନଙ୍କୁ କିଛି ପଇସା ଦେବାରୁ ସେମାନେ ଭାଲୁଟିକୁ ଫିଟାଇଦେଲେ । ଏହିପରି ଭାବେ ଲୋକଟିର ତାର ବଳିଥିବା ସବୁତକ ପଇସା ସରିଗଲା । ସେ ଭାବିଲା ରାଜଉଆସକୁ ଯାଇ ପଇସା କିଛି ଧାର ଆଣିବି । କିଛିଦିନ ପରେ ମୋର କିଛି ଧନରତ୍ନ ହୋଇଗଲେ ରାଜାଙ୍କର ଋଣ ଶୁଝିଦେବି । ଏହା ଭାବି ଲୋକଟି ରାଜାଙ୍କ ଭଣ୍ଡାର ଘରେ ପଶିଲା । ସେଠାରୁ ଅଳ୍ପ କିଛି ଟଙ୍କା ଆଣି ସେ ବାହାରି ଆସିଲାବେଳକୁ ରାଜାଙ୍କ ଜଗୁଆଳିମାନେ ତାକୁ ଧରି ପକାଇଲେ । ଚୋର ମନେକରି ସେମାନେ ତାକୁ ହାକିମଙ୍କ ପାଖକୁ ନେଇଗଲେ । ହାକିମ ବିଚାର କରି କହିଲେ ଯେ ଲୋକଟି ଚୋରି କରିଥିବାରୁ ଦୋଷୀ । ଏଣୁ ଯାକୁ ଗୋଟିଏ ବଡ ସିନ୍ଦୁକରେ ପୂରାଇ ପାଣିରେ ଫୋପାଡି ଦିଆଯାଉ । ଜଗୁଆଳିମାନେ

ସେହି ବାକ୍‌ସ ଭିତରେ ତାଳେ ପାଣି, ଆଉ ରୁଟି, ଆଉକିଛି ଖାଇବା ଜିନିଷ ରଖି ତାକୁ ବନ୍ଦ କରି ପାଣିରେ ଫୋପାଡି ଦେଲେ । ବାକସଟି ପାଣିରେ ଭାସି ଭାସି ଯାଉଥାଏ । ଲୋକଟି ତା ଭିତରେ ବସି ମନଦୁଃଖରେ ଭାବୁଥାଏ । ଏହି ସମୟରେ ସେ ଶୁଣିଲା କିଏ ଯେପରି ବାକସର ଚାବି ଫିଟାଉଛି । ସଙ୍ଗେ ସଙ୍ଗେ ବାକସର ଘୋଡଣିଟି ଖୋଲିଦେଲା । ଲୋକଟି ଦେଖିଲା ଯେଉଁ ମୂଷାଟିକୁ ସେ ଦିନେ ସାହାଯ୍ୟ କରିଥିଲା, ସେହି ମୂଷାଟି ବାକସ ଖୋଲି ତା ପାଖରେ ହାଜର । ତାପରେ ଗଧ ଆଉ ଭାଲୁ ଆସିଗଲେ । ଲୋକଟି ସେମାନଙ୍କୁ ରକ୍ଷା କରିଥିବାରୁ ବାକସଟିକୁ ଟାଣି ଟାଣି କୂଳକୁ ନେଇଗଲେ । ତାପରେ କଣ କରାଯିବ ? ମୂଷା, ଗଧ, ଭାଲୁ ଏବଂ ଲୋକଟି କୂଳରେ ବସି ଭାବୁଥାନ୍ତି । ସେତେବେଳେ ଢେଉ ଆସି ଗୋଟିଏ ଅଣ୍ଡା ପରି ପଥରଟିକୁ କୂଳରେ ଲାଗିଲା । ଭାଲୁ କହିଲା ଏହି ଆଶ୍ଚର୍ଯ୍ୟ ପଥର ଭାଗ୍ୟରେ ଥିଲେ ମିଳେ । ଏହି ପଥରକୁ ଯାହା କହିବ ତାହା ମିଳିବ । ଲୋକଟି ଶୁଣିଲା ମାତ୍ରେ ସଙ୍ଗେ ସଙ୍ଗେ ଯାଇ ପଥରଟି ଆଣି ପାଖରେ ରଖିଲା । ଭାବିଲା ଗୋଟିଏ ବଗିଚା ଥିବା କୋଠାଘର ଏବଂ ଘୋଡାଗାଡି ମୋର ହୁଅନ୍ତା କି । ଭାବିଲା ମାତ୍ରେ ତାର ସମସ୍ତ ମନସ୍କାମନା ପୂର୍ଣ୍ଣ ହୋଇଗଲା । ସେହି ସୁନ୍ଦର କୋଠାଘରେ ସେ ଅତି ସୁଖରେ ରହିଲା ।

## (୨୨)

ମୁଇଣ୍ଡ ରାଜ୍ୟତେ ରାଜା କଞ୍ଚେଲାନ୍ ଆସିଆନା । ଏରେ ଖଣ୍ଡମଣ୍ଡଳରା ଆରାଡେଗାନ୍ ଆଗ ଗାତାଏତେ ଲୁକ କେଇଜତେ । ଆର ମନଆତା ପାଦେ ଅଜ ଗାତାଏତେ ଆଗିଲା । ଏତେ ରାଜା ପରଚାର କିବ-ଯାଆର ମନଗଡା ଆଗ ମଙ୍ଗେ ବିରି ଆଞ୍ଜାଆଁ କଞ୍ଚେଲାନିଂଜ୍ ଗାମାମେ, ଅଏଁଇନି ମୁଇଣ୍ଡ ଆଗା ଡେଗାନ୍ ଆଗ, ଆଞ୍ଜ ଆରତେର କଞ୍ଚେନାନିଂନ୍ତେ କାନିଆ ଡିଂଜେ । ଏରେତାକୁରି ଏରେଲୁକରେତେ ଆଞ୍ଜାଆଁ ରାଇଜଂଣ୍ଡେ ପାଳିମିଂଜ ଜଉତୁକ ଡିଂଜେ ।

ରାଜ୍ୟ ଆଉ ରାଜା କଞ୍ଚେଲାନ୍ ଲୁବରେ ବହୁତ ଲୁକକି ବହୁତ ଦେଶତା ଡେନକି । ମାତର କେଇ ଆଗ ଗାତାଅକିଜ ରାଜା କଞ୍ଚେଲାଣ୍ଡତେ ବେଲେକା କିଟିବ୍ ଆରିମାନାକି । ରାଜା କଞ୍ଚେଲାଣ୍ଡତ କିତିକ ଆଗ ଅଂସେତେ.। ଆରାକା ଆଗରକି ରାଜା କଞ୍ଚେଲାଣ୍ଡ ଇନି ଲୁତୁର ଡତା ତୁଇରାନ୍ଜ ଆଉତା ଲୁତୁର୍‌ଡା ଆରିଆନା । କିଚିଦିନ ଅଚତା ବାଗ୍ୟ ପରିକା କିକିବତେ ତିନି ବାଇ ଡେନ୍‌କି ରାଜା କଞ୍ଚେଲାଣ୍ଡ ଆସରବ । ସାବରଙ୍ଗାତା କୁରି କୁବା ଆଉ ମଝିଆଁ କାକାରକିଆ ଡେନକିଆଜ ରାଜା

କଞ୍ଜେଲାଣ୍ଡତେ କୁସି କିକିବ୍ ଆରିମାନାକିଆ । ସବା ଅଚତା ସାନ ବାଇର କିଆଡେନ । ଆରା ନାଅଁର ବୁଟୁ । ବଗିଚାରା ରାଜା କଞ୍ଜେଲାଣ୍ଡା ତୁଲଙ୍ଗ ବେଟ ଇଆନା ବୁଟୁ ଆଗିଲା ଗାମ୍ - ଜୁଆର, ବିନା କାରଣବ ଆମତେ ଅଶେଷ ଧନ୍ୟବାଦ ।

ଜୁଆର ଆଞ୍ଜ କିଲଙ୍ଗ ଆମତେ ଇନି ମୁଣିଣ୍ଡ ଜଣାଏକେ । ରାଜା କଞ୍ଜେଲାଣ୍ଡ ମାର ମାର ଉତର ଡିଂଜ । ଅଚତା ରାଜ କଞ୍ଜେଲାଣ୍ଡ ଗାତାୟଜ ଗାମ ଆମ୍ ଆଗ ଗାତାଏତେ ମେଡେନଚେରେ ପରା, ଆଗ ଆମ ମେକଡ ସେକେ ଇନିଂଜା ଇନି ପୁଣିଣ୍ଡ ବଗିରୁ ଡିଅର ଆଉ କୁବାର ବଗିଚା ଆସିକେଜୁ ଆଉ ମାଣ୍ଡିଆ ବି ଇନିପୁଣିଣ୍ଡ ଜତେ । ଆପେଆ ସାନର ମାସିନା ଇନିଂଜା ଇନିପୁଣିଣ୍ଡ ବଗିଚା ଆସିକେଜୁ ବାନକ୍ ଅଲେନ୍ଦ ଚରାଳିଆ କିଆ ଅବାଟତା ମୁଣ୍ଡତା ବଜାଅକିଆଜ ଆଅଙ୍ଗଡେ ଜେନା । ବୁଟୁ ଗାମ୍ ଇନି ବିରି ବଗିଚା ଇନିଜ ବଗିଚା ଇନିତା ଆଉରି କୁବାର । ମୁଇଣ୍ଡ ଚଡା ଯଦି ଇନି ମୁଣ୍ଡତା ପାର ଇତେ ଆର ମୁଣ୍ଡବ ମନା ତାଲେ ଆର ମୁଣ୍ଡ ଆଉଚି ଆନଜ ଆର ଗାଇ ମିସେନାତେ । ରାଜା କଞ୍ଜେଲାଣ୍ଡ ଗାମ ମାତର ଇନି ନିଶ୍ଚୟ । ଯଥା ଇରେମ ପଚେ ଇନିଞ୍ଜା ଅଲେଦ ଯେତେ ଦୁଦ ଡ଼ିଇଂକେ ଆପେଆ ଇନିପୁଣିଣ୍ଡ ଅଲେବ ଆରାସିକେ ଜେନା । କୁବା କୁବା ପଚାଶ ଗଟା ବାଳିଟିତେ କିର ନେରଜକ୍ ଇଞ୍ଜାଆବ ଅଣ୍ଡେ । ସାବରଙ୍ଗ ଇଞ୍ଜଆତେ ମହରିଆ ହଣ୍ଡା ରାକାତେ ରଏରେ । ଏତେ ଇନିଜ୍ ମହଣିଆ କୁବା କୁବା ଚେନାମୁଣ୍ଡା ନିକୁଇରେ ।

ବୁଟୁଗାମ୍ ଇନିବିରି ବେଲେକା ଗାତା । ଇନି ଇସେରାନଜ ମିସେନା । ମାତର ଇନିଞ୍ଜ । ବିରି ଆସିକେ ମେକଡସେକେ ? କୁବା କୁବା ହଣ୍ଡାରାତେ ଇନିଞ୍ଜା ଗାଇକି ଦୁଆଁ ଇରେକି ସାବରଙ୍ଗ । ଗୁଆଲ ତାସୁନ୍ ହଣ୍ଡେ ସାବରଙ୍ଗ ଶଗଡଆତେ ତିନ୍ତାରଇଆନ୍‌ଜ ଇନିଞ୍ଜ ଇଞ୍ଜଆଁବ ଅଣ୍ଡେ । ଇଞ୍ଜଆଁ ପୁକୁରିଆ ଡେଗାନ୍ କୁବା କୁବା ସିମେଣ୍ଟ କୁଣ୍ଡତେ ଏରେକି ସାବରଙ୍ଗ ରଗ ରଗ ଇରେ । ଏତେ ଇନିଞ୍ଜ ସୁଗାଇ ଚେନା ନିକୁଇରେ ଏରେକି ମୁଇଣ୍ଟ ମୁଇଣ୍ଟ ଇଞ୍ଜଆଁ ଡେଗାନ୍ । ଏତେ ଉବକାଦର ଦଳେତେ ଚେନା ଦଶଗଟା ଗଲା ନିପୁସିସେରେ । ବରମିଂଜ ଇନିଞ୍ଜାଁ ମୁଇଣ୍ଟ ଗଲା ଗଜ ଏରାତେ ଦୁଣ୍ଡି ରମାନଦ୍ । ଏରେ ଚେନାରେ କି ଇନିଜ ସାତ ବରଷବ ଯାଇକରି ନୁଟାଅ । ଅଚତା ଏରେ କମରେତେ ମୁଇଣ୍ଟତା ଗଲା ନେସଡଙ୍ଗାନ । ଦିନ ମିଂ ଏରେ ଗଲା ରାତେ ଡକଆନଜ୍ କାରଖାନା ଅଗଂନମାନ୍ ଗଲାରା କିନବଡା ଆଡରେ ଏଗାଗାଁନା । ଆଞ୍ଜବିରି ଏରେତା ଡୁଙ୍ଗ । ସାଙ୍ଗେ ସାଙ୍ଗେ ଗଲା ତା ଅଲେଆନା ।

ମୁଇଣ୍ଟ ଜାମୁ ସୁମୁସିଂ ଅରେନବିରି ଆରା କିନବଡା ତର୍ ଇନିଞ୍ଜ ଆସତେ ଆସିଆନା ଜାକର ଏରେ ଗଲାର କିନବଡା ଆଡଆରାର ସିଆନ ଜବି କମନମାନା । ମାତର ଆରା କିନବଡା ଅଲଗ ସେନ୍ ଜାମୁ ସୁମୁସି ଅରେନନ ଆରା କିନବଡା ବୁଲାଅ । ଇନିଞ୍ଜ ଆସତେ ଆସିଆନା ଜାକର ଏରେ ଗଲାରା କିନବଡା ଆଡସାରା ସିଆନ ଜବି କମନମାନା । ମାତର ଆରା କିନବଡା ଅଲଗ ସେରାନ୍ ଜାମୁ ସୁମୁଡିଙ୍ଡେ ଡିରି ଡିରି ବଡେଅଜ ଅଲବ ଦିନକ ମୁଇଁଣ୍ଟ କୁବା ସୁମୁସିଡ ଇଆନା । ଆଞ୍ଜ ଦିନମିଙ ଏରେ ସୁମୁସିଡଡାତେ ଡାଡାଜ ଡାଡାଜ ସରଗବ ଆଉଚିଆନା । ସରଗବ ଆଉଚିଆନଜ ଜୟଜୁ ମୁଇଁଣ୍ଟ ଜୁଆଙ୍ଗଡାଏ ଡକଆନ୍ଜ ସମୁଦ୍ର ପମ୍ପଲରେ କି ବଟେଅଜ ଏରାତେ ଗୁଟା ଦାଉଲା ବନାଏକେ ।

ଠିକ୍ ଏରେବେଲା ଜାମୁ ସୁମୁସିଂଡେ ମୁଜିଆ ବାଟୁଡ ଗାନ୍ । ପୁଣି ଆଞ୍ଜ ତୁଲିବ ଅଲେନା ସୁଣିଣ୍ଡ ? ଅଚଡା ଏରେର ଜୁଆଙ୍ଗ ଡାଏରେ ଆରା ଦାଉଲାର ତୁଲିବ ଅବଲଗଜ ଅଲେନାଡାଏ ଗାମ୍ । ଆଞ୍ଜ ଦାଉଲାରାତେ ଅଲେ ତୁଲିଆ ନ୍ମାନ୍ ଅଲଗନା । ଅଲଗାନା ପୁଣିସିଦା ଶିଆଲଆ ଗାତରଡାତେ । ମାତର ଏରାତେ ଜୟଜୁ ଆମାଅବାମ୍ ଆଉ ବୁଇଦମ୍ ଡକଆନ୍ କିଆଜ ଜୁଡା ସାଜାଲେକେକିଆ । ଆଞ୍ଜ ଯେମିତି ଆରାଆସରାକିଆ । ଆଉଚିଆନ ଏରେ ପୁଣିଣ୍ଡ ଆଞ୍ଜା ବୁଇଂଜ ଅବାସତେ ମୁଇଣ୍ଟ ଖୁନ୍ଦା ଡିଂଜଜୁ ଅବାମା ନିଶର ଲୁଲୁଡ ଇଆନ୍ ।

ରାଜା କଞ୍ଚେଲାଣ୍ଡ ଇନିଗାତରେ ଅଂଙ୍ଗଜ ଗାମ ହିଁ ଇନି ମୁଇଣ୍ଟ ଆଗଆ ଡେଗାନ୍ ଆଗ । ମାତର ଆଞ୍ଜ ଯେତେ ଲାଙ୍କା କଙ୍କେ ଆଞ୍ଜା ଅବାଂତ ବିଡିବେନାତେବି ଇନିପୁଣିଣ୍ଡ ମିସିଂଜାକ ବୁଗିଜେନା । ଆରାକା ନିଶରତ ଲୁଲୁର୍ ଜେନା ।

ରାଜା କଞ୍ଚେଲାନ୍ ଇନିମିଂନ୍ଦିରେ ମଲିଅଦ ବୁଟ ଆଗଆ ଲୁଲୁର ତେଅ ଅଚଡା ରାଜା କଞ୍ଚେଲାଣ୍ଡତେ କାନିଆଁ ଉନବିରି ରାଜ୍ୟ ପାଲିମିଂ କୁୟାନଜ ଆର କୁସି ଇଆନଜ ରଏଅନା ।

## ଓଡ଼ିଆ ଅନୁବାଦ

ଗୋଟିଏ ରାଜ୍ୟରେ ଜଣେ ରାଜା ଥିଲେ । ତାଙ୍କର ଗୋଟିଏ ଝିଅ ଥିଲା । ଖଣ୍ଡମଣ୍ଡଳରେ ତା ପରି ଗପ କହିବା ଲୋକ କେହି ନଥିଲେ । ମନରୁ ଫାନ୍ଦି ଗପ

କହିବାରେ ସେ ଧୁରନ୍ଧର । ତେଣୁ ରାଜା ଘୋଷଣା କଲେ ଯାହାର ମନଗଢା ଗପ ଶୁଣି ମୋ ଝିଅ କହିବ ଯେ ହଁ ଇଏ ଗୋଟିଏ ଗପ ଭଳି ଗପ ମୁଁ ତାକୁ ହିଁ ମୋର ଝିଅକୁ ବାହା ଦେବି । ତାଛଡା ସେ ଲୋକକୁ ମୋ ରାଜ୍ୟରୁ ମଧ୍ୟ ଅଧେ ଦେବି ।

ରାଜ୍ୟ ଓ ରାଜା ଝିଅ ଲୋଭରେ ବହୁ ଦେଶରୁ ବହୁତ ଲୋକ ଆସିଲେ । ମାତ୍ର କେହି ଗପ କହି ରାଜା ଝିଅକୁ ଆଶ୍ଚର୍ଯ୍ୟ କରିପାରିଲେ ନାହିଁ । ରାଜା ଝିଅତ କେତେ ଗପ ଶୁଣିଛି । ସେମାନଙ୍କ ଗପ ସବୁ କେମିତି ରାଜା ଝିଅର ଏକାନରେ ପଶି ସେ କାନରେ ବାହାରିଗଲା । କିଛି ଦିନ ପରେ ଭାଗ୍ୟ ପରୀକ୍ଷା କରିବା ପାଇଁ ରାଜା ଝିଅ ପାଖକୁ ତିନି ଭାଇ ବାହାରିଲେ । ସମସ୍ତଙ୍କଠାରୁ ବଡ ଓ ମଝିଆ ଭାଇ ଆଗ ଆସି ରାଜା ଝିଅକୁ ଖୁସି କରି ନ ପାରି ଫେରିଗଲେ । ସବା ଶେଷରେ ସାନଭାଇ ଆସିଲା । ତାର ନାମ ବୁଟୁ । ସେତେବେଳେ ରାଜା ଝିଅ ବଗିଚାରେ ବୁଲୁଥାଏ । ବୁଟୁର ରାଜା ଝିଅ ସଙ୍ଗେ ବଗିଚାରେ ଦେଖାହେଲା । ବୁଟୁ ପ୍ରଥମେ କହିଲା, ନମସ୍କାର । ବିନା କାରଣରେ ତୁମକୁ ଅଶେଷ ଧନ୍ୟବାଦ ।

'ନମସ୍କାର' । ମୁଁ ମଧ୍ୟ ତୁମକୁ ସେଇଆ ଜଣାଉଛି । ରାଜା ଝିଅ ସଙ୍ଗେ ସଙ୍ଗେ ଉତ୍ତର ଦେଲା । ତାପରେ ରାଜା ଝିଅ କହିବାକୁ ଆରମ୍ଭ କଲା, ଓଃ ! ତୁମେ ଗପ କହିବାକୁ ଆସିଛ ପରା । ଆଛା, ତୁମେ ଜାଣିଛନା ଆମର ଏଇ ବଗିଚା ଭଳି ସୁନ୍ଦର ଓ ମସ୍ତବଡ ବଗିଚା ଆଉ କେଉଁଠି ନାହିଁ । ତୁମର ହୁଏତ ଛୋଟ ବଗିଚା ଥାଇପାରେ । ମାତ୍ର ଏ ବଗିଚାଟି ଏତେ ବଡ ଯେ ଦୁଇଟା ଗାଈଆଳ ଟୋକା ବଗିଚାର ଦୁଇପଟେ ରହି ତୁରୀ ବଜାଇଲେ କେହି କାହାର ତୁରୀ ଶବ୍ଦ ଶୁଣି ପାରିବେ ନାହିଁ ।

ବୁଟ କହିଲା ଏଇଟା ଗୋଟାଏ କି ବଗିଚା । ଆମ ବଗିଚା ଏହାଠୁ ଆହୁରି ବଡ । ଗୋଟାଏ ଛଡା ଯଦି ଆମ ବଗିଚାକୁ ପାର ହେବା ପାଇଁ ଗୋଟାଏ ପଟରେ ପଶେ ତେବେ ସେ ଆର ପଟରେ ବାହାରିଲା। ବେଳକୁ ଗାଈ ହୋଇ ସାରିଥିବ । ମାତ୍ ଏଇଟା ନିଶ୍ଚୟ । ଯାହାହେଉ ପଛକେ ଆମ ଗାଈ ଯେତେ କ୍ଷୀର ଦିଏ ସେପରି ଗାଈ କଦାପି ତୁମର ନଥିବ । ମସ୍ତବଡ ବଡ ପଚାଶଟା ବାଲଟିରେ ଆମର ଦୁଧ ଦୁହାଁ ହୋଇ ଘରକୁ ଯାଏ । ଘରେ ସେସବୁ ମହଣିକିଆ ହଣ୍ଡାମାନଙ୍କରେ ରହେ । ଆମେ ତେଣୁ ବଡ ବଡ ଛେନା ମୁଣ୍ଡା ପାଉ । ବୁଟୁ କହିଲା ଇଏ ବା କୋଉ ଗୋଟାଏ ଆଶ୍ଚର୍ଯ୍ୟ କଥା । ତା ହୋଇଥିଲେ ବା ହୋଇଥିବ । ମାତ୍ର ଆମର କଣ

ହୁଏ ଜାଣିଛ ? ବଡ ବଡ ହଣ୍ଡାରେ ଆମ ଗାଈ ସବୁ ଦୁହଁ ହୁଅନ୍ତି । ଗୁହାଳରେ ହଣ୍ଡା ସବୁ ଶଗଡରେ ବୁହା ହୋଇ ଘର ଭିତରକୁ ଯାଏ । ଘରେ ପୋଖରୀ ଭଳି ବଡ ବଡ ସିମେଣ୍ଟରେ ତିଆରି କୁଣ୍ଡରେ ସେ ସବୁ ଢଳା ହୋଇ ରହେ । ତେଣୁ ଆମେ ଯେଉଁ ସବୁ ଛେନା ପାଉ, ତାହା ଗୋଟିଏ ଗୋଟିଏ ଘର ପରି । ସେଥିପାଇଁ ଏତେଗୁଡିଏ ଛେନା ଦଳିବା ପାଇଁ ଆମେ ଦଶଟା ଘୋଡା ପୋଷିଛୁ । ଥରେ ଗୋଟିଏ ଭଲ ଘୋଡା ଆମର ସେହି ଛେନା ଗଦାକୁ ଝୁଣ୍ଟି ମରିଗଲା । ସେତକ ଛେନା ଆମେ ସାତ ବରଷରେ ଖାଇ ପାରିଲୁ । ତାପରେ ସେହି କାମ ପାଇଁ ଆମେ ଆଉ ଗୋଟିଏ ଘୋଡା କିଣି ଆଣିଲୁ । ଦିନେ ସେହି ଘୋଡାରେ ବସି କାରଖାନା ଯାଉଥିଲି । ହଠାତ୍ ଘୋଡାର ମଝି ହାଡଟି ଦୁଇଫାଳ ହୋଇ ଫାଟିଗଲା । ମୁଁ କଣ ସେଥିରେ ହଟିଯିବା ଲୋକ । ସଙ୍ଗେ ସଙ୍ଗେ ଘୋଡାରୁ ଓହ୍ଲାଇ ପଡି ଗୋଟିଏ ଝାଉଁଗଛର ଗଣ୍ଡିକୁ ଆଣି ତା ପିଠିରେ ଯୋଡିଦେଲି । ଆମ ପାଖରେ ଥିଲାଯାଏ ସେ ଘୋଡାଟିର ମଝି ହାଡ ନଥିଲେ ବି ସେ କାମ କରୁଥିଲା । ମାତ୍ର ତା ପିଠିରେ ପଡିଥିବା ଝାଉଁ ଗଛଟି ଧୀରେ ଧୀରେ ବଢି ବଢି ଅଳ୍ପ ଦିନ ଭିତରେ ଗୋଟିଏ ବଡ ଗଛ ହୋଇଗଲା । ମୁଁ ଦିନେ ସେହି ଗଛରେ ଚଢି ଉଠୁ ଉଠୁ ସ୍ୱର୍ଗକୁ ଚାଲିଗଲି । ସ୍ୱର୍ଗରେ ପହଞ୍ଚି ଦେଖିଲି ଗୋଟିଏ ସ୍ତ୍ରୀ ଲୋକ ବସି ସମୁଦ୍ର ଫେଣକୁ ବଳି ସେଥିରେ ମୋଟା ଦଉଡି ତିଆରି କରୁଛି । ଠିକ୍ ସେତିକି ବେଳକୁ ଝାଉଁ ଗଛଟି ମଝିରୁ ଭାଙ୍ଗିଗଲା । ମୁଁ ପୁଣି ତଳକୁ ଓହ୍ଲାଇବି କେମିତି ? ସେ ସ୍ତ୍ରୀ ଲୋକଟି ତାର ସେହି ଦଉଡିଟି ତଳକୁ ପକେଇ ମତେ ଓହ୍ଲେଇ ଯିବାକୁ କହିଲା । ମୁଁ ଦଉଡିରେ ଖସୁ ଖସୁ ତଳେ ପଡିଗଲି । ପଡିଲି ପୁଣି ସିଧା ସଳଖ ଗୋଟିଏ ଶିଆଳ ଗାତରେ । ମାତ୍ର ଏଠାରେ ଦେଖିଲି ତମ ବାପା ଓ ମା ବୋଉ ବସି ଜୋତା ମରାମତି କରୁଛନ୍ତି । ମୁଁ ଯେମିତି ଯାଇ ତାଙ୍କ ପାଖେ ପହଞ୍ଚିଛି, ସେମିତି ମୋ ବୋଉ ତମ ବାପାଙ୍କୁ ଏମିତି ଗୋଟଏ ଖୁନ୍ଦା ମାରିଲେ ଯେ ତାଙ୍କ ନିଶ କୁଞ୍ଚୁକୁଞ୍ଚିଆ ହୋଇଗଲା । ରାଜା ଝିଅ ଏକଥା ଶୁଣିବା ମାତ୍ରକେ କହିପକାଇଲା ହଁ, ଇଏ ଗୋଟାଏ ଗପ ଭଳି ଗପ । ମାତ୍ର ଯେତେଦୂର ଜାଣେ ମୋ ବାପା ତ କେବେ ଏମିତି ଆଜିଯାଏ ଭୋଗି ନାହାନ୍ତି । ତାଙ୍କ ନିଶତ କୁଞ୍ଚୁକୁଞ୍ଚିଆ ନୁହେଁ ।

ରାଜାଝିଅ ଏତକ ସ୍ୱୀକାର କରିବାରୁ ବୁଟୁ କଥା କହିବାରେ ଜିତିଲା । ତହୁଁ ରାଜାଝିଅକୁ ବାହାହୋଇ ରାଜ୍ୟରୁ ଅଧେ ପାଇଁ ସେ ଖୁସିରେ ରହିଲା ।

# (୨୩)

ମୁଇଣ୍ଟ ରାଇଜତେ ସାଧବ ବୁଢା ଆଉ କାଣ୍ଡାଏ । ଆରକିଆ ସାତଗଟା କନଣ୍ଡ ଆଉ ମୁଇଣ୍ଟ କଞ୍ଚେଲାଣ୍ଡ । ଏରେ ବୁଢା ରେକିଆ ଦିନି ବଣବ ବୁଲି ଅନକିଆ । ଦିନମିଂଜ ଗଦ କିଆରୀବିରି ଇଞ୍ଜାଆଁବ ଆଡେନ କିଆ । ସାତବାଇ ରାକା ଚଅ ଜଣ ଅମର ଡକି ଡିଅର ଆଉ ସବା ଏଣ୍ଡେଡା ଅମଡ ଲରଗ । ସାତବାଇ ଦିନି ବଣବ ଆରିଦି ଅନକି । ଇଞ୍ଜାଆଁ ବକରାଏ ରତେ ତଣ ତଣ ଗଲାଏ ଗାମକିତ ଉର କିତ ଆରଦି ଆଣ୍ଡେକି । ଦିନମିଂଜେ ବକରାଏର ସାଗ ସେସେଜ୍‌ନମାନା ଏରେବେଲା ଇତିର କୁଟିଜ୍ ସେଜଡମାନା । ଆରା ଇଞ୍ଜାମଡ୍ ସାଗଆ ମେସେଆନା । ଯେତେ ଗୁଜଡାଗମ୍ ଆସାଡେଅ । ଆସାଡେଅ ବଲତେ ବକରାଏର ଏରେ ପିଣିଣ୍ଡ ଡେଂଜ । କୁବା ଚଅରାଇ ଗାମକି ବକରାଏ ମିସିଂ ସାଗଆ ବିରି ମେମେସାଏ ସେକେ । ବକରାଏର ଗାମ ଜେନାଲେ କିଚି ମେସାଏ ଜେନା । ପୁଣି ଗାମକି ଜେନା ଆମ ଯାଆ ଏଲେ ମେମେସାଏ ସେକେନା ଡକନା ଡକନା । ଅନ୍ଦ ଗାମ ଡେଲେ ଉରେପେ ଆର କିଚି ମେସାଏ ଜେନା । ଏରେବେଲା ଚଅବାଇ ଗାମକି ଆମ ବିରି ମେକଡ ସେକେ ସଲା ଲରଗ । ସଦାବଲେ ଜିଂଙ୍ଗକି ବଲତେ ବକରାଏର ଗାମ କିଚି ମେସାଏ ଜେନାକାଆ । କାଲି ସାଗ ସେସେଜନମାନା ବେଲା ଇତିଂଣ୍ଡେ ସେଜ୍ ଡମାନା । ଚଅବାଇ ଆରତେ ଜିଜିମତେ ବିଚାର ଆନାକି । ଗାମକି ଇଞ୍ଜାମତ ଏତେ ସୁଆଦ ଆଏଲାରତ ସୁଗାଇ ସୁଆଦ ମିସେନା । ଆରକି ଏରେ ଗାତାରେ ଗାତାଆନାକି ବଲତେ ଅନ୍ଦଗାମ କାଆକି ଆପେ ବିରି ଆରତେ ଇଜିମେ । କାକାରକି ଗାମକି ସଲା ଲରଗ ଆମ ବିରି ମେଗାମ୍ କେ ଆମତେ କଲଡ ନିତୁଞ୍ଜମ । ତେରା ନିଜେମେ । ଇନି ଗାମକିଜ୍ ବିଚାର ଆନାକି । ଏରେ ଦିନର ଅନ୍ଦଗାମ ବକରାଏ ଆମତେ କାକାକିଂ ନିଜିମ୍ ଗାମକେକି ଆମ୍ ତେରା ମୁଇଣ୍ଟ ସୁସୁସିଡତେ ମେଡାଂଜ ମେଡ଼ାଞ୍ଜାଁ ଅଗରାତେ ଅନ୍ଦ ଏରେ ପୁଣିଣ୍ଡ ବକରାଏ ରତେ ବୁଦି ଡିମ୍‌କେ । ଏରେବେଲା କାକାରକି ଗାମକି ଏ ଲରଗ ବିଗଉଆଲେ ଏରାବିରି ମେଗାତାରେ । ଅନ୍ଦଗାମ କୁଲେ ଆଞ୍ଜାଆଁ ବକରାଡ୍‌ଣ୍ଡେ ଡଗରାଏରେ । ଏରେ ଦିନର ବଣତା ଆରିଦି ନିରୁଗେ ଏରେତେ ଯିମିତି ଏଲେ ନିକୁୟେ । ଆରିଦି ରୁଗକି କାଇଁଆ ଆକୁୟକି । ଯାଅ ସୁମୁଡିଡଡା ଏରେ ବକରାଏର ଡାଜ୍ ସେରାନା ଏରା ଡେନ କିଜ ବକରାଏର ଅଲିଙ୍ଗା ଡାଜାନଜ ଜେଜେଗ ଲାଗେସେରେ । ଏରେବେଲା ଅମଡାଗଡ କୁବା ଡାକାରା ଇତିରା ଅଲଗାନା । କୁବାକାକାର ଗାମ

ଏରେ ବିରି ଡାଗ୍ ଅଲଗାନା । ଆଲିଙ୍ଗତାତ ଗିମା ଜେନା । ଅଦକତା କାକାର ଗାମକି ଜାନେ । ସେକାବ୍ ଇସେରାନ ଗିମାନେଗାମ୍ । ସୁଆଦ ଇସେରାନଜ ମୁଲୁଷ ନେଗାମ । ଜାନଜୁ ସୁଆଦ । ଆଲିଙ୍ଗବ ଲଙ୍ଗ ଲଙ୍ଗକି । ଜୟକିତୁ ଡଗରାଏପେ ଏତାକିରି ନିତୁଂଜ ଗାମକି । କିନ୍ତୁ କେଇ ଆଗିଲା ଆତୁଂଜ୍ଂ କେକି । ସାନରେକି ଗାମକି ଡେ କୁବାରେକି ଗାମକେକି ଡେ । ଏରେବେଲା ବକରାଏର ଗିତୟ ।

କୁବା କାକକ ଇଆନ୍ ବିରି ବଗାରି ଆନ୍ତେ କିବ
ସାନକାକାନ ଇଆନ ବିରି ଆଦର ଆନ୍ତେ କିବ
କୁବା କାକଜ ତୁଂଞାତ କେବେ ଆବାଜେକେ ଜେନା
ସରଗବ କକମତେ ଉଚିସୁତ ଡୁବୁରବି ।

ଇନି ପୁଣିଣ୍ଡ ଗିତଏ ଗିତଏ ଅନ୍ଦ କାକାର ତୁଞଁାତ ବାଜାଅ । ଲକା ଗିଦଗାଦ ଗାମଜ ଅଲଗାନ । ନାଆଲେ ଡିଅ ଅମର କାକାରକି ତୁଞାକି ବାଜାଏ ଆରିମାନକି । ଏତାକୁରି ଲରଗ ଗାମ ଡେଲେ କରନ୍‌ପେ ଆଜ ଆଦାବ ଅଣ୍ଡେ । ଲରଗ ନାଲଆ କାଲାର ସବାନ । ସାବରଙ୍ଗ ଗଲାଏ କିଜ ତଣଉରକି । କାକାରକି ଆଏଲା ଆଡ କିମ୍‌କିକି ବଲତେ । ଲରଗ୍ କାଲାର୍ ଆଡର ଜିମକେ । ଅନ୍ଦ ଏରେ ଆଏଲା ରେତେ ଗଗଜ ମୁଇଣ୍ଟ ବିଲିମା ଉସିଗ । କିଚିଦିନ ଇଆନ । ଏରେ ବିଜିମଡା ରାସିଂ ଏରାଗ ଆଉ ସୁକୁଡାଗ୍ ମୁଇଁଣ୍ଟ ଲାକୁର ସେର । ସାବରଂଞ୍ଜି ଦିନମିଂ ଏରେ ଗଟାଂଡ ଆରିଦି ଅନକି । ଜୟକିଜୁ ବିଲିମା ମୁଇଁଣ୍ଟ ବଡିଆର ରାଶିଂ ଏରାଗ୍ ସେକେ । କାକାରକି ଗାମକି ନେଗଗାଁ ବିରି ବିରି ନିକିମା ଇନିଞାତ ବକରାଏ ନିନିଣ୍ଡେ ଜତେ, ଆଡିତେ ନିଡିଂଜେ । ସେଲାନ୍ ସଲିନ କିତେ ନିଡିଂଜେ ଗାମକି । ଏଲେ କେଇ ଆଗଗାନକି । ଦିନମିଂ ଅନ୍ଦରେ ଡେନଜ ଶୁକୁଡାଗ୍‌ଡେ ଗଗାନ୍ । ଇଞାଁତେ ଉନଚେରାନ୍ ଏରାତେ ମୁଲୁସ ଆଲୁଙ୍ଗା କର ଗାମ । ଅନ୍ଦଗାମ ବିରିମିଦି କର କର ଗାମକେ, ସେଜ୍‌କେରି । ସେତ ବଲତେ ଗାମ୍ ତିରି ତିରି ସେଜେଲେ କା ଆଞାତେ ମେସେଜର । ସେଜ ବିରି ଜୟଜୁ ବକରାଏର । ଏରେ ସୁକୁ ଡାଗ୍ ଡାତେର ଆବ୍‌କୁବାୟ । ଏନ୍ଦାରତେ ମାର ମାର ବୁଲୁତେ ବିରି ଇଞାଁ ଦୁଆର ଲୁଣ୍ଡା ଡିଂକେ । ମେସାରତେ କାକାରକି ଗାମକେକି ସଲାଲରଗ ଇଞାଁର ଲୁଣ୍ଡା ଡିଂଜେର । ଲରଗ ଗାମ ଏତା ଆପେ ଆମା ଇଡିଣ୍ଡେ ଅପେତେ ଡିଅ ଅମରକି । ଦିନମିଂଜ ବାନଲଙ୍ଗ (ଲରଗ ଆଉ ବକରାଏରବ) ବୁଆ ଡୁଲୁଙ୍ଗମାନ୍ କିଆ । ଏରେବେଲା ବାମକି ଆଡିଡେନ୍ ସେରେଲେ ବାନଗବ ବୁଆ

ତୁଲୁଙ୍ କେକିଆ । ଦିନମିଂଜ ଜୟକି କାକାରକି ଗାମକି ଲରଗ ଡେଲେ ବଡିଆଁର କାନିଆଁ ଅରେନ ସେରେ ଡାଏତ । ଏରେ ତାସୁନ୍ ବକରାଏର ଜମା ଆରାରିଆନା । କାକାରକି ମାଣ୍ଡିବକ ବଲତେ ବକରାର ଆସିଆନା । ଆରତେ ଲରଗତେ କାନିଆଁଉନ୍ ।

## ଓଡ଼ିଆ ଅନୁବାଦ

ଗୋଟିଏ ରାଜ୍ୟରେ ସାଧବ ବୁଢା ଆଉ ବୁଢୀ ରହୁଥିଲେ । ତାଙ୍କର ସାତ ପୁଅ ଆଉ ଗୋଟିଏ ଝିଅ । ସାଧବ ବୁଢା ସବୁଦିନ ବଣକୁ ବୁଲିଯାଏ । ଦିନେ ବଣରୁ ଆଉ ଘରକୁ ଫେରିଲେ ନାହିଁ । ସାତଭାଇମାନଙ୍କ ମଧ୍ୟରୁ ଛଅ ଭାଇଙ୍କର ଆଖିକୁ ଭଲ ଦିଶୁଥାଏ କିନ୍ତୁ ସାନଭାଇଟି ଅନ୍ଧ । ସାତଭାଇ ସବୁଦିନ ଶିକାର କରିବାକୁ ଯାଆନ୍ତି । ଘରେ ତାଙ୍କର ସାନ ଭଉଣୀ ରୋଷେଇ କରନ୍ତି । ଆଉ ସେମାନେ ଖାଇସାରି ଶିକାରକୁ ଯାଆନ୍ତି । ଦିନେ ତାଙ୍କର ସାନ ଭଉଣୀ ଶାଗ କାଟୁଥିବାବେଳେ ତା'ର ହାତ ଟିକିଏ କାଟି ହୋଇଗଲା । ସେ ରକ୍ତ ଶାଗରେ ମିଶିଗଲା । ଯେତେ ଧୋଇଲେ ମଧ୍ୟ ସେ ରକ୍ତ ଶାଗରୁ ଛାଡିଲା ନାହିଁ । ଭଉଣୀ ଶାଗକୁ ସେମିତି ରାନ୍ଧିଦେଲା । ଭାଇମାନେ ସମସ୍ତେ ଖାଇଲେ । ଖାଇଲାବେଳେ ଦେଖିଲେ ଶାଗ ମିଠା ଲାଗୁଛି । ବଡ ଛଅଭାଇ ପଚାରିଲେ ଭଉଣୀ ଆଜି ଶାଗରେ କଣ ମିଶେଇଛୁ କି ? ସାନ ଭଉଣୀ କିଛି ମିଶେଇ ନାହିଁ ବୋଲି ଉତ୍ତର କଲା । ପୁଣି ସେମାନେ ତାକୁ ବାରମ୍ବାର କହିଲେ ତୁ ନିଶ୍ଚୟ ଶାଗରେ କିଛି ମିଶେଇଛୁ । ସେତେବେଳେ ଅନ୍ଧ ଭାଇ କହିଲା ଖାଇଦିଅ । ସେ କିଛି ମିଶେଇ ନାହିଁ । ଅନ୍ୟ ଛଅଭାଇ ରାଗ ହୋଇ ଅନ୍ଧକୁ କହିଲେ ତୁ ଶଳା ଅନ୍ଧ । ତୁ ଶଳା ଜାଣିବୁ କଣ ? ବାରମ୍ବାର ପଚାରିବାରୁ ସାନ ଭଉଣୀ କହିଲା ଯେ ଶାଗ କାଟୁ କାଟୁ ହାତଟା ଟିକିଏ କଟିଗଲା । ରକ୍ତି ଟିକିଏ ମିଶିଯାଇଥିବ । ଛଅ ଭାଇ ବିଚାର କଲେ ଯାହାର ରକ୍ତ ଏତେ ମିଠା, ତାର ମାଂସ କେତେ ମିଠା ନ ହୋଇଥିବ । ତେଣୁ ତାକୁ ମାରି ଖାଇବା ପାଇଁ ବିଚାର କଲେ । ସେତେବେଳେ ଅନ୍ଧ କହିଲା ତୁମେ କ'ଣ ତାକୁ ଖାଇବ ? ଭାଇମାନେ କହିଲେ ତୁ ଶଳା ଅନ୍ଧ । ତୁ କ'ଣ ଜାଣିଛୁ । ତତେ ବି ଖାଇଦେବୁଟି । କାଲି ଖାଇବା ବୋଲି ବିଚାର କଲେ । ସେଦିନ ଅନ୍ଧ ତାର ଭଉଣୀକୁ ସବୁ କଥା କହିଦେଲା ଯେ ଭାଇମାନେ ତୋତେ ଖାଇବେ ବୋଲି କହୁଛନ୍ତି । ଅନ୍ଧ ତାର ଭଉଣୀକୁ କହିଲା ଯେ ତୁ କାଲି ଜଙ୍ଗଲକୁ ଯାଇ ଗୋଟିଏ ଗଛର ଅଗକୁ ଚଢିଯିବୁ । ଏହିପରି ବୁଦ୍ଧି ଅନ୍ଧ ତାର ଭଉଣୀକୁ ଦେଲା । ସେତେବେଳେ ତାର ଭାଇମାନେ ଅନ୍ଧକୁ ଶୀଘ୍ର

ଆସିବାକୁ ଡାକିଲେ । ଅନ୍ଧ କହିଲା ମୁଁ ମୋର କୋତା କୋଜି ନେଇ ଯାଉଛି, ତୁମେ ଚାଲ । ସେଦିନ ଜଙ୍ଗଲରୁ ଶିକାର କରି ଘରକୁ ଫେରିଲେ । ଦେଖିଲେ ଯେ ଭଉଣୀ ଘରେ ନାହିଁ । ସେତେବେଳେ ଅନ୍ଧକୁ କହିଲେ ତୁ ଶଳା କେଉଁଠି ଭଉଣୀକୁ ଲୁଚେଇଛୁ କହ । ନହେଲେ ତୋତେ ଖାଇଦେବୁ । ଅନ୍ଧ କହିଲା ମୁଁ କାହିଁକି ଲୁଚେଇବି ? ଭାଇମାନେ କହିଲେ ଚାଲ ଶିକାରକୁ ଯିବା । ସେଠାରେ ଖୋଜାଖୋଜି କରି ଯେମିତି ହେଲେ ତାକୁ ପାଇବା । ଖୋଜି ଖୋଜି ତାର ସନ୍ଧାନ କେଉଁଠାରେ ପାଇଲେ ନାହିଁ । ଶେଷରେ ଯେଉଁ ଗଛର ଅଗରେ ତାଙ୍କର ଭଉଣୀ ଲୁଚିଥିଲା ସେ ଗଛ ମୂଳରେ ଆସି ବସିଲେ । ତାଙ୍କ ଭଉଣୀ ଗଛ ଉପରେ କାନ୍ଦିବାରେ ଲାଗିଛି । ସେତେବେଳେ ଗୋଟେ ଟୋପା ଲୁହ ଆସି ତା ବଡଭାଇ ହାତରେ ପଡିଲା । ବଡଭାଇ କହିଲା, କଣ ପାଣି ପଡିଲା ? ଉପରେ ତ ବର୍ଷା ନାହିଁ । ଆଉ ଭାଇମାନେ କହିଲେ ଚାଟି ଦେଖ । ଯଦି ମିଠା ହୋଇଥିବ, ତେବେ ମଣିଷ । ଯଦି ମିଠା ନ ହୋଇଥିବ ତେବେ ବର୍ଷା ବୋଲି ଜାଣିବା । ଲୁହକୁ ଚାଖି ଦେଖିଲେ ଯେ ମିଠା ଲାଗିଲା । ଉପରକୁ ଚାହିଁ ଦେଖିଲେ ଯେ ତାଙ୍କର ଭଉଣୀ ବସିଛି । ତାପରେ ତାକୁ ଶର ବିନ୍ଧିବା ବୋଲି କହିଲେ । କିନ୍ତୁ କେହି ଆଗରେ ବିନ୍ଧୁ ନଥିଲେ । ବଡ ସାନଙ୍କୁ କହୁଛନ୍ତି ଆଗ ବିନ୍ଧ । ସାନ ବଡକୁ କହୁଛନ୍ତି ଆଗ ବିନ୍ଧ । ସେତେବେଳେ ତାଙ୍କର ଭଉଣୀ ଗୀତ ଗାଇଲା-

ବଡଭାଇ ହୋଇକରି ଭଗାରୀ ମୋତେ ହେଲା
ସାନଭାଇ ହୋଇକରି ଆଦର ମୋତେ କଲା
ବଡଭାଇ ବିନ୍ଧିଲେ ମୋତେ କେବେ ନ ବାଜିବ
ଆକାଶ ବାଟ ଦେଇଣ ଉଡି ଚାଲିବ ।

ଏହିପରି ଗୀତ ଗାଇବା ସମୟରେ ସାନ ଭାଇ ବିନ୍ଧି ଦେଲା । ଭଉଣୀ ଗିଦ୍‌ଗାଦ୍ ହୋଇ ଭୂଇଁରେ ପଡିଗଲା । ଆଖି ଭଲ ଥିବା ଭାଇମାନେ କେହି ବିନ୍ଧି ପାରିଲେ ନାହିଁ । ତାପରେ ଅନ୍ଧ କହିଲା ଦିଅରେ ସିଝେଇ ଦିଅ । ମୁଁ ଟିକିଏ ଝାଡା ଯାଉଛି । ଅନ୍ଧ ଯାଇ ନାଳରେ କଙ୍କଡା ଧରିଲା । ସବୁ ରୋଷେଇ ସାରି ଖାଇଲେ । ତା ଭାଇମାନେ ମାଂସ ହାଡ ଖାଇଲାବେଳେ ଅନ୍ଧ କଙ୍କଡା ଗୋଡ ଖାଉଛି । ଅନ୍ଧ ସେହି ମାଂସଗୁଡିକ ନେଇ ଗୋଟିଏ ବେଣୁଆରେ ଭର୍ତ୍ତି କଲା । କିଛିଦିନ ଗଲା ସେଇ ବେଣୁଆରେ ଫୁଲ ଫୁଟିଲା ଏବଂ ଗୋଟିଏ ଲାଉ ବାହାରିଲା । ଦିନେ ସାତଭାଇ ସେଇବାଟ ଦେଇ ଶିକାର କରିବାକୁ ଯାଉଥିଲେ । ଦେଖିଲେ ଯେ ବେଣୁଆରେ ଗୋଟିଏ

ସୁନ୍ଦର ଫୁଲ ଫୁଟିଛି । ସେମାନେ ସୁନ୍ଦର ଫୁଲଟିକୁ ନେବା ପାଇଁ କହିଲେ । ଅଧେ ଭାଇ କହିଲେ ନେଇକରି କଣ କରିବା ? ଆମରତ ଭଉଣୀ ନାହିଁ, କାହାକୁ ଦେବା ? ଅନ୍ୟମାନେ କହିଲେ ନେଇକି କେଉଁ ଝିଅକୁ ହେଲେ ଦେବା । ଏପରି କଥାବାର୍ତ୍ତା ହୋଇ କେହି ହେଲେ ନେଲେ ନାହିଁ । ଦିନେ ଅନ୍ଧ ଆସି ସେଇ ନାଉଟିକୁ ନେଲା । ଘରେ ଆଣି ରଖିଥିଲା । ସେଥିରେ ମଣିଷ କର କର କରୁଥିବାର ଶବ୍ଦ ଶୁଭିଲା । ଅନ୍ଧ କଣ ଗୋଟେ କର କର୍ କରୁଛି ଭାବି କାଟିବାକୁ ଗଲା । କାଟିଲା ବେଳେ ନାଉ ଭିତରୁ ଶୁଭିଲା, ଭାଇ ଧୀରେ ଧୀରେ କାଟ ମୋତେ ମାରିବ ନାହିଁ । କାଟିସାରି ଜାଣିପାରିଲା ଯେ ତା' ଭଉଣୀ । ସେ ନାଉରେ ଅନ୍ଧ ଭଉଣୀକୁ ଲୁଚେଇ ଦେଲା । ଭଉଣୀ ରାତିରୁ ଶୀଘ୍ର ଶୀଘ୍ର ଉଠି ଘରଦ୍ୱାର ପରିଷ୍କାର କରିଦିଏ । ଭାଇମାନେ ସକାଳେ ଦେଖି କହନ୍ତି ଶଳା ଅନ୍ଧ ଘରଗୁଡାକ ସଫା କରିଦେଇଛି । ଅନ୍ଧ କହିଲା ତୁମେ ଟିକିଏ ଦେଉନ, ତୁମର ତ ସବୁ ଭଲ ଆଖି । ଦିନେ ଦୁଇଜଣ (ଅନ୍ଧ ଓ ତା ଭଉଣୀ) ଧାନ କାଟୁଥିଲେ । ସେତେବେଳେ ଭାଇମାନେ କିଏ ଆସିଛନ୍ତି । ଦୁଇଜଣ ମିଶି ଧାନ କାଟୁଛନ୍ତି । ଦିନେ ଦେଖିଲେ କହିଲେ ଅନ୍ଧଟା ଭଲ ବୋହୁଟିଏ ଆଣିଛି । ଯାଅତ ଦେଖ । ସେହିଦିନ ଠାରୁ ଆଉ ତା ଭଉଣୀ ବାହାରିଲା ନାହିଁ । ତା'ର ଭାଇମାନେ କୁଆଡେ ପଳେଇବାବେଳେ ତା ଭଉଣୀ ବାହାରେ । ଅନ୍ଧ ତାହାକୁ ବିବାହ କଲା ।

## (୨୪)

ମୁଇଣ୍ଟ ରାଇଜତେ ସାଦବ ବୁଡା ଆସିଆନା । ଆରା ପାଞ୍ଚଗଟା କନଣ୍ଡକି ଆସିଆନାନି । କୁବାକନଣ୍ଡକି କମରେକି । ସାନରେ ବଉତ ଉଲୁସୁଆ ଆସିଆନା । କାକାରକି କାନିଆଁ ଉନକି । ଏଣ୍ଟେଜଡେତେ କେଇ କାନିଆଁ ଆଡିଜକି । ଦିନମିଂ ଚାରିବାଇ ସିଲୁଗ ସିସିତେ ଅନକି । କୁଲିରିକି ଏରେ ଉଲୁସୁଆ ରେତେଗାମାକି ଡାଏ ଆମ୍ ତଣ ଗଗେ । ଆର ଗଣ ଗଗ । କାକାରକି ଗାମକି ଆମ ମିସିଂ ମଇଁଶିରେକି ମେସରାଏ । ଉଲୁସୁଆରେ ଗାମ ଆଂଜ ସରାଏ ଏଲେ ମୁଇଣ୍ଟ ବଇଁସି ଆଂନ୍ତେ ଅରେନେପେ । ବଇଁସି ଅରେନକିଜ ଗାମକି ଆଉରି ପୁକୁରିରେବ ମେଗଗର । ଉଲୁସୁଆରେ ଅଚତା କାନିଆଁ ଅରେନାନ୍ । ଆର ଗାମ ବିତେ ଏରେ ପୁକୁରିରେବ ମେଗଗର ଗାମକି ଦିନମିଂଜ ଗଗକେର । ଆର ଗଗ । ଏରାତେ ଡକଆନଜ୍ ବଇଁସି ପେର । ପୁକୁରିରେତା ସାରେଅ ଆଇଆନଜ୍ କିଜ । ବଇଁସି ପେର୍‌ତା ପେର୍‌ତା ଆର

ଲେବେର । ଏରେବେଲା ସାରେପରେ ଡେନଜ ବଇଁସିର ଗଗାନ୍ । ମୁଣ୍ଡୁଷରେ ବୁଲୁରାନ୍ ଜୟଜୁ ବଇଁସି ଜତେ । ଅଚତା ଜୟଜୁ ସାରେପରେ ବଇଁସି ସବସେରେ ।

ମଇଁଷି ବଗାଲିଆରେ କାକାରକିତେ ଡାକେଅ-
କାକାରକି ଗାମକି ଆମ୍‌ତେ ସାରେପ ବଲେଉଁତେ
ବାବୁଆ ବଇଁସିର ଆନେଲେ ବଲେଉଁତେ
ସାରେମ ଗାମ୍ ପାଦମିଂଜ ଡାଗବ ଉଆଲେ ବଲେଉଁତେ
ବାବୁଆ ବଇଁସିର ଡଲେ ବଲେଉଁତେ
ଏରେ ପୁଣିଣ୍ଡ ସାବରଙ୍ଗ ଗାମକି ସାରେପ ଜମା ଆଡିଂଜ
ଅଚତା ମଇଁଷି ସରାଏ କେଆର ଗାମ
ଆମ୍‌ତେ ଗାମ୍‌କେ ସାରେପ ବଲେଉଁତେ
ଆଞ୍ଜି ବଇଁସିଣ୍ଡେ ଅନେଲେ ବଲେଉଁତେ
ସାରେପ ଗାମ୍ ଆମତେ ଗାମ୍‌କେ ସାଉଲେ ବଲେଉଁତେ
ଆମା ବଇଁସିମଡେ ଡଲେ ବଲେଉଁତେ

ଏରେ ପୁଣିଣ୍ଡ ଡାକେସୁନ୍ ଗଗ୍ । ଏରେବେଲା କକଂମିଂଜ ଡାଗବ୍ ଆଉଚିଆନା ଏରେବେଲେ ସାରେପ ଡିଗାର ସୁନ୍ ଗଗାନ୍ । ମୁଇଁଷି ବ୍‌ଗାଲିଆରା କୁଟୁମର ଅଚତା ଅନଜ ଏରେ ପୁକୁରିରା ଆସରା ଡକଆନଜ ଜେଗ । ଏରେବେଲା ଗୁଆଁଗ ଗାମ ବିତେ ମେଜେକେ କୁଟୁମର ଗାମ ଆଞ୍ଜଁଆ ଦୁଖଣ୍ଡେ ଆଡି ଜଏକୋ । ଗୁଆଁଗ ଗାମ ମେଗଜଇତାନ୍ ଅନମ୍‌ମଡେଁ ଆଗିଲା କବ୍‌ତାନା । ଏରେ ପୁଣିଣ୍ଡ ସାବରଂଙ୍ଗ ଜନ୍ତୁ ରେକି ଗାମକି । ଅଚତା ଡୁକୁର ଅନଜ ଗାମ ବିତେ ମେଜେକେ । କୁଟୁମର ଗାମ୍ ଆଞ୍ଜଁ ଦୁଃଖଣ୍ଡେ ଆଡିଜଏକେ ଡୁକୁରଗାମ ଆଞ୍ଜତେ ଗାତାଏ । କୁଟୁମର ଗାମ ଯିଏ ଏଡେଣ୍ଡତ ଜିମ୍ ଜିମ୍ କକବ୍ ତେ ଏଗାମ୍ କେ । ଡୁକରଗାମ୍ ଆଞ୍ଜଏରେ ପୁଣିଣ୍ଡ ଗାମକେ ଜେନା । ଗାତାଏ । ଆର ଗାତାଅ । ଡୁକୁର୍ ଗାମ ଆମ୍ ମୁଟାମିଂଜ ସୁରୁଷ ଅରେନଡାଏ । ସୁରୁଷୁ ଆର ଅରେନ୍ । ଡୁକୁର୍‌ଡା ଇଣିରା ତେ କୁଟୁମର ଡକଆନା ଅନକିଆ । ସାରେମଆ ଇଞ୍ଜାଆଁରବ ଅନକିଆ ।

ସାରେପ ଗାମ ଆଡି ଡେନ୍‌ସେରେ । ମୁଲୁଷ ମୁଲୁଷ ଗନ୍ଦକେ । ବଗାଲିଆରେ ଗାମ ମାଣ୍ଡ । କେଇତ ଡେଙ୍ଗର ଜେନା । ସାରେପଗାମ୍ ଡେନଚେରେକିନା । ଅଚତା ଗାମ୍ ମିଜିମକେ କୁରୁ ଜିମେ ନାଲେ ମୁନ କେରୁ ଉନେ ବାକି ବୁଇଂଜ ଡେନଚେରେ

ସାରେପଗାମ ବୁଇନମ୍ ଢେନତେର ଆଁଙ୍କଡେ ଆମା ମେଗାତାକେ । ଅଚତା ସାରେପ ଗାମ-ମୁଇଣ୍ଡ କାଣା ଲାଳାସା ଡିଂଙ୍କଜ ଏନାତେ ପୁଲ ଡାଗ ଅରେନ୍ଜ ବୁଇନମ୍ ନାଲେ କୁଟୁମମ୍ । କୁଟୁମମ୍ ଇଆନଜ ଜିମେ । ବୁଇନମ ଇଆନଜ ଜେନା । କୁଟୁମର ଅନଜ ନାଲଆଜେଗ । ଏରେବେଳା ଡୁକର ଗାମ୍ ବିତେ ମେଜେକେ । କୁଟୁମର ଅନଜ ଗାମ ନିଜ କାଣା ବାଳାସା । ଏନାନ୍ତେ ପୁଲ ଡାଗ ଗଗତେ ଗାମ୍ ସେକେ । ନାଲେ ଆଡ଼ତେ ସାରେପ ଜିମିମେ । ଡୁକରୁଗାମ୍ ଅ ଏରେତେ ଚିନ୍ତା ମିକିବ କେ । ଡାଏ ଗେନେ । ଆରଗେନେ ଆଲୁଙ୍ଗ ତା ଡୁକୁର କାଣାରାତେ ଡକଆନା । ପୁଲଡାଗ୍ ଅରେନ୍ । ଆଉ ତରମିଂଙ୍ଗା ସାରେପଗାମ୍ ଡାଏ ସେଙ୍ଗନ୍ ଅରେନ୍ ଦାଉଲା ମେତରର । କୁଟୁମର ଅନ ଜେଗ । ଏରାତେ ବାବୁଙଗାମ ବିତେ ମେଜେକେ । କୁଟୁମର ଗାମ ସେଙ୍ଗନ୍ ଗଗତେ ସାରେପ ଗାମ ବାକି ଦାଉଲା ମେତରର । ବାବୁଙ ଏରାତେ ଗାମ ଆଞ୍ଜ ତରଡମଡେ ବାକି ମୁନଜ ତିରିମୁନେ ଆର ଏରେ ପୁଣିଣ୍ଡ କିବ । ଆଉଦିନ ମିଂଚା ଗାମ ସୁରୁସୁ ବାଟିମିଂ ବିରଜ ଇନି ସୁରୁଷୁ ବାଟିମିଂଜ ସାରା ଅରେନନତ ବୁଇନମ ନାଲେ କୁଟୁମମ୍ । କୁଟୁମମ ଇଆନଜ ଜିମେ । ବୁଇନମ୍ ଇଆନଜ ଜେନା । ଏରାତେ କାମଜ ସାହାଜ କିବା ଆଉତର ମିଂତା ବାଟିମିଂଜ ବୁଆ ଡୁଲୁଙ୍ଗତେ ଗାମ । ଯେମିତି ମୁଇଣ୍ଡ ସୁରିକା ରୁକୁବ ଆକନ୍‌ଡେ ଜେନା । ଏରାତେ ସାକାଏକି ଅଙ୍ଗାଅକି । ଅଚତା ସାରେପ ସରେତେ ଅନ । ଗାମ୍ ବଗାଲିଆରେ ଆମ୍ ମିସିଂଜ କିତି ଲାଙ୍କା ସରେତେ ମନା, ଆରଗାମ୍ ଏକେଚାତେ ସରେ । ଯୁଦିନ ଏକେଚା ଗାମକେଏରେ ଦିନତେ ଲାଙ୍କା ସରେତେ ଅଣ୍ଡୋ ଏରେ ପୁଣିଣ୍ଡ ଦିନମିଂଜ ସାରେପ ଲାଙ୍କା ସରେତେ ଅନ । ବାନଲଙ୍ଗ ଆରିଆନାକିଆଜ୍ ଡୁଁଗଂ କିଆ । ସାରେପ ଡେନ୍ ଜୟକୁ କେଇଜେନା । ମାର୍‌ମାର୍ ଏସୁନ୍ ଡେନ ଗଟାଙ୍ଗତେ କୁଇଅ । ସାରେପଗାମ୍ ଉଆଲେ କିତିଲାଙ୍କା ମେଗଗକେ । ବଗାଲିଆଗାମ୍ ଆସି କୁଟିଜତା ଆଣ୍ଡଲାଏକେ ଇନି ପୁଣିଜ୍ ଗାମତା ଗାମତା ଇଞ୍ଜଆଁ ଆଉଚିଆନା କିଆ । ଏରାତେ ମୁଇଣ୍ଡ ନେଉଳ ଆସିଆନା ଆରତେ ଗାମକିଆ । ନେଉଳ ଇନିନ୍ତେ ମୁନକେରୁକୁ ଉନେ ମବଗଜ କେରୁକୁ ଅବଗଜେ । ଅଚଲିଆ ସାରେପ ଡେଣ୍ଡେ ଜିମିମେ ଇନିବାତେ । ନେଉଳ ସଙ୍ଗେ ସଙ୍ଗେ ସାରେପତେ ଗଳ ଗଳ କିବ୍ । ଅଚତା ମେକତା ଜୁଳାଅ ସାରେପ ଅଚଲିବ ପେରେଅ । ବଗାଲିଆ ଆଉ କୁଟୁମର କିଆ କୁସିରେ ରଏଆନାକିଆ ।

## ଓଡ଼ିଆ ଅନୁବାଦ

ଗୋଟିଏ ରାଜ୍ୟରେ ସାଧବ ବୁଢାଟିଏ ଥିଲା । ତା'ର ପାଞ୍ଚଟି ପୁଅ ଥିଲେ । ବଡପୁଅମାନେ କାମ କରୁଛନ୍ତି । ସାନଟା ବହୁତ ଅଳସୁଆ ଥିଲା । ତାର ଭାଇମାନେ ବୋହୂ ଆଣିଲେ । ସାନକୁ କେହି ବୋହୂ ଦେଲେ ନାହିଁ । ଦିନେ ଚାରିଭାଇ ହଳ କରିବା ପାଇଁ ଗଲେ । ଭାଉଜମାନେ ସାନକୁ କହିଲେ ତୁମେ ଆଜି ଭାତ ନେଇ ବିଲକୁ ଯାଅ । ସେ ଭାତ ନେଇ ଗଲା । ଭାଇମାନେ କହିଲେ ତୁ ଆଜି ମଇଁଷି ଗୁଡିକ ଚରେଇ ଦେବୁ । ଅଳସୁଆ କହିଲା ମୁଁ ଚରେଇବି, ହେଲେ ମୋତେ ଗୋଟିଏ ବଇଁଶୀ ଦିଅ । ବଇଁଶୀଟିଏ ଆଣି ଦେଲେ ଏବଂ କହିଲେ ଏହି ପୋଖରୀ ଆଡକୁ ନେବୁ ନାହିଁ ପରେ ଅଳସୁଆ ବୋହୂ ଆଣିଲା । ଦିନେ ଭାବିଲା ଭାଇମାନେ କଣ ପାଇଁ ପୋଖରୀକୁ ଯିବାକୁ ମନା କରୁଛନ୍ତି । ଦିନେ ସେ ସେଠାକୁ ଗଲା । ସେଠାରେ ବସି ବଇଁଶୀ ବଜେଇଲା । ପୋଖରୀରୁ ସାପଟିଏ ବାହାରି ନାଚିଲା । ବଇଁଶୀ ବଜେଇ ବଜେଇ ଅଳସୁଆ ଶୋଇ ପଡିଲା । ସେତେବେଳେ ସାପ ଆସି ବଇଁଶୀଟି ନେଇଗଲା । ଅଳସୁଆ ଉଠି ଦେଖିଲା ବଇଁଶୀ ନାହିଁ ପରେ ଜାଣିଲା ଯେ ସାପ ବଇଁଶୀ ନେଇଯାଇଛି । ମଇଁଷିଆଳିଆ ପିଲା ତାର ଭାଇମାନଙ୍କୁ ଡାକିଲା । ତା'ର ଭାଇମାନେ କହିଲେ-

ତୁମକୁ ବୋଲଇ ସର୍ପ ଗୋ ବଲେଉଁତେ
ବାବୁର ବଇଁଶୀ ଦିଅ ଗୋ ବଲେଉଁତେ

ସର୍ପ କହିଲା-

ପାଦେ ପାଣିକୁ ଆସ ଗୋ ବଲେଉଁତେ
ବାବୁର ବଇଁଶୀ ନିଅ ଗୋ ବଲେଉଁତେ ।
ଏହିପରି ସମସ୍ତ କହିଲେ ସାପ ଜମାରୁ ଦେଲା ନାହିଁ ।
ପରେ ଯିଏ ମଇଁଷି ଚରାଉଥିଲା ସେ କହିଲା-
ତୋତେ ମୁଁ କହୁଛି ସର୍ପ ଗୋ ବଲେଉଁତେ
ମୋର ବଇଁଶୀ ଦିଅ ଗୋ ବଲେଉଁତେ

ସର୍ପ କହିଲା-

ତୁମକୁ ବୋଲଇ ସ୍ୱାମୀ ଗୋ ବଲେଉଁତେ
ତୁମର ବଇଁଶୀ ନିଅ ଗୋ ବଲେଉଁତେ ।

ଏହିପରି ଡାକି ଡାକି ନେଲା । ଯେତେବେଳେ ବେକେ ପାଣିରେ ପହଞ୍ଚିଲା, ସେତେବେଳେ ସର୍ପ ଟାଣି ନେଇଗଲା । ମଈଁଷିଆଲିଆର ସ୍ତ୍ରୀ ପଛରେ ଯାଇ ସେ ପୋଖରୀ ପାଖରେ ବସି କାନ୍ଦୁଥାଏ । କାଉ ଯାଇ କହିଲା କଣ ପାଇଁ କାନ୍ଦୁଛ/ ସେ କହିଲା, ମୋର ଦୁଃଖ କିଏ ଦେଖୁଛି ? କାଉ କହିଲା, ମରିଯାନ୍ତୁ ହେଲେ ତୋର ଆଖିଗୁଡ଼ିକ ଆଗେ ଖାଇଦିଅନ୍ତି । ସେହିପରି ସବୁ ପଶୁପକ୍ଷୀ କହିଲେ । ପରେ ବେଙ୍ଗ ଯାଇ କହିଲା, ମୋତେ କହିଦେ । ସେ କହିଲା, ତୁମେ ଯେତେ ଆସୁଛ, ଖାଲି ଖାଇବା ପାଇଁ କହୁଛ । ବେଙ୍ଗ କହିଲା ମୁଁ ସେପରି କହିବି ନାହିଁ । ତୁ କହିଦେ । ସେ କହିଦେଲା । ବେଙ୍ଗ କହିଲା ତୁ ଶୋରିଷ ମୁଠାଏ ଆଣିବୁ ଯାଆ । ସେ ଶୋରିଷ ଆଣି ଆସିଲା । ବେଙ୍ଗର ପିଠିରେ ତାର ସ୍ତ୍ରୀ ବସିଲା । ସେମାନେ ସାପର ଘରକୁ ଗଲେ । ସାପ କହିଲା କିଏ ଆସିଛନ୍ତି ? ମଣିଷ ମଣିଷ ବାସନା ହେଉଛି । ସେ (ମଈଁଷିଆଲିଆ) କହିଲା କାଇଁ କେହିତ ଆସିନାହିଁ । ସାପ କହିଲା ଆସିଛନ୍ତି ନାଁ । ପରେ କହିଲା ଖାଉଛୁ ହେଲେ ଖାଆ । ରଖୁଛୁ ହେଲେ ରଖ, ବାକି ମୋର ମାଆ ଆସିଛନ୍ତି । ସାପ କହିଲା, ତୋର ମାଆ ଆସିଛନ୍ତି, ଆଉ ତୁ ମୋତେ କହୁନୁ । ପରେ ସାପ କହିଲା, ଗୋଟିଏ କଣା ମାଠିଆ ନେଇ, ସେଥିରେ ପାଣି ପୁର୍ଣ୍ଣ ମାଠିଆଏ ଆଣିଲେ ତୋର ମାଆ, ନହେଲେ ତୋର ସ୍ତ୍ରୀ । ତୋର ସ୍ତ୍ରୀ ହେଲେ ଖାଇବି । ତୋର ମାଆ ହେଲେ ଖାଇବି ନାହିଁ । ତା'ର ସ୍ତ୍ରୀ ଯାଇ ନାଳରେ କାନ୍ଦିଲା । ବେଙ୍ଗ କହିଲା କଣ ପାଇଁ କାନ୍ଦୁଛୁ । ତା'ର ସ୍ତ୍ରୀ କହିଲା, ଏଇ ଦେଖ କଣା ମାଠିଆ । ଏଥିରେ ପାଣି ପୂର୍ଣ୍ଣ କରି ନେବା ପାଇଁ କହିଛି । ନହେଲେ ମୋତେ ସର୍ପ ଖାଇଦେବ । ବେଙ୍ଗ କହିଲା ଏଇଟାକୁ ଚିନ୍ତା କରୁଛୁ । ଯାଆ ପାଣି ପୁରା । ସେ କଣା ମାଠିଆରେ ପାଣି ପୁରାଇଲା । ଭିତରେ ବେଙ୍ଗ କଣାରେ ବସିଲା । ପୂର୍ଣ୍ଣ ମାଠିଆ ପାଣି ଆଣିଲା । ଆଉ ଥରେ ସାପ କହିଲା, ଯାଅ କାଠ ଆଣିବ । ହେଲେ କାଠକୁ ଦଉଡିରେ ବାନ୍ଧିବ ନାହିଁ । ସେ (ତା'ର ସ୍ତ୍ରୀ) ଯାଇ କାନ୍ଦିଲା । ସେଠାରେ ସାପ କହିଲା, କଣ ପାଇଁ କାନ୍ଦୁଛୁ ? ସେ କହିଲା କାଠ ନେବା ପାଇଁ ଦଉଡି ବାନ୍ଧିବୁ ନାହିଁ ବୋଲି କହୁଛି । ସାପ ସେଠାରେ କହିଲା ମୁଁ ବାନ୍ଧି ହେଉଛି । ମାତ୍ର ରଖିଲାବେଳେ ଆସ୍ତେ କରି ରଖିବୁ । ସେ ସେହିପରି କଲା । ଆଉଦିନେ ଜଙ୍ଗଲରେ ଶୋରିଷ ମାଣେ ବୁଣିଦେଲା । କହିଲା ସବୁ ଶୋରିଷ ଗୋଟେଇ ଆଣିଲେ, ତୋର ମାଆ ନହେଲେ ତୋର ସ୍ତ୍ରୀ । ତୋର ସ୍ତ୍ରୀ ହେଲେ ଖାଇବି । ମାଆ ହେଲେ ଖାଇବି ନାହିଁ । ସେଥିରେ ପିମ୍ପୁଡ଼ିମାନେ ସାହାଯ୍ୟ କଲେ । ଆଉଦିନେ ଧାନ ମାଣେ କୁଟିବା ପାଇଁ ଦେଇ କହିଲେ, ଯେପରି ଗୋଟିଏ ହେଲେ ଚାଉଳ ଭାଙ୍ଗିବ ନାହିଁ ।

ସେଠାରେ ମାଙ୍କଡମାନେ ଧାନକୁ ଛଡେଇଦେଲେ । ପରେ ସାପ ଚରିବା ପାଇଁ ଗଲା । ପିଲାଟି (ମଇଁଷିଆଳିଆ) ପଚାରିଲା ଆଜି କେତେ ଦୂର ଚରିବା ପାଇଁ ଯିବ । ସାପ କହିଲା ପାଖରେ ଚରିବି । ସାପ ଯେଉଁଦିନେ ପାଖରେ କହେ, ସେଦିନ ଦୂରକୁ ଯାଏ ଏବଂ ଯେଉଁଦିନ ଦୂରକୁ କହେ ସେଦିନ ପାଖରେ ଚରେ । ଏହିପରି ଦିନେ ସର୍ପ ବହୁତ ଦୂରକୁ ଚରିବାକୁ ଗଲା । ସ୍ୱାମୀ, ସ୍ତ୍ରୀ ଦୁଇଜଣଯାକ ବାହାରି ପଳେଇ ଆସିଲେ । ସାପ ଆସି ଦେଖିଲା କେହି ନାହାନ୍ତି । ଖୋଜି ଖୋଜି ଆସି ବାଟରେ ପାଇଲା । ସାପ କହିଲା, ଆରେ କେତେ ଦୂରକୁ ନେଉଛୁ । ପିଲାଟି କହିଲା ରହ, ଆଉ ଟିକିଏ ନେଇ ଛାଡୁଛି । ଏହିପରି କହି କହି ଘରେ ପହଞ୍ଚିଗଲେ । ସେଠାରେ ଗୋଟିଏ ନେଉଳ ଥିଲା । ନେଉଳକୁ କହିଲେ, ନେଉଳ ଆମକୁ ରଖୁଛୁ ଯଦି ରଖ, ନାଇଁ ସାପ ହାତରେ ମରାଇବା କଥା ଯଦି ମରା । ଏଇ ସାପଟି ଆମକୁ ଖାଇବା ପାଇଁ ଆସୁଛି । ନେଉଳ ସଙ୍ଗେ ସଙ୍ଗେ ଖଣ୍ଡ ଖଣ୍ଡ କରିଦେଲା । ପରେ ଆଉଥରେ ଯୋଡି ଦେଲା । ସାପଟି ପଛକୁ ଫେରିଗଲା । ମଇଁଷିଆଳିଆ ପିଲା ଏବଂ ତାର ସ୍ତ୍ରୀ ଖୁସିରେ ରହିଲେ ।

## (୨୫)

ଇକୁଇସ୍ ରାଇଜତେ ମୁଇଣ୍ଡ ସାଦବ ବୁଡା । ଆରା ଗାଣ୍ଡାମିଜ୍ କନଣ୍ଡକି । ତିନିଜଣ କନଣ୍ଡକି କମରେକି । ଆଉ ମିନଗ୍ତା ଉଲୁସୁଆ । ସାବରଙ୍ଗ କାନିଁଆ ଅରେନ୍ ଚେରେକି । ଏରେ ଉଲୁସୁଆରେ ଅରେନ୍ ଜେନା । ଆରତେ କେଇ କାନଆଁ ଆଡି ଞକି । ବିତେନା ଆର ଉଲୁସୁଆ ଏତେ । ଉଲୁସୁଆରେ ଦିନି ବଣବ ବୁଲିଅ । ଦିନମିଂଜ ଆର ସାକଏ କନନ ସବାନ୍ । ଏରେ ସାକଏ କନଣ୍ଡ କୁବାଅ । ଉଲୁସୁଆରେତେ ଆର କାଆ ଗାମ । ସାକଏରେ ଦିନମିଂଜ କାକାରତେ କାନିଆଁ ଡଗରାଏ ଅନ । କାଇଁଆତେ ଆକୁୟ । କାକାର ଗାମ୍ ଆମ୍ ଡାଏ ମୁଇଣ୍ଡତା ଗାଅଁବା ଅନା ଏଲେ ପଚିମ ଦିଗବ ମନର । ସାକଏ ଦକ୍ଷିଣ ଦିଗବ ଅନ । ଜୟକୁ ମୁଇଣ୍ଡ ପୁକୁରିବ ସାତ ବଣିକି ଉଆଡାଗ ଡେଣ୍ଡେକି । ସାକଏ ସୁମୁସିଙ୍ଗ ଆଲିଙ୍ଗା ଡାଜାନା । ସାତ ବଣିକିତେ ଜୟଜଗାମ ମାଣ୍ଡିତେ କାକାଆଁ ସାମାଜେ । ସାକଏରେଗାମ ସାନରେ ଡିଅ ସାମାଜେ । ଏରେ ଦିନରା ସାକଏ ଇଞ୍ଜଆବ ଡୁଁବ । କାକାର ଜିଂଗ ମିକୁୟ । ସାକଏ ଗାମ୍ କାଆ ଆମ୍ ମନଜ କନଜ ଅରେନ୍ ଆମା ବାରିମ୍ଡେ ଜେନା । ଆଞ୍ଜ ମିନଗ୍ ଅଣ୍ଡେ । ସାକଏ ଅନଜ ମୁଇଣ୍ଡ । ସୁମୁସିଙଆ ଡାଜାନ୍ । ସାତ ବଣିକି ଉଆଡକ୍ ଡେନକି । ଯେତେବେଳା କତେରକି ଉନାନ କିଜ ଉଆଗାନାକି । ଏରେବେଳା ସାକଏରେ ଡେନଜ ସାନ

ଜୁଆଙ୍ଗ ଡାଏରା କତେର ଗଗାନଜ୍ ସୁମୁସିଙଆଁ ଡକସେରେ । ସାତ ବଣିକି ଉଆଗାନକି ଆରିଆନାକି । ସାବରଙ୍ଗ କତେରକି କୁୟାନକି । ଏଲେ ସାନରେ ଆକୁଆନ୍ । ସାବରଙ୍ଗ ଡଗରାଅକି । କେଇଆକୁୟକି । ଅଚତା ଆଲିଙ୍ଗତା ସାକଏରେ କତେରେତେ ଉଡାଅ । ଏରେବେଲା ଜୟକି ଆଉ ଗାରାନକି । ଗାମକି

ଆମତେ ଗାମକେ ସାକଏ ବଲେଉଁତେ
ଆଞ୍ଜାଆଁ ପାଟଶାଡିରେ ଆନେଲେ ବଲେଉଁତେ

ସାକଏ ଗାମ୍-

ଆମ୍ତେ ଗାମ୍କେ କୁଲିଲ ବଲେଉଁତେ
ଆଞ୍ଜାଆଁ କିନବ୍ କିନବ୍ ଡେନାଲୋ ବଲେଉଁତେ
ଆମା ପାଟଶାଡି ଡିଜମ୍ ବଲେଉଁତେ ।
ଏରେ ପୁଣିଣ୍ଡ ଗାମ୍ତା ଗାମ୍ତା ସାକଏ ଗଗ ।

ଜୁଆଙ୍ଗ ଡାଏରେ ଗାମ-

ଆମ୍ତେ ଗାମକେ ସାକଏ ବଲେଉଁତେ
ଆଞ୍ଜଆଁ ପାଟଶାଡି ଆନେଲେ ବଲେଉଁତେ
କାକାଜ୍ ଡେନଜଆମତେ ତୁମୁଜଂମ୍ ବଲେଉଁତେ

ସାକଏ ଗାମ୍-

ଆମ୍ତେ ଗାମ୍କେ ଜେମା ଲୋ ବଲେଉଁତେ
କାକାମ୍ ଆଁତେ ବିରିକିମିବେ ବଲେଉଁତେ
ଆମା ପାଟଶାଡି ଗଂଗଆଁ ଲୋ ବଲେଉଁତେ
ଆଞ୍ଜାଆଁ କିନବ୍ କିନବ୍ ଡେନାଲୋ ବଲେଉଁତେ ।

ଏରେ ପୁଣିଣ୍ଡ ଗାମଜ ସାକଏ ଇଞ୍ଜାଆଁ ଆଉଟିଆନା । କାକାର ଗାମ ମରେନ । ସାକଏ ଗାମ୍ ଆଉରେ ଅରେନ୍ ଡେକେ । ମାର ମାର ବାଇଦ ବାଜଣ ଗଗକିଜ ବାଆଗର କିବକି ।

## ଓଡ଼ିଆ ଅନୁବାଦ

ଗୋଟିଏ ରାଜ୍ୟରେ ଜଣେ ସାଧବ ବୁଢା ଥିଲା । ତା'ର ଚାରୋଟି ପୁଅ । ତିନିପୁଅ କାମକରନ୍ତି । ଆଉଜଣେ ଅଳସୁଆ । ସମସ୍ତେ ବାହା ହୋଇ ସାରିଛନ୍ତି ।

ହେଲେ ଅଳସୁଆ ବାହା ହୋଇ ନଥାଏ । ତାକୁ କେହି ଝିଅ ଦେଉ ନଥାନ୍ତି । ଅଳସୁଆ ପ୍ରତିଦିନ ବଣକୁ ବୁଲିବାକୁ ଯାଏ । ସେ ଦିନେ ମାଙ୍କଡ ଛୁଆଟିଏ ଧରିଲା । ସେ ମାଙ୍କଡ ଛୁଆ ବଡ ହେଲା । ଅଳସୁଆକୁ ଭାଇ ବୋଲି ଡାକିଲା । ମାଙ୍କଡଟି ଦିନେ ତା ଭାଇ ପାଇଁ ଝିଅ ଖୋଜିବା ପାଇଁ ଗଲା । କୌଣସି ସ୍ଥାନରେ ମଧ୍ୟ ପାଇଲା ନାହିଁ । ତା ଭାଇ କହିଲା ତୁ ଆଉ ଗୋଟିଏ ଗାଆଁକୁ ଯାଆ । ହେଲେ ପଶ୍ଚିମ ଦିଗକୁ ଯିବୁନାହିଁ । ମାଙ୍କଡ ଦକ୍ଷିଣ ଦିଗକୁ ଗଲା । ଦେଖିଲା ଯେ ସାତ ଭଉଣୀ ପୋଖରୀକୁ ଗାଧୋଇ ଆସୁଛନ୍ତି । ମାଙ୍କଡ ଗଛ ଉପରେ ଚଢ଼ିଲା । ସାତ ଭଉଣୀଙ୍କୁ ଦେଖି ଭାବିଲା କେଉଁଟା ମୋ ଭାଇ ପାଇଁ ମାନିବ । ମାଙ୍କଡ ମନେମନେ ଠିକ୍ କଲା ଯେ ସାନ ଭଉଣୀଟି ଭଲ ମାନିବ । ସେହିଦିନ ମାଙ୍କଡ ଘରକୁ ଫେରିଲା । ତା'ର ଭାଇ ପଚାରିଲା, ଝିଅ ପାଇଲୁ । ମାଙ୍କଡ କହିଲା, ହଁ, ପାଇଲି । ତା'ର ଭାଇ ସଙ୍ଗେ ସଙ୍ଗେ ତାକୁ ଖାଇବାକୁ ଦେଲା । ତାପରଦିନ ଯିବା ବୋଲି କହିଲା । ମାଙ୍କଡ ତା ଭାଇକୁ ଯିବା ପାଇଁ ମନାକଲା । କହିଲା ତୁ ଗଲେ ସେ ଝିଅକୁ ଆଣି ପାରିବା ନାହିଁ । ମୁଁ ଏକା ଯାଉଛି । ମାଙ୍କଡ ଯାଇ ଗୋଟିଏ ଗଛ ଉପରେ ଚଢ଼ିଲା । ସାତ ଭଉଣୀ ଗାଧୋଇ ଆସିଲେ । ଯେତେବେଳେ ଲୁଗାଗୁଡିକ ରଖି ଗାଧୋଇଲେ, ସେତେବେଳେ ମାଙ୍କଡ ଆସି ସାନ ଭଉଣୀର ଲୁଗାକୁ ଗଛ ଉପରକୁ ନେଇଗଲା । ସାତ ଭଉଣୀଯାକ ଗାଧୋଇ ସାରି ବାହାରି ଆସିଲେ । ସମସ୍ତେ ତାଙ୍କର ଲୁଗା ପାଇଲେ । ହେଲେ ସାନ ଭଉଣୀ ତାର ଲୁଗା ପାଇଲା ନାହିଁ । ସମସ୍ତେ ଖୋଜିଲେ କେହି ପାଇଲେ ନାହିଁ । ପରେ ମାଙ୍କଡଟି ଉପରୁ ତା ଲୁଗାଟି ଉଡେଇଲା । ସେତେବେଳେ ସେମାନେ ଦେଖିଲେ ଏବଂ ମାଗିଲେ । କହିଲେ-

ତୁମକୁ ବୋଲଇ ମାଙ୍କଡ ବେଲଉଁତେ
ମୋର ପାଟଶାଢୀ ଦିଅ ଗୋ ବଲେଉଁତେ

ମାଙ୍କଡ କହିଲା-

ତୁମକୁ ବୋଲଇ ଭାଉଜ ବେଲେଉଁତେ
ମୋର ପଛେ ପଛେ ଆସ ବୋ ବଲେଉଁତେ
ତୁମ ପାଟଶାଢୀ ମୁଁ ଦେବି ବଲେଉଁତେ ।
ଏହିପରି କହି କହି ମାଙ୍କଡ ସାନ ଭଉଣୀକୁ ନେଇଗଲା ।

ଝିଅଟି କହିଲା-

ତୁମକୁ ବୋଲଇ ମାଙ୍କଡ ବଲେଉଁତେ
ମୋର ପାଟଶାଢୀ ଦିଅ ଗୋ ବଲେଉଁତେ
ଭାଇ ଆସିଲେ ତୋତେ ବିନ୍ଧିବ ବଲେଉଁତେ

ମାଙ୍କଡ କହିଲା-

ତୁମକୁ ବୋଲଇ ଜେମା ଗୋ ବଲେଉଁତେ
ମୋତେ ତ ଭାଇ କଣ କରିବ ବଲେଉଁତେ
ମୋର ପଛେ ପଛେ ଆସଗୋ ବଲେଉଁତେ

ସେହିପରି କହି ମାଙ୍କଡ ଘରେ ପହଞ୍ଚିଲା । ତା' ଭାଇ କହିଲା ଆଣିଛୁ । ମାଙ୍କଡ କହିଲା, ଏଇଟା ଆଣିଛି । ସଙ୍ଗେ ସଙ୍ଗେ ବାଜା ବଜେଇ ବାହା କରେଇଲେ ।

## (୨୬)

ଏକୁସି ରାଇଜ ମିଇଞ୍ଜିତେ ବୁଢା ଆରା ମୁଇଁଟ ପଣୁଆଁ କନନ୍ ଆସିକେ । ବୁଢା ବୁଢୀ ଆରକିଆ ଏକାନ୍ ଡେବେଜ୍ ଅନକିଆ ଅବାର ଏରେ ଦିନରା ତିରିତିଆ କିବଡେ । ଆବାରବ କନନଣ୍ଡବ ଉଜା କିକିଜ୍ ଅନକିଆ ଅବାର ଉଜା କିବ ବିରି କନନଣ୍ଡତେ ଗାମ ବାବୁ ଉଲୁଗିନା, ବଲତେ ଅବାର କନନଣ୍ଡତେ ଡେଜ୍ ଏରେ ବେଲା ଆର ମୁଇଁଣ୍ଡ ସାକଏ ଉସିସେରାନ୍ । ସାକଏରେ ଗାମ ବାଲେ କାକାଆଁଞ୍ଜା ମାଣ୍ଡିଆ ପେରେ ଅତେ । ଅବାରଗାମ ଜେନା ବାବୁ ଡେଣ୍ଡେ । ଅଛତା ସାକଏ ଅନଜ ଜୟଙ୍କୁ ଡେଜେକେତେ । ଏକାନା ଅନଜ କାମଜ୍ କିତେ ଗାମ୍, ଏ କାମଜ୍କି କାକାଞ୍ଜା ଇଞ୍ଜାମଡ ଆଡି ଆଡି ଅଗର୍ ସେରେ ଅରେନପେ, ନାହେଲେ, ଆପେତେ ସୁଲିଆ ପଦାତେ ସୁଲି ଡିଞ୍ଜେ ଅଛତାଅ ରେନକି, ସାକଏ ଏରେବେଲା କାକାରତେ ଜୁଲାଅ । ଅଛତା ମଣୁଷ କନନଛେତା ପାଏଅ । ଗାମ ଆଏ । ଆଏ ମେଗାମ୍କେ । ଅବାଞ୍ଜା ଡେଜ୍ ଛେର । ଆଞ୍ଜ ଜୁଲାଅ ଜୁଲିଅଜ ମେବଞ୍ଚେସେକେ, ଅଛତା ଗାମ କୁ ବଣବ ବାଡୁଙ୍ଗେ ଡୁଡଂକିଆ ।

ଯୁଇଁଣ୍ଡ ମଚା ଆସିଆନ ଏରାତେ ଅରକିଆ ରଏଆନ୍ କିଆ । ସାକଏ ଗାମ କାଲେ ତଣ ବାଗଲାଏନା, ମୁଣିଷ କନନଗାମ ମାଣ୍ଡିଆ ଲାଲାଜ୍ ଅରେନେ । କାକାର

ଅନଜ ଜୟଙ୍କୁ ଏରା ମୁଇଣ୍ଡ କିଲଂଶ୍ ଆଶିକେ ଆଞ୍ଜ୍ ଆମାରିମଣ୍ଡେ ଜେନା । ସାକଏ ଗାମ କାଲେ ଆଞ୍ଜ୍‌ଅଣ୍ଡେ । ସାକଏ ଅନ ଜୟଙ୍କୁ କିଲଗ୍ ଆସିକେ ସାକଏ ଗାମ୍, ଏ ଭାଇକି ଅଡ଼ିକ୍ ଏଆସିକେତୁ ଲାଲାଜ୍ । ଏ କା ଲାଲାଜ୍ କୁଟିଜ୍ ଆନେଲେ । ଆଡିରରେ ଆବକାକାନମତି । ଏ ଆତିର୍ ଲାଲାଜ୍ କୁଟିଜ୍ ଆନେଲେ ଆଡ଼ିର ଏରେ ଆବ୍‌ତିତିମତି ଏ ଆଜା ଲାଲାଜ୍ କୁଟିଜ ଆନେଲେ, ଆଡିର ଏରେ ଆଜାଏ ନମତି । ସାକଏ ଚଲେଆନ୍ ବିରି କିଲକତେ ଚାପକ ଆରତା ଚାପଲ ବାର ବିରି ଲାଲାଜ୍ ଅରେନାନ୍ । କିଲକ୍ ଗାମ ଉଆଲେ, କାଆକି, ବକକି ମୁଇଁଣ୍ଡ ସାକଏ ଡେନ୍ ବିରି ଲାଲାଜ୍ ଗଗାନ ଆଞ୍ଜତ ଆମାରିମଣ୍ଡେ ଜଜଏ । ଆର ଦିନତେ ମୁଇଁଣ୍ଡ ଡିଅ କିଲଗ୍, ଡେନ ସାକଏ, ଏରେ ଗାମ ଏକା ଲାଲାଜ୍ କୁଟିଜ୍ ଆନେ । ଆଡିର ଏରେ ଆବକାକାନମଚି । ଏରେ ନୁଣିଚ୍ ଗାମ ଗାମ ଅନବିରି ଆରତେ ଋପଲ ମିଞ୍ଜ୍‌ବାର ବିରି ଲାଲାଜ୍ ଗଗାନ୍ କିଲକ୍ ଟିକାଏ ସେର, ଅଚତା ଡେନକି ବିରି ଗାତାଅ । ମିଟିକାଅ । ଅଏ ଟିକାଅ । ମାଣ୍ଡିତା ଅନ । ତାର ଦିନ ଅନକି ପାରିଦି, ଅନକିଯୁ ଅନକି, ମଇଁଣ୍ଡ ମଚା ଆସିଆନ୍ ଏରା ବାସା କିବ୍‌ସିରି କିଆ । କିଲକି ଗାମକି ଏ ସାକଏ ଆମତେ ନିତୁଞ୍ଜଁମ । ସାକଏ ଗାମ । ଏ କିଲଗ୍ ଆଗେ ଇତୁଞ୍ଜଁବି ଇଞ୍ଜାମ ଲାମାଟାଗାଁ । ଆପେ ସୁମୁସିଞ୍ଜଡ଼େ ଡେଜକି ଏରେବେଲୋ ସାକଏଆଉ ସୁମୁସି ନିସୁ ମୁସିଞ୍ଜ ଡେଗେଅକିଆ । ଏରେଣିଡ଼ ଡେ ଗେସୁନ୍ ଡେଗେସୁନ୍ ଡୁଙ୍ଗରି । ଆରକି ଆରିମାନ୍‌କି ଆବଗଦ ଆସିକୋ ।

## ଓଡ଼ିଆ ଅନୁବାଦ

ଗୋଟିଏ ରାଜ୍ୟରେ ବୁଢା ଓ ବୁଢୀ ଦୁଇଜଣ ଥିଲେ । ତାଙ୍କର ଗୋଟିଏ ବୋଲି ପୁଣୁଆଁ ପୁଅ ଥିଲା । ବୁଢା ବୁଢୀ କମାଣ କାଟିଗଲେ । ବାପା ତାଙ୍କର ସେଦିନ ତୃତୀୟା ପୂଜା କରିବେ । ବାପା ପୁଅ ସହିତ ପୂଜା କରିବା ପାଇଁ ଗଲେ । ବାପା ତାଙ୍କର ପୂଜା କରିସାରି ପୁଅକୁ କହିଲେ, ପୁଅ ଆଣ୍ଠେଇକି ନମସ୍କାର କର । ପୁଅ ନମସ୍କାର କଲାବେଳେ ବାପା ପୁଅକୁ ହାଣିଦେଲେ । ସେହି ସମୟରେ ତାଙ୍କର ମାଙ୍କଡଟିଏ ଥାଏ । ମାଙ୍କଡ ପଚାରିଲା, ବାପା ଭାଇ କାହିଁ ? ବାପା କହିଲେ ଭାଇ ପଛରେ ଆସୁଛି । ମାଙ୍କଡ ଅନେଇ ଅନେଇ ଭାଇ ଆସିଲା ନାହିଁ । ମାଙ୍କଡ ଯାଇ ଦେଖିଲା ଯେ ଭାଇ ତାର ହଣା ହୋଇ ପଡିଛି । ମାଙ୍କଡ ଯାଇ ପିମ୍ପୁଡିମାନଙ୍କୁ ଡାକି କହିଲା, ପିମ୍ପୁଡିମାନେ ଯିଏ ଆମ ଭାଇର ରକ୍ତ ନେଇଛ ସବୁ ଏକାଠି କରି ରଖ, ନ

ହେଲେ ତମକୁ ସୁଳିଆ ପଦାରେ ଶୁଳି ଦିଆଯିବ । ପିମ୍ପୁଡିମାନେ ରକ୍ତ ସବୁ ଆଣିଲେ । ରକ୍ତସବୁ ତା ଭାଇ ଦେହରେ ଦେବାରୁ ତ ଭାଇର ଚେତା ଫେରିଲା । ବଡ ଭାଇ କହିଲା ଆଃ କେଡେ କଷ୍ଟରେ ଚେତା ପାଇଲି । ମାଙ୍କଡ କହିଲା, ଚେତା ପାଇଲି କହୁଛୁ । ବାପା ତୋତେ ହାଣି ଦେଇଥିଲେ । ମୁଁ ତୋତେ ବଞ୍ଚେଇଛି । ଚାଲ୍ ଜଙ୍ଗଲକୁ ପଳେଇବା । ସେମାନେ ଜଙ୍ଗଲକୁ ପଳେଇଗଲେ । ଜଙ୍ଗଲରେ ଗୋଟିଏ ମଞ୍ଚା ଥିଲା । ସେ ମଞ୍ଚାରେ ସେମାନେ ରହିଲେ । ମାଙ୍କଡ କହିଲା ନିଆଁ କେଉଁଠୁ ଆଣିବା ? ଦେଖିଲା ଯେ ଗୋଟିଏ ବଡ ପାହାଡ ପାଖରେ ନିଆଁ ଜଳୁଛି । ମଣିଷ ପିଲାଟି ଗଲା । ଦେଖିଲା ଯେ ନିଆଁ ପାଖରେ ବାଘ ବସିଛି । ସେ ଫେରିଆସିଲା । ମାଙ୍କଡକୁ କହିଲା ଯେ ସେଠାରେ ବାଘ ବସିଛି । ମାଙ୍କଡ ସେଠାକୁ ନିଆଁ ପାଇଁ ଗଲା । ଯାଇ ବାଘକୁ କହିଲା, ଭାଇ ନିଆଁ ଟିକେ ଦେଲ । କିଏରେ ସେଟା ମଖେଇ ଦେବିଟି । ଏ ବଡୁ ନିଆଁଟିକେ ଦିଏରେ । କିଏରେ ସେଟା ଚିଅଁ କରେଇ ଦେବିଟି । ଏମିତି କହି ମାଙ୍କଡ ନିଆଁ ଆଣି ଆସିଲା । ବାଘ କହିଲା, ଏ ଭାଇମାନେ ଆଜି ଗୋଟିଏ ମାଙ୍କଡ ଆସି ଡରେଇ ଦେଇ ନିଆ ନେଇ ଚାଲିଗଲା । ମାଙ୍କଡ ସେମିତି ନିଆଁ ନେଇଗଲା । ବାଘମାନେ ଆସି କହିଲେ । ଚିଲେଇକି ରଖିଲୁ ହିଁ ଆଜି ରଖିଲି । ତା ଆରଦିନ ପାରଧି ଗଲେ । ଗୋଟିଏ ମଞ୍ଚା ବାନ୍ଧି ରହିଥାନ୍ତି । ବାଘମାନେ କହିଲେ, ଏ ମାଙ୍କଡ ଆଜି ତୁମକୁ ମାରି ଖାଇବୁ । ମାଙ୍କଡ କହିଲା, ତୁମେ ଗଛଟିକୁ କାଟିଦିଅ । ଗଛଟି ତଳେ ପଡିଯିବ । ଆମେ ତି ତଳେ ପଡିଯିବୁ । ତୁମେ ଆମକୁ ଖାଇବ । ବାଘମାନେ ଗଛ କାଟିଲେ । ଗଛ ତଳେ ପଡିଲାବେଳେ ମାଙ୍କଡ ଡେଇଁ ଡେଇଁ ପଳେଇଲା ବାଘମାନେ ଖାଇପାରିଲେ ନାହିଁ ।

## (୨୭)

ଇକୁସି ରାଇଜ ମିଇଞ୍ଚତେ ରାଜା କାନନ୍ ମନ୍ତ୍ରୀ କନନ ଆସିଆନକିଆ । ଆର କିଆ ଇକୁଡିଆ ପାଠ ପଢେ ନମାନ୍ କିଆ ଅର କିଆ ଦିନମିଇଞ୍ଚ ବଣବ କନ୍ତେରେ ତୁତୁଇଞ୍ଚ ଅନକିଆ ବୁଲି ବୁଲି ମୁଇଞ୍ଚ ଆରିମାନକିଆ ଅବଗଜ୍ । ଇଞ୍ଚବ ଡୁଂଙ୍ଗକିଆ ରାଜା ଇଞ୍ଚରା ଛେଆଙ୍ଗ୍ ତେରେ ବାସା କିବ୍‌ସେରାନକି । ଆରକିଆ ମୁଇଣ୍ଡ ତୁଞ୍ଚକିଆ । ଅଛତା ରାଜାତେ ଆଉତା ଇନିତା ଗେଞ୍ଜେକି ରାଜାଗାମ୍ ସବୁଦିନତ ଆଗେଞ୍ଚକି କି ମିସିଇଞ୍ଚ ବିଇତେ ଗେଏତ୍ କିକି ରାଜା ସମଦାୟେତେ ଡାକେଅ ବିରି ଜିଂଅଙ୍ ।

ରାଜାଗାମ୍ ଆଡିମନ୍ଦି ଛେଆଙ୍ଗ୍‌ତେରଜିମ୍ କେ ପ୍ରଜାକି ଗାତାଅ କି । ରାଜା କନନ୍ ମନ୍ତ୍ରୀ କନନବ ଜିମକିଆ । ରାଜା ମନ୍ତ୍ରୀ ଡେନକିଆ ବିରି ଗାତାଆନ୍‌କିଆ । ରାଜା ଆରା କନନଣ୍ଡେ ତେ ଡିନ ମନ୍ତ୍ରୀ ଆରା କନଣ୍ଡେତେ ଡିନ୍ । ଆର କିଆ ଦି ସେକାମ୍ ତେ ଡିନକି ରାଜା କନନ୍ ଆର ମୂର୍ଖ ଆସିକେ । ମନ୍ତ୍ରୀ କନନ୍ ଆର ଚାଲାଖି ଆସିକେ । ଡଂଡ଼କିଆ ବିରି ମୁଇଣ୍ଟ ଗାଁତେ ରହେ ଆନକିଆ । ମନ୍ତ୍ରୀ କନନ୍ ଆର ଇସ୍କୁଲିତେ ପାଠ ପଢାଏଅ । ରାଜା କନନ୍ ଆର ମୂଳିଆ ଅନ । ରାଜା କନନ୍ ଡାକେସୁନ୍ ଅନ ଆଡ଼ି ମୁଲିଆ ଏଗନା, ଆଡ଼ି ମୁଲିଆ ଏଗନା ଗାମଜ । ମୁଇଁଣ୍ଟ ତେଲି ଗାମ ଆଞ୍ଜ । ତେଲିରେ ଗାମ କଦିଲ ଅଲାଗ୍ ତେରି ତଣ ମୁରେ । ତିନ୍ତିଣି ଅଲାଗ୍ ତେରି । ରାଜା କନନ ଗାମ ତିନ୍ତିଣି ଅଲାଗିତେ । ତେଲି ଗାମ ଆମ୍ ମିତ୍ତୁଙ୍ଗ୍ଅଁଜ ଆମା ଚାକଣ୍ଡମିଇଞ୍ଜି ଚାଲ ସେଞ୍ଜା ବିରିଗନନା ଆଞ୍ଜା ଆମ୍‌ତେ ଡିନେ ଯଦିତ ଆଞ୍ଜା ଇଣିଞ୍ଜା ଚାକଣ୍ଡମିଇଞ୍ଜି ଚାଲ ମେଗନା, ମୁଇଣ୍ଟ ଅଗାମଲାଗତେ ତଣ ମୁରେ । ଆଜଡେ ଏରା ରହେଆନ୍ । ରାଜା କନନ୍‌ତେ ତନ୍ତିଣି ଅଲାଗ୍‌ତେ ତଣ ଡିଞ୍ଜ ଆର ଆରିମାନ୍ ରହେ । ଆରା ଇଣିରତା ଚାକଣ୍ଡମିଇଞ୍ଜି ଚାଲ ସେଯାନ୍ ବିରି ଚାଲ ଗଗାନ୍ । ରାଜାକନନ୍ ଆଉ ଥର ମଇଞ୍ଜତା ଏରେ ଗାଁଅର ବେଅନ ।

## ଓଡ଼ିଆ ଅନୁବାଦ

ଗୋଟିଏ ରାଜ୍ୟରେ ଜଣେ ରାଜା ଥିଲେ । ତାଙ୍କର ଗୋଟିଏ ପୁଅ ଥିଲା । ତାଙ୍କର ମନ୍ତ୍ରୀଙ୍କର ଗୋଟିଏ ପୁଅ ମଧ୍ୟ ଥିଲା । ରାଜା ପୁଅ ଓ ମନ୍ତ୍ରୀ ପୁଅ ସାଙ୍ଗ ହୋଇ ସ୍କୁଲକୁ ଯାଉଥିଲେ । ସେମାନେ ଦିନେ ଚଢେଇ ମାରିବାକୁ ଜଙ୍ଗଲକୁ ଗଲେ । ବୁଲି ବୁଲି ଗୋଟିଏ ହେଲେ ଚଢେଇ ବି ମାରି ପାରିଲେ ନାହିଁ । ଘରକୁ ଫେରି ଆସିଲେ । ରାଜାଙ୍କ ଘର ଉପରେ ଗୋଟିଏ ଚଢ଼େଇ ବସା କରିଥିଲା । ସେମାନେ ଗୋଟିଏ ଚଢେଇ ମାରିଥିଲେ । ରାଜାପୁଅ ଏପଟ ସେପଟ ଗେଞ୍ଜାଗେଞ୍ଜି କରୁଥିଲେ । ସବୁଦିନ ଗେଞ୍ଜାଗେଞ୍ଜି କରିବାର କିଛି ନା କିଛି ବାହାନ କରୁଥିଲେ । ଦିନେ ରାଜା ଉଆସର ସମସ୍ତଙ୍କୁ ଡାକି ପଚାରିଲେ ଚଢେଇ ସବୁ କିଏ ଖାଉଛି । ସେମାନେ କହିଲେ ରାଜପୁଅ ଓ ମନ୍ତ୍ରୀପୁଅ ଚଢେଇ ମାରି ଖାଆନ୍ତି । ରାଜା ପୁଅକୁ ଘରୁ ବାହାର କରିଦେଲେ । ମନ୍ତ୍ରୀ ମଧ୍ୟ ତାଙ୍କ ପୁଅକୁ ଘରୁ ବାହାର କରିଦେଲେ । ରାଜାପୁଅ ଓ ଗୋଟିଏ ସ୍କୁଲରେ ପାଠ ପଢେଇଲା । ରାଜାପୁଅ ଗାଆଁ ମଝିରେ ଡାକି ଡାକି ଗଲା ଯେ ପିଲା କାହାର ଦରକାର । ଶେଷରେ ଗୋଟିଏ ତେଲି ଡାକି କହିଲା ମୋର ପିଲା ଦରକାର । ରାଜାପୁଅ ଗଲା ।

ତେଲି କହିଲା କଦଳୀ ପତ୍ରରେ ଖାଇବୁ ନା ତେନ୍ତୁଳି ପତ୍ରରେ ଖାଇବୁ । ରାଜାପୁଅ କହିଲା ତେନ୍ତୁଳି ପତ୍ରରେ ଖାଇବି ଓ କାମ କରିବି । ତେଲି କହିଲା ଯଦି ତୁମେ କାମ ନକରି ଏଠୁ ପଳେଇବ ତାହାହେଲେ ତୁମ ପିଠିରେ ଚାଖଣ୍ଡେ ଛାଲ ମୁଁ ନେବି । ରାଜାପୁଅ ସେଥିରେ ରାଜି ହାଇ କାମ କଲା । ସବୁଦିନ ରାଜପୁଅକୁ ତେନ୍ତୁଳି ପତ୍ରରେ ଖାଇବାକୁ ଦେଲେ ଓ କାମ କରିବାକୁ ପଠେଇଲେ । ଅଳ୍ପ ଦିନରେ ରାଜପୁଅ ଦୁର୍ବଳ ହୋଇଗଲା ଓ କାମ କରିପାରିଲା ନାହିଁ । ତେଣୁ ସେ ପଳାଇଯିବାକୁ କହିଲା । ପିଲାଟି ପଳେଇ ଯିବାକୁ କହିବାରୁ ତେଲି ରାଜାପୁଅ ପିଠିରୁ ଚାଖଣ୍ଡେ ଛାଲ ବାହାର କରିଦେଲା ଏବଂ ଗାଆଁରୁ ବାହାର କରିଦେଲା ।

## (୨୮)

ମୁଇଣ୍ଡ ରାଜ୍ୟଆ ସାଦବ ବୁଢାରା ସାତଗଟା କନଣ୍ଡକି ଆସିଆନ କି । ଆରାକା ଭିଲାତ ସାନକନଣ୍ଡ ଅଲସୁଆ । କାକାର କି ଗାମକି ନି ଅଲସୁଆରେ ନଂତେ ଠକେୟଜ ନିଂଆଁନ୍ତା ତଣ ଉରକେ । ଏରେ ଅଲସୁଆରା ବୁଦ୍ଧି ଆସିଆନା । କାକାର କି ଅଲସୁଆତେ ନାପ୍‌ସଙ୍ଗେ ଗାମ କିଜ ଗାତାଆନ କି । ଦିନମିଂ ହାଟବ ଗଗକି । ଅଧା ଗଟାଙ୍ଗତେ ଗାତାୟାନକି, ମିଠା ଦୁକାନତେ ନାପସଂଙ୍ଗେ ଗାମକି । ମିଠା ଦୁକାନ ମାଲିକ ସାଙ୍ଗେ ଗାତାଆନ କି । ଅରା ଦୁକାନର ତା ଟଙ୍କା ଗାରାନ୍ କି । ଆରଦିନ ଦୁକାନୀ ଅଲସୁଆତେ ଆମ ନାନ୍ତେ ଆସିନା ଗାମକିଜ କାକରକି ଡୁଙ୍ଗକି । ଆରଦିନ ଦୁକାନୀ ଅଲସୁଆତେ ସଉଦା ଅରେଣ୍ଡାଦିରେ କିନ । ଅଲସୁଆ ଟାଙ୍କା ସାବନ୍‌ଜ ଡୁଂଙ୍ଗ । ଅଚୁତା ବାନାଇ ସହିତ ଭେଟ ଇଆନା ବାନାଇ ସାଙ୍ଗେ ମୁଇଣ୍ଡ ସୁମିସିଂଙ୍ଗତେ ମୁଝିତେ କିବକିଆ ବିରି ବାନାଇବ କସବସିରିକେଆ ଏରେ ସମୟରରେ କମାର ଡେନ । କମାର ଗାମକେ ବାନାଇ ତେ ଟାଙ୍କା ବାଲିସେକେ । ଅଲସୁଆ ଗାମ ଏକା ଇନି ବାନାଇରେ ଟଙ୍କା ବାଲିକେ । ଉଆ ଆମବି କିନ୍ଧରାୟ ଟାଙ୍କା ବାମାଲି ଗାମ । କମାର ବାନାଇ ସାଙ୍ଗେ ବଲତେ ଅଲ୍‌ସୁଆ ଟାଙ୍କା ସବାନଜ ଡୁଙ୍ଗ । ଅନ ଅନ ମୁଇଣ୍ଡ ହାଟ କୁୟ । ମୁଇଣ୍ଡ ପଠାଣ ବୁଢା ଗଲା ଆବସଙ୍ଗତେ ଅରେନଚେରାନ୍ । ଅଲସୁଆ ଘାଲାତେ କିତିଟାଙ୍କା ଯିଙ୍ଗ । ପଠାଣ ବୁଢାତେ ଅଲସୁଆ ଗାମ ଆଞ୍ଜକୁଟି ଡକରେ । ଡକ ଆନା ବେଳା ମୁଇଣ୍ଡ ଚାବୁକ ଟୁକିଅ ଏରାବେଳା ଗଲା ଗେଲାରତେ ଗଗାନ୍ । ଅନ ଅନ ମୁଇଣ୍ଡ ନଦୀ ଅଲଗାନ । ମୁଇଣ୍ଡ ବୁଢା ଓ ନାତୁଣୀର ନଦୀତେ ପାର ହେବା ଆସିଆନ କିୟା । ବୁଢା ଅଲସୁଆତେ ନିଂବାତେ ଆଉ ପାରିତା ପାର ମିକିବେ । ଅଲସୁଆ ଗାମ ମିନକ

ମିନକ ପାର କିବେ ଗାମ । ପ୍ରଥମ ନାତୁଗିତେ ଆନେ ଗାମ ଏରେବେଲା ଗଲାତେ ଡ଼ବକୟ ନାତୁଣୀରତେ ଗଗନା । ଅନକିଆ ମୁଇଣ୍ଟ ଗାଆଁ କୁୟ କିଆ । ଏରେ ରାଜ୍ୟରା ରାଜ କି ଜତେ । ହାତୀ ଶୁଣ୍ଢରାତେ କାଲାସା ସବ ବିରି ବୁଲି ନମାନ । ଯାର ବକତେ ରମଗେ ଆର ରାଜା ମିନା । ଅଲସୁଆତେ ହାତୀ ଜୟଜ ଅଲସୁଆ ବକବଡାତେ ଡାଗ୍ରଗ । ଆର ଏରେ ତାସୁନ ଏରେ ରାଜ୍ୟରା ରାଜା ଇଆନ । ରାଣୀରେବି ସୁଖରେ ରହୟାନ କିଆ ।

## ଓଡ଼ିଆ ଅନୁବାଦ

ଗୋଟିଏ ରାଜ୍ୟରେ ଜଣେ ସାଧବର ସାତ ପୁଅ ଥିଲେ । ସେମାନଙ୍କ ମଧ୍ୟରୁ ସାନପୁଅ ଅଲସୁଆ । ଭାଇମାନେ ଭାବିଲେ ଏ ଅଲସୁଆ ଠକି ଠକି ଆମ ପାଖରୁ ଖାଉଛି । ସେ ଅଲସୁଆର ବୁଦ୍ଧି ଥିଲା । ଭାଇମାନେ ସେ ଅଲସୁଆକୁଚ ହାଟରେ ବିକ୍ରି କରିବ ଦେବାକୁ ମନସ୍ଥ କରି ହାଟକୁ ନେଇଗଲେ । ଅଧାବାଟରୁ ନେଇ ଆମ୍ବ ମୂଳରେ ଠିକ୍ କଲେ ଯେ ଗୋଟିଏ ଜଳଖିଆ  ଦୋକାନରେ ବିକ୍ରି କରିଦେବେ । ଏହାପରେ ଜଣେ ମାଲିକ ସହିତ କଥାବାର୍ତ୍ତା କରି ତା ଦୋକାନରୁ ଟଙ୍କା ନେଇ ଗଲେ ଓ ତୁ ଏଠାରେ ଥା ବୋଲି ଘରକୁ ଚାଲିଗଲେ । ପରଦିନ ଅଳସମୁଆକୁ ସଉଦା କିଣିବାକୁ କିଛି ଟଙ୍କା ଦେବାରୁ ସେ ସେହି ଟଙ୍କା ଧରି ପଳେଇଗଲେ । ଏହାପରେ ଗୋଟିଏ ଭାଲୁ ସହିତ ଭେଟ ହେଲା । ଭାଲୁ ଓ ଅଲସୁଅ ଗୋଟିଏ ଗଛକୁ ମଝିରେ କରି ଧରାଧରି ହୋଇ ରହିଥାନ୍ତି । ସେହି ସମୟରେ ଅଲସୁଆର ପଇସା ପଡିଗଲା । ପାଖରେ ଥିବା କମାର ଗୋଟିଏ ଆସିଲା । ଅଲସୁଆ କହିଲା ଭାଇ, ଏ ଭାଲୁ ଟଙ୍କା ହଗୁଛି । ଅଛ କେତେ ହଗିଛି । ଆହୁରି ହଗିବ । ଅଲସୁଆ କମାରକୁ ଭାଲୁକୁ ଧରାଇ ନିଜେ ନିଜର ଟଙ୍କା ନେଇ ପଳେଇଗଲା । ଯାଉ ଯାଉ ଗୋଟିଏ ହାଟ ପାଇଲା । ଗୋଟିଏ ପଠାଣ ବୁଢା ତାର ବୁଢା ଘୋଡା ବିକିବାକୁ ଆଣିଥାଏ । ଅଲସୁଆ ଘୋଡାର ଦାମ୍ ପଚାରିଲା ଓ ବସି ଦେଖିବ ବୋଲି କହିଲା । ବସିବା ପରେ ଘୋଡାକୁ ଚାବୁକ ମାରି ସେ ନେଇ ପଳେଇଲା । ଯାଉ ଯାଉ ଗୋଟିଏ ନଦୀ ପଡିଲା । ଗୋଟିଏ ବୁଢା ତା ନାତୁଣୀକୁ ଧରି ନଦୀ ପାର ହେବାକୁ ସେଇ ପାଖରେ ବସିଥାଏ । ବୁଢା କହିଲା ଆମ ଦୁଇଜଣଙ୍କୁ ଘୋଡାରେ ବସାଇ ନଦୀ ପାରି କରିଦିଅ । ଅଲସୁଆ କହିଲା କଣ ଜଣ କରି ପାର କରିଦେବି । ପ୍ରଥମେ ଝିଅକୁ ଧରି ଘୋଡାରେ ପାର କରିଦେବି । ମାତ୍ର ଝିଅ ସହିତ ବସିବା ପରେ ତାକୁ ନେଇ ପଳେଇଲା । ଯାଉ ଯାଉ ଗୋଟିଏ ଗାଆଁରେ ପହଞ୍ଚିଲେ ।

ତାଙ୍କ ରାଜ୍ୟରେ ରାଜା ନଥାନ୍ତି । ହାତୀ ଶୁଣ୍ଢରେ କଳସୀ ଧରି ବୁଲୁଥାଏ । ଯାହାର ମୁଣ୍ଡରେ କଳସୀ ପାଣି ଢାଳିବ ସେ ରାଜା ହେବ । ଅଳସୁଆକୁ ଦେଖି ହାତୀ ତା ମୁଣ୍ଡରେ କଳସ ପାଣି ଢାଳି ଦେଲା । ସେ ସେହିଦିନଠାରୁ ସେହିରାଜ୍ୟର ରାଜା ହୋଇ ରହିଲା ଓ ରାଣୀକୁ ସୁଖରେ ରଖିଲା ।

## (୨୯)

ଇକୁଇସି ରାଇଜତେ ଛିଳିଆ ଟୁକା ମିନଗ୍ ସାଦବ ବୁଡା ଇଞ୍ଜାରାତେ ବଗାଳିଆ ରଏଁୟାନ୍, ସାଦେବତେ ବୁଆ ଗାରାନ୍ ଜୁଜତେ ଗାମ । ତେଣୁ ଆର ଗାମ ବୁଆ ଆଏଁତେ ଆନେ ବାତୁଲୁଙ୍ଗଆଯେ ଆଇଁତେ ବାଟିମିଏଁ ବାଉଁରେ ତଅଣବି କୁଯିଏଁ ଡିୟର ମାଆଁ ମିଡିଙ୍କେ ନୂଆ ଖାରାନବି ମାଆଁ ମିଡିଯାଁ ଆଏଁ ସାଦବ ବୁଡା ଇଞ୍ଜାର ବଗାଳିଆ ରଏଁସେର ସାଦବଆ ଛିଳିଆରା ବୁଢା ମଇଁଟ ଉଁଛେରାନ୍ ଛିଳିଆ ବୁଡି ମଇଁଟ ବୁଡା ଇୟାନକାୟା ସାଦେବଆ ଇଞ୍ଜାରା ରୟନକିଆ । ସାଦବ ବୁଡା ମେରମଣ୍ଡ ଶରାଅକିଆ ଦିନିଁ ସରାଏଁ କିକିଆ, ସେଲାଲତେ କାଆଁଯଯ ଗଅଁଖେ ବଣଁବ ଡାଖିଲିୟା । ତେଣୁକରି ସାଦବ ବୁଡା ଗାମୟୁ । ବୁଡି ବୁଡା କିୟା ଫାବୁଟ ବହଁଣରେ ଦିନି ଡେଏଁଡେକିୟା । ସାଦବ ବୁଡା ବିଣ୍ଡିର ଗଘାଆଁଜୀୟାଜ ଡିଏଁଙ୍କିଆ ଡୁଲୁଙ୍ଗ କୀୟାଜ ଯୁଆଁଡେ ଏକାନ ଲକାଡେଚେରାନକିୟା । ଏରେ ଗଗାଁକୀୟ ଏକାନା ଏଁରେ ବୁଆରେ ବିରକୀୟା ବିରି ଡୁଙ୍ଗକିୟା ତାପରେ ବୁଆ ଶୁମୁସିଂ ଇୟାନ୍ ବିରି ଦିନି ଏରେବ ମେଁରମ୍ କିଆ ବୁଆରେ ଆଗାନଣ୍ଡି ଜେନାରା ବୁଆଇଁ ଏଁବାରେ ଉୟାନ୍ତେ ବୁଡି ମିଲିମ କୁ ଉଆ ବାଗାନା ବରାନ୍ କୀୟାଜ । ଇଞ୍ଜାଆଁ ହରେନାକିଆ । ସାଦବ ବୁଡା ମେଁରଣ୍ଡବ ବାଡାୟାକିୟା, ଗାମସେର ଏରେ ଯୁଗଂଣ୍ଡେ ମିନ୍ଦିନା ସାଦବ ବୁଡା ଗାତାର ଲାଗେଆନ୍ ଶାନ୍ତିରେ ଚଲେୟକିୟା ।

## ଓଡିଆ ଅନୁବାଦ

ଗୋଟିଏ ରାଜ୍ୟରେ ଜଣେ ଛେଳିଆ ଟୋକା ବୁଢା ଘରେ ଛେଳି ଚରେଇବା ପାଇଁ ରହିଥିଲା । ସେ ପିଲା ସାଧବକୁ ଧାନ ମାଗିଲା । ସାଧବ ବୁଢା ଧାନ ଦେବାକୁ ନ ମଙ୍ଗିବାରୁ ସେ ପଳେଇଗଲା । ଏହାପରେ ଦୁଇଜଣ ବୁଢାବୁଢୀ ଆସି ସେହି ଘରେ ପହଞ୍ଚିଲେ । ସବୁଦିନ ଜଙ୍ଗଲକୁ ଛେଳି ଚରାଇବାକୁ ଯାଆନ୍ତି । ସାଧବ ବୁଢା କହିଲା ତୁମେ ଆଜି କିଛି କାଳୁ ଖାଇ ଜଙ୍ଗଲକୁ ଯାଅ । ବୁଢାବୁଢୀ ଜଙ୍ଗଲକୁ ଗଲେ । ଜଙ୍ଗଲରେ

ଛେଳି ଚରାଉ ଚରାଉ ତଇଲା ମଧ୍ୟ କାଟିଲେ । ଏହାପରେ ସେମାନେ ସେଠି ଧାନ ବୁଣିଲେ । ଧାନ ଗଛ ଭଲ ହେଲା । ବୁଢାବୁଢୀ ସେଠି ସବୁଦି ଛେଳି ନେଇ ଜଗନ୍ତି । ଧାନ ପାଚି ଆସିଲା । ବୁଢା· ବୁଢୀ କଥାବାର୍ତ୍ତା ହେଲେ ଚାଲ ଆମେ ଧାନ କାଟିବା । ଧାନ କାଟିସାରି ବେଙ୍ଗଲା ପକାଇ ଧାନ ଅମଳ କଲେ । ଧାନ କିଛି ପାଇଁ ବୁଢା ବୁଢୀ ଶାନ୍ତିରେ ରହିଲେ ।

## (୩୦)

ମୁଇଣ୍ଡ ଗାଆଁ ତିରିସି ଗଟା ଇଞ୍ଜାଆକି ଏରେ ଗାଁରା ରାଜନ ଜୁଆଙ୍ଗ ବୁଲି ମିନଗ୍ ବୁଢା ଏରେ ବୁଢାରା କନନ୍ଣ୍ଡକିଆ ଦି ବାଇଆଉ କଞ୍ଚେଲାନ୍ଣ୍ଡକି ତିନିବୁଣି କନନଣ୍ଡକିଆତେ କାନିଆ କିପ୍ସେକେତେ । ତିନିବୁଣି କଞ୍ଚେଲାନଣ୍ଡ ଭିତର ବୁଢାରା କୁବା କଞ୍ଚେଲାନଣ୍ଡତେ ଟାଙ୍କର ପଡା ବୁଲି ମୁଇଁଟ ଗାଁଆଁରା ମିନଗ୍ ବନ୍ଧୁରାଜା କନନ୍ଣ୍ଡେତେ କାନିଆ କିକିତେ ଗାଆଁ ଗାଆଁ ବୁଲିଅ ଦିନିମିଞ୍ଜା ସମ୍ଭାର ଆଟତେ ରୁବାଡ ଏରେବେଲା ଟାଙ୍ଗରପଡା ଟୁକୁନୁ ଜୁଆଙ୍ଗ ଗାମ୍ ରାଜନ୍ ଜୁଆଙ୍ଗ ତେ ବିରି ମେଗାମ୍କେ ବନ୍ଧୁରାଜା ଆଉ ଡି ଅର ଏରେବ କୁଣିଆଅନା ଗାମକେ । ଅମ୍ଭାଟ ଇଞ୍ଜାରେ ମୁଇଁଟ ବାକିବେ, ବୁଡା ରାଜନ ଗାମ ଏରେ ସେନା ମେଗାମକେ ବନ୍ଧୁ ଆମା ଇଞ୍ଜମଣ୍ଡେଆଞ୍ଜ ଜଜ ଜେନା କି ଆଞ୍ଜ ଇଞ୍ଜାଣ୍ଡେ ଆମ ଜଜ ଜେନା ଇଞ୍ଜାମଣ୍ଡେ ଶୁଣିଂ ଆସିକେ ଶୁଣିଂ ଜେନା ଆଞ୍ଜାତ ଜଜ ଜେନା କିଲଲଂଙ୍ଗ ଜେନା କିଲଲଂ୍ଙ୍ଗ ଜେନା । ଟୁକୁନ୍ ଜୁଆଙ୍ଗ ଗାମ ଜେନା ମେଗାମ୍ର ହେ ବନ୍ଧୁ ଅନାର ଉଞ୍ଜି ଆଞ୍ଜାରିକି ଇସେରେତେ । ଏତେତେରା ସେକାଳ ଇତେ ଇତେ ମୁରବି ନନା ଗାମକେ, ବୁଡାର ଇଞ୍ଜାବ ଡୁଡୁରୀ ତାପରେ ବୁଡାକିତେ ବଗେଥ କାଣ୍ଡାରିଆ । ତାପରେ ତରମିଞ୍ଜିତା ଡିଅର ସୁଇଲମା କଙ୍ଗେର୍କିତେ ଡାକେଅ ବିରି ଉଞ୍ଜିଆବୁନ୍, ସେକାଳ ଇଆନା ତଣ ତାଣା, ବାଡି ସବାନକିଜ ଅନକି କାଣ୍ଡାରିଆ ବେଳ ଇଲି ଇଲି ଇଆନା ଗାଁ ଏକେଗ ଆଉ ଚିଆଂକିଂ ତଣ ଉରକି ଗୁଡି ଗଣାନ୍କି ତେଣିକି ଅନ୍କି ମଣ୍ଡଗ୍ରା ଗାଁ ବୁଡାକି ଡକସିରିକି, ତେଣିକି ଜିଙକି ଗାଁ କୁଣିଆରି ଉର୍ଗୁକୁଣିଆରି ଗାମକି । ଜେନାଲେ ଆଉ ରାଜନ ବୁଡାରାବ ନେଡେନ ଚେରେ ।

ଗାତା ଗୀତିଆନକି ଦିନ ଧାରଣ ଇଆନ୍ ବାର ଲଗନ ଇଆନ ମଙ୍ଗଳବାର ବୋଲି ଗାତାଏନକି, ତେଣିକି କାଣ୍ଡିରିଆଙ୍କା ଶୁଭବୁଆ ସବକିଜ କାନିଆରାଏତେ ଗଗ୍ତେ ଡେନକି । କାନିଆରାୟା ଇଞ୍ଜାବ ଆଉ ଚିଆନଙ୍କି କାଣ୍ଡାରିଆକି ଶୁଭ ବୁଆ

ଡିଞ୍ଜାନକି ଜୁରୀରଗକି ତଣ ଆବଗଲାୟାନକି ତଣ ଉରକି ଚତୁରାୟକି ମାବୁଣିକିତେ । କାନିଆରାଏତେ ବିଗତଣ ଆବୁର ପେ ବିଗ, ଆରିନାପେ ନାଲେ ରାତିମିନା ଡାଏକେ ବାଇକି ଟାଙ୍ଗୁ ବନ୍ଦେନାପେ ଏଡାଏଙ୍ଗ । ନାଗମ ପଦାନ ଆଉ ସାଇଆ ଲୋକକି ଡେନକି କାଣ୍ଡାରିଆ କି କିଲାଙ୍ଗ ଡେନକି ଏକୁଡିଆ ଇଆନଙ୍କିଜ୍, ଜୁରି ରଗକି । ଆଉ କାନିଆରାୟ ଅବାର ଆଲୁଙ୍ଗା ପିତା ମାତାକିତେ ଜୁରୀ ରଗାନ ତାପରେ ଆଉ ପଦାନ କାନିଆଁ ରାଏତେ ଆବିରାଅକିଆ । ତା'ପରେ କାଣ୍ଡାରିଆ କିତେ ଗତାୟକି ଆରକି ଗଗାନ୍‌କି । ଆର ଅବକବ କାଣ୍ଡାରିଆ ମାବୁଣିକିତେ ଅବିରାଅକିଜ ଗଗକି । ବରଆ ଇଞ୍ଜାରା ଆଉଡିଆନକି ଟାଙ୍ଗର ପଡା ଲୋକରିକି ଗଟାଙ୍ଗତେ ଲାଲାଏଜ, ଗୋଚେରକି ଏରାତେ ଜେଁନ ଜେଁନରାଙ୍କି । ବରପାଟି ଲୋକକି ବାଜା ସବାନ୍ କିଜ ଡେନକି ତାପରେ ଗେଟତେ ବରତେ ଅରେନକି ଆଉ କାନିଅରାଏତେ ଅରେନକି ତାପରେ ବନ୍ଦାଣ କିବାନ୍ କି । ବାଗର ଇଆନ୍ ଆଲୁଙ୍ଗବ ଗଗାନକି ତାପରେ ତଣ ଉରକି ଡୁଙ୍ଗକି । ତାପରେ ଆରାକା ଦୁଲିଆ ପୁଲିଆ କିବାନକି । ତାପରେ ଛୁଟି ଡେନକି । ଛୁଟି ବାଙ୍ଗେଅକି ଜେଲାଅ ।

## ଓଡିଆ ଅନୁବାଦ

ଗୋଟିଏ ଗାଆଁରେ ତିରିଶି ଘର ଲୋକ ଥାଆନ୍ତି । ସେ ଗାଆଁରେ ରାଜନ୍ ଜୁଆଙ୍ଗ ବୋଲି ବୁଢା ଥାଏ । ସେ ବୁଢାର ଦୁଇ ପୁଅ ଓ ତିନିଝିଅ । ପୁଅ ଦୁଇଜଣ ବାହା ହୋଇ ସାରିଲେଣି । ବୁଢାର ତିନି ଝିଅ ଭିତରୁ ତାର ବଡ ଝିଅକୁ ଟାଙ୍ଗର ପଡା ବୋଲି ଗୋଟିଏ ଗାଁରେ ବନ୍ଧୁରାଜା ବୋଲି ଜଣେ ଲୋକର ପୁଅକୁ ବାହା କରିବା ପାଇଁ ଠିକ୍ କଲା । ଦିନକର ଘଟଣା । ସୋମବାର ହାଟ ହୋଇଥାଏ । ସେତେବେଳେ ଦୁଇ ବୁଢା ହାଟରେ ଭେଟ ହେଲେ । ସେତେବେଳେକୁ ଟାଙ୍ଗର ପଡାର ଟୁକୁନୁ ଜୁଆଙ୍ଗ ରାଜନ୍ ଜୁଆଙ୍ଗକୁ କହିଲା, ଇଏ ହେଲେ । ସେତେବେଳେକୁ ଟାଙ୍ଗର ପଡାର ଟୁକୁନୁ ଜୁଆଙ୍ଗ ରାଜନ୍ ଜୁଆଙ୍ଗକୁ କହିଲା, ଇଏ ଆଉ ମୁଁ ତୁମ ଘରକୁ କୁଣିଆଁ ଯିବୁ ମୋ ପୁଅ ପାଇଁ । କଣ କହୁଛ ବନ୍ଧୁ । ଦୁଇଟା ଘର ଗୋଟେ କରିବା ବୋଲି ମୁଁ ପଚାରୁଛି । ବୁଢା ରାଜନ୍ କହିଲା ସେଇଟା ସିନା କହୁଛ ବନ୍ଧୁ । ତୁମ ଘରଟା କେମିତି କଣ ଅଛି ମୁଁ ଦେଖିନାହିଁ, କି ଆମ ଘର ତୁମେ ଦେଖିନାହିଁ । ଯାଅ ଆସ ହୋଇ ନାହିଁ । କେମିତି ହେବ । ଟୁକୁନୁ ଜୁଆଙ୍ଗ କହିଲା ରାଜନକୁ ନାହିଁ କଲେ ବି ବନ୍ଧୁ ଆମେ ଯିବୁ । ପାଞ୍ଜି ପୁଞ୍ଜା ହୋଇଛି କି ନାହିଁ, କାଲି ଭୋରୁ ଆମେ ଯିବୁ ବୋଲି କହିଲେ । ରାଜନ୍ ବୁଢା ଘରକୁ ଫେରିଲା ।

ତୁଢା ସାଇର ଲୋକମାନଙ୍କୁ ଠିକ୍ କଲା । ଦାଣ୍ଡାରିଆ ଆଉଥରେ ପିଲାମାନଙ୍କୁ ଡାକି ପାଞ୍ଜି ପାଠ ଭଲଭାବରେ କଲେ । ଭୋରୁ ଉଠି ଭାତ ଧରି ବାହାରିଲେ । ଗାଁ ପାଖରେ ପହଞ୍ଚିଲେ । ଦାନ୍ତ ଘଷିଲେ । ଭାତ ଖାଇଲେ । ଧୋଇଧାଇ ହୋଇ ଗାଁର ମଣ୍ଡପ ଘରକୁ ଗଲେ । ସେଠାରେ ସେ ଗାଆଁର ଭଦ୍ରଲୋକମାନେ ବସିଥାନ୍ତି । ଭଦ୍ରଲୋକମାନେ ପଚାରିଲେ, କୁଆଡେ ଆସିଲେ । ଦାଣ୍ଡାରିଆ କହିଲେ ଏହି ରାଜନ୍ ଘରକୁ ତା ଝିଅ ପାଇଁ ଆସିଛୁ ।

କଥାବାର୍ତ୍ତା ହେଲେ । ଦିନ ଧରା ହେଲା । ବାର ଲଗନ୍ ହେଲା । ମଙ୍ଗଳ ବାର ବୋଲି କଥାବାର୍ତ୍ତା ତୁଟିଲା । ଦାଣ୍ଡାରିଆମାନେ ଶୁଭଧାନ କରି କନିଆଁ ନେବାକୁ ଆସିଲେ । ରୋଷେଇବାସ କଲେ । ତାଙ୍କର ଜୁରୀ ଆଣିଥିବା ଜୁରୀ ପକେଇଲେ । ଦାଣ୍ଡାରିଆମାନେ ଭାତ ପାଣି ଖାଇଲେ । ଖାଇପିଇ ଶୀଘ୍ର ଯିବା ପାଇଁ କହିଲେ । ମା ମାଉସୀ ଓ ଭଉଣୀମାନେ କନିଆଁ ଧରିଲୁ ମାନେ ଆମେ ଯିବୁ । ଆଉ ଆମକୁ ରାତି ହେଲା ବୋଲି କହିବ ନାହିଁ । କନିଆକୁ ଭାତପାଣି ଦେଲେ ଓ ସମସ୍ତେ ଖାଇଲେ । କନିଆଁର ବାପା ତାର ଘର ଭିତରେ ଜୁରୀ ପକେଇଲେ । ଦାଣ୍ଡାରିଆ, ଦେହୁରୀ, ପଦାନ ଏବଂ ଗ୍ରାମର ଭଦ୍ରଲୋକମାନେ ଆସିଲେ । ତାପରେ ଜୁରୀ ବାହାରେ ପକେଇଲେ । ତାପରେ କନିଆଁକୁ ଦେହୁରୀ ପଦାନ ବାହାର କଲେ । ଦାଣ୍ଡାରିଆ । ମାନଙ୍କୁ ଗଡେଇ ଦେଲେ । ଗ୍ରାମର ଲୋକମାନେ ଚାଙ୍ଗୁ ବନ୍ଦିଲେ । ତାପରେ ବର ଘରକୁ ଗଲେ । ବର ଘରକୁ ଗଲାବେଳେ ଗାଁର କିଛି ଦୂରରେ ନିଆଁ ଜାଳିଥିଲେ । ବାଟ ଚାଲି ଚାଲି ଥଣ୍ଡା ହେବାରୁ ନିଆଁରେ ହାତ ଗୋଡ ସେକିଲେ । ଗେଟେରେ କନିଆଁକୁ ଏବଂ ବର ଆଣିଲେ । ସେଠି ବନ୍ଦାଣ କଲେ ଏବଂ ବାହାଘର କଲେ । ଚାଙ୍ଗୁ ବାଜୁଥାଏ ଏବଂ ବାଜା ବାଜୁଥାଏ । ବାଣ ମଧ୍ୟ ଫୁଟୁଥାଏ । ତାପରେ ବାହାଘର ଶେଷ ହେଲା । ଭାତପାଣି ଖାଇଲେ । ତାପରେ ଘରକୁ ଚାଲିଲେ । ବରଘର ତାଙ୍କର କାଦୁଅ ଲଟପଟ କଲେ । ଦିନପରେ ବାହୁଡାଣି ଗଲେ । ସେଠୁ ଫେରିଲେ ବାହାଘର ସରିଲା ।

## (୩୧)

ମୁଇଣ୍ଟ ରାଜ୍ୟଆ ରାଜା ଆସିଆନ୍ । ଆରଖା କନଡକୀ ଗଣ୍ଡାମିଁ ରାଜା । ଦିନମିଂ ପଲଙ୍କତେ ଗୁଟକ ସେରାନ୍ ଅରାକା କନଡକି ଲକାତେ ଗୁଟକ ସେରାନକି । ରାଜାତେ ଦିନମିଂ ସ୍ୱପ୍ନ ଇହାନା ସୁନାର ଫଳ ଲାଲୁଇସେକେ ମାରାଗ୍ ଜିମକେ

ଏରେତା ସପ୍ନ ଇହାନ ତରାଜା କନଡିତେ ଡାକେୟ ଗାମ୍ ଆତେଁ ରାତିଆ ସପ ଇସେରେ ସନାର ଫଳ ଲାକୁଇ ସେକେ ମାରାଗ୍ ଜିମ୍‌କେ, ଏରେ ପିଡିରେ ଆପେ ଏଅରେନନ ହେଲେ ଆପେତେ ବକପ ପେରିକି ଡେଜ ଗାମ, ରାଜା କନକି ସେକାଲା ଗାତାଅ ନ୍‌କି ବିରି ବଣ ଗଟାଙ୍ଗ ଡାଡଥକି । ଜୁ ମୁଇଣ୍ଡ କୁହାବଣିଆ ବୁଡା ସୁମୁସିଂହା ଡକ ଆନ୍‌କି । ଏରା ଗାତାଇନକି ଚାରିଦିଗବ ଗଟାଙଗ ଇନ୍‌ଞାରେ ଗାମକି କୁବା କନଡ ଅନ ପୁବିଦିଗବ ମଜିଆଁ କନଡ ଅନ ଉତ୍ତର ଦିଗବ, ସଜିଆଁ କନଡ ଅନ ଦକ୍ଷିଣ ଦିଗବ ସାନ କନଡ ଅନ ପଶ୍ଚିମବ ସାନ ଅନଜୁ ଅନଜୁ ମୁଇଣ୍ଡ କୁବା ବଣଆ ଜୟଜୁ ମୁଇଣ୍ଡ ବକବଡ଼ ତାସନ ଆସିକେ ରୁଷି ଜିଅଂ ରାଜା କନଡତେ ମାଣ୍ଡିବ ମେଣ୍ଡେଞ୍ଚର ଗାମ ରାଜା କନଡ ଗାମ ଅବାଜ୍ କିଞ୍ଚେକ ସୁନାର ଫଳ ସୁମୁସିଂଜଁ । ଲାବୁର ମାରାକ୍ ଜିମକେ ଏରେ ମିଦିରେ ମରେନ୍ ଗାମସେକେଜୁ ମାଣ୍ଡିଆ କୁହେ ରୁଷି ଗାମ୍ ମୁଇଣ୍ଡ ମାଟା ବଣଆ ରୁଷି ଆସିକେ ଆର ସବୁ କଁସେକେ ଏରେ ଡାଏ ଗାମ । ରାଜା କନଡ ଏରେବ ଅନଜୁ ଅନଜୁ ମୁଇଣ୍ଡ ମାଟା ବଣଆ, ରୁଷି ଆବଡ଼ି ଲଙ୍କା ତାସୁନ୍‌ରୁପି ଜୟ । ରାଜା କନଡତେ ରୁଷି ଝିଂକେ ମାଣ୍ଡିବ ଚେର ରାଜା କନଡ ଗାମ ଅବାଞ୍ଜି କିନଚେକେ ସୁନାର ଫଳ ସୁମୁସିଂ ଲାକୁଇସେକେ ମାରାଗ୍ ଏରେ ଦିମକେ ମାଣ୍ଡିଆ କୁହେ । ରୁଷି ଗାମ ମୋନା ଡାଏ ସାତ ସମୁଦ୍ର ମେଡେଗେ ସାତଟା ବଣ ମେଡେଗେ ଏରା ମୁଇଣ୍ଡ ଡାବୁରା ରୁଷି ଆସିକେ ଆର ସବୁ ନିଙ୍କସେକେ । ରାଜା କନଡ ଅନଜୁ ଅନଜୁ ସାତ ସମୁଦ୍ର ଡେଗେଅ ସାତଗଡା ବଣ ଡେଗେଅ ଏରା ମୁଇଣ୍ଡ୍ ଜୟଜୁ କୁଡ଼ା ପଡିଆରା ରୁଷି ଆସନ ହେନଜ ଡକଆନ୍‌ଜ ଜପ କିକିମୋନାନ୍ । ଜପ ଉଠାଅ ବିରି ଜୟଜୁ ରାଜା କନଡ ଡେରେ ରୁଷି ଜିଂଅ ରାଜା କନଂଡ ତେ ବିହିତେ ମେଡେନ୍‌ଚେରେ । ରାଜା କନଡ ଗାମ ସୁନାର ଫଳ ଲାକୁଇସେକେକେ ମାରାଗ୍ ଜିମକେ ରୁଷି ଗାମ ଡାଏ ଆଲି ଇଞ୍ଜାଞ୍ଜା ଆସିକେ । ମୁଇଁଣ୍ଡ ବାଡ଼ି ଆସିକେ । ଆଉ ବାଡ଼ି ବାଜାରେ ମରେନ୍ ଗାମ ରାଜା କନଡ ଅନ ଆଉ ବାଡିରେ ଅରେନ ରୁଷି ଗାମ କିଛି ଲାଙ୍କା ମନା ଏରାତେ ଏକଂଟେ ମେବାଜାଏ ବିରି ଆଗିଲାଯିଏ ଡେମେନା ଆରତେ ମେସବେ ମିପିଜର ରାଜା କନଡତେ ଗତାୟୁ ରାଜା କନଡ ଡକେଜୁ ସାତ ଗଟା ବଣ ହେଗେଅ ସାତ ସମୁଦ୍ର ଡେଗେଅ ବିରି ତିନିଥର ଡିବି ଡିବି ବାଜାଅ । ଆଗିଲା କୈଲଂଡେତେ ଜୁର ସର୍ବ ବାନକ ଲେଲେଜାନ୍ କିଆ । ରାଜାକନଡ ଗାମ ୟାନ କିୟାଜୁ ସୁନାର ଫଳ ଲାକୁଇସେକେ ଓ ମାରାଗ ଜିମକେ କୈଲଂଙ୍ଗ କି ଗାମ କି ପିଜେଡୁ ଆମ୍ ମିବୁଗେ ବଲତେ ଇନଞା ଏରାତେ ନୋନା ଗାମକି ରାଜା କନଂଡ

ଅନଜ୍ଞୁ ଅନଜ୍ଞୁ ସମୁଦାୟ କାକାରକି ଡେଞ୍ଜେରେକିତେ ଆରକିତେ ଜିଙ୍ଗ ଇକୁୟ । ଆରାକି ଗାମକି କେହି ନା ନିକୁବ୍ । ସାନ ବକର ଗାମ୍‌କେ ଅକଲଙ୍ଗ ମାଣ୍ଡିବ ନୋନା ଗାମ୍‌କେ କୁବା କାକାର ଗାମ ନିତା ନିତା ବାହାରିଆ ନୁଡୁଙ୍ଗ । ଗାକେ ସାନ ବକର ଗାମକେ କୁ ଇଞ୍ଜାବ ନୋନା ନଗଜେଲେ ନଗେଜେ ଗାମ, କାକାର ଆଗିଲା ଇହାନ ସାନ ବକର ଅଚଲିଆ ଖୁସି ଖୁସି ଇସୁନ ଅନ । ସେକାଳ ଇହାନା ଅବାର ଡାକେହ ସଂମଦାୟତେ ଜିଂଗଜ୍ଞୁ କେହି ଜେନା ଗାମକି ରାଜା ଆଦେଶ ଡିଞ୍ଜଁ / ରାଜ୍ ସାନ କନନିତେ ଆଗିଲା ଡେଜେପଗାମ । ସାନ କନଂଡ ଗାମ ଆଞ୍ଜି ଇଞ୍ଜାତା ଡେଡେଁ ଗାମ, କନଡ ନାଗାରା ବାଡିସବ ବିରିଡେନ ରାଜାଗାମ ଉଆ ମେଣ୍ଡେନ ପରା କନଂଡ ଏରବେଲା ନାଗାରାରେ ପେଟେଅ । ଏରେବେଲା ମୁଇଣ୍ଡ ଇହାନ ସୁମୁସିଂ ମୁଇଣ୍ଡ ଇହ ଫଳ ମୁଇଣ୍ଡ ଇହାନା ମାରାଗ୍ ଜିମକେ ଏରେବେଲା ଅବାର ଜୟ ଖୁସି ଇହାନା ଅଚତା କନଡକିତେ ଡାକେହ ବିରି ଖୁସିରେ ରହେ ଅନକି ।

## ଓଡ଼ିଆ ଅନୁବାଦ

ଗୋଟିଏ ରାଜ୍ୟରେ ଜଣେ ରାଜା ଥିଲେ । ତାଙ୍କର ଚାରି ପୁଅ ଥିଲେ । ରାଜା ଦିନେ ପଲଙ୍କ ଉପରେ ଶୋଇଥିଲେ । ତାଙ୍କ ପୁଅ ସବୁ ତଳେ ଶୋଇଥିଲେ । ରାଜାଙ୍କୁ ଦିନେ ସ୍ୱପ୍ନ ହେଲା ସୁନାର ଫଳ ଫଳିଛି । ମୟୁର ତାକୁ ତୋଳି ତୋଳି ଖାଉଛି । ରାଜା ତାଙ୍କ ପୁଅମାନଙ୍କୁ କହିଲେ ସୁନାର ଫଳ ଫଳିଛି, ମୟୁର ତୋଳି ତୋଳି ଖାଉଛି । ଯେଉଁଠି ଅଛି ଶୀଘ୍ର ଆଣ । ନହେଲେ କାଳୀ ଦୁର୍ଗାଙ୍କ ପାଖରେ ତୁମର ମୁଣ୍ଡ କାଟ ହେବ । ରାଜାପୁଅ ବିଚାର କରି ଘରୁ ବାହାରିଲେ । ଗୋଟିଏ ବଡ ଜଙ୍ଗଲରେ ଗୋଟିଏ ବଡ ଗଛ ଥିଲା । ସେଇଠି ସବୁ ବସି ପଡିଲେ । ସେଠାରୁ ଚାରି ଦିଗକୁ ରାସ୍ତା ଯାଇଥିଲା । ସମସ୍ତେ ଚତୁର୍ଦ୍ଦିଗକୁ ଯିବାପାଇଁ ମନସ୍ଥ କଲେ । ବଡପୁଅ ପୂର୍ବ ଦିଗକୁ ଗଲେ । ତାଙ୍କ ତଳପୁଅ ଉତ୍ତର ଦିଗକୁ, ତାଙ୍କ ତଳପୁଅ ଦକ୍ଷିଣ ଦିଗକୁ ଓ ସାନପୁଅ ପଶ୍ଚିମ ଦିଗକୁ ଗଲେ । ସାନପୁଅ ଗଲାବେଳକୁ ଗୋଟିଏ ବଡ ଜଙ୍ଗଲରେ ଜଣେ ଋଷିଙ୍କୁ ଭେଟିଲେ । ଋଷି ପଚାରିଲେ, ଆରେ ରାଜାପୁଅ କୁଆଡେ ଯାଉଛ ? ରାଜାପୁଅ କହିଲେ, ବାପା ପଠେଇଛନ୍ତି ଜଙ୍ଗଲରେ କେଉଁଠି ସୁନାର ଫଳ ଫଳିଛି । ମୟୁର ତାକୁ ତୋଳି ତୋଳି ଖାଉଛି । ଆମେ ସେ ସୁନାର ଫଳ ନେଇ ତାଙ୍କୁ ନ ଦେଲେ ଆମର ମୁଣ୍ଡ କାଟ ହେବ । ଋଷି କହିଲେ, ଯାଆ ପାହାଡର ଅରପଟରେ ଅନ୍ୟ ଜଣେ ଋଷି ଅଛନ୍ତି । ସେ ସବୁ ଜାଣନ୍ତି । ସେ ଆପଣଙ୍କୁ ସବୁକଥା ବତେଇ

ଦେବେ । ରାଜାପୁଅ ତାଙ୍କ ପାଖକୁ ଗଲେ ଓ ସେପଟେ ସେ ଋଷିଙ୍କୁ ଭେଟିଲେ । ଋଷି ରାଜାପୁଅଙ୍କୁ ଦେଖି ପଚାରିଲେ, ଆରେ ରାଜାପୁଅ କୁଆଡେ ଆସିଛ ? ରାଜାପୁଅ ସୁନାଫଳ ସଂଗ୍ରହ କରି ଆସିଥିବା କଥା କହିଲେ । ନହେଲେ ବାପା ତାଙ୍କ ମୁଣ୍ଡ କାଳୀ ଦୁର୍ଗାଙ୍କ ପାଖରେ କାଟିବା କଥା ମଧ୍ୟ ତାଙ୍କୁ ଜଣେଇଲେ । ଋଷି ରାଜାପୁଅଙ୍କୁକହିଲେ ଯାଅ, ସାତ ସମୁଦ୍ର ସାତଟା ପର୍ବତ ଡେଇବ । ସେଇଠି ଜଣେ ବଡ ଋଷି ଅଛନ୍ତି । ସେ ସବୁ ଜାଣିଛନ୍ତି । ଋଷି ରାଜାପୁଅଙ୍କୁ କହିଲେ ବିଳମ୍ବ ନ କରି ଶୀଘ୍ର ଯାଅ । ରାଜାପୁଅ ସାତ ସମୁଦ୍ର, ସାତ ପର୍ବତ ଡେଇଁ ଋଷିଙ୍କ ପାଖରେ ପହଞ୍ଚି ଦେଖିଲା, ଋଷି ଧ୍ୟାନରେ ଅଛନ୍ତି । ଧ୍ୟାନ ସାରି ଋଷି ଦେଖିଲେ ରାଜାପୁଅ ଆସିଛି । ଋଷି ସେଠାକୁ ଆସିବାର କାରଣ ରାଜାପୁଅଙ୍କୁ ପଚାରିଲେ । ରାଜାପୁଅ କହିଲେ, ବାପାଙ୍କ ଆଦେଶରେ ସୁନାର ଫଳ ସଂଗ୍ରହ କରିବାକୁ ଆସିଛି । ନହେଲ ମୁଣ୍ଡ କାଟ ହେବ । ଋଷି କହିଲେ ଯାଅ ଆମ ଆଶ୍ରମରେ ଗୋଟିଏ ଓ ବାଡି ଅଛି ନେଇଆସ । ରାଜାପୁଅ ସେଗୁଡିକ ଆଣିଲେ । ଋଷି କହିଲେ ଅଧଅ ବାଟରେ ନାଗରାକୁ ଡିବି ଡିବି କରି ତିନିଥର ବଜାଇ ଦେବ । ପ୍ରଥମେ ଯିଏ ଆସିବ ତାକୁ ତୁମେ ଧରିବ । ଆଉ ଦୁଇଜଣ ଯେତେ ଗାଳି ଦେଲେ ବି ତୁମେ ତାକୁ ଛାଡିବ ନାହିଁ । ତୁମେ କହିବ ସୁନାର ଫଳ ଫଳିଛି ମୟୁର ତୋଳି ଖାଉଛି ବୋଲି ତାକୁ ଜଣେଇବ । ଋଷିଙ୍କ କଥା ଅନୁସାରେ ରାଜାପୁଅ ଅଧାବାଟରେ ନାଗରାକୁ ତିନିଥର ଡିବି ଡିବି କରି ବଜାଇବାରୁ ଦେବତାମାନେ ଆସିଲେ । ଋଷି ଯେପରି କହିଥିଲେ ରାଜାପୁଅ ସେପରି କଲେ । ସେପରି କଲାରୁ ଦେବତାମାନେ କହିଲେ ଯେ ତୁମେ ଆମକୁ ଛାଡିଦିଅ । ତୁମ ଦରକାର ସମୟରେ ତୁମେ ଯେଉଁଠି ବାଜା ବଜେଇ ଆମକୁ ଡାକିବ ଆମେ ଆସିବୁ ଓ ତୁମର ଇଛା ପୁରଣ କରିବୁ । ତାପରେ ସାନପୁର ସେହି ଗଛ ମୂଳକୁ ଆସିଲା । ପୂର୍ବରୁ ଅନ୍ୟ ତିନିଭାଇ ଆସି ବସିଥାନ୍ତି । ସାନଭାଇ ବଡଭାଇମାନଙ୍କୁ ସୁନାର ଫଳ ପାଇବା କଥା ପଚାରିଲା । ବଡଭାଇମାନେ କହିଲେ ଯେ ସେମାନେ ଖୋଜି ଖୋଜି ପାଇଲେ ନାହିଁ । ତେଣୁ ସାନଭାଇ କହିଲା ଜନ୍ମ ହୋଇଛେ ଦିନେ ମରିବା । ତେଣୁ ଚାଲ ଘରକୁ ଫେରିଯିବା । ତେଣୁ ସେମାନେ ଘରକୁ ଫେରିଲେ । ବଡ ଭାଇ ଆଗରେ ଚାଲିଲେ । ଘରେ ଯାଇ ପହଞ୍ଚିଲେ । ସକାଳ ହେଲା । ରାଜା ସମସ୍ତଙ୍କୁ ଡକେଇ ସୁନାର ଫଳ ଫଳିଥିବା ଗଛ ଓ ତୋଳି ତୋଳି ଖାଉଥିବା ମୟୁରକୁ ଆଣିଛ କି ନାହିଁ ବୋଲି ପଚାରିଲେ । ସମସ୍ତେ ମନା କଲେ । ତେଣୁ ରାଜା ପ୍ରଥମେ ସାନପୁଅର ମୁଣ୍ଡ କାଟ କରିବା ପାଇଁ କଟୁଆଳକୁ ଆଦେଶ ଦେଲେ । ସାନପୁଅ ବାପାଙ୍କୁ ଟିକେ ଘରୁ ଆସିବା ପାଇଁ ଅନୁମତି ମାଗିଲା । ରାଜା

ରାଜି ହେବାରୁ ସେ ଘରୁ ଯାଇ ଲୁଚାଇ ରଖିଥିବା ଯୋଡି ନାଗରା ଓ ବାଡି ନେଇ ଆସିଲା । ଦୁଆର ପାଖରେ ଯୋଡି ନାଗରା ଡିବି ଡିବି କରି ତିନି ଥର ବଜାଇବାରୁ ଗୋଟିଏ ଗଛ ହେଲା । ସେଥିରୁ ସୁନାର ଫଳ ଫଳିଲା ଓ ମୟୁର ତାକୁ ତୋଳି ତୋଳି ଖାଉଥିବାରୁ ରାଜା ଦେଖି ଖୁସି ହେଲେ । ଚାରିପୁଅଙ୍କର ଜୀବନ ରକ୍ଷା ହେଲା । ସେମାନେ ସମସ୍ତେ ଖୁସିରେ ରହିଲେ ।

## (୩୨)

ଗୋନାସିକା ଗାଆଁରା କାଚେ ଗିରି ବଂଶକି ଆସିଆନକି । ଏରେବେଲେ ଖରାଦିନ ଇସିରେନ୍ । ଦିନାମିଂ ଗିମାଆର ଗିରି ବଂଶ ବୁଢ଼ି ଅଜାଙ୍ଗ ଆରଦିନତେ ଲାଲାଇତେ ଅନ । ଏରେବେଲା ଆର ଡଗରାୟ କେଣିସିଠି ଅଜାଙ୍ଗ ଆକୁୟାନା । ଶେଷରେ ଗୋନାସିକା ହିତ ତୁଳିରେ ଅଜାଙ୍ଗ ଲୁଟୀର ଜୟ । ଯେତେଲାଇକେ ଜୁ ଆଳିବ ସେତେ କୁବା କୁବାର ଲାଂକେ । ଲାଲାଇ ଲାଲାଇ ଅଜାଂ ଡେକେ କେଞ୍ଜାଏ । ତାପରେ ଇଞ୍ଜା ଆରିଆନା ଇଞ୍ଜା ଆରିଆୟ ଯେମିତି ଇଞ୍ଜାବ ଡୁଙ୍ଗ । ତାପରେ ରାତିଆ ଗୁଚଗାନ ବେଲା ସ୍ୱପ୍ନ ଡିଞ୍ଜ । ଆମ ଆଞ୍ଜତେ ଦିନ ପୂଜା ମିକିମା । ତାପରେ ଅଜାଙ୍ଗ ଭୁଗ ଡିଞ୍ଜ ।

ଏତାୟା କିଛି ଦିନ ପରେ ଗଡ ରାଜା ଗୋନାସିକା ଡେଜେନା । ଡେନକି ପରେ ଜୁଆର କିବାନ୍କି, ମନ୍ଦିର ବନାୟକି । କେନ୍ଦୁଝରଆ ବ୍ରାହ୍ମଣ କିତେ ଡ଼ାକେଅକି ବିରି ପୂଜା କିବକି । କିନ୍ତୁ ଉଜା କିକିକିକିବ୍ କେନ୍ଦୁଝରା ବ୍ରାହ୍ମଣ ଗଜକି । ରାଜା ଢେଙ୍କାନାଳତା ଗାଣ୍ଡାମି ବ୍ରାହ୍ମଣ ଡାକେଓ । ଆରକି ପୂଜା କିବକି । ଟାଙ୍କୁଣି ଡିଅ ରୟାନକି ।

## ଓଡ଼ିଆ ଅନୁବାଦ

ପୂର୍ବରୁ ଗୋନାସିକା ଅଞ୍ଚଳରେ ଗିରି ବଂଶର ଜୁଆଙ୍ଗ ଲୋକମାନେ ରହୁଥିଲେ । ଥରେ ଖରାଦିନେ ସେହି ଗାଆଁର ଜଣେ ବୁଢ଼ୀ ଅଳୁ ଖୋଳିବାକୁ ଜଙ୍ଗଲକୁ ଗଲା । ସେ ବୁଲି ବୁଲି କୌଣସି ଜାଗାରେ ଆଳୁ ପାଇଲା ନାହିଁ । ଶେଷରେ ଗୋନାସିକାର ଜଙ୍ଗଲ ପାଖରେ ଗୋଟିଏ ଆଳୁ ଲତା ଦେଖି ପାରିଲା । ସେ ସେଠି ଯେତେ ଆଳୁ ଖୋଳୁଥାଏ, ତାହା ସେତେ ଭିତରକୁ ଭିତରକୁ ଯାଉଥାଏ । ଶେଷରେ ସେହି ଆଳୁକୁ ଖୋଳି ନ ପାରି ସେ ଆଳୁକୁ ଗେଞ୍ଜି ଦେଲା । ସେହି ଆଳୁକୁ ଗେଞ୍ଜି ଦେବା ଫଳରେ ସେଥିରେ

କ୍ଷତ ହୋଇ ରକ୍ତ ବାହାରିଲା । ସେ ସ୍ତ୍ରୀ ଲୋକେ ରକ୍ତ ବାହାରିବା ଦେଖି ଘରକୁ ଚାଲିଗଲା । ଏହାପରେ ରାତିରେ ସେ ସ୍ତ୍ରୀକୁ ସ୍ୱପ୍ନ ହେଲା । ତୁମେ ମୋତେ ସବୁଦିନ ପୂଜା କର । ତାପରେ ସେ ସ୍ତ୍ରୀଲୋକ ସବୁଦିନ ଯାଇ ଆଳୁ ଭୋଗ ଲଗାଇ ଫେରି ଆସୁଥାଏ ।

ଏହାର କିଛିଦିନ ପରେ ଗଡର ରାଜା ଖବର ପାଇ ସେହି ଅଞ୍ଚଳକୁ ଗଲେ । ସେ ସେଠାରେ ଶିବଲିଙ୍ଗ ଥିବାର ଦେଖି ସେ ଜୁହାର କରି ଫେରିଆସିଲେ ଓ ପରେ ମନ୍ଦିର ତିଆର କରାଇଥିଲେ । ସେଠାରେ ପୂଜା କରିବା ପାଇଁ କେନ୍ଦୁଝରର କିଛି ବ୍ରାହ୍ମଣମାନଙ୍କୁ ନିଯୁକ୍ତି ଦେଲେ । ମାତ୍ର ସେମାନେ ସେଠି ପୂଜା କରି ନପାରି ମରିଗଲେ । ରାଜା ଏହାପରେ ଢେଙ୍କାନାଳ ଅଞ୍ଚଳରୁ କିଛି ବ୍ରାହ୍ମଣ ଡକାଇ ପୂଜା କରାଇଲେ ଓ ସମସ୍ତେ ଖୁସିରେ ରହିଲେ ।

## (୩୩)

ଆଗ କାଳିଆ ରଷି, ରଷି ଆଣି କିବି ଆସିଆନକି ଗୋନାସିକାତେ । ଏରାତେ ଆରକିତେ ଗତେ ଜାଗା ଆମେଦୋ ଏନା । ରଷି ଚିନ୍ତାକିବ ଆରକିତେ ଅଲଗା ଇଂଜଂ ମୁଇଣ୍ଡ ନିଶିରେ । ନୂଆଁ ଇଞ୍ଜାରେବ ପିଲାର କି ରୟାନକି ଇଞ୍ଜାଁରା ରଷି ଆଉ କୁଟୁମର ରୟାନକିୟା । ଏରେ ଇଞ୍ଜା ରାତେ କନନଣ୍ଡ କଲେଡ, ଆରାକା ଆରାକା କଲେଜାନକି ରଷିଆ ଇଞ୍ଜାରବ ଡେନକି । ରଷି ଚିନ୍ତାକିବ ଆର କିତେ ବିରି ଉପାୟ କିବଜ ଏରାତେ ରମଇ ନାକି । ଟାଙ୍ଗୁ ମୁଇଣ୍ଡ ବନାଅ, ଟାଙ୍ଗୁ ସଇଣ୍ଡ ବାମାଜାଇକି ସେଇ ଭଲିଆ ଆପସଜ୍, ଏରେ ଦିନ ତାସୁନ୍ ଟାଙ୍ଗୁ ବାଜାଇ ବାଜାଇ ରୟାନକି ।

## ଓଡିଆ ଅନୁବାଦ

ଆଗକାଳରେ ରଷି ଓ ରଷିଆଣି ଗୋନାସିକା ଅଞ୍ଚଳରେ ବାସ କରୁଥିଲେ । ତାଙ୍କର କିଛି ପୁଅ ଓ ଝିଅ ଥିଲେ । ସମସ୍ତେ ଗୋଟିଏ ଘରେ ରହିବାରୁ ଘରର ଜାଗା ରହିବା ପାଇଁ କମ୍ ହେଲା । ରଷି ଚିନ୍ତା କଲେ ଏବଂ ସେହି ପାଖରେ ଆଉ ଗୋଟିଏ ଘର ତୋଳିବାକୁ ଇଛା କରି ଘରଟିଏ ତିଆର କଲେ । ପୁରୁଣା ଘରେ ରଷି ଓ ରଷିଆଣି ରହିଲେ ଏବଂ ନୂଆ ଘରେ ନିଜର ପିଲାମାନଙ୍କୁ ଶୋଇବା ପାଇଁ ପଠେଇଦେଲେ । ପିଲାମନେ ସେହି ଘରେ ରହି ନିଜ ନିଜ ମଧ୍ୟରେ ଝଗଡା କରନ୍ତି

ଓ ଋଷି ଋଷିଆଣି ପାଖକୁ କହିବାକୁ ଯାଆନ୍ତି । ଋଷିଙ୍କର ଶୋଇବାରେ ବ୍ୟାଘାତ ହେଲା । ସେ ଚିନ୍ତା କଲେ ପିଲାମାନଙ୍କୁ କିପରି ଶୃଙ୍ଖଳିତ କରି ରାତିରେ ଶୋଇପାରିବେ । ଏହାର କିଛି ଦିନ ପରେ ସେ ଗୋଟିଏ ଚାଙ୍ଗୁ ତିଆରି କଲେ ଓ ପିଲାମାନଙ୍କୁ ଦେଇଦେଲେ । ସେ ଚାଙ୍ଗୁକୁ ପାଇ ପିଲାମାନେ ରାତିରେ ବଜାଇଲେ ଓ ଝିଅମାନେ ନାଚିଲେ । ଏହାପରେ ସେମାନଙ୍କର କଳିଗୋଳ ବନ୍ଦ ହୋଇଗଲା ଓ ସମସ୍ତେ ସୁଖରେ ରହିଲେ ।

## (୩୪)

ମହାପୁରୁ ଲଟବ ଖେଲନା ଓମ୍ୟାଟ ମୁଣ୍ଡୁଷ ରୂପରେ ତେୟାରେଅ । ଏରେ ଖେଲନାରେ ତିଆରେସେର ବହୁତ ସୋପାର ଜୟାନ । ଏରେ ମୂର୍ତ୍ତିରେତେ ଜୀବନ ଦାନ ଡିଂଙ୍କଁ । ମହାପୁରୁ ଆରକିତେ ଜଜ କୋଲତେ ଅମ୍ୟାଟ କାଡି ଡିଂଜ । କାଡି ସେ ୟାନକିୟା ନକିଅ ପରେ ବହୁତ ତିଲାଯାନ କିୟା । ମହାପୁରୁ ଆରକିତେ ଲକ୍ଷ୍ମୀୟା ପାଖତା ତଣ ଗାର । ଲକ୍ଷ୍ମୀ ଆରକି ଆଡେ ତଣ ଡିଂଜଜ ମନ ଶାନ୍ତି ଏୟାନ କିୟା । ଯେହେତୁ ଆର ସେକାଲତେ କାଡି ଡିଂଜର ଏରେବେଲ ତାସୁନ ସେକାଲତେ କାଡି ଗସେରେକି ।

## ଓଡ଼ିଆ ଅନୁବାଦ

ଦିନେ ମହାପ୍ରଭୁ ଦୁଇଗୋଟି ମାଟି କଣ୍ଢେଇ ତିଆରି କଲେ । ସେହି ମାଟି କଣ୍ଢେଇ ଗୁଡିକ ବହୁତ ସୁନ୍ଦର ଦେଖାଯାଉଥାଏ । ସେହି କଣ୍ଢେଇଗୁଡିକ ଖୁବ୍ ସୁନ୍ଦର ଦେଖି ମହାପ୍ରଭୁ ସେହି କଣ୍ଢେଇ ଦୁଇଟିକୁ ଜୀବନଦାନ ଦେଲେ । ପାଖରେ ଦୁଇଟି କାଠି ଥିବାରୁ ମହାପ୍ରଭୁ ସେ ଦୁଇଟିକାଠି ତାଙ୍କ ମୁହଁରେ ଦେଲେ । କାଠୀ ଘସି ସାରିବା ପରେ ତାଙ୍କୁ ଭୋକ ହେଲା । ଏହାପରେ ମହାପ୍ରଭୁ ଲକ୍ଷ୍ମୀଙ୍କୁ ଆଦେଶ ଦେଲେ ଯେ କ୍ଷୁଧାର୍ତ୍ତ ପିଲାମାନଙ୍କୁ କିଛି ଅନ୍ନ ଖାଇବାକୁ ଦିଅ । ଏହାପରେ ଲକ୍ଷ୍ମୀ ସେମାନଙ୍କୁ ଖାଇବାକୁ ଦେଇ ଶାନ୍ତି କରାଇଲା । ତାପର ଦିନଠାରୁ ସେମାନେ ଖାଇବା ପୂର୍ବରୁ କାଠି ଘସିଥାନ୍ତି । ମହାପ୍ରଭୁ ସେମାନଙ୍କୁ କାଠି ଦେଇଥିବାରୁ ପ୍ରଥମେ ସେମାନେ ସକାଳୁ ଉଠି କାଠି ଘସିଥାନ୍ତି ।

## (୩୫)

ମୁଇଁଣ୍ଟ ରାଜ୍ୟରା ମୁଇଁଣ୍ଟ କେଉଟ ଆସିଆନା । ଆର ସବୁଦିନ କାରଙ୍ଗ ମାରତେ ନଦୀବ ଅନ । ଆର ଦିନ କାରଙ୍ଗ ମାରକେ ହାଟବ ଗଗାନଜ ଅବସଙ୍ଗଡ଼େ । ଦିନମିଂ ଆର ଜାଲ ବସାଅ କଇଁଚ ଆଉ କାରଙ୍ଗ ଡଗାନକି । ଆର ଅରେନଜ କଇଁଛରେତେ ଇଂଜଂ। ଉନ । କାରଙ୍ଗତେ ଆବସଙ୍ଗତେ ଗଗାନ୍ । କଇଁଛ କୁଳତା ଆରିଆନଜ ତମ ତିଣି ଗଲାଓଜ ସମୁଦାୟ କାମ ଉଟାଅଜ କଇଁଚ କୁଳବ ଡୁଇରାନ । କେଉଟ ବେଲେକା ଇଆନ୍ ଆଲୁଙ୍ଗବ୍ ଡୁଇରତେ । ସେଡା ଇଗ୍ର୍ ବୋହୁ ଆଲୁଂଙ୍ଗା ଡିବିରି ଲାଗେ ସେରେ । ଆଟିକାବ ଜୟଜ ତଣ ଗଲାଇ ସିକି । ସାଙ୍କଣା ଡିଂଜକି । ଦିନମିଂ କାରଙ୍ଗ ଆବସଙ୍ଗତେ ଗଗ ଉନାନଜ ଅଧଗଟାଙ୍ଗତା ଫେରେୟ । ଡେନଜ ସେଡାଗ୍ ତୁଲିଆ ଛାପେସେରେ । ତେଣିକି କଇଁଛ ସୁନ୍ଦରୀ ଅରିଆନଜ ସାଙ୍କଣା ଡେଂଜଜ କଇଁଚ କୁଳବ ଡୁଇନା ଗାମଏରେ ବେଳ । କେଉଟ ଇତିରା ଶବ । ବିତେ ଆଞ୍ଚତେ ମେଶବଂଇ ଆଞ୍ଚ୍ ମାରାଇୟାନା । ତେଣିକି ଆରକିଆ କରିଧରି ଜୀମ କବକିୟା ।

ଏରେ ରାଜ୍ୟର ରାଜା ମୁଇଣ୍ଟ କାନିଆଁ ଲଙ୍ଗଲଙ୍ଗ ଅନା । ସବୁଆଡେ ଡଗରାୟକି । କାହିଁୟା ଆକୁୟକି । ତେଣିକି ବାରିକ ଅନଜ ଗାତାୟ ଆଂଜ ମୁଇଣ୍ଟ ବଢିଆର କାନିଆଁ ଜସେବେ । ତେଣିକି ରାଜା କେଉଟତେ ଆବଡାକାୟ । ତାପରେ ଗାମ ମୁଇଣ୍ଟ ସୁନାର ଉଆସ ମେ ବନାଏ ଯଦି ଆଁୟତା ମେ ବରନେ । ମା ବନାଅଯ ଆମ କୁଟୁମ୍ବମତେ କାନିଆଁ ନରେନା । ନହେଲେ ଆମତେ ନବଗଜେ । କେଉଟ ବେତଙ୍ଗାନା । ଇଞ୍ଜାବଅନଜ ମନ କଷ୍ଟରେ ଲେବେର କେ । କଇଁଚ ସୁନ୍ଦରୀ ବୁବୁଳର ତେଣିକି ଜିଙ୍କେ ବିତେ ମନମଣ୍ଡେ କସରଚେକେ । ଆଂତେ ଗାତା ନିଂଡେ । କେଉଟ ଗାମ ଆଂତେ ରାଜା ଗାତା ସେକି ସୁନାର ଉଆସ ମୁଇଣ୍ଟ ବନାଇ ନି ଗାମ । କଇଁଚ ସୁନ୍ଦରୀ ଗାମ ଏରେତେ ଆମଡେ ଚିନ୍ତା ମିକିବକେ । ତେରା ସେକାଳତେ ମନା ନଦୀ ତୁଳିତେ ମେଡାକେ ଏକ କଇଁଚ ସୁନ୍ଦରୀୟା ବୁଇର ତୁଳି ତୋ ଆସିକେ ସୁନାର ବାକ୍ସରେ ଆନେ । ତାପରେ କେଉଟ ଅରେନାନ୍ । ମନରତେ ଭାବେକେ ଭାବେକେ ଇନିଂ ବୂଲୁଂ ସୁନା ବ ସତେ ମୁଇଣ୍ଟ ଉଆସ ମିନା । ତାପରେ ଇଞ୍ଜାଆଉଚିଆନ ରାଜା ଘରବ ଗଗ । ତେଣିକି ମିସ୍ତ୍ରୀକିତେ ଡାକେୟକି । ସୁନାର ଯେତିକି କେଂଞ୍ଚିକି ସେତିକି ବୁକେ । ତାପରେ ଉଆସ ବନାୟ । ତେଣିକି ଇଞ୍ଜାବ ଡୁଙ୍ଗ । ତେଣିକି ରାଜା କେଉଟତେ

ଆଉ ଥର ମିଂତା ଆବ୍‌ଡାକେୟକି । ଏରାତେ ଗାମକି ଉଆସତ ମେବନୟ । ନି ଉଆସ ବିଷୟରେ ବାତୁଲି ଡିଂଜ । ତେଣିକି କେଉଟ ଇଂଜୀବ ଡୁଙ୍ଗ । ଏରେବେଲା ମନ କଷ୍ଟରେ ଲେବେର । ତେଣିକି ନଦୀ କୁଳବ ଅୟନ । ଆଉଥରେ ମିଂତା ଏରେ ଇଂ ଡ କଇଂଚ ସୁନ୍ଦରୀ ଆବୁଇର ଗାମ ଚୁଲି ସାଳରା ରୁକୁବ ଆଟିକାରେ ଆନେ । ତେଣିକି କେଉଟ ଅରେନାନ୍ । ଇନିଂ ବୁଲୁଂ ରୁକୁବ୍ ସେତେ ମୁଇଣ୍ଡ ବାତୁଲି ମିନା । କେଉଟ ରାଜା ଇଞ୍ଜାବ ଗଗ । ରାଜାତେ ଗାମ ଡାଗତେ ଅତେଂଡୋ ସବୁଦାୟ ଆଟିକାତେ ଚୁଲି ବସାୟ ନିଞ୍ଜକି । କେଉଟ ଗାମ ରୁକୁବ୍‌ତେ ମାଇନିଂଜ ଗକେ ଆଇଲା, ତଣ, ସଙ୍କାଣା, ସବୁଗଟା ପରିବା ଇନିଞ୍ଜା ଅନା ତେଣିକି କେଉଟ ରାଜା ଗାମ ଆବ ଡାକେୟ ତେଣିକି ରାଜା ସବୁଦାୟ ଲୋକ କିତେ ଡିଙ୍ଗରା ଡିଙ୍ଗ । ରାଜା ଇଞ୍ଜି ଆଁତେ ଭୋଜି ଉରୁତେ ଡେନାପେ । ସମୁଦାୟ ଲୋକକି ଡେନେଞ୍ଜକି ମନ ଖୁସିରେ ଉରକି, ଜିମକି ବିରି ଡୁଙ୍ଗକି ।

ତେଣିକି ରାଜା ମନରେ ବାବେୟ କତେ ବିରି ଗାମକେଯ କୁଟୁମ୍ବରେତେ ନରେନ । ମନ୍ତ୍ରୀ ଗାମ ୨ ଚାଖଣ୍ଡିଆ ମଣିଷ ୩ ଚାଖଣ୍ଡିଆ ନିଶ ଅରେନତେ ଅତର ନିଡିଞ୍ଜୋ । କେଉଟତେ ଆବଡାକେୟକି । କେଉଟ ଗାମ । ଯାଗାମ ତା ଡିଞ୍ଜ ଆଉରି ବିରି ଇଡିଞ୍ଜାପେ । ରାଜା ଗାମଜୁ ୨ ଚାଖଣ୍ଡ ମଣିଷ ୩ ଚାଖଣ୍ଡିଆ ନିଶ ମରେନ । କେଉଟ ଗାମ ନୁଇଣ୍ଡ ମୁଣିଷ ମାନ୍ତା କୁଏ । ଏରେବେଲୁ ପୁଣି ମନଦୁଃଖରେ ଇଞ୍ଜାବ ଡୁଙ୍ଗ । ତା ଆରଦିନ ପୁଣି ସେକାଳ ପାୟ । କେଉଟ ନଦୀ କୂଳବ ଅନଜ ଡାକେଲେ ଏ ୨ ଚାଖଣ୍ଡିଆ ମଣିଷ ୩ ଚାଖଣ୍ଡିଆ ନିଶ ଆଜିମ୍ ଗାତାସେକେ ଇଂଜାବ ବାନା ଉଆ । ତେଣିକି ଆର ଡାଗତା ଫୁଟୁଙ୍ଗ କିନା ଆରିଆନା । ତେଣିକି ଏଣିବରବ ବାଉରବ ଇଞ୍ଜାବ ଡେନକିଆ । ତାର ଆରଦିନ ରାଜା ଇଞ୍ଜଆଁରବ ସମୁଦାୟ ଅନକି । ୨ ଚାଖଣ୍ଡିଆ ଗାମକେ ଏ ରାଜା ଆଂତେ ବିତେ ମାଗଡାକେ । ତେଣିକି ରାଜାକା ସଙ୍ଗେ କୁରିମାନକି । ରାଜା ମନ୍ତ୍ରୀ ଗଜିଂଜ୍‌କି । କେଉଟ ଇଆନା ରାଜା ଆଜିର ଇଆନା ୨ ଚାଖଣ୍ଡିଆ ମନ୍ତ୍ରୀ ।

## ଓଡ଼ିଆ ଅନୁବାଦ

ଗୋଟିଏ ରାଜ୍ୟରେ ଗୋଟିଏ କେଉଟ ଥିଲା । ସେ ପ୍ରତିଦିନ ନଦୀରୁ ମାଛମାରି ଜୀବିକା ନିର୍ବାହ କରେ । ସେ ପ୍ରତିଦିନ ମାଛମାରି ନେଇ ବଜାରରେ ବିକ୍ରି କରେ ଓ ସନ୍ଧ୍ୟାବେଳକୁ ଘରକୁ ଆସି ବାକି ସମୟ କଟାଇଥାଏ । ଦିନେ ସେ ନଦୀକୁ

ଯାଇ ଜାଲ ପକାଇବାରୁ ଗୋଟିଏ କଇଁଛ ଓ କିଛି ମାଛ ତା ଜାଲରରେ ପଡିଲେ । ସେଇ କଇଁଛଟିକୁ ଘରକୁ ନେଇ ରଖିଲା ଓ ବଜାରକୁ ମାଛ ବିକ୍ରି କରିବା ପାଇଁ ଗଲା । ସେ ଆଣିଥିବା କଇଁଛ ଭିତରେ ଗୋଟିଏ ସୁନ୍ଦରୀ ଝିଅଟିଏ ଥାଏ । କେଉଟ ବଜାରକୁ ଯିବାର ଦେଖି ସେ କଇଁଛ ଖୋଳରୁ ବାହାରି ରୋଷେଇଠାରୁ ଆରମ୍ଭ କରି ଘରର ସବୁ କାମ ଶେଷ କରି କେଉଟ ଆସିଲାବେଳକୁ ଖୋଳରେ ପଶିଯାଇଥାଏ । କେଉଟ ଆସି ଏ ସବୁ ଦେଖି ଆଶ୍ଚର୍ଯ୍ୟ ହୋଇଗଲେ । ପ୍ରତିଦିନ କଇଁଛ ରୂପୀ ଝିଅଟି ଏପରି ସବୁଦିନ କରୁଥାଏ । ଏମିତି ଭଅବରେ କିଛିଦିନ ଚାଲିଗଲା । ଦିନେ କେଉଟ ବିଚାର କଲା ଯେ ଘରର କାମକିଏ କରିଦେଉଛି ଓ ସନ୍ଧ୍ୟା ସମୟରେ ଦୀପ ଜଳାଇ ଦେଉଛି ସେ ଦେଖିବ । ଦିନେ ମାଛ ବିକ୍ରି କରି ଯିବା ବାହାନା କରି ଅଧାବାଟରୁ ଫେରି ଆସି ଦେଖିଲା ଯେ ଗୋଟିଏ ଝିଅଟିଏ ସବୁକାମ କରୁଛି । ତାପରେ ଦେଖିଲା କଇଁଛର ଖୋଳଟି ଖାଲି ପଡିଛି । ସେ ସଙ୍ଗେ ଯାଇ ସେଇ ଝିଅଟିକୁ ଧରି ପକାଇଲା ଓ ତାର ପରିଚୟ ପଚାରିଲା । ସେ ନିଜକୁ ସମୁଦ୍ର କନ୍ୟା ବୋଲି ପରିଚୟ ଦେଲା ଏବଂ କହିଲା ଯେ କେଉଟ ଛୁଇଁ ଥିବାରୁ ସେ ଆଉ ଖୋଳ ଭିତରେ ପଶି ପାରିବ ନାହିଁ । ସେ କେଉଟର ସ୍ତ୍ରୀ ହୋଇ ରହିଲା ।

ସେହି ରାଜ୍ୟର ରାଜା ଗୋଟିଏ ରାଣୀ ଖୋଜି ଆଣିବାକୁ ପାତ୍ର ମନ୍ତ୍ରୀ ଓ ଆମାତ୍ୟଗଣଙ୍କୁ ନିର୍ଦ୍ଦେଶ ଦେଲେ । କେହି ସେପରି ରାଣୀ ହେବାପରି ସୁନ୍ଦର ଝିଅ ପାଇଲେ ନାହିଁ । ଶେଷରେ ଜଣେ ବାରିକ ଆସି ଖବର ଦେଲା ଯେ ଜଣେ କେଉଟର ଗୋଟିଏ ସୁନ୍ଦରୀ ସ୍ତ୍ରୀ ଅଛି । ତାକୁ ପାଇବାକୁ ଇଛା କରି ରାଜା ଲୋକଙ୍କ ହାତରେ କେଉଟକୁ ଡକାଇଲେ । ରାଜା କେଉଟକୁ ଗରିବ ଜାଣି ନିର୍ଦ୍ଦେଶ ଦେଲେ ରାଜ୍ୟରେ ଯଦି ଗୋଟିଏ ସୁନାର ଉଆସ କରିପାରିବୁ ତୁ ସୁଖରରେ ରହିବୁ । ନଚେତ୍ ତୋତେ ମୃତ୍ୟୁ ଦଣ୍ଡ ଓ ତୋର ସ୍ତ୍ରୀ ରାଣୀ କରିବି । ଏହା ଶୁଣି କେଉଟ ଡରିଗଲା ଓ ଘରକୁ ଯାଇ ମନ ଦୁଃଖରେ ଶୋଇ ରହିଲା । କଇଁଛ କନ୍ୟା ସ୍ୱାମୀଙ୍କର ଏପରି ଅବସ୍ଥା ଦେଖି କଥା କଣ ବୋଲି ପଚାରିବାରୁ କେଉଟ ରାଜା କହିଥିବା ସୁବକଥା ତା ଆଗରେ କହିଲା । କଇଁଛ କନ୍ୟା କହିଲା ମୋର ମାଆ ପାଖକୁ ଯାଇ ଯଦି ମାଗିବ ସେ ତୁମକୁ ସବୁ ସୁନା ଦେଇଦେବ । ତୁମେ ସୁନ୍ଦର ଉଆସ ତୋଳି ପାରିବ । କେଉଟ ନଦୀ କୂଳକୁ ଯାଇ କଇଁଛ କନ୍ୟାର ମାଆକୁ ସୁନା ମାଗିବାରୁ ବାକସରେ ଥିବା ସୁନା ମୁଣ୍ଡାଟିଏ ଦେଲା, ଯାହାକୁ କାଟିଲେ ସେଥିରୁ ଅଧିକ ସୁନା ବାହାରିଥାଏ । କେଉଟ ଛୋଟ ସୁନାଖଣ୍ଡ

ପାଇ ମନ ଦୁଃଖ କରୁଥାଏ । ମାତ୍ର ମିସ୍ତ୍ରୀକୁ ଦେବାପରେ ଏହାର ଗୁଣ ଜଣାପଡିଲା ଓ ସେ ଉଆସ ତିଆରି କରିଦେଲା ।

ଏହାପରେ ରାଜା କଇଁଛ କନ୍ୟାକୁ ପାଇବାକୁ ଇଚ୍ଛା କରି କେଉଟକୁ ପୁଣି ଥରେ ଡକାଇ କହିଲେ, ଏ ସାରା ରାଜ୍ୟର ଲୋକଙ୍କୁ ଗୋଟିଏ ଭୋଜି ଖାଇବାକୁ ଦିଅ । ମାତ୍ର କେଉଟ ପାଖରେ ଧନ ନଥିବାରୁ ସେ ଆସି କଇଁଛ କନ୍ୟାକୁ କହିଲା । କଇଁଛ କନ୍ୟା କହିଲା, ମୋର ମାଆକୁ ମାଗିଲେ ସେ ସବୁ ଦେଇଦେବ ।

କେଉଟ ଭୋଜି ପାଇଁ ଧନ ମାଗିବାକୁ ଗଲା । କଇଁଛ କନ୍ୟାର ମାଆ ତାକୁ ଏକମାଣ ଚାଉଳ ଦେଲେ । ରାଜା ଘରେ ବସିଥିବା ହାଣ୍ଡିରେ ଗୋଟିଏ ଲେଖାଏ ଚାଉଳ ପକାଇ ଭାତ, ମାଂସ, କ୍ଷୀରି, ତରକାରୀ ଆଦି ଦେବାକୁ କହିଲା ପରେ ସୁଖାଦ୍ୟ ସବୁ ତିଆରି ହୋଇଗଲା । ରାଜ୍ୟର ସମସ୍ତ ଲୋକ ଆସି ଭୋଜି ଖାଇଲେ ।

ଏହାପରେ ରାଜା ରାଗିଯାଇ କହିଲେ ଦୁଇ ଚାଖଣ୍ଡ ମଣିଷ ଓ ତିନି ଚାଖଣ୍ଡ ନିଶ ଥିବା ମଣିଷ ଆଣିଦେଲେ ବଞ୍ଚିବୁ ନଚେତ୍ ଶିର କାଟ ହେବ । କଇଁଛ କନ୍ୟାକୁ ଏକଥା କହିବାକୁ ସେ କହିଲା, ମୋ ମାଆକୁ ମାଗିଲେ ସେ ଦେବ । କେଉଁଟ କଇଁଛ କନ୍ୟାକୁ ମାଆ ପାଖକୁ ଯାଇ ମାଗିବାରୁ ସେ ଦୁଇ ଚାଖଣ୍ଡିଆ ମଣିଷ ଓ ତିନି ଚାଖଣ୍ଡ ନିଶଥିବା ମଣିଷଟିଏ ଦେଲେ । କେଉଟ ତାକୁ ଧରି ଘରକୁ ଆସିଲେ । ଘରୁ କଇଁଛ କନ୍ୟା, କେଉଟ ଓ ଦୁଇ ଚାଖଣ୍ଡିଆ ମଣିଷ ମିଶି ରାଜ ଉଆସକୁ ଗଲେ । ରାଜା ଏହି ଛୋଟ ମଣିଷକୁ ମାରିବାକୁ ଚାହିଁବାରୁ ରାଜାଙ୍କ ସହିତ ତାର ଯୁଦ୍ଧ ହେଲା ଓ ରାଜା ଶେଷରେ ମୃତ୍ୟୁ ବରଣ କଲେ । ରାଜ୍ୟରୁ ପାପ ଦୂର ହେଲା । ସେହି ରାଜ୍ୟରେ କେଉଟ ରାଜା, କଇଁଛ କନ୍ୟା ରାଣୀ ଓ ଦୁଇ ଚାଖଣ୍ଡିଆ ମଣିଷ ମନ୍ତ୍ରୀ ହୋଇ ରାଜ୍ୟ ଚଳାଇଲେ ।

## (୩୬)

ମୁଁଟ ରାଜ୍ୟଆ ମିନଗି ବୁୟାଁ ଓ ଜୁଆଙ୍ଗଡାଏ ଓ ମୁଇଁଟ କନଣ୍ଡ ଆସିଆକନି । ଦିନମିଂ ବଣତା ମୁଇଁଟ ଆଣୁ ମିନଗ ମୁଣୁଷ ସବ ବିରି ଏରେ ଗାଅଁରାତେ ଆସ୍‌ସଂତେ ଗାମଜ ବୁଲାଅ । ଏରେବେଳା ବୁୟାଁ ମୁଣୁଷ ଅରାସିଆନ୍ ଓ ଜୁଆଙ୍ଗଡାଏର କିଲଙ୍ଗି ଆରାସିଆନ୍ । କନଣ୍ଡ ଆସିଆନ୍ ଆଣୁ ଉନ । ବୁଇର ଓ ଅବାରକିଆ ଜୟକିଆଜ

ଦୁଃଖ କିବକିଆ । ଆର ମୁଇଁଟ ଆଉଲିଆ ବଦଲାୟଜ ଆଣୁ ଉନତେକେ । ଆରକି ଡେନକିଆ କନଣ୍ଡତେ ବଣବ ଗଗଡାଦିରେ ମନସ୍ତ କିବକିଆ । କନଂଡତେ ଆଟବ ଗଗକିଆ ନୁଆଁ ପେଣ୍ଟ ସାର୍ଟ ସଂଅଙ୍ଗ କିଆ ଉରୁରୁତେ ଡ଼ିଂଜକିଆ । ବିରି ଅବାର ବଣତେ ଗଗବିରି ସାଡ଼େଅଓ ବିରି ଇଂଜାବ ଡେନ ଏରେବେଲା ଆଣୁ ଜିଂଙ୍ଅ ଆଂଜା ଜଲାଆଁଜ୍ ମାଣ୍ଡିଆ ଗାମଜ୍ ସଦାବେଳେ ଜିଙ୍ଗଅ ଏରେବେଲା ଭୂୟାଁ ଓ ଜୁଆଙ୍ଗ୍‌ଡାଏରେରବ ଆଣୁରେତେ ପିଜକିଆ । ଆଣୁ ବଣବ ଖୁସିରେ ଡୁଂଙ୍ଗଅ । ଏରେବଲୋ ଆରା ଜଲାରତେ କୁୟ । ଆରକିଆ ଯଲା ଇୟାନ୍‌କ୍ରିଆ ବିରି ମୁଇଁଟ ରାଜ୍ୟବ ଡୁଙ୍ଗ୍‌ଅଁକିଆ ଏରାତେ କୁବା ଇଞ୍ଜାତେ ରହେଆନ୍‌କିଆ । ଦିନମିଂ ଆଣୁ ପୁକୁରି ଡାକ୍ ଉରୁତେ ଅନ୍‌ବେର ଏରେବେଲା ଏରାତେ ମଲୁଷ ଚଲାନ୍‌କି ଉଆଂମାଂକି । ମୁଇଁଟ ମୁଗୁସକଞ୍ଚେଲାନ୍ ଆରା ବକବଡା ଜାମ୍ପା ରାସିଙ୍ଗସୁରେ ମୁଣୁଷ କଞ୍ଚେଲା ଏରେ ସାଡ଼େ ସେରାନ୍ ଏରେ ଆଣୁ ଗଗାନ୍ ।

ଡ଼ିଞ୍ଜି ଡ଼ିଞ୍ଜି ଲାଟପ ସାକଇ ରାସିଂ ଆଞ୍ଜଡ଼େ
ଡିଞ୍ଜି ଡିଞ୍ଜି ଲାଟପ ସାକାଇ ପାଟିଜମ୍ପଂ ଆଞ୍ଜଡ଼େ

ମୁଲମ୍‌ସକଞ୍ଚେଲାନ୍ ସାକଇରେତେ ଆରା ତାଲୁରା ରାସିଂ ଗାରାନ୍ ଏରେବେଲା ସାକଇ ଆରତେ ଟେକେଅ ବିରି କାକାରା ସାମୁରବ ଗଗ । ରାଗରେ ମୁଣୁଷ ଲକେଞ୍ଚେଲାନ୍ ସାକଇତେ ଲେଲେଂଯଁମାନ୍ ଏରେବେଲା କାକାର ସାମୁଁରା ଆଉଚାୟ କାକାର ମୁଣୁଷଲମ କଞ୍ଚେଲାନ୍‌ତେ ଜୟ ବିରି କାକାର ଖୁସି ଇୟାନ୍‌ନା । ଦୁମ୍‌ଦାମ୍‌ରେ ବାହାଘର ଇୟାନନା । କିଚିଦିନ ଅନ ଗାଁ ଅରକିବ ଚଉଠି ଅନକିଆ । ସାକଇ ଗାଁ ଗାଁ ଆଲୁଙ୍ଗ୍‌ତେ ଉନ ନ ହେଲେ ଆଂତେ ସେଲକ୍ କେମେଡାପ୍ ସାକଏ ଆଲୁଙ୍ଗ୍‌ତେ ରହେୟାନ ବରକାନିଆଁର ଇଞ୍ଜାବ ଅନକିଆ । କିଚିଦିନ ଇୟାନ୍ ଇଞ୍ଜାବ ଫେରଅକିଆ । ବିରି ଅଚତା ଅବାର ବୁଇର କିଆ । ଭିକ ଗାଗା ନମାକିଆ ଏରେବେଲା ଜୟକିଆ ବିରି ଖୁସି ଇୟାନ୍‌କିଆ ।

## ଓଡ଼ିଆ ଅନୁବାଦ

ଗୋଟିଏ ଗାଁରେ ଜଣେ ଭୂୟାଁ, ତା'ର ସ୍ତ୍ରୀ ଥିଲେ । ସେମାନଙ୍କର ଗୋଟିଏ ପୁଅ ଥିଲା । ଦିନେ କିଛି ଲୋକ ଜଙ୍ଗଲରୁ ମାଙ୍କଡ଼ ଧରି ଆଣି ସେହି ଗାଆଁରେ ବିକ୍ରି କରିବା ପାଇଁ ବୁଲାଉଥିଲେ । ସେତେବେଳେ ଭୂୟାଁ ଲୋକ ଓ ତା ସ୍ତ୍ରୀ ଘରେ ନଥିଲେ । ତାଙ୍କର ପୁଅଟି ମାଙ୍କଡ଼କୁ ରଖିବାକୁ ଆଗ୍ରହୀ ହେଲା । ସେ ଗୋଟିଏ

ଧାନପୁଡ଼ା ବଦଳ ଦେଇ ମାଙ୍କଡ଼ଟିକୁ ରଖିଲା । ବାପା ମାଆ ଫେରି ଆସି ଦେଖି ଦୁଃଖ ପ୍ରକାଶ କଲେ ଯେ ସେ ଗୋଟିଏ ଧାନପୁଡ଼ା ବଦଳରେ ସେ ମାଙ୍କଡ଼ଟିକୁ ରଖିଛି । ସେମାନେ ପୁଅକୁ ବାହାରେ ରଖିବା ପାଇଁ ମନସ୍ଥ କଲେ । ପୁଅକୁ ହାଟରୁ ନୂଆ ପ୍ୟାଣ୍ଟ ସାର୍ଟ କିଣି ଆଣି ତାକୁ ପିନ୍ଧେଇଲେ ଏବଂ ସେ ପିଲାକୁ ସେହିଦିନ ଭଲ ଖାଇବାକୁ ଦେଇ ପିଲାର ବାପା ତାକୁ ଜଙ୍ଗଲରେ ଛାଡ଼ିଦେଇ ଆସିଲେ ।

ଏପଟେ ମାଙ୍କଡ଼ ଘରେ ସେ ପିଲାକୁ ନ ପାଇଁ ବାରମ୍ବାର ପୁଅ କୁଆଡ଼େ ଗଲା ବୋଲି ପଚାରିବାରୁ ସେମାନେ ବିରକ୍ତ ହୋଇ ତାକୁ ଛାଡ଼ିଦେଲେ । ମାଙ୍କଡ଼ ଖୁସିରେ ଜଙ୍ଗଲକୁ ଚାଲିଗଲା ଓ ସେ ପିଲାକୁ ଠାବ କଲା । ସେମାନେ ଦୁଇଜଣ ମିଶି ଅନ୍ୟ ଗୋଟିଏ ଅଞ୍ଚଳକୁ ଚାଲିଗଲେ ଓ ଗୋଟିଏ ବଡ଼ କେଠାଘର କରି ରହିଲେ । ଦିନେ ମାଙ୍କଡ଼ ପୋଖରୀକୁ ପାଣି ପିଇବାକୁ ଯାଇଥିବା ସମୟରେ କିଛି ଝିଅ ଗାଧୋଉଥିବାର ଦେଖିଲା । ଗୋଟିଏ ଝିଅ ତାର ଗଭୀର ଫୁଲ ତଳେ ଥୋଇଦେଲେ ଗାଧୋଉଥାଏ । ମାଙ୍କଡ଼ ତାକୁ ନେଇ ପଳେଇଲା । ଝିଅଟି ମାଙ୍କଡ଼କୁ ତା'ର ଗଭାର ଫୁଲ ମାଗିବାକୁ ତା' ପଛେ ପଛେ ଗାଧୋଇଲା । ଶେଷରେ ସେମାନେ ମାଙ୍କଡ଼ର ଘର ପାଖରେ ପହଞ୍ଚିଗଲେ । ଗଲାବେଳେ ଝିଅଟି ମାଙ୍କଡ଼କୁ ଗାଳି ଦେଇ ଦେଇ ଯାଉଥାଏ । ମାତ୍ର ମାଙ୍କଡ଼ ଗାଳିକୁ ଭ୍ରୂକ୍ଷେପ ନକରି ତାକୁ ତା' ଭାଇ ପାଖକୁ ନେଇଯାଉଥାଏ । ତା ଭାଇ ସେ ଝିଅପିଲାଟିକୁ ଦେଖି ଖୁସି ହେଲା । ତା ଭାଇ ଓ ସେ ଝିଅର ବାହାଘର ହୋଇଗଲା । ତାର କିଛିଦିନ ପରେ ସେମାନେ ଗାଁଆ ପାଖରେ ଉପରେ ରଖିବ । ନହେଲେ କୁକୁରମାନେ କାମୁଡ଼ି ଦେବେ । ଏହାପରେ ଶ୍ୱଶୁର ଘରେ କିଛିଦିନ ରହି ସେମାନେ ଫେରିଆସିଲେ । ଏପଟେ ତାଙ୍କର ବାପା ମାଆ ଭିକ ମାଗି ବୁଲି ବୁଲି ଆସି ତାଙ୍କ କେଠାଗର ଦେଖି ବହୁତ ଖୁସି ହେଲେ । ସେମାନେ ମଧ୍ୟ ସେମାନଙ୍କ ସହିତ ଆନନ୍ଦରେ ରହିଲେ ।

## (୩୭)

ମୁଇଣ୍ଡ ଗାଅଁରା ସାତ ଭାଇ ଆସିଆନାକି । ସାନଭାଇ ବହୁତ ଅଳସୁଆ ଆସିକେ । ଆର କାମ୍ କିକିପ୍ ଅଙ୍ଗରଜେନା । ସାବରଂଙ୍ଗ କାକାରକି ଆରତେ ଡ଼ିଡ଼ିଂଙ୍ଗ୍‌ତେ ବିଚାରଆନ୍ କି । କୁବା କୁଲିର ଆରତେ ଡ଼ିଅ ବୁଜିନମାନ । ଯେତେବେଳେ କାକାର ବିଚାର କିବାନ୍ କି ଏଭଲିଆ କୁଲିର ଅଂସେର ତାପରେ

ଆରତେ ଅନଜ ଗାତଅ । ତାପରେ ଆର ମୁଇଣ୍ଡ ବୁଦ୍ଧି କିବ କଦଲୀ ସୁମସିଂ ଡ଼େଙ୍କ ଅରେନ ଏରେ ସୁମୁସିଂ ଲୁଙ୍ଗିରେ ଆଣ୍ଡିଜ । ତାପରେ କଟାର ଆବଗୁଚଗଜ ଡୁଙ୍ଗ । କୁବା କାକାର ଆଲିଚିଆ ସବାନ୍ଦ ଅନ । କଦଲୀ ସୁମସିଂ ଡ଼େଙ୍କ । ଗଜ ଗାମଜ ଡୁଂଗ । ସେକାଲ ଇଆନ୍ ବଲତେ ଜୟ କିଜୁ ଆର ଗଗଜ୍ ଜେନା । ଆର ଡୁଙ୍ଗଜ ମିନଗାଆସରା ବଗାଲିଆ ରଏଆନ୍ । ଏରେ ମାଲିକରେ ଗାମଜୁ ସବୁଦିଗ, ଅଲେତସରାଇ ମେଗଗେ ଦକ୍ଷିଣ ଦିଗବ ମେଗଗର । ମେଗଗର ଗାମ । ବଗାଲିଆ ସବୁଦିଗ ଅଲେଜ ସରାୟ । ଦିନମିଂ ଆର ମନରେ ଭାବେୟ ବିରି ଦକ୍ଷିଣ ଦିଗ ମେଗର ଗାମସେକେ ଗାମ । ତାପରେ ଦକ୍ଷିଣ ଦିଗ ଗଗ । ଗଗ ଯେତେବେଳେ ଆଲିଂତା ସାତ ଭଉଣୀକି ତେଣ୍ଡେ । ଏରେ ପୁଖରୀରାତେ ଉଆ ଗାନକି । ଏରେ ଉଆ ଗାନକି ଯେତେବେଳେ ବଗାଲିଆର ଜୟଜ ଲୁବଆନ୍ ଲୁବଆନ ବଲତେ ଆରକିତେ ଆବଜରମନ । ଅବ୍‌ଜରମାନ ବଲତେ ଲାଲାଜ ଖୁଣ୍ଡା କିବକି । ତାପରେ ରାତି ଇଆନା । ମାଲିକରେ ଯୟଯୁ ଅଲେୟ୍‌କି ଡୁଙ୍ଗ କିତେ ବଗାଲିଆ ଆଡୁଂକେ । ତାର ମାଲିକ ବଗାଲିଆର ମାଂଗାଡୁଙ୍ଗ୍ । ମନା କିବସେର ଏରେବ ଗମକସେରେ ଏରେ ଗାମଜ ଆର ଏରେ ଗଟାଙ୍ଗ ଅନ । ଅନ ଯେତେବେଳେ ଗଟାଙ୍ଗରେ ଲାଲାଜ ଖୁଣ୍ଡା ଇଆନ ଯ ଡକସେରେ ତାପରେ ଆର ମନ୍ତରେବ ମଣିଷ କିବ । ତାପରେ ଇଣ୍ଡାବ ଡୁଙ୍ଗ କିଆ । ମାଲିକ ଜିଙ୍ଗ ବିତେ ଏରେ ବ ମେଗଗ । ଆଂତ ମନା କିବ୍‌ସିର । ବିତେ ମେଗଗ । ଆମ କାନିଆଁ ମୁନେ ବିରି । ଅଜ ଉନେ ଗାମ । ଆରତେ ମୁଇଣ୍ଡ ବୁଦ୍ଧି ଗାତାଅ । ଗାମଜ ସାନ ଜୁଆଙ୍ଗ ଡାଇରା କତେର ମିଟିକାଇ ମେସବ୍ ବିରି ଦଉଡ଼ିସୁକ୍ ମିଡୁଙ୍ଗ । ଅତଲିବ ଆମେନା ଗାମକିଜ ମାମେରାଣ୍ଡ ଗାମ । ତାପରେ ଆରଦିନ ଏରେବ ଅଲେଇ ସରାଇ ଗଗ ସେତେବେଳେତେ ଆଲିଂତାର ଆରକି ଅଲେ ଆନକି । ତାପରେ ଆର ସୁମସିଂ ତୁଲିଆ ଲରାନ୍ । ଉଆଚ୍ ପନକି ଏରେ ବେଲା ବଗାଲିଆର ସାନ ଲୁକରା କତେର କୁଣ୍ଡ ଗଗ୍‌ଗଗାଆନ । ଅଚରିବ ଆମେନା ଗାମକିରେ ବେଲା ଅଚଂଲିବ ଆରାମେରାନ୍ । ଅନ କତେରେ ମାଲିକରା ଆସରା ଡିଞ୍ଜ । ତାପରେ ଆର ଟସର କତେରେ ଆସଗ । ତାପରେ ଆଲିଂବ ଆର ସାନ ବକରାଏର ଡୁଡୁଙ୍ଗ୍ ରେକା ତାପରେ ଆରତେ ଇଣ୍ଡାବ ଡୁଙ୍ଗ କିନକି । କିନକି ଯେତେବେଲା ଆର ତେନଆଉ ଟିଆନ । ଆରକି ଖୁସିରେ ରହୟାନ୍ କିଆ ।

## ଓଡ଼ିଆ ଅନୁବାଦ :

ଗୋଟିଏ ଗାଁରେ ସାତ ଭାଇ ମିଳିମିଶି ଚଳୁଥିଲେ । ସାନଭାଇ ଭାରି ଅଳସୁଆ । ସେ କାମ କରିବାକୁ ଯାଏ ନାହିଁ । ଅନ୍ୟ ସମସ୍ତ ଭାଇମାନେ ଏହାର ଗୁଣ ଜାଣି ଏହାକୁ ଘରୁ ବିତାଡ଼ିତ କରିବା ପାଇଁ ଚିନ୍ତା କଲେ । ନିଜର ବଡ଼ ଭାଉଜ ସେ ଦିଅରକୁ ଭଲ ପାଉଥିଲେ ସୁଦ୍ଧା ନିଜ ସ୍ୱାମୀମାନଙ୍କୁ ବିରୋଧ କରିପାରୁ ନଥିଲେ । ଦିନ ଅଳସୁଆ କୁମରକୁ ମାରିବାକୁ ଯୋଜନା କରିବା ବଡ଼ ବୋହୂ ଜାଣି ପାରି ତାକୁ ଜଙ୍ଗଲକୁ ପଠାଇଦେଲେ । କୁମର ଜଙ୍ଗଲରେ ଯାଇ ଗୋଟିଏ ଗାଁରେ ପହଞ୍ଚିଲା ଏବଂ ଗୋଟିଏ ଲୋକର ଚାକର ଭାବରେ ରହିଲା ।

ସେ ଲୋକ ଚକାରକୁ ଦକ୍ଷିଣ ଦିଗକୁ ଯିବାକୁ ମନା କରିଥିଲା । ମାତ୍ର ଦିନେ କୁମର ବଳଦ ନେଇ ସେ ପଟକୁ ଗଲାରୁ ଗୋଟିଏ ପୋଖରୀରେ ସାତ ଜଣ ପରୀ ଗାଧୋଉଥିବାର ଦେଖିଲା । ସେମାନେ ଚାକର ଟୋକା ଦେଖି ରାଗି ନିଆଁ ଖଣ୍ଡ ହୋଇଗଲେ । ତାର ମଣିଷ ରୂପ ବଦଳାଇଦେଲେ । ସଞ୍ଜ ହେବା ପରେ ମାଲିକ ତାକୁ ଘରକୁ ନ ଫେରିବା ଦେଖି ସେ ଜାଣିପାରି ଦକ୍ଷିଣ ପଟକୁ ଗଲେ ଏବଂ ମନ୍ତ୍ର ବଳରେ ତାକୁ ପୁଣି ଚାକର କରିଦେଲେ । ଚାକରକୁ କହିଲେ ତୁ ଯଦି ଏହି ପରୀମାନଙ୍କ ମଧ୍ୟରୁ ଜଣକୁ ବିବାହ କରିବାକୁ ଚାହୁଁଛୁ ତାହେଲ ତାଙ୍କ ଲୁଗା ରଖିନେବୁ । ଏହାପରେ ଦିନେ ଚାକର ସାନ ପରୀର ଲୁଗା ଠିକ୍ କରି ନେଇ ପଳାଇଲା । ଫଳରେ ସେ ସ୍ୱର୍ଗକୁ ଯାଇ ନପାରି ଚାକର ପାଖକୁ ଗଲା ଓ ତାର ନିଜର ସ୍ତ୍ରୀ ହୋଇ ରହିଲା ।

### (୩୮)

ମୁଇଣ୍ଡ ବଗାଳିଆ ଆସିଆନା । ଆର ବଣତେ ବୁଲି ବୁଲି ମୁଇଣ୍ଡ ପରୀ କୁୟ । ଆରତେ ଜାନିଆଁ ଉଜ ଇଂଜା କନ କଆର ହେଏନା । ଦିନମିଂ ରାଜା ଶିକାର କିକିବ୍ ଡେନ । ଡେନ ଯେତେବେଲା ଡାଗ ଏଜେଲାନ୍ । ବଣତେ ଡାଗ ଆକୁଇଆନ୍ । ଆର ବିରି କିମିବେ । ତାପରେ ଆର ଆଉବ ନିଜ ଲଂଲଂଙ୍ଗ । ଆଗିଲତା ଜୟକୁ ମୁଇଣ୍ଡ ପାଲା ଇଂଜା ସିଟେରେକି । ତାପରେ ଆର ଏରେବଅନ ଆର ଡାଗ ଗାରାନ୍ । ଗାରାନ ଯେତେବେଳେ ବଢ଼ିଆ ଜୁଆଙ୍ଗଡାୟ ଆସିକେ । ଆର ଡାଗ ଡ଼ିଂଜ । ରାଜା ଲୁଭଇନା ତାପରେ ରଜା ଇଞ୍ଜାବ ତୁଙ୍ଗ । ମନ୍ତ୍ରୀରେ ଗାତାଅରେ ସାଉରତେ ଆବ୍ଡାକେୟ । ମିଟିଂ ନିକମା ତାପରେ ମୁଇଣ୍ଡ ଲୋକ ଅନଜ ଡାକେୟ । ଲୁକରେ

ଗାମଜ ଆଞ୍ଜା ରାଜାର ବିରି ଉରକେ ଯୁ ଆଞ୍ଜତେଡାକେକେ, ଗାମଙ୍ଗଆରଅନ ତାପରେ ରାଜା ଆରତେ ଗାମଜ ତେରା ସେକାଳ ପାଉ ପାଉ ସାତ ଭାର କ୍ଷୀର ମରେନା ନହେଲେ ଆମତେ ଶଳିଆ ପଦାତେ ନିଶୁଳୀନମ୍, ଆମାମରେନଙ୍କ କୁଟୁମ୍ନତେ ଆଞ୍ଜା କାନିଆଁ ଉନି । ଆର ମନଦୁଃଖରେ ଡୁଙ୍ଗ । ଡୁଙ୍ଗ ବିରି ଆର କେନାଟିଆ ଡାକସେରେ । କୁଟୁମ୍ବର ଡଗରାୟ ଡାକକି । ଆର ଡଗରାଇ ଡଗରାଇ କାନଟିଆ ଅନ । ଜୟକୁ ଆର କେନାଟିଆ ଡକସେରେ । ବିତେ ମିଶିଂ କେନାଟିଆ ଡକସେରେ । ଆର ଗାମ ଆଂୟତେ ରାଜା ଗାମସେକେ ଜୁ ସେକାଳ ପାଉ ପାଉ ସାତ ଭାର କ୍ଷୀରମ୍ ରେନ୍ ଗାମସେକେ, ଆଞ୍ଜା ମାନତା କ୍ଷୀର କୁୟେ । ଆମ ଏରେତେ ଚିନ୍ତା ମିକିବ୍‌କେ ଡାକେତେ ଅନ । ଅନ ବିରି ଚିଠି ଆଗିଲାତା ଅବଳଂଗ । ଅବଳଂଗଜ ବିରି ଆର ଚିଠିରେ ପଢ଼େୟ । ତାପରେ ଡେନକି । ମୁଇଣ୍ଡ କୁଅରାତେ କ୍ଷୀ କିମିଂଜ । ସେକାଳ ପାଉ ପାଉ ବଗାଳିଆ ସାତଭାର କ୍ଷୀର ଅଭ୍ରାୟ । ଆଉ ପରମିଂତା ଡାକେୟକି । ଦିନି ଆନ୍ତେ ବିତେ ଡାକେ କି ଆଞ୍ଜାତେ ଆରା ବିରର ଉରକେ । ତାପରେ ରାଜାବ ଅନ । ତେରା ସେକାଳ ପାଉ ପାଉ ସାତ ଭାର ମହୁରସ ମରେନ । ନହେଲେ ଆମ୍ତେ ଶୁଳିଆ ପଦାତେ ନିଶୁଳିନମ୍ । କୁଟୁମ୍ବତେ ନେଗଙ୍ଗା । ତାପରେ ମନଦୁଃଖରେ ଗାମ । ଅନଜ କେନାଟିଆ ଡକଆନ । କୁଟୁମ୍ବର ଡଗରାୟକି ଜୁ ଆକୁଇକେ । କେନାଟିତାଂ ଅନଜୁ କେନାଟିଆ ଡକସେରେ । ନା ବିତେ ମେଡକସେରେ, ଆଂତେ ତ ରାଜା ଗାମସେକେ ଯୁ ସେକାଳ ପାଉ ପାଉ ସାତ ଭାଇ ମହୁରସ ମରେନ ଗାମସେକେ । ଉବୁଲଙ୍‌ଦର ମହୁରସ ମାନତା ଅରେନ । ଏରେତେଆମ୍ ଚିନ୍ତା କିବ୍‌କେ । ଆଜି ମହମବତୀ ଆରତେମେ ଡାକେ । ତଣ ଉରତା ବିରି ଆଜିରତେ ଡାକେ ଅନ । ଅନ ବିରି ଚିଠିରା ଆଗିଲାତା ଅବଳଗ । ଚିଠିରେ ପଢ଼େୟ ବିରି ଆର ଡେନକ୍ରି ଏରେ କୁଅରେତେ ମହୁରସ କିବ । ସେକାଳ ପାଉ ପାଉ ମହୁରସ ଆଉଚାୟ । ଆଚାୟ ଯେତେବେଳେ ରାଜା ବହୁତ ଲେଲେୟାନ୍ । ନିମ ଉବ୍‌ଲିଙ୍ଗତର କୁୟ ନିଂତେ କିଛି ଯେଜା ଯୁଦ୍ଧ ନିକିବେ । ଆଉଥରେ ଡାକେୟକି । ଆରତେ ଗାମକି ତେରା ସେକାଳ ପାଉ ପାଉ ଯୁଦ୍ଧ ପଡ଼ିଆ ମେଡ଼େନା । ଆମ ତେଲଂ ଯୁଦ୍ଧ କରାମିନ । ମାମୀ ଡେନଜ ଆମତେ ଶୁଳିଆ ପାଦାତେ ନିଶୁଳିନମ । ମନଦୁଃଖ କିବଜ ଡୁଙ୍ଗ । ଡକସେର ବେଳତେ ଅନଜ ଡାକେୟ ମିଶିବିତେ ନାବ ମେଡ଼କସେରେ ଜେନଂ ଆଂତେ ରାଜା ଗାମସେକେଜୁ ତେରା ସେକାଳ ପାଉ ପାଉ ଯୁଦ୍ଧ ପଡ଼ିଆ ମେଡେନା ଗାମସେକେ । ଆମ ଏରେତେ ଚିନ୍ତା ମିକିବ୍‌କେ । ଆଂଞା କାକାଂଜ କୁମ୍ଭବର୍ଣ୍ଣ ଆସିକେ

ଆରତେ ଆମ ମନା ମଡାକେ । ମେଜୟଜ ମେବତଂ ଆଣ୍ଡ । ଅନଜ ଚିଠି ଲେଖେୟ ଚିଠି ସବଜ ଆର ଅନ । ଆଗିଲାରତା ଅବଲଗ ପଡ଼ିଅ ବିରି ଡେନକିୟା । ତାପରେ ଇଣିରା ଡକନକି ବିରି ଯୁଦ୍ଧ ପଡ଼ିଆ ଅନକି । ଆର ବାରହାତ ଲମ୍ୱା ଆସିକେ । ଅନଏରେ ବେଲା ମୁଇଣ୍ଟ ବାରିକରେ ଆଞ୍ଚା ମୁଇଣ୍ଟ ଇତିରି ଇତିଂତେ ଆଇରେନ ଆପେ ଚିନ୍ତାଇ କବର ଗାମଜ ବେଲା କୁମ୍ଭକର୍ଣ୍ଣ ଅନ । ଆରତେ ପଗବିରି କେଚାକିବ । ଆବନିବ ଗଟକିଆନ । ଆରକି ସମୁଦାୟ ଗଜେଂୟଂକି । ଆରକି ଡଙ୍ଗକି ଇଞାର ଆଉଚା ବିରି ଡୁଙ୍ଗ । ତାପରେ ରାତିଆର କତେର ଗାରାନ ଆର ଟସରତା ଚୋଅଜ ଡ଼ିଂଜ । ଆର ଲେବେର ବେଲା ଆରକି ଉଡ଼ିଆନ ଡୁଙ୍ଗକି । ସେକାଳେ ବୁଡୁରାନକୁ ଜୟକୁ କେହି ଜତେ । ତାପରେ ଆର ଯଉଠି ରହିଶିରାନ୍ ଏରେବ ଫେରେୟ ।

## ଓଡ଼ିଆ ଅନୁବାଦ

ଗୋଟିଏ ଗାଁରେ ଗୋଟିଏ ବଗାଳିଆ ଥିଲା । ସେ ବଣରେ ବୁଲୁ ବୁଲୁ ଗୋଟିଏ ପରୀ ସହିତ ଭେଟ ହେଲା । ତାକୁ ସେ ବିବାହ କରି ଆଣି ଜଙ୍ଗଲ ମଝିରେ ଘର କରି ରହିଲା ।

ଦିନେ ସେ ରାଜ୍ୟର ରାଜା ଶିକାର କରିବାକୁ ଯାଉଥିଲେ । ଜଙ୍ଗଲରେ ବୁଲୁ ବୁଲୁ ଶୋଷ କରିବାରୁ ଜଙ୍ଗଲରେ ଗଛ ଉପରେ ଚଢ଼ି ପାଖ ଗାଁକୁ ଲକ୍ଷ୍ୟ କଲେ । ସେଠାରୁ ବଗାଳିଆର ଘର ଦେଖି ତା'ର ଘରକୁ ଆସିଲେ । ଏହାପରେ ରାଜା ପରୀକନ୍ୟାକୁ ଦେଖି ତାଙ୍କର ଲୋଭ ହେଲା । ସେ ତାକୁ ପାଇବାକୁ ସ୍ଥିର କଲେ । ଏହାପରେ ରଜା ଉଆସକୁ ଫେରିଆସି ବଗଳିଆକୁ ରାଜପ୍ରାସାଦକୁ ଡକାଇଲେ । ରାଜା ତାକୁ ଆଦେଶ ଦେଲେ ଯେ କାଲି ସକାଳୁ ସାତ ଭାର କ୍ଷୀର ଆଣି ପହଞ୍ଚାଇବୁ ନହେଲେ ତୋତେ ଶୂଳି ଦିଆଯିବ ଏବଂ ତୋ ସ୍ତ୍ରୀକୁ ମୁଁ ବିବାହ କରିବି । ସେ ମନ ଦୁଃଖରେ ଘରକୁ ଗଲା ଓ ପରୀକୁ କହିଲା । ପରୀ କହିଲା ମୋର ମା ଜଙ୍ଗଲ ଆରପାଖରେ ଅଛି । ତାଙ୍କୁ ଯାଇ ମାଗିଲେ ସେ ତାହା ଦେବ । ବଗାଳିଆ ପିଲା ତା ସ୍ତ୍ରୀ ପାଖରୁ ଖଣ୍ଡେ ଚିଠି ନେଇଗଲା ଓ କ୍ଷୀର ସାତ ଭାର ମାଗିଲା । ପରୀର ମାଆ ତାକୁ ସାତ ଭାର କ୍ଷୀର ଦେଇ ପଠାଇଦେଲେ । ସେ ସକାଳ ନ ହେଉଣୁ ରାଜାଘରେ ତାହା ପହଞ୍ଚାଇ ଦେଲା ।

ଏହାପରେ ରାଜା ପୁଣି ଡକାଇଲେ ଓ କହିଲେ କାଲି ସକାଳ ପାଉ ପାଉ ତୁ ସାତ ମାଠିଆ ମହୁ ଆଣି ମତେ ଦେବୁ, ନଚେତ୍ ତୋତେ ଶୁଳି ଦିଆଯିବ । ସେ ପୁଣି

ଯାଇ ତା ସ୍ତ୍ରୀକୁ କହିଲା । ପୂର୍ବଥର ପରି ତାର ମାଆ ପାଖକୁ ସେ ତାକୁ ପଠାଇଲା ଓ ବଗାଲିଆ ମହୁ ଆଣି ରାଜାଙ୍କ ପାଖରେ ଦେଲା ।

ଏହାପରେ ରାଜା ତାକୁ ପୁଣି ଡକାଇଲେ ଓ କହିଲେ କାଲି ସକାଳ ନ ପାହୁଣୁ ତୁ ଯୁଦ୍ଧ ପଡ଼ିଆରେ ହାଜର ହେବୁ ଓ ମୋ ସହିତ ଯୁଦ୍ଧ କରିବୁ । ଯଦି ହାରିଯାଉ ତୋ ସ୍ତ୍ରୀ ମୋର ହେବ । ସେ ଯାଇ ଏକଥା ତା ସ୍ତ୍ରୀକୁ କହିଲା । ତା ସ୍ତ୍ରୀ ତାକୁ ତା ମାଆ ପାଖକୁ ପଠାଇଦେଲା । ତାର ମାଆ ସହିତ କୁମ୍ଭକର୍ଣ୍ଣ ପରି ବିରାଟକାର ଲୋକଟିଏ ରହୁଥିଲା ଯିଏ କି ପରୀକନ୍ୟାର ଭାଇ ଥିଲା । ଯୁଦ୍ଧର ଖବର ଶୁଣି ତାର ଭାଇ ଯୁଦ୍ଧ ସ୍ଥଳକୁ ଆସିଲା ଓ ରାଜା ସହିତ ଯୁଦ୍ଧ କଲା । ଯୁଦ୍ଧରେ ରାଜା ସହିତ ସୈନ୍ୟସାମନ୍ତ ମଲେ । ବଗାଲିଆ ଓ ପରୀ ସେହି ରାଜ୍ୟର ରାଜା ଓ ରାଣୀ ହୋଇ ରହିଲେ । ପରୀର ଭାଇ ଓ ତା'ର ମା' ଯୁଦ୍ଧ ସ୍ଥଳରୁ ଫେରିଗଲେ ।

## (୩୯)

ଏକୁଇଶ ରାଜମିତେ କାଣ୍ଡାଇକିଆ କମଡ଼ର କିଆ । କାଣ୍ଡାଇ ଆଉ ବୁଢ଼ାବ ବଣବ ଅନକିଆ ରଂରତେ । ବୁଢ଼ାବୁଢ଼ୀ ବିଲିମ କନ୍ତାଲବ ଉଂର୍ଡ଼େ ପୁଟିସେର କାଣ୍ଡାଇରେ ଗାମକେ ବାଜାଗେରି ଜେନାରି ବୁଢ଼ାଇ ଗାମକେ ଜାଗେ । ଡକର ଗାକେ ଅସି ଅସି ଅଜାକ୍ ସେରର ଆପା କଞ୍ଚେଲାନ ପାତେ ଯଦି ମିଡ଼ିଞ୍ଜୋ ତାହେଲେ ଗଂଗାଂପା ଇଞ୍ଜାବ । ମାଣ୍ଡିଆ ଉଂଡେ ବଢ଼ିଆଁରେ ଆରେଞ୍ଚେର କୁଳିକାଳାର ଇସେରେ ଏରେ ଉଂଡେତେ କଞ୍ଚେଲାନ୍ତା ଲଭଆନା । ଡେନକି ବିରି ଜିମକିକି କଞ୍ଚେଲାନଣ୍ଡ ଜିମଜ ଲୁଭଆନା । ଇନି ଉଁରଡ଼େ ମାଣ୍ଡିଆ ବାସ ବଂଚେ ଆଇରା । ବାରେନଛେର ପରା ଲାଣ୍ଡି କଞ୍ଚେଲାଣ୍ଡ ଗାମ କୁ ନନା ମିଶିଂ କିଲାଙ୍ଗ କୁ ନନା । ଅବାର ଗାମ କୁ ନନା ତେବେ ଲାଣ୍ଡି । ନରେନା ଅନକି ଆଉଚିଆନକି ବିରି ଜାଗାନ୍‌କି । ଡକର ଆରିଆନା । ଆରିଆନୟୁ କଞ୍ଚେଲାଣ୍ଡତେ ଶବ । କଞ୍ଚେଲାଣ୍ଡ ଗାମ ଏବା ଏବା ଆଂତେ ଗଗେଇଂ ମାମ୍ଷମଂଡ଼େ ମିଜିମିଁ କେତେ ଅନାଡାଇ । ଦୁଇଦିନର ଅନକିଆ ବିରି ଡକର ଗାମକେ ଚଉଠି ବାନ । ଅରେନା ତାସୁନ କିଛି କାମ ଆକିବା/ଚୁଉଠିବାନା ଗାମଜ ଉଗରେ ଆନା । ଆମ ତଣ ସାଙ୍କଣା କମିମ୍ଞ୍ଜି ବିରି ଅନକିଆ ଚୁଉଠି । କୁଂ କାଡା ଆସରା ଆଉଚିଆନ କିଆ ଏକଲଙ୍ଗ ତଣ ଗାଡ଼ିକି ଡ଼ିଞ୍ଜୋ । ଯସକ ସେର ଯାସିଆନ ରୟେନ କିଆ । ଏକଲଙ୍ଘ ତଣ ଗାଡ଼ିକି ଡ଼ିଞ୍ଜୋ । ଯସକ ସେର ଯାସିଆନା ରୟେନ କିଆ । ଦୁଇଦିନ ଉବୁଲୁଙ୍ଗଜିର ବାରୟାନତେ

ବାକୁଙେ କାଡ଼ କୁଙକୁଙ ମାନକିଆ । ଏରେ ସମୟରେ କଞ୍ଚେଲାଣ୍ଡ ଫେରେୟ ଅବା ରାକାବ । ତକଡେତେ କେଂକେଂୟାଂକିଜ ଜିମକି ।

## ଓଡ଼ିଆ ଅନୁବାଦ

ଗୋଟିଏ ଗାଁରେ ଗୋଟିଏ ବୁଢ଼ା ଓ ବୁଢ଼ୀ ଥିଲେ । ସେମାନେ ଜଙ୍ଗଲକୁ ଛତୁ ପାଇଁ ଗଲେ । ଦିନେ ଦୁଇଜଣ ମଶି ଜଙ୍ଗଲରୁ ଛତୁ ଆଣିବା ପାଇଁ ଗଲେ । ଗୋଟିଏ ହୁଙ୍କାରେ କିଛି ଛତୁ ଫୁଟିଥିବାର ଦେଖିଲେ । ସେଠାରେ ଗୋଟିଏ ଗୋଧି ସାପ ରହୁଥିଲା । ସେ କହିଲା ଏ ଜଙ୍ଗଲର ଛତୁ ସବୁ ମୋର । ତୁମେ ଯଦି ମୋତେ କିଛି ଦେବ ତାହେଲେ ମୁଁ ତୁମକୁ ଛତୁ ଦେବି । ଏହାପରେ ବୁଢ଼ାବୁଢ଼ୀ କହିଲେ ଯେ ଆମର ଝିଅକୁ ତୁମକୁ ଦେବୁ । ତୁମେ ଆମକୁ ଛତୁ ଦିଅ । ଏହାପରେ ସେମାନେ ଛତୁ ନେଇ ଚାଲିଗଲେ । ଅନ୍ୟଦିନେ ତାଙ୍କର ଝିଅକୁ ନେଇଆସି ଗୋଧିକୁ ଦେଲେ । ମାତ୍ର ଝିଅ ତା' ସହିତ ରହିବାକୁ ନାରାଜ ଥିଲା । ଝିଅ କହିଲା ଚାଲ ଚଉଠି ବାହୁଡ଼ା କରିଯିବା । ଏହାପରେ ସେମାନେ ଶ୍ୱଶୁର ଘରକୁ ଆସିଲେ । ଝିଅ ଖୁସି ନ ଥିବାର ଦେଖି ଶ୍ୱଶୁର ଘରର କୁକୁରମାନେ ଗୋଧିକୁ କାମୁଡ଼ି କାମୁଡ଼ି ମାରିଦେଲେ । ଝିଅ ବାପ ଘରେ ଖୁସିରେ ରହିଲା ।

## (୪୦)

ମୁଇଣ୍ଡ ବଣତେ ଅଲଂ ଆଉ ମୁଇଣ୍ଡ ଶିଆଲ ସଙ୍ଗାତ ସବାନକିୟା । ଆରକିୟା ଦିନମିଂ ଭୋଜି ଉରୁତେ ଗାତାଏନ କିଆ । ଅଲଂ ଗାମ ଆଞ୍ଜ ସେଂକଇ ଆରେନେ ଆଉ ଶିଆଲ ଗାମ ଆଞ୍ଜ ରୁକୁବ୍ ଅରେନେ ଅନକିଆ । ଶିଆକତେ ଲୋକକି ଜୟକି କୁ ଆବୁଜତେ ଅନକି । ଗଟକିବାରୁ ଶିଆର ଓ ଅଲଂ ଫେରକିଆ । ତାପରେ ଶିଆଲ ଗାମ ଆଞ୍ଜ ସେଂକ ଅରେନ ଓ ଅଲଂ ଗାମ ଆଞ୍ଜ ରୁକୁବ୍ ଅରେନ୍ । ଶିଆଲ ମୁଇଣ୍ଡ ଇଞ୍ଜା ମାଟା ସେଂକଏ ଶବକୁ ଅରେନ । ଅଲଂ ବି ରକୁନ୍ ଦାନ୍ତରବ ସାଡାଏ ଶୁନ ସାଡ଼ାଇ ବିରି ଅରେନ ଓ ବାନ୍‌କ ତଣ ଓ ଆଇଲା ଠିକଠାକ କିବକିୟା । ଶିଆଲ ବଡ଼ ଚାଲାକ । ସମୁଦାୟ ଜିମେ ଗାମଜ ଅଲଂତେ ଚାଲାକ କିବ । ଶିଆଲ ଗାମ ଆଞ୍ଜାତେ ଆମ ଆଗଲା ତରେ ଆଞ୍ଜାତେ ଅଚତା ମେତରେ । ଶିଆଲ ଗାମ ଯିଏ ଦାଉଲା ମବ୍‌ତେଜ ଆର ତଣ ମୁରେ । ଆଗିଲା ଶିଆଲ ଅଲଂତେ ଥର ତାପରେ ଅଲଂ ମୁନିଆଁ ଦାନ୍ତରେବ ଦାଉଲା ରେତେ ଅବତେଜତଣ ଉର । ତାପରେ ଶିଆଲ ପାଳି କିବାନ କିଆ । ଶିଆଲତେ ଲୁର ଦାଉ ଥର ଦାଉଲାରେତ କେଡ଼ାବକେଜୁ

ଆରିଂଡ଼ ଅତେଜ । ତାପରେ ଶିଆଳ ତଡମାନ ବିରି ରହିୟାନ । ଅଳଂ ଖୁସିରେ ତଣ ଭର । ଶିଆଳ ଗାମ ଆଞ୍ଚା ପାଇଁ ଅଞ୍ଚ କିଛି ଉନେ । ଆମ ବେଶି ମୁରେ ବୋଲି ବୁଦ୍ଧି ମିକିବ । ଏରା ଧିରେ ଆମତେ ଆଞ୍ଚ ଆଉନକେନା ।

## ଓଡ଼ିଆ ଅନୁବାଦ

ଗୋଟିଏ ଜଙ୍ଗଲରେ ଗୋଟିଏ ଠେକୁଆ ଓ ଗୋଟିଏ ବିଲୁଆ ସଙ୍ଗାତ ବସିଥାନ୍ତି । ସୋମାନେ ଦିନେ ଭୋଜି କରିବାକୁ ବିଚାର କଲେ । ଠେକୁଆ କୁକୁଡ଼ା ଆଣିବାକୁ ଗଲା ଓ ବିଲୁଆ ଚାଉଳ ଆଣିବାକୁ ଗଲା । ବିଲୁଆକୁ ଦେଖି ଲୋକମାନେ ମାରିବାକୁ ଗୋଡ଼ାଇବାରୁ ବିଲୁଆ ଓ ଠେକୁଆ ଫେରି ଆସିଲେ । ଏହାପରେ ବିଲୁଆ କୁକୁଡ଼ା ଓ ଠେକୁଆ ଚାଉଳ ଆଣିବାର ଯୋଜନା କଲେ । ବିଲୁଆ ଗୋଟିଏ ଘରୁ କୁକୁଡ଼ା ଆଣି ଆସିଲା । ଠେକୁଆ ମଧ୍ୟ ଗୋଟିଏ ବିଲରୁ ଧାନ ଛଡ଼ାଇ ଚାଉଳ ଆଣିଲା । ଦୁଇଜଣ ଖାଦ୍ୟ ପ୍ରସ୍ତୁତ କଲେ । ବିଲୁଆ ଚାଲାକ ଥିବାରୁ ସବୁ ଖାଦ୍ୟ ଖାଇବାର ମନସ୍ଥ କରି କହିଲା, ଜଣେ ଅନ୍ୟ ଜଣକୁ ବାନ୍ଧି ଦେବ । ସେ ବନ୍ଧା ହୋଇଥିବା ଦଉଡ଼ି ଛିଣ୍ଡାଇ ଯଦି ଆସେ ତାହେଲେ ସେ ଭୋଜି ଖାଇବ । ପ୍ରଥମେ ବିଲୁଆ ଠେକୁଆକୁ ବାନ୍ଧି ଦେଲା । ମାତ୍ର ଠେକୁଆ ତାର ମୁନିଆଁ ଦାନ୍ତରେ ଦଉଡ଼ି କାଟି ଆସି ଭୋଜି ଖାଇଲା । ଏହାପରେ ବିଲୁଆର ପାଳି ପଡ଼ିଲା । ଠେକୁଆ ବିଲୁଆକୁ ଜୋର୍‌ରେ ବାନ୍ଧି ଦେଲା । ବିଲୁଆ ଦଉଡ଼ିକୁ କାମୁଡ଼ି ଛିଣ୍ଡାଇ ପାରିଲା ନାହିଁ । ତେଣୁ ବିଲୁଆ ବନ୍ଧା ହୋଇ ରହିଲା ଓ ଠେକୁଆ ମଜାରେ ସବୁ ଭୋଜି ଖାଇଲା ତୁ ବେଶୀ ଖାଇବୁ ବୋଲି ଏପରି ଚିନ୍ତା କରିଥିବାରୁ ତତେ ମୁଁ କିଛି ଖାଇବାକୁ ଦେବି ନାହିଁ । ଭୋଜି ଶେଷରେ ଠେକୁଆ ଖୋଲିଦେଲା ।

## (୪୧)

ମୁଇଣ୍ଡ ବଣ ଆ ସିଲିପ, କିକଳ, ଶିଆଳ ଓ ବାନାଇ ଆସିକେକି । ସାବରଙ୍ଗ ନଜର ଆସିକେ ଏରେ ସିଲିପତେ ଶୁଇଣ୍ଡ ନିଜିମେ । ସିଲିପତେ ସଦାବେଳେ ଆରକା ସୁମୁରାକାତେ ଆବଡ଼େରମଡ଼େ । ଥରମିଂ କିଳକ ଅଳେଇ ଅରେନାନ ଜ ବଣ ଅଂଚେରେ । ସିଲିପ ଏରେ ଗଟାଙ୍ଗ ଦେଇ ଅଣ୍ଡେ । କଳିକ ଆଲ୍ଲଭ ଇଆନ ସିଲିପତେ ଜୟଜ । କିଳକଗାମ ଆମତେ ଜିମ, ସିଲିପ ଗାମ ଆରା କଲିଜାର ବଢ଼ିଆ ମିଠା ଆରତେ ଜିମେ । ସିଲପ ଗାମ୍ ଆରତେ ଜିମେତା ତାପରେ ଆଂତେ ମିଜିମେ । ତାପରେ କିଳକ କଲିଜା ଜିଜିମତେ ଆରିଆନା । କଲିଜା ଜିଜିମତେ ଅଳେଜଆ

ପାଞ୍ଜାରାବ ଡୁଇରାନ । ଏରେବେଲା ସିଲିପ ଆରତେ ଠେଲେୟଯ ସିଲିପ ଘଟକି ସି ଡୁଂଗ । ତାପରେ ବାନାଇ ସାମୁରାତେ ଅନଜ ହାବଡ଼େ ଆନା । ବାନାଇ ଏରେବେଲୋ କାଇ ଜିମ ଜିମ୍‌ମନାନ୍ ବାନାଇ ଆଂତେ ଜୟଜ ଜିମେ ଗାମ, ସିଲିପ ବାନାଇତେ ଗାମକେ ଆଉମୁଁଇତା ଉଟୁଳି ଆସକେ ଏରେ ଜିମେତା ଆଞ୍ଜାତେ ଅଚତା ମିଜିମେ । ତାପରେ ସିଲିପ ଘଟକି ସୁନ ଡୁଂଗ ।

ତାପରେ ଶିଆଳ ସାମୁର ଭେଟଘାଟ ଇଆନ୍ କିଆ । ଶିଆଳ ଗାତରତା କମ୍‌ଡ଼ର ଆବିରିଆନା ଜିମ୍‌ଜିମାନାନ୍‌ଏରେବଜୋ ସିଲିପତେ ଜୟ । ଶିଆଳ ସିଲିପତେ ଜିମେ ଗାମ । ସିଲିପ ଗାମ ଏରେ ନୁଇତା ଜମେ କଂମ୍‌ଡ଼ରଡ଼େ ଏରେ ବେଲା ସିଲିପ ତେ କଟେଲୟ ବିରି ଘଟକସେନ ଡୁଙ୍ଗ । ତାପରେ ବିଲକ, ଶିଆଳ ଓ ବାନାଇ ଦିନମିଂ ଗାତାଏକ କି ଯୁ ସିଲିବା ସାମୁରବ ଅନକି । ସିଲପ ଝାଟା ଆଲିଂତା ଡକସେରେ ଏରାତେ ସିଲିପ୍‌ତେ କୁୟକି । ସିଲିପତେ ଜିମକି ଏନାନ ବିରି ମିକିବ୍‌ଡ଼େ । ସିଲିପଗାମ ଗାଁତା ବଇନ୍ଧରା ଡେଣ୍ଡେକି । ଏରାଦିରେ ଆଞ୍ଜ ଏନାନ ଲରଟେରେ । ଆରକି ଗାମକି ନିଂତେ ବି ନାନତେ ଅଲରେ ଆରକିତେ ଅଲରୟ ସିଲିପ ଘଟକିସେନ ଡୁଙ୍ଗ ।

ତାପରେ ଦିନମିଂ ନଦୀ ବାଲିତେ ସିଲିପତେ କୁୟକି ଯ ଆର କାଳାର ଗାଗାଞ୍ଜମାନ ଜିଜିଂମନା ଆକି ତିନିଜଣ ମେସେଆନ୍‌କିଜ୍ ଯ ଅନକି ସିଲିବା ସାମରୁ ଆରଗାମା ଲଲ ବାଲିତେ ସମଦାୟ ଅମର ଡ଼ିଅକିବକେ । ସମୁଦାୟ ଗାମକି ନିଞ୍ଜା ଅମର ନିଞ୍ଜୋଡେକି ଡିଅ କିବେ । ସିଲିପ ଗାମ ଆଗିଲା ଅମରଡ଼େ ରିମ୍‌ଝିମ୍ ଗାମେ ଅଚୁତା ଡିଅଙ୍ଗ ମିନା । ସମୁଦାୟ ଅମରତେ ବାଲିକିବ ଆରକା ଅମଡକି କାଟିନିଞ୍ଜି ଓ ଗଞ୍ଜିଦକି । ଅଚତା ସିଲିପ ଆରାମରେ ରହେଏନା ।

## ଓଡ଼ିଆ ଅନୁବାଦ

ଗୋଟିଏ ଜଙ୍ଗଲରେ ହରିଣ, ବାଘ, ଶିଆଳ ଓ ଭାଲୁ ଥାଆନ୍ତି । ସମସ୍ତଙ୍କର ନଜର ଥାଏ କିପରି ସେମାନେ ହରିଣକୁ ଖାଇବେ । ହରିଣଟି ସବୁବେଳେ ସେମାନଙ୍କର ହାବୁଡ଼ରେ ପଡ଼ିଥାଏ । ଥରେ ବାଘ ଗୋଟିଏ ମଡ଼ ଆଣି ଜଙ୍ଗଲରେ ଖାଉଥାଏ । ହରିଣ ସେହି ବାଟ ଦେଇ ଯାଉଥାଏ । ହରିଣକୁ ଦେଖି ତା'ର ଲୋଭ ହେଲା ଓ ଖାଇବ ବୋଲି କହିଲା । ହରିଣ ତାକୁ କହିଲା, ପଡ଼ିଥିବା ମଡ଼ର କଲିଜା ବେଶୀ ସୁଆଦ । ତେଣୁ ତାକୁ ଖାଇ ମୋତେ ଖାଇବୁ ବୋଲି କହିଲା । ଏହାପରେ ବାଘ କଲିଜା ଖାଇବାକୁ ମଡ଼ର ପଞ୍ଜରା ଭିତରେ ମୁହଁ ପୁରାଇଲା ବେଳକୁ ହରିଣ ତାକୁ

ପେଲିଦେଲାଯେ ବାଘଟି ସେଇଠି କିଛି ସମୟ ଅଟକି ଗଲା ଓ ହରିଣ ସେଠାରୁ ପଳାଇଗଲା । ଏହାପରେ ଭାଲୁ ପାଖରେ ପହଞ୍ଚିଲା । ଭାଲୁ ସେହି ସମୟରେ କାଇ ଖାଉଥାଏ । ଭାଲୁ ତାକୁ ଦେଖି ଖାଇବାକୁ ମନ କରିବାରୁ ହରିଣ ତାକୁ ଆଉ ଗୋଟିଏ କାଇ ପେଣ୍ଡୁ ଦେଖାଇ ଦେଇ ଗଛକୁ ଚଢ଼ାଇ ଦେଲା ଓ ସେ ଦୌଡ଼ି ପଳେଇଲା । ଏହାପରେ ଶିଆଳକୁ ଭେଟ ହେଲା । ସେ ଗୋଟିଏ ଖାଲରୁ ମହୁରସ ବାହାର କରି ଖାଉଥାଏ । ହରିଣକୁ ଦେଖି ଖାଇବ ବୋଲି କହିବାରୁ ସେ ମୁହଁ ପୁରାଇଥବବା ସମୟରେ ସେହି ଖାଲରେ ଜୋର୍‌ରେ ପେଲିଦେଲା ସ ହରିଣ ପଳାଇଲା । ଏହାପରେ ତିନିଜଣ ଏକସଙ୍ଗରେ ଦିନେ ଯୋଜନା କରି ମାରିବାକୁ ବାହାରିଲେ । ହରିଣ ପତ୍ର ଗଦା ଉପରେ ବସିଥାଏ । ସେ ସେମାନଙ୍କୁ ଦେଖି କହିଲା, ଆଜି ଶିକାରୀମାନେ ଆସିବେ । ତେଣୁ ମୁଁ ଏଠି ଲୁଚିବା ପାଇଁ ବସିଛି । ସେମାନେ ମଧ କହିଲେ ଆମକୁ ଲୁଚେଇ ଦେ । ସେମାନଙ୍କୁ ହରିଣ ପତ୍ରରେ ଲୁଚେଇ ଦେଇ ପଳେଇଗଲା । ଆଉ ଦିନେ ଗୋଟିଏ ନଦୀ ତଟରେ ନଦୀ ବାଲିରେ ହରିଣ ଶିମ୍ବ ଭାଜି ଖାଉଥାଏ । ସେହି ତିନିଜଣ ମିଶି ପହଞ୍ଚି ଯିବାରୁ ସେ ସେମାନଙ୍କୁ କହିଲା, ଏହି ତତଲା ବାଲିରେ ମୁଁ ସମସ୍ତଙ୍କର ଆଖିରୋଗ ଭଲ କରିଦେବି । ସମସ୍ତେ ଭଲଭାବରେ ଦେଖିପାରିବ । ସମସ୍ତେ କହିଲେ, ଆମର ଆଖି ଭଲ କରିବେ । ଏହାପରେ ହରିଣ କହିଲା, ପ୍ରଥମେ ଟିକିଏ ପୋଡ଼ିବ ଓ ପରେ ଭଲ ହୋଇଯିବ । ଏହାପରେ ଜଣ ଜଣ କରି ସମସ୍ତଙ୍କର ଆଖିରେ ତତଲା ବାଲି ଦେଇ ଆଖି ଫୁଟାଇଦେଲା । ଶେଷରେ ସମସ୍ତେ ମରିଗଲେ ଓ ହରିଣ ସୁଖରେ ରହିଲା ।

## (୪୨)

ମୁଇଣ୍ଡ ରାଜ୍ୟଆ ସାଧବ ବୁଢ଼ା ଆସିଆନା । ଆର ସାତଗୋଟା କଞ୍ଚେଲାଣ୍ଡ ଆସିଆନ୍‌କି । ଆରା କଞ୍ଚେଲାଣ୍ଡକା କାଣ୍ଡାରିଆ ଆଡ଼େନକି । ଶେଷରେ ସାନ କଞ୍ଚେଲାଣ୍ଡତେ କାଣ୍ଡାରିଆ ଡେନକି । ଡ଼ିଅର ଗାତାଇ ଗିତିଆନକି ଜ ଜାନିଆଁ ଗମଆକି । ତାପରେ ଆରକି ଛଅ ଭଉଣୀ ଗାମକି ନିଂଦିନମିଂ ବଣବ ନନା । ଆରତେ ଅବଗଜତେ ଉପାୟ କିବକି । ବଣବ ନନା ଗାମକି । ବଣ ଗଟାଂ ଅଙ୍ଗନଗାନକି, ଏରାତେ ମୁଲୁସ କଞ୍ଚେଲାଣ୍ଡତେ ବାବୁଙ୍ଗ କେଡାବ । ଆର ମୁଲଷକଞ୍ଚେଲାଣ୍ଡକି ଆରତେ ଅରେନ କି ଯ ଇଞ୍ଜା ଉନକି । ଆର ଅଚେତ ଇଆନ ଯ ରୟେସେରାନ୍ ।

ଆରଦିନ ବରଡେନଜ କାନିଆଁତେ ଡାକେପେ ଗାମକି । ଆର ବୁଇର ଅନଜ ଉଣ୍ଣୁକୁଳ ଡାକେୟ । ବୁଇର - 'ବୁଲୁନା କନକ ରାଣୀ ଡକନା କନକ କାନିଆଁ କୁଲିତେ । ଶହାଡ଼ା ଇଂଜାର ବରଡେନ କାନିଆଁ ଗମନମ ଆମତେ ।'

କଞ୍ଚେଲାଣ୍ଡ - 'ବୁଲୁର ଆରମିଡ଼େ ବୟଂ ଡକ ଅରିମଡ଼େ ନିଂଜ । ନ ଅଂଚେର ସାତ ଭଉଣୀ ଗଟାଂତେ ନୁକିୟ ବାବୁଙ୍ଗ ରାଣୀ କପାଲତେ ଡେଜ ।'

ଅଚେତା ଆରତେ ଆରିମାନକି ବୁଲୁର । ଅଚତା ବର ଅନଜ ନିଜେ ଜୟଜୁ କଞ୍ଚେଲାଣ୍ଡ ବାବୁଙ୍ଗ ବିଷରେ ଗଗଜ ଉପରେ ଡକଆନତେ । ବରଆ ଲୁକରକି ଚେର ମୂଳି ଅକ୍ଷ କାନିଆଁରାଏତେ ଡିଞ୍ଜକିଜ କାନିଆଁରେ ଡ଼ିଅ ଇଆନା ଅଚୁତା ବାହାଘର କୁରିଆନା । ଅଚତା କନିଆଁରାୟ ସମୁଦାୟ ଆଜିର କିତେ ଡାକେୟ ଡୁଡୁଙ୍ଗଡା ଦିନ ଆଜିର କିତେ ଡାଲେୟଜ ବାବୁଙ୍ଗ ବିଷ ତଣ ଗାତ ଡିଡ଼ିଂଜ ବିରି ଆରକି ଉରକିଜ ଡୁଙ୍ଗକି । ସାନ କନିଆଁର କୁଇଁକାରଡ଼ା ଇଞ୍ଜାରାତେ ଡ଼ିଅର ରୟେୟେନା ।

## ଓଡ଼ିଆ ଅନୁବାଦ

ଗୋଟିଏ ରାଜ୍ୟରେ ସାଧବ ବୁଢ଼ା ଓ ତା'ର ସାତଟି ଝିଅ ଥାଆନ୍ତି । ସେ ଝିଅମାନଙ୍କର ବିବାହ ପାଇଁ କୌଣସି ବରପାତ୍ର ଆସିଲେ ନାହିଁ । ଶେଷରେ ସାନଝିଅ ପାଇଁ ଗୋଟିଏ ବରପାତ୍ର ଆସିଲେ । ବିବାହର ଦିନ ଧାର୍ଯ୍ୟ ହେଲା । ଏହାପରେ ଅନ୍ୟ ଛଅ ଭଉଣୀ ସେହି ସାନ ଭଉଣୀକୁ ମାରିବାର ଉପାୟ ଚିନ୍ତା କରି ଜଙ୍ଗଲକୁ ଯିବାକୁ କହିଲେ । ଜଙ୍ଗଲ ଯିବା ବାଟରେ ସେମାନେ ସାନ ଭଉଣୀକୁ ଗୋଟିଏ ହୁଙ୍କା ପାଖକୁ କୋଳି ତୋଳିବା ପାଇଁ ପଠେଇଲେ । ସେଠାରେ ଆଗରୁ ରହୁଥିବା ଗୋଟିଏ ସାପ ସାନ ଝିଅକୁ କାମୁଡ଼ିଦେଲା । ଅନ୍ୟ ଭଉଣୀମାନେ ଅଚେତ ଅବସ୍ଥାରେ ତାକୁ ଆଣି ଘରେ ରଖିଲେ ।

ପରଦିନ ବର ଆସିବା ପରେ ସେ କନ୍ୟାକୁ ଡକାଗଲା । ମାଆ ଯାଇ ପ୍ରଥମେ ଡାକିଲା - 'ଉଠଲୋ କନକ ରାଣୀ, ବସଲୋ କନକ ବେଦୀରେ । ସାହାଡ଼ା ଘରର ବର ଆସିଲେ ବିବାହ ହେବା ପାଇଁ ।'

ଝିଅ କହିଲା - 'ଉଠି ନ ପାରଇ ମାଆ, ବସି ନ ପାରଇ । ଆମ୍ଭେ ଯାଇଥିଲୁ ସାତ ଭଉଣୀ, ବାଟରେ ପାଇଲୁ ସର୍ପ ରାଣୀ । ମଥାକୁ ମାଇଲା ହାଣି ।'

ଏହାପରେ ଆଉ କେହି ଉଠାଇ ପାରିଲେ ନାହିଁ । ଶେଷରେ ବର ନିଜେ ଯାଇ ଦେଖିଲାଯେ ଝିଅ ସର୍ପ ବିଷରେ ମରିବା ପ୍ରାୟ ପଡ଼ିରହିଛି । ବରପକ୍ଷର ଲୋକ ବିଷ ହରଣ ଚେର ଦେଲେ । କନ୍ୟା ଭଲ ହେଲା ଓ ବିବାହ ଶେଷ ହେଲା ।

ଏହାପରେ ସେ କନ୍ୟା ତା'ର ଭଉଣୀମାନଙ୍କୁ ନିଜର ପ୍ରତିଶୋଧ ନେବା ପାଇଁ ଡକେଇଲା । ନିଜର ଭଉଣୀମାନଙ୍କୁ ଘରକୁ ଫେରିବା ଦିନ ସାପ ବିଷ ଖୁଆଇ ପଠେଇ ଦେଲା । ସେହି ଛଅ ଭଉଣୀ ଫେରିବା ବାଟରେ ପଡ଼ି ବିଷଜ୍ୱଳାରେ ମରିଗଲେ । ସାନ ଝିଅଟି ସୁଖରେ ଶ୍ୱଶୁର ଘରେ ରହିଲା ।

## (୪୩)

ମୁଇଣ୍ଡ ରାଜ୍ୟଆ ସାଧବ ଆସିଆନା ଆର କାନିଆଁ ଉନଜ ସୁଖରେ ଚଲନମାନ । ଆର କୁଟୁମ୍ବର ମୁଇଣ୍ଡ ଜନ୍ମ କିବବିରି ଗଜ । ସାଧବ ବଳର ଆସିଆନ କାନିଆଁ ମୁଇଁତା ଉନେଗାମଜ ଆର ଡଗରାଏନା । ଅଚତା ଡଗରାୟନା ବିରି ଡ଼ିଅର ମୁଇଣ୍ଡ କାନିଆଁ ଅରେ ନାନ । ଆରା ଆଗିଲା କନଡ଼ ଆସ୍ତେ ଆସ୍ତେ କୁବାବ ଇସ୍କୁଲ ଅଙ୍ଗନ ମାନା ଆଗିଲା କନଡ଼ତେ ଡ଼ିଅର ଆକୁଇକି ତଣ ଉରୁତେ ଆଡ଼ିଙ୍କେ । ଆର ଦିନମିଂ ରାସ୍ତାତେ ସ୍କୁଲ ଅଙ୍ଗନ ମାନା । ଗବାବାଂତେ ମୁଇଣ୍ଡ ଅକେଜ୍ ଗଚେର ଆର ଏରେତେଜୟ । ଆରା ଆଲିଂଡାତେ କେଣ୍ଡେଲାନ କି ଉନିଉଡ଼ିତା ଜିଜିଂମାନକି କଣ୍ଡେଲାନ ଗାମ ମୁଣ୍ଡୁଷକନ ନଣ୍ଡେତେ, ଏରେ ଗମତ ଅଲେଜ ତେ ଆବରାୟ ଆଞ୍ଜି ଡ଼ିଂକେ । ମୁଳଷକନଣ୍ଡେ ଗାମ ଆଞ୍ଜି ଆରତେ ଆରୁମଡ଼େ ଏକେ ଜେନା ଆବିରେ ଆଞ୍ଜି ବାରବାୟ ଆଞ୍ଜିତେ ଜାତି ଲୁକକି ଆଞ୍ଜାତେ ସମକେହି । ଆଞ୍ଜି ଜାତି ମାରାମିଇନା । କେଣ୍ଡେଲାନ ଗାମ ଆଞ୍ଜ ମୁଇଁଣ୍ଡ ଆମତେ ମନ୍ତ୍ର ଡିଞ୍ଜମ ଏରେ ଗାମ ମାବିରାଓୟ ଆମା କିଛି ଆରିଏନା । ଅଚୁତା ଆର ଆବିରାୟ କେଣ୍ଡେଲଙ୍ଗ ଖୁସିଆନ ଜ ମୁଇଁଣ୍ଡ ମାଟା ପକ୍ଷୀ ଡିଞ୍ଜ । ଆମ ଇନି ବେଲେର ଡ଼େ ମେସବଜ ସୁବୁ କତାରେ ମେକଂଏ । ମିସିଂ ଆମ୍‌ତେ ଅଚତା ବିଷ ଡିମିନ ଡାଇୟ ବୁଇନଂ ।

ଆରଦନ ଆରା ବୁଇ ବିଷ ଆଉ ତଣ ମେସାଇକେ ବିରି ଡିଞ୍ଜ । ଆର ଏରେ ଥାଳିରେ ବଦଳାୟାନ ଅରେନନ ଏରେ ଥାଳିର ଉର । ଯଉଟା ବିଷ ଥାଳି ଏରେ ବଇର ରଜ ଗଜ । ଅଚତା ଆକବଗ ମୁଳଷକନଣ୍ଡେ, ଶାନ୍ତିରେ ରସଆନା ।

## ଓଡ଼ିଆ ଅନୁବାଦ

ଗୋଟିଏ ରାଜ୍ୟରେ ଗୋଟିଏ ସାଧବ ଥିଲା । ସେ ବିବାହ କରି ସୁଖରେ ଚଳୁଥିଲା । ତା'ର ସ୍ତ୍ରୀ ଗୋଟିଏ ଶିଶୁପୁତ୍ରକୁ ଜନ୍ମ ଦେବା ପରେ ମରିଗଲା । ସାଧବର ବୟସ ଥିବାରୁ ସେ ଆଉ ଥରେ ବିବାହ କଲା । ଏହାପରେ ପୁଅଟି ଧିରେ ଧିରେ ବଡ଼ ହୋଇ ସ୍କୁଲକୁ ଯିବାକୁ ଲାଗିଲା । ସାବତ ମାଆ ଏହି ପୁଅକୁ ବେଶ୍ ଭଲ ପାଏ ନାହିଁ। ଭଲକରି ଗଣ୍ଡେ ଖାଇବାକୁ ବି ଦିଏ ନାହିଁ । ସେ ଦିନେ ସ୍କୁଲ୍‌କୁ ଯାଉଥିବା ବାଟରେ ବଳଦ ମରି ପଡ଼ିଥିବାର ଦେଖିଲା । ଏହା ଉପରେ ଗୋଟିଏ ଚିଲ ଉଡ଼ି ଉଡ଼ି କହିଲା- ଏ ପିଲା ଏ ମଢ଼ଟିକୁ ପଦାକୁ ବାହାର କରିଦେ, ମୁଁ ଖାଇବି। ସେ କହିଲା ମୁଁ ଏହା କରିପାରିବି ନାହିଁ । ମୋତେ ଜାତିଭାଇ ଧରିବେ । ମୋର ଜାତି ମାରା ହୋଇଯିବ। ଚିଲ କହିଲା ମୁଁ ଗୋଟିଏ ମନ୍ତ୍ର ଦେଉଛି । ଏହ କହି କାଢ଼ି ଦେଲେ କିଛି ହେବ ନାହିଁ। ଏହାପରେ ପିଲାଟି ମନ୍ତ୍ର ପଢ଼ି ପଢ଼ି ବାହାରକୁ କାଢ଼ିଦେଲା। ଚିଲ ଖୁସିହୋଇ ପିଲାକୁ ଗୋଟିଏ ବିର ପକ୍ଷୀ ଦେଲା, ଯାହାକୁ ଦେଖିଲେ ଭବିଷ୍ୟତ କଥା ଜାଣିହୁଏ । ଏହାଧରି ତା'ଣ ମାଆକୁ ଦେଖିବାରୁ ସେ ତା'ଣ ରୂପ ଦେଖିପାରିଲା।

ତା ପରଦିନ ତା'ଣ ମାଆ ତାକୁ ଭାତରେ ବିଷ ମିଶାଇ ଖାଇବାକୁ ଦେଲା। ପିଲାଟି ଏହା ଜାଣିପାରି ଭାତ ଥାଳି ବଦଳ କରିଦେଲା । ସେ ଭଲ ଭାତ ଥାଳି ଖାଇଲା ଓ ତା'ର ମାଆ ବିଷମିଶା ଭାତ ଥାଳି ଖାଇ ନିଜେ ମଲା । ଏହାପରେ ମା' ଛେଉଣ୍ଡ ପିଲାଟି ସୁଖରେ ରିହିଲା ।

## (୪୪)

ମୁଇଣ୍ଟ ସାଧବ ବଗାଳିଆ କାଣ୍ଡାଇକିଆ । ଆରକିଆ କଞ୍ଚଲାଣ୍ଡ ମୁଇଣ୍ଟ ଆର କନଡକି ଛଅ ଭାଇ ଆସିଆନକି ଆରକି ସମଦାୟ ମୂଲ କିବାନକିଯ ଚଳେକେକି। କାଣ୍ଡାଇ ଦିନମିଂ ବୁଢ଼ାତେ ଗାମ ମୁଇଣ୍ଟ ସେକଂଇ ବାମଲେନାଜ ବାଜିମା କନଡକି ଅନକି କନଡ଼ କି ଦିନମିଂ ଗାତାଆନକି । ଆରାକିଆ ଜିନିଷରକି କୁ ନଲର । କାଣ୍ଡାଇରେ ସବୁବାଉତା ମୁଇଣ୍ଟ ମୁଇଣ୍ଟ ଜିନିଷରକି ଗାରଗାର। ଗାରଗାର ଅଚତା ଆଳିତି ସମୁଦାୟ ଡେନକି ବୁଢ଼ା ଗାମକେ ବଡାବ ଗବକେକୁ ତେରେନ ଇଜିମ୍ । ଅଚତା ଲୁପ୍ତା କାଣ୍ଡାଇକିଆ ଆଇକାରେ ଜିନାକିଆ ।

ଆରଦିମିଂତା ସମୁଦାୟ ବଣବ ଅନକି । କନଡ କିତେ ଲଟବ ଜବରା ଡିଡିଞ୍ଚେର କଞ୍ଚେଲଣ୍ଡେତେ ଆଚଲା ଓ ତଣ ଡିଞ୍ଚୋକେ । ତେରେନ ସୁମୁଶଂ ଅନଜ ବୁଢ଼ା ତେରେନ ଅବଜୟଜ କନଣ୍ଡକି ଜିମକି । ଇଞ୍ଚାତା ମୁଇଣ୍ଟ ସୁକୁଡାକ ଗଗଜ ସୁମୁସିଂତେ ଉଜୁରଚେର ଡ଼ାଗ୍ ଅରେନତେ ଅନା ଗାମଜ ଇଂଜବ ଅନ ମୁଇଣ୍ଟ ଆଣ୍ଡୁ ଡେନ ବିରି ପାଞ୍ଚ କାକାରତେ ଅଗଜ । ମୁଇଣ୍ଟ କାକାର ମୁଇଣ୍ଟ ବକରାଇର ରାୟନା କିଆ ବଲତେ ବାନକଡ଼ର ଇଞ୍ଚା କିବାନ କିଆ ବିରି ଅଜାଙ୍ଗ ଜିମକିଆଜ ରହାନକିଆ ।

ଏରେ ରାଜ୍ୟଆ ରାଜରେ ପାରିଧି କିକିବତେ ଆରିସେରେ । ବୁଲିବୁଲି ଲୁକକି ଡାଗ ଏଜେଲାନ ଅନକି । ରାଜା ଗାମ ମାଣ୍ଡା ଡାକ ଆସିକେ । ସୁମସିଂ ଡାଞ୍ଚାତେ ବିରି ଜୟ ଡାକ ମାଣ୍ଡାକ ଆସିକେ ଯୁ । କୟକିଜୁ ବହୁତ ଲାଙ୍କା ମୁଇଣ୍ଟ ବଣ୍ଡୁଆ ବଗକି ଡକସେରେ କି । ଏରା ଅନକିଯୁ ପୋଖରୀ । ବଗ ମୁଇଣ୍ଟ ଜାଗା କୁଆଲ ସଙ୍ଗ୍‌କେ । ଏରା ଜୟକିଜୁ ଇଞ୍ଚା ଆସିକେ ।

ଲୋକ ଇଞ୍ଚାବ ଅକନିଜ ଲାଲାଇଜ୍ ଗାରାନକି । ଆର ମୁଣ୍ଡୁଷଞ୍ଚଲାଣ୍ଡେ ଆଞ୍ଚ ଇଞ୍ଚ୍ ନେଙ୍ଗଲାର ଆସିକେ ଗାମ ଆଞ୍ଚ ଲାଲାଇ ମାମାତେ ଡିଡିଞ୍ଚାରିମଡେଂ ଜେନା ଆରକି ଗାମକି ନିଂ କତେ ନିଡ଼ିଂ ଜେଁ । କତେ ଆଣିଜାନଜ୍ ଡ଼ିଂଜ୍ ଏରେବେଲା ଆରତେ କଗଗକି ରାଜା ଆସରବ । ସେମାନେ କହିଲେ ଆମେ ଲୁଗା ଦେଉଛୁ ଲୁଗା ପିନ୍ଧି ସେବାନଙ୍କୁ ନିଆ ହେଲା ସେତେବେଳ କଗଗା୍ନ କିଦ ରାଜା ଆସର ଆଇବି ଆହକି ।

କାକାର ବଣତା ଡୁଙ୍ଗ । ବକ ରାଏରତେ ବିହୁତ ଡଗରା ଅକି ଆରତେ ଅଚୁତା ଆଣ୍ଡୁକି ଡେନକିଯ ଯିମଞ୍ଚାକି ଆରା ଖପୁରି ଅଲକ ସେରାନ ।

ମୁଇଣ୍ଟ ଛେଳିଆ ବଣବ ମେରମ ସରାଇ ଗଗ । ବଣ ବୁଲିବୁଲି ମୁଇଣ୍ଟ ଜାଗା ଖପୁରୀର ଅଲଗ ସେରେ । ଜୟଜ ଛେଳିଆ ଟୋକା ସେଗଜ ଅରେନାନ୍ ଆରତେ ସାରିଙ୍ଗି ବନାଇନ ବିରି ଗାଁ ଗାଁ ବୁଲିଅ । ଶେଷରେ ସାରିଙ୍ଗି ସବାନଜ ରାଜା ସାମୁରା ଆଉଚିଆନା । ରାଣୀ ଆରତେ ତଣ ଉରୁତେ ଡିଞ୍ଚ । ସାରଙ୍ଗି ଉନା୍ ବିରି ତଣ ଉରେ ଉଆଗାମ୍, ଆରା ସାରଙ୍ଗିରତା ଖପୁରୀରେ ଅନ ଆରୟାଅ । ମୁଇଁଣ୍ଟ ସେଲକ୍ ଖପୁରୀ ଲଗାୟ । ତାପରେ ରାଣୀ ଏଣେ ଖପୁରୀରେ ଏଳେବ ଡୁଲଙ୍ଗଜ ମଣିଷ ପରିକା ତିଆରିୟଜ ମହାପୁରୁ ଡାକେୟ ଜୀବନ ଡିଂଞ୍ଚ । ମୁଲୁଷ କନନଣ୍ଡେ ବୁଲୁରାନ୍ ବିରି ବକରାଏରତେ ଚିନିଅଁ ।

ଅଗିଲା ସାରିଙ୍ଗିଇଂରେ ଡିଅ ଅଙ୍ଗଙ୍ଗଆନ ଅକଲଂଙ୍ଗ ବଲତେ ସେଲଗ ସାମାନ୍ ଡେଙ୍କି ବିତେ କେରାବଡ଼େ । ଅଟୁତା ଆରତେ କେହି ବିକ୍ ମୁଗମିଂ ଆଡ଼ିଞ୍ଜକି । ଆର ଆଉଥର ମିଂତା ମେରମ ସରାୟ । ଆର କିଆ ବାଇ, ଭଉଣୀ ରାଜା ଉଆଁସଆ ଡ଼ିଅ ରଏଆନା କିଆ ।

## ଓଡ଼ିଆ ଅନୁବାଦ

ଗୋଟିଏ ରାଜ୍ୟରେ ସାଧବ ବୁଢ଼ା ବୁଢ଼ୀ ରହୁଥିଲେ । ସେମାନଙ୍କର ଗୋଟିଏ ଝିଅ ଓ ଛଅ ପୁଅ ଥିଲେ । ସେମାନେ ମୂଲ ଲାଗି ପେଟ ପୋଷନ୍ତି । ଦିନେ ବୁଢ଼ା ବୁଢ଼ୀକୁ କହିଲା- ଆମେ ଆଜି କୁକୁଡ଼ା ମାରି ଦୁଇଜଣ ଖାଇବା । ପିଲାମାନେ ଏକଥା ଶୁଣିଲେ । ପିଲାମାନେ ବିଚାର କରି ସବୁ ଜିନିଷ ନେଇଯାଇଛନ୍ତି । ରାନ୍ଧିବା ପରେ ସମସ୍ତେ ଆସିବାରୁ ବୁଢ଼ା କହିଲା ଜଙ୍ଗଲକୁ ନେଇ କେନ୍ଦୁ ଖୁଆଇ ଦେବି ଓ ନିଜେ ମାଂସ ଖାଇଲେ ।

ପରଦିନ ସମସ୍ତେ ଜଙ୍ଗଲକୁ ଗଲେ । ବୁଢ଼ା ପୁଅମାନଙ୍କୁ ଅଖାଦ୍ୟ ପୁଡ଼ିଆ ଦେଇଥାଏ ଓ ଝିଅକୁ ମାଂସ ଭାତ ଦେଇଥାଏ । କେନ୍ଦୁ ଗଛ ପାଖକୁ ଯାଇ ବୁଢ଼ା କେନ୍ଦୁ ତୋଳିଲା । ପିଲାମାନେ କେନ୍ଦୁ ଖାଇଲେ । ଘରୁ ନେଇ ଯାଇଥିବା ଲାଉକୁ ଗଛରେ ଟାଙ୍ଗିଦେଇ ବାପା ପାଣି ଆଣିବାକୁ ଯିବ କହି ଘରକୁ ପଳେଇଲେ । ଗୋଟିଏ ମାଙ୍କଡ଼ ଆସି ଭାଇକୁ ମାରିଦେଲା । ଆଉ ଗୋଟିଏ ଭାଇ ଓ ଗୋଟିଏ ଭଉଣୀ ରହିଲେ । ଜଙ୍ଗଲରେ ସେ ଦୁଇଜଣ ବସା ବାନ୍ଧି ଆଳୁ କାଇ ଖାଇ ରହିଲେ ।

ପାରିଧି ସମୟ ଆସିବାରୁ ରାଜା ପାରିଧି କରିବାକୁ ଜଙ୍ଗଲକୁ ଯାଇଥାନ୍ତି । ରାଜାଙ୍କୁ ଶୋଷ ହେବାରୁ ରାଜାଙ୍କ ଲୋକମାନେ ପାଣି ଖୋଜିଲେ । ସେମାନେ ଗଛରେ ଚଢ଼ି ଅନୁମାନେ କଲେ ଯେ ଯେଉଁଠି ବଗ ଥିବ ତା ପାଖରେ ପୋଖରୀ ଥିବ । ଯେଉଁଠି ଧୂଆଁ ଉଠୁଥିବ, ତା ପାଖରେ ଘର ଥିବ । ତା'ପରେ ସେମାନେ ଧୂଆଁ ଉଠୁଥିବାର ଦେଖି ସେ ଭାଇ ଭଉଣୀ ରହୁଥିବା ଘର ପାଖରେ ପହଞ୍ଚିଲେ । ସେମାନେ ଝିଅଟିକୁ ନିଆଁ ମାଗିଲେ । ଝିଅଟି କହିଲା ମୁଁ ଲଙ୍ଗଳା ହୋଇ ନିଆଁ ନେଇ ଦେଇପାରିବି ନାହିଁ । ସେମାନେ ତାକୁ ଲୁଗା ଦେଲେ । ଝିଅଟି ଲୁଗା ପିନ୍ଧି ନିଆଁ ଆଣି ଦେବା ସମୟରେ ଝିଅଟିକୁ ଧରି ପକାଇଲେ ଓ ରାଜାଙ୍କ ପାଖକୁ ନେଇଗଲେ ।

ଭାଇ ଜଙ୍ଗଲରୁ ଫେରିଲା । ସେ ଭଉଣୀକୁ ବହୁତ ଖୋଜିଲା । ସେ ପିଲାକୁ ମାଙ୍କଡ଼ମାନେ ଖାଇଗଲେ । କେବଳ ଖପୁରୀଟି ପଡ଼ିଥିଲା । ଗୋଟିଏ ଛେଳିଆ ଟୋକା ସେହି ଖପୁରୀକୁ ନେଇ ସାରଙ୍ଗୀ ତିଆରି କଲା ଓ ଭିକ୍ଷା ମାଗି ମାଗି ବୁଲିଲା । ଶେଷରେ ସେ ସାରଙ୍ଗି ଧରି ସେଇ ରାଜା ଓ ରାଣୀଙ୍କ ପାଖରେ ପହଞ୍ଚିଲା । ରାଣୀ ତାକୁ ଖାଇବାକୁ ଦେଲେ ଓ ସାରଙ୍ଗି ରଖି ଖାଇବାକୁ କହିଲେ । ସେଇ ସାରଙ୍ଗୀକୁ ରାଣୀ ଆଣି ସେଥିରୁ ଖପୁରୀଟି ବାହାର କରି ସେଥିରେ ଗୋଟିଏ କୁକୁର ଖପୁରୀ ଯୋଡ଼ି ଛେଳିଆ ଟୋକାକୁ ଦେଇଦେଲେ । ଏହାପରେ ରାଣୀ ସେହି ଖପୁରୀକୁ ଡ଼ିଙ୍କିରେ କୁଟି ମଣିଷ ପରି ତିଆରି କରି ମହାପ୍ରଭୁଙ୍କୁ ଡାକି ଜୀବନ୍ୟାସ ମନ୍ତ୍ର ଫୁଙ୍କିବାରୁ ସେ ପିଲାଟି ବଞ୍ଚିଉଠିଲା ଓ ନିଜ ଭଉଣୀକୁ ଚିହ୍ନି ପାରିଲା ।

ସେପଟେ ଛେଳିଆ ଟୋକା କୁକୁର ଖପୁରୀର ସାରଙ୍ଗି ପାଇ ସେ ଭୋ ଭୋ ହେବାରୁ ଲୋକମାନେ ଭିକ ଦେଲେ ନାହିଁ । ସେ ପୁଣି ଛେଳି ଚରେଇଲା ।

ରାଣୀ ନିଜର ଭାଇକୁ ପାଇ ଖୁସି ହେଲେ ଓ ଦୁଇଜଣ ରାଜ ଉଆସରେ ରହିଲେ ।

## (୪୫)

ମୁଇଣ୍ଡ ସାଧବର ମୁଇଣ୍ଡ କଞ୍ଚାଲାଣ୍ଡ ଆସିଆନା । କଞ୍ଚଲାଣ୍ଡ ଆସ୍ତେ ଆସ୍ତେ କୁବାୟ । ନାଳବ ଉଆ ଡାକତେ ଅନ । ଗଉଳ କନନ ମଇଁଷି ଚରାଏନମାନିଉଆ ଡ଼ାକ ଜାଗତେ । ମୁଇଷି ଚରାକଇ ଗାତବ କନନଡ଼େ ସାଧବ କଞ୍ଚଲାଣ୍ଡତେ ଭଲମନ୍ଦ ଗାଏ ଏଅନ କେୟାୟ ବାନଂ ଡୁଙ୍ଗକେୟା । ଡୁଂଗ କିଆଜ ଦିନି ଦହି ଆବସଙ୍ଗ ଗଗ ।

ଆଞ୍ଜିତେ ବିରି ମେଗାମକେ ଏଜେମା ଦେଇନା
ଯଦି ଡାକ୍ ଆମ ଅନାନା ଆରାତା ଦହି ଉଣ୍ଡିକି

ଦିନମିଂ ଆବସଙ୍ଗର ଅବାର ଇଂଞ୍ଜାରାରତେ ଡାକେଅ ଅବାର ଦହି କୁରୁନାନ । ଏରେ ପିଲାରେତେ ଡାକେୟ ନନତେ ରହେନାଗା ଗାମ । ଆରତେ ଏରା ଜମିବାଡ଼ି ଡିଞ୍ଜକି ଚାଷବାସ କିବାନା ଏରା ରହେଏନା । ସୁଖ ଶାନ୍ତିରେ ଚଳୟେ ।

## ଓଡ଼ିଆ ଅନୁବାଦ

ସାଧବର ଗୋଟିଏ ଝିଅ । ସେ ଝିଅକୁ କେଉଁଠାକୁ ଛାଡ଼ି ନଥାଏ । ଝିଅ ବଡ଼ ହେବାରୁ ନଦୀକୁ ଗାଧୋଇବାକୁ ଗଲା । ଗଉଡ଼ ପିଲା ମଇଁଷି ନେଇ ଛାଡ଼ି

ଦିଅନ୍ତି ଗାଧୁଆ ତୁଠରେ । ଗଉଡ଼ ପିଲା ଝିଅ ପଚରେ ଗଲା ଓ ତାକୁ ବିବାହ କଲା । ସେ କ୍ଷୀର ଦହି ବିକ୍ରି କଲା ।

ମୋତେକି ବୋଲନ୍ତି ଏ ଜେମା ଦେଇନା
ଦିହ ପାଣି ଚଲା ରଖନା ।

ତାଠୁ ଦହି ରଖନ୍ତି । ସାଧବର ଝିଅ ସାଧବ ଘରକୁ ପହଞ୍ଚିବା ବେଳେ ସେମାନେ ତାକୁ ରଖିନେଲେ । ସାଧବ ତାକୁ ସେଠି କିଛି ଜମି ଦେଲା । ସେମାନେ ଜମିବାଡ଼ି କରି ସେଠାରେ ଖୁସିରେ ରହିଲେ ।

## (୪୬)

ଦିନମିଂ ମହାପୁରୁ ମୁଇଣ୍ଡ ସଲପ ସୁସୁସିଂତେ ରାତେ ଡେନଜ ଆଟିକା ଉଜୁର । ମହାପୁରୁ ସୁମସିଂ ଲକାରାତେ ଲେବେର କିଆ । ବଟବ ଜୁଆଙ୍ଗ ଓ ଜୁଆଙ୍ଗୁଣୀ ଏରେ ଗଟାଂ ଦେଇ ଅନକିଆ ଆରକିଆ ଜୟକିଆ ଆଟିକା ଉଜୁରୁଇ ସେରେ । ଆରକିଆ ଜୁଆଙ୍ଗ ଡାଜାନ ବିରି ଆଟିକାରେତେ ଅବଲେ ଅକିଆଜ ଉରକିଆ । ମହାପୁରୁ ଦମ୍ବଦ ଜୁଆଙ୍ଗରିକି ଆତେ ଲେଲେଦାନ । ଆରଗାମ ଆଞ୍ଜତେ ଆଗାର ଚେରାଜ ଆଞ୍ଜ ଡିଞ୍ଜେ ତାନ ଆପା ବିତେ କଲେର ଆଅବଲେୟାନ୍‌ଜ ଆଉରକେ ଡାଇ ଆଞ୍ଜ ଅପାତେ ଅଭିଶାପ ଡିଙ୍ଗେ, ଆପାହଡ଼ା ଡ଼ିଡ଼ିତେ ଆଲାଉନା ବିରି ଆଗଇରେ । ଏତେ ଦିନତାସୁନା/ଜୁଆଙ୍ଗ ଗାତାତୁଗରେ ମଦ ଉରକିଆଜ ଗୁରୁଚେରେ କିଆ ।

## ଓଡ଼ିଆ ଅନୁବାଦ

ଦିନେ ମହାପ୍ରଭୁ ଗୋଟିଏ ସଲପ ଗଛରେ ସଲପ ରସ ପିଇବା ପାଇଁ ଗୋଟିଏ ହାଣ୍ଡି ବାନ୍ଧିଥିଲେ । ଏହାପରେ ସେ ସେହି ଗଛ ପାଖରେ ଥିବା ଚଟାଣରେ ଶୋଇ ପଡ଼ିଲେ । ସେ ଜାଗାଟି ଜଙ୍ଗଲ ଜାଗା ହୋଇଥାଏ । ସେହିରାସ୍ତା ଦେଇ ଦୁଇଜଣ ଜୁଆଙ୍ଗ ସ୍ୱାମୀ ଓ ସ୍ତ୍ରୀ ଯାଉଥିଲେ । ସେମାନେ ହାଣ୍ଡି ଟଙ୍ଗା ହୋଇଥିବାର ଦେଖିଲେ । ଏହା ଦେଖି ଜୁଆଙ୍ଗ ହାଣ୍ଡିରୁ ସଲପ ରସ ଆଣି ପିଇଦେଲା । ଏହାପରେ ମହାପ୍ରଭୁ ଉଠିପଡ଼ି କହିଲେ - ମୋତେ ମାଗିଥିଲେ ଦେଇଥାନ୍ତି, ତୁମେ ନିଜେ କାହିଁକି ଖାଇଲ ? ଏହାପରେ ସେ ଅଭିଶାପ ଦେଲେ ଯେ ଜୁଆଙ୍ଗମାନେ ଏହିପରି ମଦ ପିଇ ବିଭିନ୍ନ ଜାଗାରେ ପଡ଼ି ମରିବ । ସେହିଦିନଠାରୁ ମଦ ପିଇ ରାସ୍ତାଘାଟରେ ପଡୁଛନ୍ତି ।

## (୪୭)

ମୁଇଣ୍ଡ ରାକ୍ଷାସ ଆସିଆନା । ଆରା କୁଟୁମ୍ବଆର ପାଞ୍ଚଜଣ କଞ୍ଚଲାଣ୍ଡ ଆସିଆନକି । ଆରକି ସଦାବେଳେ ଲୁକକିତେ ଆରଧି କିବକିକି ବରି ଦିନ କାଟେରେକି ସାନ କଞ୍ଚେଲାଣ୍ଡ କୁଜତ ଦୟାକିବକେ । ଆର କଂସେରଜ ଆର ବୁଇରତେ କଳ ଦାନ୍ତର ମନ୍ତ୍ର ସମୁଦାୟ ଦାନ୍ତରା ଡଂଚେକେ ।

ଦିନମିଂ ରାକ୍ଷସୀ ମୁଇଣ୍ଡ ବ୍ରାହ୍ମଣ କନନ ଆରଧି କିବାନଜ ଅରେନ । ସାନ କଞ୍ଚଲାଣ୍ଡତେ ଡିଞ୍ଜକିଆ ଆମ ମଗଲାଏ ଗିଲିନସରେ ନିମ୍ୱା ବାଡ଼େନଦ ବାଉରେ । ସାନ କଞ୍ଚଲାଣ୍ଡ ବାମଣ କନଣ୍ଡତେ ବାହାଇନା ଗାମଜ ମନକିବ ଓ ଶେଷରେ ବୁଇରା ସାମୁରାତେ ମନ୍ତ୍ର ଦାନ୍ତର ରେକି ଗାରନ । ବୁଇର ଆରତେ ମନ୍ତ୍ର ଦାନ୍ତର ଡିଞ୍ଜ ।

ମୁଇଣ୍ଡ ଅଲେଇଜ୍‌ଗେଅ ବିରି ବୁଇରତେ ଡିଞ୍ଜ । ବ୍ରାହ୍ମଣତେ ଆର ସବାନ୍‌ଜ ବାହାଘର କୁରିଆନଜ ଡୁଙ୍ଗ । ଅଚୁତା ରାକ୍ଷସୀ କଂଡ୍‌ ନିଜିମେ ଗାମଜିଜ ଗାତାଆନକି ରାକ୍ଷସୀ କଞ୍ଚଲାଣ୍ଡ ମନ୍ତ୍ର ସଶେର ବୋଲି ଆରକିତେ କଚି ଆକିବକି । ଅଚୁତା ଆରକିଆ ବାନଗବ ସୁକରେ ରଏୟାନ ଜିଆ ।

## ଓଡ଼ିଆ ଅନୁବାଦ

ଗୋଟିଏ ରାକ୍ଷସ ଥିଲା । ତାର ଗୋଟିଏ ସ୍ତ୍ରୀ ଓ ୫ଟି ରାକ୍ଷସୀ ଝିଅ ଥିଲେ । ସେମାନେ ସବୁବେଳେ ଲୋକମାନଙ୍କୁ ଶିକାର କରି ଦିନ କାଟନ୍ତି । ସାନଝିଅଟି ଟିକିଏ ଦୟାଳୁ ଥିଲା । ସେ ଜାଣିଥିଲା ଯେ ତା'ର ମାଆର କଳଦାନ୍ତରେ ମନ୍ତ୍ରସବୁ ଗଚ୍ଛିତ ହୋଇ ରହିଛି ।

ଦିନେ ରାକ୍ଷସୀ ଗୋଟିଏ ବ୍ରାହ୍ମଣ ପିଲାକୁ ଧରି ଆଣିଲେ । ଏହାପରେ ସେମାନେ ସାନଝିଅକୁ ରାନ୍ଧିବାକୁ କହି ପୁଣି ଶିକାରକୁ ଗଲେ । ଏହାପରେ ସେ ଝିଅ ବ୍ରାହ୍ମଣପିଲାଟିକୁ ପାଇ ତାକୁ ବିବାହ କରିବାକୁ ସ୍ଥିର କଲା । ଶେଷରେ ତା ମାଆ ପାଖରେ ଥିବା ମନ୍ତ୍ର ଦାନ୍ତ ସବୁ ମାଗିନେଲା । ସେ ବ୍ରାହ୍ମଣ ପିଲାକୁ ନ ରାନ୍ଧି ଗୋଟିଏ ଗାଈ ରାନ୍ଧିଦେଲା । ବ୍ରାହ୍ମଣ ପିଲାକୁ ଧରି ପଳାଇଲା । ଏହାପରେ ରାକ୍ଷସୀମାନେ ଜାଣିପାରି ସେମାନଙ୍କୁ ମାରିବା ପାଇଁ ଗଲେ । ମାତ୍ର ସାନ ଝିଅଟି ମନ୍ତ୍ର ଜାଣିଥିବାରୁ ତାର କିଛି କରିପାରିଲେ ନାହିଁ । ସେମାନେ ସୁଖରେ ରହିଲେ ।

(୪୮)

ମୁଇଣ୍ଡ ଗାଁତେ ମୁଇଁଣ୍ଡ ବୁଢ଼ା ଆସିଆନା । ଆର କୁଟୁମ୍ବ କନଡକିତେ ସବାନଯ ରହେନମାନ । ଆର ଏରେ ବଗିଚାରା ତେ ବାଇଗଣ, ଶିମ୍ବ, କାଳାର, ମେଣ୍ଡାଶିଂଘ, ବୈଷଲ୍ଲୁ, ଶୁକୁଡାକ, ଚାଷ କିବ ସେରାନା । ଏରେ ବଗିଛରେ ବ ଦିନି ମୁଇଣ୍ଡ ତୁପଗ୍ ଡେନଜ ବୈଷାକୁ ଜିମିଂକେ । ବୁଢ଼ା ଦିନମିଂ ବିଚାର କିବାନା ତୁପକତେ ଦିନମିଂ ତାଳେ ଡିଂଜେ । ବଗିଗାରେ ମୁଇଣ୍ଡ ବୈତାଳଲୁବ ଅରେନ ଆରା ଆଲୁଣ୍ଡା ମନ୍ଦିରେ ଆରିୟା ଜ ଲାଲାଜ୍ ବାଇତାକୁବ୍କ ରାତେ ଉଶିଗ ଉଶିଜ ସାଗାର ଏରାତେ ଅଚଂର । କଦଳୀ ଅଲାକ୍ ମୁଇଣ୍ଡ ଡାନଚେର ଯେମିତି ତୁପକ ଆରିମ୍ଢେ କଂ କଂ ଜେନା । ତୁପକ ଡେନ ଶୁକୁଡାକ ସାମୁରାୟ ଡକ ଆନ ଜିମେ ବୋଲି ତୁମୁଗୀର ଉସିଗ ଏରେ ବେଲା ତୁମୁଣିର ଲାଲାଜ୍ କଲବ ଏରେ ତାସୁନ ଚୁପକ ମେସାରତେ ବଗିଚାରେ ବ ସରେତେ ଆଡେଣ୍ଡେ ।

## ଓଡ଼ିଆ ଅନୁବାଦ୍

ଗୋଟିଏ ଗାଆଁରେ ଗୋଟିଏ ବୁଢ଼ା ଥିଲା । ତା'ର ସ୍ତ୍ରୀ ଓ ପିଲାମାନଙ୍କୁ ଧରି ସେ ଗାଆଁରେ ରହେ । ବୁଢ଼ା ବଗିଚାରେ ବିଭିନ୍ନ ପ୍ରକାର ପନିପରିବା ଯଥା : ବାଇଗଣ, କଖାରୁ, ଲାଉ, ଭେଣ୍ଡି, ଶିମ୍ବ ଆଦି ଚାଷ କରିଥିଲା । ହେସି ବଗିଚାକୁ ସବୁଦିନ ଗୋଟିଏ ପେଚା ଆସେ । ସେ ବାଡ଼ିବଗିଚାର ସବୁ ପନିପରିବା ଖାଇଦିଏ । ଦିନେ ବୁଢ଼ା ବିଚାର କଲା ଆଜି ପେଚାକୁ ପାନେ ଦେବି । ସେ ବଗିଚାରୁ ଗୋଟିଏ ବୌତାଲୁ ଆଣିଲା । ଏହାପରେ ବୌତାଲୁ ଭିତର ଅଂଶ ଅତି ଯତ ସହକାରେ ବାହାର କରିଦେଲା । ଘର ଭିତର ଚୁଲିରୁ ନିଆଁ ଆଣି ସେହି ଦୌତାଲୁ ଭିତରେ ପୁରାଇ ରଖିଦେଲା । ଏହା ଉପରେ ଗୋଟିଏ କଦଳୀ ପତ୍ର ଘୋଡ଼ାଇ ରଖିଦେଲା ଯେମିତି ପେଚା ଜାଣିପାରିବ ନାହିଁ । ଏହାପରେ ଗୋଟିଏ କଦଳୀ ପତ୍ର ଘୋଡ଼ାଇ ରଖିଦେଲା ଯେମିତି ପେଚା ଜାଣିପାରିବ ନାହିଁ । ଏହାପରେ କଦଳୀ ପତ୍ର ଘୋଡ଼ାଇ ରଖିଦେଲା ଯେମିତି ପେଚା ଜାଣିପାରିବ ନାହିଁ । ଏହାପରେ ପେଚା ଆସି କଖାରୁ ପାଖରେ ବସିଲା । କଖାରୁକୁ ଖାଇବ ବୋଲି ଥଣ୍ଟ ପୁରାଇବାରୁ ଥଣ୍ଟ ପୋଡ଼ିଗଲା । ଏହାପରେ ସେହିଦିନଠାରୁ ଦିନବେଳୋ ପେଚା ଆଉ ବଗିଚାକୁ ଆସେ ନାହିଁ ।

(୪୯)

ମୁଇଁଣ୍ଡ ଗାଆଁତେ ମୁଇଣ୍ଡ କଙ୍ଗେର ଆସିଆନା । ଆର ନାଆଁରା ଶୁକୁରୁ, ଆର ସବୁଦିନ ମେରମ୍ ସଇରାକେ । ଆର ଭାବେୟ ଇଂଜଂାରାକା ଜୁଉଁ ଜୀବନନ୍ତରିକି ଆସିକେବି ଆରକି କିଛି କାମରେ ଆଲାଗାରକି । ଦିନମିଂ ଆର ଭାବେ ଭାବେ ଲେବେରଂ ବେଲା ସ୍ୱପ୍ନ ଜୟ ।

ଆର ଆଗିଲା ଅଲେଇ ଆବଅନ । ଅଲେଇ ଗାମ ଶୁକୁର, ଆଂତେ ଆମା ଇଂଜାବ ଗଂଙ୍ଗା ଆମତେ ଆଂଜ ବହୁତ ଉପକାର କିବେ । ଆଂୟୁ ଆମତେ କ୍ଷୀର ଡିଂଜଗ୍ । ଆଂୟା କନନିଣ୍ଡିକି ଆମ ଜମିତେ ହଳ ମିକିମା । ଆଚତା ମୁଇଣ୍ଡ ମେରମ ଆବ ଅନ । ମେରମ ଗାମ ଆଂତେ ଉନା । କୁବାଅଜ ଅଂୟତେ ମାପସଂଙ୍ଗା ବିରି ରକୁବ ମେସଙ୍ଗା ।

ଅଚତା ଶୁଆ କନ୍ତେରାବ ଅନ । ଶୁଆ ଗାମ ଆଂତେ ଆମ ଉନା ଆମା ସହିତ ଆଂୟ ଗାତାଏନା । ଆମତେ ମୁଇଣ୍ଡ ଗାତାଗୀତି ସାଙ୍ଗ ମିକିମା ।

ଅଚୁତା ସେକ ଆବ ଅନ । ସେକଇ ଗାମ ଆଂୟତେ ଆମ ଉନା । ଆଂୟ କୁବାଜ ଆମ ଆଇମିଜିମେ । ବନ୍ଧୁକି ଡେନ କିଜ ଆଂୟୁ ଆଇଏଲା ମିଦିମେ ଆୟଂ କେରାବାନଜ ସେକାଲ ଏୟା ବୋଲି ମକଙ୍ଗେ । ଏରେ ପୁଇଣ୍ଡ ସେକଇ କେକେରେ କେ ଗାମ ଶୁକୁରୁଆ ଲେବେରସ ଭାଙ୍ଗେ ଏନା । ବୁଇରତେ ଗାମ ଆଂୟୟ ଇଂଜାୟା ପଶୁ କନ୍ତେର ଡିକି ସତ ଆସିକେକି କେତେ ଉପକାର୍ କିବକେକି ।

## ଓଡ଼ିଆ ଅନୁବାଦ

ଗୋଟିଏ ଗାଆଁରେ ଗୋଟିଏ ପିଲା ଥିଲା ତା'ର ନାମ ଶୁକୁରୁ । ସେ ପ୍ରତିଦିନ ଛେଳି ଚରାଇବାକୁ ଯାଏ । ସେ ମନରେ ଭାବୁଥିଲା ଯେ ଘରେ ଯେଉଁ ଜୀବଜନ୍ତୁମାନେ ରହିଛନ୍ତି ସେମାନେ ସବୁ କୌଣସି କାମରେ ଲାଗନ୍ତି ନାହିଁ । ଦିନେ ଏକଥା ଭାବି ଭାବି ଶୋଇପଡ଼ିଲା ଓ ସ୍ୱପ୍ନ ଦେଖିଲା ।

ସେ ପ୍ରଥମେ ଗୋଟିଏ ଗାଈ ପାଖକୁ ଗଲା । ଗାଈ କହିଲା ଶୁକୁରୁ ତୁମେ ମୋତେ ତୁମ ଘରକୁ ନିଅ । ମୁଁ ତୁମର ବହୁତ ଉପକାର କରିବି । ମୁଁ ତୁମକୁ କ୍ଷୀର ଦେବି ଓ ମୋର ଛୁଆ ତୁମ ଜମିରରେ ହଳ କରିବ । ଏହାପରେ ସେ ଗେଗଟିଏ ଛେଳି ପାଖକୁ ଗଲା । ସେ କହିଲା ମୋତେ ରଖ । ବଡ଼ ହେଲେ ମତେ ବିକ୍ରି କରି ତୁମେ ଚାତକି କିଣି ପାରିବ ।

ଏହାପରେ ସେ ଶୁଆ ପାଖକୁ ଗଲା । ଶୁଆ କହିଲା ମୋତେ ନେଇ ରଖିଲେ ମୁଁ ତୁମ ସହିତ କଥା କହିପାରିବି । ତୁମକ ଗୋଟିଏ କଥାକୁହା ସାଙ୍ଗ ମିଳିଯିବ ।

ଏହାପରେ କୁକୁଡ଼ା ପାଖକୁ ଗଲା । ସେ କହିଲା – ମୋତେ ତୁମେ ମାରି ମୋର ମାସଂ ଖାଉଛ । ବନ୍ଧୁ ଆସିଲେ ମୋର ମାଂସରେ ଅତିଥି ଅତିଥି ଚର୍ଚ୍ଚା କରୁଛି । ମୁଁ ରାବିଲେ ସକାଳ ପାହିଲା ବୋଲି ଜାଣୁଛ । ଏହି ସମୟରେ ଗୋଟିଏ କୁକୁଡ଼ା ରାବ ଦେଲା । ଶୁକୁରୁର ନିଦ ଭାଙ୍ଗିଗଲା । ସେ ତା'ର ମାଆକୁ କହିଲା – ଆମ ଘରର ପଶୁପକ୍ଷୀ ସତେ କେତେ ଉପକାରୀ ।

## (୫୦)

ମୁଇଁଣ୍ଟ ରାଜ୍ୟଆ ଗରିବ ବ୍ରାହ୍ମଣ ଆସିଆନା । ଇଂଜାରେତେ ସାଉର, କୁଟୁମ୍ବର କଞ୍ଚଲାଣ୍ଡ ଗାଣ୍ଡାମି ଚଲେ ନମାନକି । ଗରିବ ବ୍ରାହ୍ମଣତା ସବୁଦିନ ଭିକ ଗାଗାର । ଭିକ ଅରେନକେ ବିରି ଆରକା ଲୁକରେ କିତେ ଚଳାଇକେ । ଦିନମିଂ ଆମିନକ୍ତା ବ୍ରାହ୍ମଣ ଆର ବ୍ରାହ୍ମଣ ଇଂଜାରେବ ଅନ । ଦୁଆରତେ ଗାମ ଆମ ସହରତେ ମନତାନା କାମ ପାଇଟ ମିକିବାନଜ ପଇସା ପତ୍ର ମୁକୁଇନା । ଆଞ୍ଜା ଗାତା ସମାବିରି ଏରେବ କମ ଅନାଡାଇ । ଆରା କୁଟୁମ୍ବରତେ ଗାମ ଆଞ୍ଜ ତେରା ସହର ଅନା । ଆଞ୍ଜ ଲାଗି ଗାଣ୍ଡାମି ମଳାପ କିବେ । ଆରା କୁଟୁମ୍ବର ସଙ୍ଗେ ସଙ୍ଗେ ବୁଆ କବ୍‌ସର ଢ଼େଙ୍କିତେ ତୁଲୁଙ୍ଗ । ରକୁବ ତୁଲୁଙ୍ଗେଜ ଅଳାଗ୍ ବନାଅ । ସେକାଳ ଇଆନା ବ୍ରାହ୍ମଣ ଆଲାଗ ସବାନ ଯ ଏକେଚା ସହର ବାହାରବ । ଅନ ଅନ ମୁଇଣ୍ଟ ବରଗଛର ମୂଳରେ ଡକଆନା ଗରିବ ବ୍ରାହ୍ମଣ ରେତେ ତିଲାଏ ଏନା । ଆଞ୍ଜ ମୁଇଁଟମଣ୍ଡା ଜିମେ ନା ସମ୍ପ୍ରଦାୟ ଜିମେ । ଏରେ ବରଗଛ ଆଲିଂତା ଗାଣ୍ଡାମି ଭୂତ ଆସିଆନକି । ଆରକି ବ୍ରାହ୍ମଣ ବିରି କିବ୍‌ଡ଼େ ଗାମକିଜ ମସୁଦୃଷ୍ଟି କିବ୍‌ସେକେ କି । ଏରେ ଭୂତରେ କି

ଗାମକି ଏ ବ୍ରାହ୍ମଣ ଏରେକି ଡିଙ୍ଗିଂଯାନେ ଏରେକି ନିଜିମେ ଏରେ ବଦଲଡ଼େ ଆମତେ ଝୁଲାମୁଣି ଡିଂଙ୍ଗ । ଏରେ ଝୁଲାମୁଣିରେ ଯାମେଗାନା ତା ଡିମିନ୍ । ବ୍ରାହ୍ମଣ ଭୂତ ଗାତାକିତେ ରାଜି ଇଆନା ଆର ସମୁଦାୟ ଆଲାଗ ଆରକିତେ ଡ଼ିମିଜ । ଆର ଝୁଲାମୁଣି ସବାନଜ ଇଞ୍ଜାବ ଡେନ । ଆର ଡେଙ୍ଗ ଡେଙ୍ଗର୍ ମୁଇଣ୍ଡ ଗାଆଁତେ ବୁଲଇୟାନ । ଏରେ ଗାଁରା ନାମ ଚଲାଡିହା । ଏରେ ଗାଆଁରେ ମୁଇଣ୍ଡ ଧନୀ ଇଞ୍ଜା ଆସିଆନା । ଆର ଏରେ ଇଞ୍ଜାରେବ ଅନ ଏରାତେ ରାତି କଟାଇଂ ବ ସକାଳ ଇଂଜାବ ଅନାଡାଲି ମନେ ମନେ ପାଞ୍ଚେୟ । ରାତିୟା ତିଲାୟ ଆନଜ ଏରେ ଝୁଲାମୁଣିତେ ତଣ ଗାରାନ । ଝୁଣାମୁଣି ତଣ ଡିଞ୍ଜ । ଏରେ ଜୟଜ ବ୍ରାହ୍ମଣ ଡାଟକାଲଏନା । ଆର ମୁଇଣ୍ଡ କୁଇନା ବିଲି ଯୋଜନା କିଡ଼ । ତଣ ଉର ବିରି ଅଚୁତା ଧନୀ ଲୋକରେ ଆରାକନଡ଼ ବ୍ରାହ୍ମଣତେ ଦିନକିଆ ରାସ୍ତାତେ ଆର ଝୁଲାମୁଣିରେ ଗଗାନକେୟା । ବ୍ରାହ୍ମଣ ପୁଣି ଏରେ ବରଗଛରେ ଅନ ଭୂତ କିତେ ସମୁଦାୟ ଦୁଃଖ ଜଣାଆ । ଏରେ ଅନକିଯ ଅମ୍ୟଟ ଜିନିଷ ନିଡ଼ିଞ୍ଜେ ଗାମକିଜ ରାଜି ଇଆନକି । ମୁଇଣ୍ଡ ଶଙ୍ଖ ଆଉ ମୁଇଣ୍ଡ ବାଡ଼ି ଡ଼ିଞ୍ଜାକି । ଶଙ୍ଖତେ ଟାଙ୍କା ମେଗେରାନଜ ଟାକା ଡିମିନେ । ବାଡ଼ିତେ ଚୋର ଲୋକତେ ମାବ୍ୟୁଜ୍ ଆର ପୁଣି ଧନୀ ଇଂଜାରେ ଅନ । ଧନୀଘରେ ଆଉଚିଆନା ଆରକି ଏଥର ଅମ୍ୟାଟ ଜିନିଷ ଗଗଡ଼ା ଦିରେ ଯୋଜନା କିବାନ୍କି । ରାତିଆ ଶଙ୍ଖ ଆଉ ବାଡ଼ି ଚୋର କିକିବଡ଼ା ପାଇଁ ବାଡ଼ି ଆରକିତେ ବହୁତ ଆବୁଜ । ଆରକି ପୂର୍ବରୁ ଗଗ ସେରେନ୍କି ଝୁଲାମୁଣି, ଶଙ୍ଖ, ବାଡ଼ି ଆରତେ ଫେରାଅ । ବ୍ରାହ୍ମଣ ଏରେକିତେ ସବାନ ବିରି ଇଞ୍ଜାବ ଅନ । ଧନୀ ଇଆନ ଯ ଖୁସିରେ ଚଲେୟ ।

## ଓଡ଼ିଆ ଅନୁବାଦ

ଗୋଟିଏ ରାଜ୍ୟରେ ଗରିବ ବ୍ରାହ୍ମଣଟିଏ ଗାଏ । ଘରେ ସ୍ୱାମୀ, ସ୍ତ୍ରୀ ଓ ଝିଅ ଚାରିଜଣ ଗୋଟିଏ ପରିବାର ଚଳୁଥିଲେ । ଗରିବ ବ୍ରାହ୍ମଣଟି ସବୁଦିନ ଭିକ୍ଷା ମାଗି ଆଣି ନିଜର ପରିବାର ଚଳାଉଥାଏ । ଦିନେ ଆଉ ଜଣେ ବ୍ରାହ୍ମଣ ସେଇ ବ୍ରାହ୍ମଣ ଘରକୁ ଆସିଲା । ତାକୁ କହିଲା ତୁମେ ସହର ଯାଇ କାମକଲେ ଭଲ ରୋଜଗାର କରିବ । ତୁମେ ଯାଅ ସହରରେ କାମ କରିବ । ସେହି ବ୍ରାହ୍ମଣଟିର କଥାମାନି ସେ ସହରକୁ ଯିବାକୁ ମନସ୍ଥ କଲା । ତା' ସ୍ତ୍ରୀକୁ କହିଲା – ମୁଁ କାଲି ସହରକୁ ଯିବି । ମୋ ପାଇଁ ଚାରିଗଣ୍ଡା ମଣ୍ଡାପିଠ ତିଆରି କରିବେ । ତାର ସ୍ତ୍ରୀ

ସଙ୍ଗେ ଧାନ ଶୁଖାଇ ଢ଼ିଙ୍କିରେ କୁଟିଲା । ତାପରେ ଚାଉଳ ଭିଜାଇ ବାଟିକୁଟି ପିଠା ତିଆରି କଲା । ସକାଳ ହେଲା । ବ୍ରାହ୍ମଣଟି ପିଠାଧରି ପାଖ ସହରକୁ ଯିବାକୁ ବାହାରିଲା । ଯାଉ ଯାଉ ବାଟରେ ଗୋଟିଏ ବରଗଛ ମୂଳର ବସିଲା । ଗରିବ ବ୍ରାହ୍ମଣକୁ ଭୋଗ ଲାଗିଲା । ସେ ଭାବିଲା ଏକ ଗଣ୍ଡା ଖାଇବି ନା ସବୁଯାକ ସବୁଯାକ ଖାଇଦେବି । ସେହି ବରଗଛ ଉପରେ ଚାରିଟି ଭୂତ ଥାଆନ୍ତି । ସେମାନେ ବ୍ରାହ୍ମଣର ଗତିବିଧି ସବୁ ଲକ୍ଷ୍ୟ କରୁଥାନ୍ତି । ସେଇ ଭୂତମାନେ କହିଲେ - ହେ ବ୍ରାହ୍ମଣ, ସେ ପିଠାଗୁଡ଼ିକୁ ଆମକୁ ଦେଇଦେ । ଆମେ ସେଗୁଡ଼ିକ ଖାଇବୁ । ତା ବଦଳରେ ଆମେ ତୋତେ ଗୋଟିଏ ଝୁଲାମୁଣି ଦେବୁ । ସେ ମୁଣକୁ ତୁ ଯାହା ମାଗିବୁ ସେ ତାହା ଦେବ । ବ୍ରାହ୍ମଣ ଭୂତଙ୍କ କଥାରେ ରାଜି ହୋଇଗଲା । ସେ ସମସ୍ତ ପିଠା ସେମାନଙ୍କୁ ଦେଇ ଝୁଲାମଣିଟି ଧରି ଘରକୁ ଫେରିଲା । ସେ ଫେରିବା ବାଟରେ ଅନ୍ୟ ଗୋଟିଏ ଗାଁରେ ସନ୍ଧ୍ୟା ହୋଇଗଲା । ସେ ଗାଁର ନାଁ ହେଉଛି ଚବାଡିହା । ସେ ଗାଆଁରେ ଗୋଟିଏ ଧନୀଘର ଥାଏ । ସେ ସେହି ଘରକୁ ଯାଇ ତାଙ୍କ ଘରେ ରାତିଟି କଟାଇ ସକାଳୁ ଘରକୁ ଯିବ ବୋଲି ମନେରେ ଭାବି ସେଠାରେ ରାତିରେ ରହିଲା । ରାତିରେ ଭୋକ ହେବାରୁ ସେ ଝୁଲାମୁଣିକୁ ଭାତ ମାଗିଲା । ଝୁଲାମଣି ଭାତ ଦେଲା । ଏହା ଦେଖି ଧନୀ ଲୋକଟି ଆଶ୍ଚର୍ଯ୍ୟ ହୋଇଗଲା ଓ ତାହା ପାଇବାକୁ ଇଚ୍ଛା କରି ସେ ଏକ ଯୋଜନା କଲା । ବ୍ରାହ୍ମଣଟି ଖାଇସାରି ଶୋଇପଡ଼ିବା ପରେ ଦନୀ ଲୋକ ଓ ତାର ପୁଅ ମିଶି ବ୍ରାହ୍ମଣକୁ ବାନ୍ଧି ରାସ୍ତାରେ ଗଡାଇ ଦେଲେ ଓ ଝୁଲାମଣିଟି ନେଇଗଲେ । ବ୍ରାହ୍ମଣ ପୁଣି ବରଗଛ ମୂଳକୁ ଗଲା ଓ ଭୂତମାନଙ୍କୁ ସବୁ ଦୁଃଖ କହିଲା । ଏହାଶୁଣି ସେମାନେ ଦୁଇଟି ଜିନିଷ ଦେଲେ । ଗୋଟିଏ ଶଙ୍ଖ ଓ ଗୋଟିଏ ବାଡ଼ି । ଶଙ୍ଖକୁ ଟଙ୍କା ମାଗିଲେ ଟଙ୍କା ଦେବ ସ ବାଡ଼ିଟି ଚୋରି କରିବା ଲୋକଙ୍କୁ ପିଟିବ । ସେ ପୁଣି ଯାଇ ସେହି ଧନୀ ଘରେ ପହଞ୍ଚିଲା । ସେମାନେ ଏଥର ଏହି ଦୁଇଟି ଜିନିଷ ନେବ ପାଇଁ ଯୋଜନା କଲେ । ରାତିରେ ଶଙ୍ଖ ଓ ବାଡ଼ି ଚୋରୀ କରିବା ପାଇଁ ଯିବାରୁ ବାଡ଼ି ତାଙ୍କୁ ପିଟିଲା । ସେମାନେ ପୂର୍ବରୁ ନେଇଥିବା ଝୁଲାମୁଣି ସହ ଶଙ୍ଖ ଓ ବାଡ଼ି ବ୍ରାହ୍ମଣକୁ ଫେରାଇ ଦେଲେ । ବ୍ରାହ୍ମଣ ସେଗୁଡ଼ିକୁ ନେଇ ଘରକୁ ଗଲା ଓ ଧନୀ ହୋଇ ଖୁସିରେ ରହିଲା ।

# ଜୁଆଙ୍ଗ ଲୋକଗୀତ

## (୧)

ବାନାଲେକୁ ବକ ବାଡୁଙ୍ଗେ ବକ ଛିଲିଆ ପଦା କାଲୁକଡେର ବାଲାଇନା
ବେନ୍ତୁନାଲେ ବକ ବେଗେଲା ସେଲାନ ଲୁତୁଡାର ବେଣ୍ଟୁଲାକେ
ଆଙ୍ଗାରୁଲେ ମଇଲେ ସେଲାନତେ ବାଟିନିନ୍ ଆନ୍ଦାରଲେ ମଲ୍ଲେ
ଶାମାକଲି ମଲେ ସେଲାନଡା ବକବଡାର କାବାକା

**ଓଡ଼ିଆ ଅନୁବାଦ**

ଯିବାରେ ଭାଇ ଫେରିବାରେ ଭାଇ ଆଳୁ ଖୋଳିବା
କାନଫୁଲ ଭାଇ କାନଫୁଲ ଝିଅମାନଙ୍କର କାନର କାନଫୁଲ
ଅନ୍ଧାରରେ ଦେଖାଯିବ ନାହିଁ ଝିଅଙ୍କୁ ଦେଖିଥାନ୍ତୁ ଅନ୍ଧାର ହୋଇଗଲା
ମୁଣ୍ଡରେ ଜବରା ପଡ଼ିଛି ବଣରେ ଭାଇ ଭଉଣୀ ମାନଙ୍କର ।

## (୨)

ରାମତିଳାର ହିଳ ମଲେ, ରାମତିଳାର ହିଳ ମଲେ
ଲେଙ୍କିବାକେ ଗାମକି ରାଗଡ଼େମେ ତଡାର
ଗୁଣ୍ଡିତୁଳିଆ ଅଲଙ୍ଗ, ଗୁଣ୍ଡତୁଳିଆ ଅଲଙ୍ଗ
ଡେରାର ମେଡେନା ଗଲଂ
ସେଲାନ, ଡାଇ ତେରାରା ମେଡେନାଂଏ ଗଲଂ
ଆକବ୍ତିତିର୍ ଚେରେ ମଲେ, ଅକବତିତିର ଚେରେ ମଲେ
ସେଲାଙ୍ଗ ଡାଇରେ ଡେନଜ ମଜାଙ୍ଗଆ ତିତିର୍ ଚେରେ
ଅଜାଙ୍ଗ ଲେରାପ୍ ସେକେ ମଇଲେ, ଅଜାଙ୍ଗ ଲେରାପ୍ ସେକେ
ସତଜେନା ମିଛଜେନା ସେଲାନ ଡାଇରେ
ଲିରାପ୍ ସେକେକି ମଜାଙ୍ଗଆ
ଲିବିରାପ୍ ସେକେ ଡାଗ ବାପଗ ଉୟାଙ୍ଗ ମେଡେନା ତେରା ମୟାଂ
ଲିବିରାପ୍ ସେକେ

## ଓଡ଼ିଆ ଅନୁବାଦ

ରାଶି ହିଡ ଭାଇ ରାଶି ଡିହ
ରାଗୁଛନ୍ତି ସେପଟେ ଯିବା ନାହିଁ, ତାଙ୍କର ତଣ୍ଟି ଦିଫାଳ ହେଉ
ଗଣ୍ଡି ତଳର ଠେକୁଆ, ଗଣ୍ଡି ତଳର ଠେକୁଆ
କାଲିକି ଆସିବ ଶିଘ୍ର, ଝିଅମାନେ ଆସିବେ କାଲି ଶିଘ୍ର
ପାଉଁଶ ହୋଇଛି ଗଦା, ପାଉଁଶ ହୋଇଛି ଗଦା
ଝିଅମାନେ ମଧ ଛିଡ଼ା ହୋଇଛନ୍ତି ମଣ୍ଡରେ ପାଉଁଶ ଗଦା ପରି
ଆଳୁ ଗଜା ହୋଇଛି, ଆଳୁ ଗଜା ହୋଇଛି
ସତ ନାହିଁ, ମିଛ ନାହିଁ ଝିଅମାନେ ମଣ୍ଡ ଦୁଆରେ ଅନେଇଛି
ପାଣିରେ ମାତିଲ କାଦୁଅ ହେଲା, କାଲି ପୁଣି ଆସିବୁ ।

### (୩)

ନାରେ ନାରେ ନାରେ ଲୋ ନାରେ ନାରେ ନାରେ
ଚମ୍ପା ରାସିଂ ଲୋ ଚମ୍ପା ରାସିଂ
ଅମା ମନ ମଣ୍ଡେ ବିଡ଼ିକେ ମିସିଂ
ଚମ୍ପା ରାସିଂ ଲୋ ଚମ୍ପା ରାସିଂ
ବିଇଡେ ମେଜେକେ ଲୋ ମିସିଂ
ଗାତାଏ ମିସିଂ ଲୋ ଗାତାଏ ମିସିଂ
ମୁହଁଡେ ମଉଳା ମିସିଂ
ଚମ୍ପା ରାସିଂ ଲୋ ଚମ୍ପା ରାସିଂ
ମେଡ଼େନା ଲୋ ସାମୁଇଁନ୍ଧ ମିସିଂ
ଚମ୍ପା ରାସିଂ ଲୋ ଚମ୍ପା ରାସିଂ
ବାଆନା ଗଳବ ମିସିଂ
ଚମ୍ପା ରାସିଂ ଲୋ ଚମ୍ପା ରାସିଂ
ସଙ୍ଗେ ଗାମକମଲୋ ସୁନା ରାସିଂ
ଚମ୍ପା ରାସିଂ ଲୋ ଚମ୍ପା ରାସିଂ
ବୁଲୁନା ଡକନା ଲୋ ନାଜି ମିସିଂ

ବଆନା ଗଲବ ଚମ୍ପା ରାସିଂ
ବଆନା ଗଲବ ଚମ୍ପା ରାସିଂ
ବଆନା ଗଲବ ଚମ୍ପା ରାସିଂ

## ଓଡ଼ିଆ ଅନୁବାଦ

ଚମ୍ପା ଫୁଲ ଲୋ ଚମ୍ପା ଫୁଲ
ତୋ ମନ ପରୀକ୍ଷା କରୁଛି ଆଜି
ଚମ୍ପା ଫୁଲ ଲୋ ଚମ୍ପା ଫୁଲ
କାହିଁକି ଲୁହ ଗଡାଉଛୁ ଆଜି
କଥା ଥିଲା କଥା ହୁଅ
ମୁହିଁ କାହିଁକି ମଉଳା ରଖିଛ
ଚମ୍ପା ଫୁଲ ଲୋ ଚମ୍ପା ଫୁଲ
ବଜାରକୁ ଯିବା ଆଜି
ଚମ୍ପା ଫୁଲ ଲୋ ଚମ୍ପା ଫୁଲ
କିଣି ଦେବି ଲୋ ସୁନା ଫୁଲ
ଚମ୍ପା ଫୁଲ ଲୋ ଚମ୍ପା ଫୁଲ
ଉଠି ପଡ଼ ଯିବା ଆଜି
ବଜାରକୁ ଯିବା ଚମ୍ପା ଫୁଲ
ବଜାରକୁ ଯିବା ଚମ୍ପା ଫୁଲ
ବଜାରକୁ ଯିବା ଚମ୍ପା ଫୁଲ

### (୪)

ନାରେ ନାରେ ନାରେ ଲୋ ........
ସେଲାନ ଡାଇ ଜଲା ବାଇନା
ବଡ ଜାଲ ବ ବୁଲି ବାନା
ଶାଗ ମାଗୁଣି ବାକାମ
ଡ଼ିଅ ବାଗି ବାଗାତାନମା
ଦୁଃଖରେ ସୁଖରେ ବାଇନା
ଘର ଦୁଆର ବାକିମା

କୁଦୁ ଜାଟିଆ ବାବିନା
ଆଁଞ୍ଜା ଗାଥାରେ ମେସମା
ଦିନମିଂ କାମ ବାକିମା
କାମତେ ମନ ବାକିମା
ସଂସାର ସାର ବାକିମା
ସେଲାନ ଡାଏ ଜଲ ବାଇନା
ବଣ ଜାଲ ବୁଲି ବାନା
ସେଲାନ ଡାଏ ଜଲା ବାଇନା
ଡାସ ବାସ ଡିଅ ବାକିମା

## ଓଡ଼ିଆ ଅନୁବାଦ :

ଝିଅଲୋ ସାଥି ହେବା
ବଣ ଜଙ୍ଗଲ ବୁଲିବା
ଶାଗ ତୋଳିବା
ଭଲ ମନ୍ଦ କଥା ହେବା
ସୁଖ ଦୁଃଖରେ ଏକାଠି ହେବା
ଘର ତିଆରି କରିବା
ମାଣ୍ଡିଆ, ଜାଟିଆ ବୁଣିବା
ମୋ କଥାରେ ଚଳିବୁ
ଦିନବେଳା କାମ କରିବା
କାମରେ ମନ ଦେବା
ସଂସାର କରିବା
ସାଥିରେ ସାଙ୍ଗ ହେବା ଆ
ବଣ ଜଙ୍ଗଲ ବୁଲି ଯିବା ଆ
ଝିଅ ଲୋ ସାଙ୍ଗ ହେବା ଆ
ଚାଷ ବାସ ଭଲ କରିବା

(୫)

ମେଜେଜର ନାଜି ବଲ କଣ୍ଡାଏ
　　　　ପର ଇଞ୍ଜା ରାତେ ମେରଏନା ଡ଼ାଏ
ଡ଼ିଅ କୁଣଲରେ ମାସିନାଡାଏ
　　　　ସାଉମ୍‌ତେ ଶରଧା ମିକି ମାଡାଏ
ଜାଲ ଖଣ୍ଡବ ଲୋ ଅନାର ଡାଏ
　　　　ଆଏଁତେ ମନ ମଲଗଜ ଦୁକ ମିକି ବାନଣ୍ଡ
ଗଲଂ ସେକାଲତେ ମିଡ୍ଡୁଁଏଁ ଡାଏ
　　　　ମାମିଂଡେ ଲେମେଜମ୍ ଡାଏ ବଲ କଣ୍ଡାଏ
ମାମିଂମା ଗୀତାରେ ମେମାନେ ସେରେ
　　　　ବୁଲୁବଚନର ମେମାନେ ସେରେ
ଶାଗ ମାମୁଣିରେ ମିଡ଼ିଞ୍ଜୋ
　　　　ସାଉମା ଗାତାର ମେମାନେ
ଆଜଲା ବାରଣା ମା ଆଁଏଁ
　　　　ମେଜେଗ ନାଜି ବଲ କଣ୍ଡାଏ
　　　　ପର ଇଞ୍ଜାରାତେ ବଲ କଣ୍ଡାଏ

**ଓଡ଼ିଆ ଅନୁବାଦ**

କାନ୍ଦିବୁ ନାହିଁ ଲୋ ସାଥି
　　　　ପର ଘରେ ରହିବୁ
ଭଲରେ ରହିବୁ
　　　　ସ୍ୱାମୀଙ୍କୁ ଶ୍ରଦ୍ଧା କରିବୁ
ପାହାଡ଼ିଆ ଅଞ୍ଚଳକୁ ଯିବୁଯା
　　　　ମତେ ମେନେକରି ଦୁଃଖ କରିବୁ ନାହିଁ
ସକାଳରୁ ଶିଘ୍ର ପଳେଇବୁ
　　　　ଶାଶୁ ତୁମକୁ ରାଗିବ
ଶାଶୁର କଥା ମାନିବୁ
　　　　ସମସ୍ତଙ୍କ ଭଲ କଥା ମାନି ଚଳିବୁ

ଶାଗ ଇତ୍ୟାଦି ଦେବୁ
ସ୍ୱାମୀର କଥା ମାନିବୁ
ଅକାରଣେ ଗାଳି ଶୁଣିବୁ
କାନ୍ଦିବୁ ନାହିଁ ଲୋ ସାଙ୍ଗ
ପରଘରେ ରହିବୁ ।

(୬)

ବୈରତରଣୀ ନଦୀ ବଏକେ ଜାଣି
ଗୋନାସିକାତେ ଇରେ ବାରୁଣୀ
ମେଡ଼େନା ଲୋ ନାଜି ମନ ଜାଣି
ଗେନାସିକାତେ ଇରେ ବାରୁଣୀ
ଆମା ଗାତାମ୍‌ଡ଼େ ବଡ଼େ ଚାହାଣୀ
କଙ୍ଗେରକି ଇରେ କି ବାୟାଣୀ
ମେଜଏ ଲୋ ନାଜି ବାରୁଣୀ
ମିସୁନ ଲୋ ନାଜା କୁଣ୍ଟି ଚାହାଣୀ
ଆୟଁତେ ମିଳିବର ବାୟାଣୀ
ମିଆଣ୍ଡ ନାଜୀ ଚାତୁଣୀ
ମେଜରେ ଲୋ କେତେ ଡ଼ିଅ ଜାଣି
କଙ୍ଗେର୍‌କି ଲୁବଆନ୍ ମନ ଜାଣି
କଙ୍ଗେରକି ଲୁବଆନ କି ମନଜାଣି

## ଓଡ଼ିଆ ଅନୁବାଦ

ବୈତରଣୀ ନଦୀ ତଳକୁ ବହି ଚାଲିଛି
ଗୋନାସିକାରେ ହୁଏ ବାରୁଣୀ
ମନ ଜାଣି ସେଦିନ ଆସିବୁ
ଗୋନାସିକାରେ ହୁଏ ବାରୁଣୀ
ତୁମ କଥାଟିର ବଡ଼ ଚାହାଣୀ
ପିଲାମାନେ ହେଲେ ବାଇଆ

ଶାଗ ଇତ୍ୟାଦି ଦେବୁ
ସ୍ୱାମୀର କଥା ମାନିବୁ
ଅକାରଣେ ଗାଳି ଶୁଣିବୁ
କାନ୍ଦିବୁ ନାହିଁ ଲୋ ସାଙ୍ଗ
ପରଘରେ ରହିବୁ ।

(୬)

ବୈରତରଣୀ ନଦୀ ବଏକେ ଜାଣି
ଗୋନାସିକାତେ ଇରେ ବାରୁଣୀ
ମେଡ଼େନା ଲୋ ନାଜି ମନ ଜାଣି
ଗେନାସିକାତେ ଇରେ ବାରୁଣୀ
ଆମା ଗାତାମ୍‌ଡ଼େ ବଡ଼େ ଚାହାଣୀ
କଙ୍ଗେରକି ଇରେ କି ବାୟାଣୀ
ମେଜଏ ଲୋ ନାଜି ବାରୁଣୀ
ମିସୁନ ଲୋ ନାଜା କୁଣ୍ଡି ଚାହାଣୀ
ଆୟଁତେ ମିଳିବର ବାୟାଣୀ
ମିଆଣ୍ଡ ନାଜୀ ଚାଡୁଣୀ
ମେଜରେ ଲୋ କେତେ ଡ଼ିଅ ଜାଣି
କଙ୍ଗେର୍‌କି ଲୁବଆନ୍ ମନ ଜାଣି
କଙ୍ଗେରକି ଲୁବଆନ କି ମନଜାଣି

## ଓଡ଼ିଆ ଅନୁବାଦ

ବୈତରଣୀ ନଦୀ ତଳକୁ ବହି ଚାଲିଛି
ଗୋନାସିକାରେ ହୁଏ ବାରୁଣୀ
ମନ ଜାଣି ସେଦିନ ଆସିବୁ
ଗୋନାସିକାରେ ହୁଏ ବାରୁଣୀ
ତୁମ କଥାଟିର ବଡ଼ ଚାହାଣୀ
ପିଲାମାନେ ହେଲେ ବାଇଆ

ଯାହା ଦେଖିବୁଲେ ବାରୁଣୀ
ସୁନ୍ଦର ମାଳି ପିନ୍ଧିବୁ
ମତେ ବାୟା କରିବୁ ନାହିଁ
ମତେ ଛାଡ଼ି ଯିବୁ ନାହିଁ
କେତେ ସୁନ୍ଦର ଦେଖାଯାଉଛୁ
ପିଲାମାନେ ଦେଖି ଲୋଭ କରିବେ
ପିଲାମାନେ ଦେଖି ଲୋଭ କରିବେ

(୭)

ମେଡ଼େନା ଲୋ ଚମ୍ପା ଗୋରୀ
ମନମତେ ଲୋ ମନ କରି
ତୁଲି କଣ୍ଡ ବାଆନ ଲୋ ତୁଲି କଣ୍ଡ ବାଆନା
ରାଇଜ ବାଞ୍ଜୟ ସତେ ସିନା
କିତି ଗାଡ଼ି ମଟର ମେଜଏ ଲୋ ନୂଆ ସହର
ବଜାଏ ଲୋ ନୂଆ ସହର
ମନମଣ୍ଡେ ଶାନ୍ତିମିକିବେଜ
ମଜିମେ ଲେ ଝିଲି କାକାରା
ବନ ବନ ରାସିଂ ମିସୁଂନାଲୋ ଚମ୍ପା ରାସିଂ
ବାଜଏ ଲୋ ସୁଗାଇ ରାସିଂ
ମିସୁନାଲୋ କିତି ରାସିଂ

## ଓଡ଼ିଆ ଅନୁବାଦ

ଆସିବୁ ଲୋ ଚମ୍ପା ଗୋରୀ
ଧୀର ମନରେ ଆସିବୁ
ତଳି ଅଞ୍ଚଳକୁ ଯିବା ଲୋ ତଳି ଅଞ୍ଚଳକୁ ଯିବା
ରାଜ୍ୟ ବୁଲି ଦେଖିବା ସିନା
କେତେ ଗାଡ଼ି ମଟର ଦେଖିବୁ
ଦେଖିବୁ ନୂଆ ସହର

ଧିର ମନ କରି ଜଖିଆ

ଖାଇବୁ ଜିଲାପି କାକରା

ଭନ୍ନ ଭନ୍ନ ଫୁଲ ପିନ୍ଧିବାକୁ ଲୋ ଚମ୍ପା ଗୋରୀ

ଦେଖିବା ଅନେକ ଫୁଲ

ପିନ୍ଧିବୁ ଲୋ କେତେ ଫୁଲ

(୮)

ଯଏ ସେରମ ଲୋ ମାଣ୍ଡା ତେକ ଆମତେ

କିତି ବଲତେ ଇଲି ମମ୍

ପାଦମ୍‌ତେ ଲୋ ଲଂ ସେରେ

ମୁଖମ୍ ତେ ଲୋ ଲଂ ସେରେ

ମେଢ଼େନା ଲୋ ଗଲଂ ଗଲଂ

ନାଜି ମେଢ଼େନା ଲୋ ମିସିଂ ଗଲଂ ଗଲଂ

ଗାତାଏ ଣ୍ଡେଲେ ମିଳିବର ଗଲଂ

ମଆଣ୍ଡାତେ ନାଜି ଜୟେନମ୍

ପାସୁରା ସୁଇଣ୍ଡୋ କିମମ୍

ଆମ୍‌ତେ କୁ ତେରା ଗାମସ ଲୋ

ମନରୟେ ଆନା ଆମ୍‌ତେ ଲୋ

**ଓଡ଼ିଆ ଅନୁବାଦ**

ଦେଖିଥିଲି ଲୋ କେଉଁଠି ତୋତେ

କେତେବେଳେ ଯିବି ଭୁଲି

ପାଦଟିକୁ ଥିଲି ଚାହିଁ

ମୁହଁଟିକୁ ଥିଲି ଚାହିଁ

ଆସିବୁ ଲୋ ଶିଘ୍ର ଶିଘ୍ର

ଆଜି ଆସିବୁ ଶିଘ୍ର

ମୋ କଥାଟି ଶିଘ୍ର ଭୁଲି ଯିବୁ ନାହିଁ

ଆଉ କେଉଁଠି ଦେଖିବି ତୋତେ

କେମିତି ପାଶୋରିବି ତୋତେ

କାଲି ତୋତେ ନେଇଯିବି

ମନ ରହିଛି ତୋ ଠାରେ

(୯)

ମାଘରେ ଡେନଜ ଲୋ ଫଗୁଣରେ ଡେନଜ

ସେଲାନ୍ କଙ୍ଗେର୍ ବଡ଼େ ମଉଜ

ଇନିତା କାନିଆଁ ଲୋ ଆଉତା କାନିଆଁ

ସେଲାନ୍‌କି ଇରେ ବଡ଼ ଛାନିଆଁ

ଗୀତ ଚାଙ୍ଗୁ ନାଟ ବଡ଼େ କିକ୍ କିକି

ସୁଲଭ ପୁଲଭ ବଡ଼େ କିପ୍‌ଡ଼େ କି

ବୁଢ଼ାରେ କି ଲଂ ଜଏକି କି

କାଣ୍ଡାଏରେ କି ଲାରାଏ କେ କି

ସେଲାନ୍ କଙ୍ଗେର ନାଟ କିଜ୍ କିକି

ବୁଢ଼ା କାଣ୍ଡାଏ କିତେ ହରସ କିପ୍ କେକି

ମାଜାଙ୍ଗ୍ ଦୁଆରତେ ନାଟ କିପ୍‌ଡେକି

ଲୁକକି ବଡ଼େ ଗାଦାଇରେକି

ବୁଢ଼ା କାଣ୍ଡାଏକି ଖୁସି ଇରେକି

ସେଲାନ୍‌କି ଇରେ କି ବଡ଼ ଛାନିଆଁ

## ଓଡ଼ିଆ ଅନୁବାଦ

ମାଘ ଆସିଗଲା ଫଗୁଣ ଆସିଗଲା

ପିଲାମାନଙ୍କର ଖୁସି ଆସିଗଲା

ଏପଟେ ସେପଟେ କନିଆଁ

ଝିଅମାନେ ହେଉଛନ୍ତି ବଡ଼ ଛାନିଆଁ

ଭଲ ନାଟ ନାଚୁଛନ୍ତି

କେତେ ଉତ୍ସାହରେ ନାଚ କରୁଛନ୍ତି

ବୁଢ଼ାମାନେ ତାହା ଦେଖୁଛନ୍ତି

ବୁଢ଼ୀମାନେ ଖୁସିରେ ହସୁଛନ୍ତି

ପୁଅ ଝିଅମାନେ ନାଚ କରୁଛନ୍ତି
ବୁଢ଼ା ବୁଢ଼ୀମାନଙ୍କୁ ଖୁସି କରୁଛନ୍ତି
ମଣ୍ଡ ଦୁଆରରେ ନାଚ ଚାଲିଛି
କେତେ ଲୋକ ରୁଣ୍ଡ ହୋଇଛନ୍ତି
ଖୁସି ହେଉଛନ୍ତି ବୁଢ଼ାବୁଢ଼ୀ
ଝିଆମନେ ବଡ଼ ଛାନିଆଁ ହେଉଛନ୍ତି ।

(୧୦)

ମାଘ ପଡ଼ା ଅବ ମିସିଂ
ମେତଂଆଁ ଲୋ ଚମ୍ପା ରାସିଂ
ତଂ ସେନା ଲୋ ବଣ ରାସିଂ
କଙ୍ଗେ କିତେ ମିକୁଜିଂ
କାଲିଆ ବେଜରାଂ ମିଡ଼ିଂ
ତଣ ଆରିଗା ଲୋ ମଡିଂଙ୍ଗ୍
ଡିଅ ମନ୍ଦରେ ଲୋ ମିକୁ ଜିଙ୍ଗେ୍
ମାଘ ପାଡ଼ା ଅବ ମିସିଂ
ହରସ ନିକିମା ନାଜୀ ମିସିଂ
କାହିଁବ ମନର ନାଜା ମିସିଂ
ମେଡ଼େନା ଲୋ ନିବ ଚମ୍ପା ରାସିଂ
ମେତଙ୍ଗା ଲୋ ଚମ୍ପା ରାସିଂ

**ଓଡ଼ିଆ ଅନୁବାଦ**

ଆଜି ମାଘ ପୋଡ଼ି ପର୍ବ
ଚମ୍ପା ଫୁଲ ପିନ୍ଧିବୁ ଲୋ
ବଣର ଫୁଲ ପିନ୍ଧିଥା
ପର ଗାଁର ପିଲା ସହିତ ମିଶିବୁ
ତାଙ୍କ ବିଡ଼ି ଦୋକ୍ତା ଦେବୁ
ଭାତ ତରକାରୀ ଦେବୁ

ଭଲ ମନ୍ଦ ବୁଝିବୁ
ମାଘ ପୋଡ଼ି ପର୍ବ ଆଜି
ହରଷ କରିବା ଲୋ ସାଥି ଆଜି
ଆଜି କୁଆଡ଼େ ଯିବୁ ନାହିଁ
ମୋ ପାଖକୁ ଆସିବୁ ଆଜି
ପିନ୍ଧି ଥିବୁ ଲୋ ଚମ୍ପା ଫୁଲ ।

(୧୧)

ବୈଶାଖ ମାସ ଲୋ ବଡ଼େ କାରା
ଛାଇ ମୂଳତେ ମୁଣୁଷ କା ଆସରା
ଜ୍ୟେଷ୍ଠ ମାସ ଲୋ ଅଲେ ଆସରା
ମନାଲୋ ବୁଡ଼ି କାରାକାରା
ଆଷାଢ଼ ମାସତେ ଲୋ ଗିମା ବରା
କାମ କିପ୍‌ସେନା ଲୋ ଅଡ଼ାଗ୍ ଅଡ଼ାଗ୍ ପରା
ଶ୍ରାବଣ ମାସ ଲୋ ଝଡ଼ି ବରଷା
ମୂଲ ମଜୁରୀ ଲୋ ଲାକୁ ଆସରା
ବୁଧ ମାସରେ ଯୁଆଣି ବରା
କବ୍‌କେକି ଜିମ୍‌କେକି ସୁଖରେ ପରା
ଅଶିଣ ମାସରେ ଦେବୀ ଦଶରା
ବାଆନା ଲୋ ନାଜି ଗଡ଼ ଯାତରା
କାର୍ତ୍ତିକ ମାସ ଲୋ ଗଡାଗ୍ ଆସରା
ନୂଆ ତଣ ନାଜା ଉର୍‌କି କି ପରା
ମାର୍ଗଶୀର ମାସ ଲୋ କୁଦୁଜାଟିଆ
ବାଗାନା ଲୋ କାରା କାଁରା
ପୁଷ ମାସ ଲୋ ବଡ଼ ରାଙ୍ଗା କେ
ଲାଲାଇଡ଼େ ଲୋବଡ଼େଇଣି ତାତାକେ
ମାଘ ମାସତେ ଲୋ ବର କାନିଆଁ
କଙ୍ଗେରକି ଇରେକି ଛନଛନିଆଁ

ଫଗୁଣ ମାସତେ ଲୋ ଦୋଳ ଯାତରା
ବାଆନା ଲୋ ନାଜି ହୁଣ୍ଡା ଯାତରା
ଚଇତ ମାସତେ ଲୋ ଚଇତ ଗଳା
ତେର ଦିନ ପରେ ଝାମୁ ଯାତରା ।

## ଓଡ଼ିଆ ଅନୁବାଦ

ବୈଶାଖ ମାସରେ ବଡ଼ ଖରା
ଛାଇ ମୂଳରେ ଲୋକଙ୍କ ଆସରା
ଜ୍ୟେଷ୍ଠ ମାସରେ ଆମ୍ବ ଆସରା
ଆମ୍ବ ପାଇଁ ଯିବୁ ଖରା ଖରା
ଆଷାଢ଼ ମାସରେ ପ୍ରବଳ ବର୍ଷା
ବର୍ଷାରେ ଭିଜି କାମ କରିଆ
ଶ୍ରାବଣ ମାସରେ ଝଡ଼ି ବରଷା
ମୂଳ ମଜୁରୀ ଲୋକଙ୍କ ଆଶ୍ରା
ଭାଦ୍ରବ ମାସରେ ମକା ପ୍ରବଳ
ସୁଖରେ ଖାଆନ୍ତି ସକଳ
ଆଶ୍ୱିନ ମାସରେ ଦେବୀ ଦଶରା
ଦେଖିଯିବୁ ଚାଲ୍ ଗଡ଼ ଯାତରା
କାର୍ତ୍ତିକ ମାସରେ ଗଡ଼ାଧାନ ଆଶ୍ରା
ନୂଆଖାଇ ପର୍ବ ପାଳିବୁ ପରା
ମାର୍ଗଶୀର ମାସରେ ମାଣ୍ଡିଆ ଜାଟିଆ
ତାକୁ କାଟିବା ଖରା ଖରା
ପୌଷ ମାସରେ ପ୍ରବଳ ଶୀତ
ନିଆଁ ଜାଳି ଦେହକୁ ଉଷୁମ ରଖ
ମାଘ ମାସରେ ବର କନିଆଁ
ପୁଅମାନେ ହେଉଛନ୍ତି ଛାନିଆଁ
ଫଗୁଣ ମାସରେ ଦୋଳ ଯାତରା
ଆମେ ଯିବା ପରା ହୁଣ୍ଡା ଯାତରା
ଚୈତ୍ର ମାସରେ ଚୈତ୍ର ପର୍ବ
ତେର ଦିନ ପରେ ଝାମୁ ଯାତରା

# (୧୨) ଇନିଂଡ଼େ

ଆମା ଗୀତିମଡ଼େ ଲୋ କିତି ମଦୁର ନାଚମଡେଲୋ ବଡ଼ ସାପାର.
ଧୂଳିରେ ଲୋଇନିଂଡେ ମେସେର
କୁକୁର ଜାଳେକେ ଜଳାର ଲଂ ସେକେ ସେଙ୍କଇରେ ସୁନଲୋ କମେସାର
ଡାଏ ଲୋ ଜଗେ ଡାଏ ଦୁଆର ଜଗେ ଡାଏ
ଇନିଂତେ ଲୋ ମେଲେଲେଞ୍ଜା ବୁଇର ଏବେଲା ଡେଙ୍ଗୋର କାକାର
ଧୂଳିରେ ଇନିଂତେ ମେକସାର
ଅବାମତେ ଲୋ କିମା ଜୁଆର ବୁଇନମ୍‌ତେ କିମା ଜୁଆର
ଧୂଳିରେ ବିତେ ଲୋ ମେକସାର
ଏବେଲା ଡେଂଙ୍ଗୋର କୁଲିର ମିସିଂ ଡେଙ୍ଗୋର ବକର
ଧୂଳିରେ ଲୋ ବିତେ ମେକସାର
ସେକାଲା ଲଂ ସେର ଦାଦୀର ଆରକିତେ କିବ୍‌ଡେ ଜୁଆର
ଅରଦାନ ନାଗମ କିତେ ଜୁଆର ବାରବାଇକି କିତେ ଜୁଆର
ବାଲିରେ ଲୋ ବିତେ ମେସାର
ସାତ ମାଆ ବୁଣି କିତେ ଜୁଆର
ଇନିଂତେ ଇକିମା ଆଦର

## ଓଡ଼ିଆ ଅନୁବାଦ

ଗୀତ କେଡ଼େ ମଧୁର ତୁମ ନାଚ କେଡ଼େ ସୁନ୍ଦର
ଧୂଳିରେ ମିଶି ଯାଉଛୁ
ଛାତି ଝାଡ଼ି ଦେଉଛି, ସାଙ୍ଗମାନେ ଅନେଇଛନ୍ତି କୁକୁଡ଼ା ରାବିଲା ପରେ ରାତି ପାହିଲା
ଯାଆ ଝିଅ ଦୁଆର ସଫା କରିବୁ
ଏବେ ବେଳେ ହେଲାଣି ମାଆ ଆସିବେ ଭାଇ ପୂର୍ବରୁ ଆସି ଦେଖିଛନ୍ତି
ଧୂଳି କାହିଁକି ଦେଲୁ
ବାପାଭ୍‌କୁ କରିବି ଜୁହାର ମାଆଙ୍କୁ କରିବି ଜୁହାର
ଧୂଳି ବୋଳିଲି ବୋଲି
ରାତିରେ ଭାଉଜ ଆସିଥିଲେ ପୂର୍ବରୁ କରିବି ଆସିଥିଲେ
ଧୂଳି କାହିଁକି ବୋଳିଲୁ
ସକାଳେ କକା ଦେଖିଲେ ତାଙ୍କୁ ମୋର ଜୁଆର
ପ୍ରଧାନ ଦେହୁରୀ ସମସ୍ତଙ୍କୁ ମୋର ଜୁହାର
ଧୂଳି କାହିଁକି ଦେଲୁ
ସାତ ମାଆ ଭଉଣୀଙ୍କୁ ଜୁହାର
ଆସ ସମସ୍ତଙ୍କୁ କରିବ ଆଦର

(୧୩)

ନାଜି ଲୋ ମନସଣ୍ଡେ ରଏୟାନା ଲାକି

କଲେର ମେଡ଼େନଜ ଡାଗଡ଼େ ମେରଗ

ଆମ୍‌ତେ ଗାମ୍‌କମ୍‌କି କଜଲ ମୁକି

ସଖି ଲୋ ମନସଣ୍ଡେ ରଏୟାନା ଲାକି

ପୀରତି ଗାମାଚାରେ ରଏୟନା ବାକି

ଗଙ୍ଗତି ଗାତାଏଦାରେ ରୟଏନା ବାକି
ନାଜି ଲୋ ମନଏଁଣ୍ଡ ରଏୟାନା ଲାକି

କଙ୍କମା ମିଶୁଶେରେ ଲୋ ବାଚାର କୁଣ୍ଡି
ପୁଲିରେ ମିଶୁସେରେ ଲୋ କଙ୍ଗେର ଦେଖି

ମଜାଏଁ ଆନ୍‌ଣ୍ଡେ ରଏୟାନା ଲାଖି ।

ରଙ୍ଗ ଦେଖା ମିରେ କଙ୍ଗେର ଦେଖି

ଆମ୍‌ତେ ଗାମ୍ କମ୍‌କି କଜଲ ମୁଖି
ନାଜି ଲେ ମନମ୍‌ଣ୍ଡେ ରଏୟାନା ଲାଖି ।

## ଓଡ଼ିଆ ଅନୁବାଦ

ସାଥି ଲୋ ମନ ରହିଗଲା ଲାଖି

ଚୁପ୍ କିନା ଆସି ପାଣି ଢ଼ାଳୁଛୁ

ତତେ କହନ୍ତି ଲୋ କଜଳ ମୁଖି

ମନ ରହିଲା ଲାଖି ।

ପ୍ରୀତି ଗାମୁଛାରେ ରହିଲା ବାକି

ସାଙ୍ଗ ସାଥି କଥା ରହିଲା ବାକି

ସାଥିରେ ମନ ରହିଲା ଲାଖି ।

ତୁମ ବେକରେ ପିନ୍ଧିଥିବା ମାଳି ଓ ଫୁଲି

ପିନ୍ଧିବୁ ଏହା ପିଲାଙ୍କୁ ଦେଖି

ମନ ରହିଲା ଲାଖି

ରଙ୍ଗ ଦେଖାଉଛୁ ପିଲାଙ୍କୁ ଦେଖି

ତତେ କହନ୍ତି ଲୋ କଜଳ ମୁଖି

ମନ ରହିଲା ଲାଖି ।

## (୧୪)

ମିସିଂ ଲୋ ନାଜା ମେକଜରେ
ମେଡାଜିଂ କେ ଲୋ ଧିରେ ଧିରେ
ମନେ ମନେ ଲୋ ନାଜି ମେଗାତାଏରେ
ଇନିବ ମେଲଂକେଜୁ ମେକଟାରେ
ରସିକାଣୀ ନାଗରୀ ମିସେରେ
ମିସିଂ ଲୋ ନାଜା ମେକଜରେ
ମେଡ଼ାଜିଂ କେ ଧିରେ ଧିରେ ।
ଆମ ଲାଗି ଆଞ୍ଜ୍ ଡେଞ୍ଜେରେ
ଆମ୍‌ତେ ଲୋ ଆଞ୍ଜ୍ ଲୋବରେ
ମେଡ଼ଜିଂ କେ ଲୋ ଧିରେ ଧିରେ
ଆମ୍‌ତେ ଲୋ ଆଞ୍ଜ୍ ଲୋବରେ ।

**ଓଡ଼ିଆ ଅନୁବାଦ**

ସାଥି ଲୋ ଆଜି ଦେଖା ହେଲୁ
ଚାଲୁ ଅଛୁ ଧିରେ ଧିରେ
ମନେ ମନେ କଥା ହେଉଛି ମୁଁ
ଏପଟେ ଚାହିଁଲେ ଠାରି ଦେବୁ
ରସିକ ନାଗରୀ ହୋଇଛୁ
ସାଥି ଆଜି ଦେଖା ଦେଲୁ
ଚାଲୁ ଅଛୁ ଧିରେ ଧିରେ
ତୁମ ଲାଗି ମୁଁ ଆସିଅଛି
ତୁମ ଲାଗି ମୁଁ ଲୋଭରେ ପଡ଼ିଛି
ଚାଲୁଛୁ ଧିରେ ଧିରେ
ତୋତେ ମୁଁ ଲୋଭି କଲି ।

## (୧୫)

କେଲାଂଡା ବୁଆରେ କାକାଏ
ବାଉକାଡ଼ ଅନ ଦଲକାଏ
ଚାକୁଣ୍ଡା ଶାଗରେ କାମକେତେ
କୁଲିଂଣ୍ଡା ଟମରଡ଼ କାସୁକେତେ

ଡାଲୁଂ ଗଟାଙ୍ଗୟାଂ ସାରୁ ଲାତା
ସେନ୍‌ଲାକି ଜଙ୍ଗେର୍ କି ଲାରା ଗାତା
ପାକୁଟ କମାଣ ଡେଇ୍‌ଡେ କି
କଙ୍ଗେରକି ସେଲାନ୍‌କି ଗଣ୍ଡିଣ୍ଡାକି
ଗଟାଙ୍ଗ ଗଜତେକେ ଏଁଟେଇ୍ କତେର
ସେଲାନ୍‌କି ଗାମ୍‌କେ କି ନେକେଞ୍ଚକେଞ୍ଚାଁ
କଙ୍ଗେରକି ଗାମ୍‌କେକି ଢେନା ଢେନା
କଙ୍ଗେରକି ସବ୍‌କିକି ବକ୍‌ବଡ଼ତା
ସଲୋନ୍‌କି ସବକି ଆର୍ଟାଡତା

## ଓଡ଼ିଆ ଅନୁବାଦ

ଭାଡ଼ିର ଧାନ ଏକାଠି କର
ଦେଢ଼ସୁର ଧାନକୁ ପିଟିଲା
ଚାକୁଣ୍ଡା ଶାଗଟି ଦୋଲୁଛି
ଭାଉଜର ପାଟି କାଟୁଛି
ଗାଧୁଆ ବାଟରେ ସାରଲତା
ଯୁବକ ଯୁବତୀଙ୍କର ଲାଗିଛି ହସକଥା
ତଳ କମାଣ ସବୁ କାଟୁଛନ୍ତି
ଯୁବକ ଯୁବତୀ ମରିଗଲେ
ବାଟରେ ମରିଛି ଛୋଟ ଚଢ଼େଇ
ଯୁବତୀ କହୁଛି କାଟିଦେବ ତାକୁ (ଚଢ଼େଇକୁ)
ପିଲାମାନେ କହୁଛନ୍ତି ନାହିଁ ନାହିଁ
ପିଲାମାନେ ଧରିଲେ ମୁଣ୍ଡ ପଟ
ଯୁବତୀ ଧରିଲେ ଲାଞ୍ଜପଟ

(୧୬)

ଦେକା ମିଆନ ମିସିଂ ଦେକା ମିଅନ
ମେଡ଼ାଙ୍ଗିଂ କେ ନାଙ୍ଗି ଗିଆନ୍ ଗିଆନ୍
ଆମ୍‌ତେ ଲୋ ବଢ଼େ ଝୁରିକେ
ଅମର ଆମାକୁଢ଼େ ଆନ୍ଧାର କରତେ

ମୁନୁଜାରେ ନିଙ୍ଗାଁ ସାଙ୍ଗେ ମେଗାତାରେ
ମେକଜରେ ମିସିଂ ମେକଜରେ
ଆମ ବିତେ ନାଜା ମାଜିଜିଁକେ
ଆଏଁଣ୍ଡେ ଆମତେ ଲୋ ମନ କିବ୍‌କେ
ମେକଜରେ ମିସିଂ ମେକଜରେ
ଗାତା ମେଗାତାଏ ଡ଼େନା ସେକାଲତେ
ମେଡେଣ୍ଡେ ଲୋ ବୁଲୁତେ
ଡମ ସେନଂ ଲୋ ଗଟାଂଙ୍ଗତେ
ମେଲାରାଏ ଲୋ ଆଏଁତେ
ମେକଜରେ ମିସିଂ ମେକଜରେ
ଆଏଁତେ ମେଜୟଜ ମେପେରେକେ
ଉଛୁଳିବ ଲୋ ବିତେ ମେଲଂକେ
ମେକଜରେ ଲୋ ମିସିଂ ମେକଜରେ
ଆୟଂତେ ମେଯୟଜ ବିତେ ମାଲାରାକେ
ଆମ୍ ଲାଗି ଆଏଁ ଝୁରିକେ
ଦେଖା ମିଆନ୍ ମିସିଂ ଦେଖା ମିଆନ୍
ମେଡାଜିଂକେ ଲୋ ଗିୟାନ୍ ଗିୟାନ୍

## ଓଡ଼ିଆ ଅନୁବାଦ

ଦେଖାହେଲା ଆଜି ଦେଖାହେଲା
ଚାଲୁଛୁ ସାଥି ଲାଜେଇ ଲାଜେଇ
ତୋତେ ଲୋ କେତେ ମୁଁ ଝୁରୁଛି
ଆଖିକୁ ମୋର ନିଦ ଆସୁନାହିଁ
ସ୍ୱପ୍ନରେ ମୋ ସଙ୍ଗେ କଥା ହେଉଛୁ
ଦେଖା ହେଲା ଆଜି ଦେକା ହେଲେ
ତୁମେ କାହିଁକି ସାଥି ପଚାରୁ ନାହିଁ
ମୁଁ ତୁମକୁ ମନେ କରୁଛି
ଦେଖା ହେଲା ଆଜି ଦେଖା ହେଲା

କଥା ଦେବୁ ଭେଟ ପାଇଁ ସକାଳରେ
ଆସିବୁ ତୁ ସନ୍ଧ୍ୟାବେଳେ
ଅପେକ୍ଷା କରିଥିବି ତୋତେ ବାଟରେ
ହସିଦେବୁ ଦେଖିବ ମୋତେ
ଦେଖା ହେଲା ଆଜି ଦେଖା ହେଲା
ମୋତେ ଦେଖି ଫେରି ଯାଉଛୁ କାହିଁ
ପଛ ପଟେ ସାଥି ଦେଉଛୁ ଚାହିଁ
ଦେଖା ହେଲା ଆଜି ଦେଖା ହେଲା
ମୋତେ ଦେଖି କାହିଁ ହସୁ ନାହୁଁ
ତୁମ ଲାଗି ମୁଁ ଝୁରୁଛି
ଦେଖା ହେଲା ଆଜି ଦେଖା ହେଲା
ଚାଲୁଅଛୁ ସାଥି ଲାଜେଇ ଲାଜେଇ

(୧୭)

ନାଁରେ ନାଁରେ ନାଁରେ ଲୋ ନାଁରେ ନାଁରେ ନାଁରେ
ମନେ ମନେ ଲୋ ନଜା ମିସିଂ ଝୁରିକେ
ହାଟ ବାଟ ଲୋ ନାଜା ମେଠାରେ କେ
ଗଟାଙ୍ଗ ସିଟାଙ୍ଗ ଲୋ ନାଜା ମିଜି ଜିଁ କେ
ଏରେ ଟଗଙ୍ଗତେ ଲୋ ମକର ଯାତରା ତେ
ଆଲ ଗାବ ମନ ଆଟରେକେ
ଯାତରାବ ମନ ଏଣ୍ଡେ ଟରେକେ
ମେଲଙ୍ଗ୍ କେ ଆୟଂତେ ମେଲାରାକେ
ମନଏଣ୍ଡେ ଅମାବ ଟରେକେ
ବାଇସେରାନ ଦେଖା ଯେତେରାତେ
କୁ ବାନା ବାଜୟେ କଇଲଂକିତେ
ମିନଗ୍ ମଣ୍ଡେ ନାଜି ମାମା ଡାକେକେ
ଲଂକାତା ମେଲଂସେକେ କଙ୍ଗେର କିତେ

ଭେଟ ଇଆନଜ ଆୟଁତେ ଅଲଗା ମେଲଂକେ
ଆୟଂତେ ମେଜୟଜି ମା ତୁଣ୍ଡାଏ କେ
ମନେ ମନେ ଆୟଂ ଜୁରିକେ
ଅଲଗାବ ମନ ମଡ଼ିଂକେ
ଆଂତେ ମେ ବାଣାରେ ।

## ଓଡ଼ିଆ ଅନୁବାଦ

ମନେ ମନେ ଲୋ ସାଥି ଝୁରୁଛି
ହାଟ ବାଟରେ ତୋତେ ଠାରୁଛୁ
ବାଟରେ ଘାଟରେ ସାଥି ପଚାରୁଛି
ସେହି ପାହାଡ଼ରେ ମକର ଯାତ୍ରାରେ
ଅଲଗାକୁ ମନ ଯାଉ ନାହିଁ
ଯାତ୍ରାରେ ମନ ଲାଗି ଯାଉଛି
ଅନେଇଲେ ମତେ ହସୁଛୁ
ମୋ ମନଟି ତୁମ ପାଖକୁ ଯାଏ
ଦେଖା ହୋଇଥିଲା ଯାତ୍ରାରେ
ଚାଲ ଯିବା ଦେଖିବା ଠାକୁର
ଏକା ଯାଉଛୁ ସାଥି ଡାକୁ ନାହୁଁ
ଦୂରରୁ ଅନେଇଛୁ ପିଲାମାନଙ୍କୁ
ଭେଟ ହେଲେ ଲୋ ମୋତେ ଅଲଗା ଅନାଉଛୁ
ମୋତେ ଦେଖିଲେ ତୁଣ୍ଡାଉ ନାହୁଁ
ମନେ ମନେ ମୁଁ ଝୁରୁଛି
ଅଲଗା ପିଲାଙ୍କୁ ମନ ଦେଇଛୁ
ମତେ ସାଥି ପାଶୋରି ଦେଲୁ

(୧୮)

ସପାର ରୁମୁଇଡ଼ ନିନିରା ରୁପର
ମୁଦୁର ଲାଗେରେ ଗାତାର
ନାଟ ଶାଳତେ ଡାଇଁକେ ଦିରେ ଦିରେ
ଟାରିୟାଏକେ ଜଳାର

ଇନିଂତେ ଲଂସେକେ ମନେ ମନେ
ଉଛୁଳିବ ଲଂକେ ଲଂକେ
ଗଟକେ ଗଟେକେ ବକର ଡାକେକେ
ବକରା ଗାତାର ଅ ଆଁକେ
ବୁଇର ଲଂସେକେ ଏରେଜା ଆଲଂକେ
ଅଚ ଗାତାର ମନ ଅବ୍ଲକେ ।

## ଓଡ଼ିଆ ଅନୁବାଦ

ଝିଅ ରୂପ କେଡ଼େ ସୁନ୍ଦର
କଥା ଲାଗେ ତା'ର ମଧୁର
ନାଚ ସମୟରେ ଚାଲେ ଧିରେ ଧିରେ
ସାଙ୍ଗମାନେ ଠାର ମାରନ୍ତି
ମୋ ଉପରେ ପିଲାଙ୍କର ଲୋଭ ରହିଛି
ପଛପଟେ ବୁଲି ବୁଲି ଅନୋଉଛି
ଦଉଡ଼ି ଦଉଡ଼ି ସାନ ଭାଇ ଡାକୁଛି
ଭାଇର ଡାକ ଶୁଣୁ ନାହିଁ
ମାଆ ତାକୁ ଅନେଇଛି, ତା ପ୍ରତି ନିଘା ନାହିଁ
ପଛ କଥା ମନେ ଭାବୁଛି ।

(୧୯)

କାନିଆଁ ଅରସ ଲେ ମିସିଂ
ଚାଙ୍ଗୁରେ ନିବୁଜେ ମିସିଂ
ମେତଙ୍ଗା ଲୋ ଚମ୍ପା ରାସିଂ
ଡ଼ିଅ ମିକିଜେ ନାଚ ମିସିଂ
ମେଗପର ମେପଗର ଲୋ ନାଜା ମିସିଂ
ଡିଂଞ୍ଜମ୍ ଲୋ ଆମ୍‌ତେ ରାସିଂ
କଉରୁନମ୍ ଲୋ ଆମତେ ମିସିଂ
ମେତଙ୍ଗା ଲୋ ମଲ୍ଲି ରାସିଂ

ସାମୁଇଁତେ ମେରଏନା ମିସିଂ

ମେଚଙ୍ଗକୁ ମଲ୍ଲି ରାସିଂ

ମିକିମାର ରାଗ ଲୋ ମିସିଂ

ଆଙ୍ଗାଁତେ ଅରସ ଇନା ମିସିଂ

ଆମା ଲାଗି ଉପାସ ମିସିଂ

ଚାଙ୍ଗୁ ଜୁଗେଲ ମିସିଂ

## ଓଡ଼ିଆ ଅନୁବାଦ

କନିଆଁ ଲା ତୁ ହରସ ଆଜି

ଚାଙ୍ଗୁ ବଜେଇବ ଆଜି

ପିନ୍ଧିବୁ ଲୋ ଚମ୍ପା ଫୁଲ

ନାଚିବୁ ତୁ ଆଜି ଭଲ

ମାଡ଼ିବୁ ନାହିଁ ସାଥି

ଦେଉଥିବି ତୋତେ ଫୁଲ

ତୋତେ ରଖିବି ମୁଁ ବୋହୂ କରି

ପିନ୍ଧିବୁ ମଲ୍ଲୀ ଫୁଲ

ପାଖରେ ରହିବୁ ଆଜି

ପିନ୍ଧିବୁ ଟାଲୋ ମଲ୍ଲୀ ଫୁଲ

କରୁଛୁ କି ରାଗ ଆଜି

ମୋ ପାଇଁ ଖୁସି ହୁଅ ଆଜି

ତୋ ପାଇଁ ରହିଛି ଉପାସ ଆଜି

ଚାଙ୍ଗୁ ବଜେଇବି ଏଠାରେ ଆଜି ।

(୨୦)

ଅକ୍ଷୟ ତୃତତୀୟା ତେ ଶୁଭ ବେଳାତେ

ବୁଆ ମୁଟାମିଂ ଶୁଭ ନିକିପ୍ ତେ

ବୈଶାଖ ମାସତେ ଅକ୍ଷୟେ ତୃତୀୟାତେ

ଅନୁକୂଳ ବୁଆ ଲୋ ନିବିଇଡ଼େ

ଯେତେ ଲୋକରେ କି ପୁରୁତିରା ଏରେ ବଲତେ ବିରଡ଼ିକି ପରା
ବେଲରେ ଲୋ ଟାଣ କାରାକେ
ଜ୍ୟେଷ୍ଠ ମାସରାତେ ରଜ ସଂକ୍ରାନ୍ତିତେ
ସେଲାନକି ଡକରେ କିଡ଼ିଅ ଦୋଳିତେ
ଗିମାରେ ଗୁରୁକେ ଲକାରେ ଲାରାକେ
ଗୁଜି ସିନିରେ ଇନିଂ ନେଲା ଗାଏରେ
ବିହୁଡ଼ା ଇର ଲୋ ଜତନରେ
ଶ୍ରାବଣ ମାସ ଅତେ ତେଏଁ ଲୋଗଡ଼େ ଲାଗେରେ ଏତେ
ତେଲଂଡ଼େ ତେଂକିକି ଚାତା ତୁଳିତେ ।

## ଓଡ଼ିଆ ଅନୁବାଦ

ଅକ୍ଷୟ ତୃତୀୟା ଶୁଭ ସମୟରେ
ଧାନ ମୁଠେ କରୁଛୁ ଶୁଭ
ବୈଶାଖ ଅକ୍ଷୟ ତୃତୀୟାରେ
ଅନୁକୂଳ ଧାନ ବୁଣୁଛୁ
ଯେତେ ଲୋକମାନେ ସେତେବେଳେ ଚଷୁଛନ୍ତି
ବେଲରେ ଟାଣ ଖରା ହେଉଛି
ଜ୍ୟେଷ୍ଠ ମାସର ସଂକ୍ରାନ୍ତିରେ
ଝିଅମାନେ ବସନ୍ତି ଭଲ ଦୋଳିରେ
ବର୍ଷା ପଡ଼ିଲେ ମାଟି ହସୁଛି
ଗଜିଆ ଲଙ୍ଗଳ ଆମେ ଲଗାଉଛୁ ।
ବିହୁଡ଼ା ହୁଏ ହୁଏ ଯତନରେ
ଶ୍ରାବଣ ମାସରେ ବଛା ହୁଏ
ବଛା ଯାଏ ଛତା ତଳେ ।

(୨୧)

ମିସିଂ ଲୋ ନାଜା ମେକଜରେ
ମେଡାକିଂଜେ ଲୋ ଧିରେ ଧିରେ
ମନେ ମନେ ଲୋ ନାଜା ମେଗାଡାରେ
ଇନିବ ମେଲଂଗଜ ମେକଠାରେ

ରସିକ ନଗାରୀ ଲୋମିସିଂ ମିସେରେ

ଡ଼ାଇନ୍ତେ ଲୋ ମେଲଂସେରେ

ଆମ ଗାତାମ୍‌ଣ୍ଡେ ମଜାଂତେ ନେଗାତାରେ

ଗଟାଂ ସିଟାଂ ଲୋ ନାଜି ନେଗାଥାଏରେ

ମିସିଂଜ୍ ସେଲାନଡ଼େ କି କଡ଼େଞ୍ଚେରେ କି

ମେଲ ନିନିସ୍ତେ ନିଆଁଞ୍ଜି ନାଜି ମସରେ

ମିସିଜ୍ ସେଲାନଡ଼େ କି କଡ଼େଞ୍ଚେରେ

ଗାଆଁ ନିନିଂଣ୍ଡେ ନାଜି

ଜୟଜ ଆଏଁତେ ବଡ଼େ ସୁକ ଲାଗେରେ

ଆମ୍‌ତେ ଲୋ ଆୟଁ ମନ କିପ୍‌କେ ।

## ଓଡ଼ିଆ ଅନୁବାଦ

ଆଜି ସାଥି ଦେଖା ହେଲ

ତୁମେ ଚାଲୁଛ ଧିରେ ଧିରେ

ମନେ ମନେ ସାଥି କଥା ହୁଅ

ଏପଟେ ଅନେଇଲେ ଠାରି ହେଦ

ଆଜି ରସିକ ନାଗରୀ ହୋଇଛୁ

ଚାଲିକୁ ଚାହିଁ ରହିଥିବୁ

ତୁମ ବିଷୟରେ ମଣ୍ଡରେ କଥା ହେଉଛୁ

ବାଟ ଘାଟରେ କତା ହେଉଛନ୍ତି

ଆଜି ଝିଅମାନେ ଆସିଛନ୍ତି

ମିଳନ ହେଲେ ସାଥି କମ୍ପିବ

ଆଜି ଝିଅମାନେ ଆସିଛନ୍ତି

ଗାଆଁ ଦାଣ୍ଡ ସବୁ କମ୍ପିବ

ଦେଖିଲେ ମୁଁ ଖୁସି ହେଉଛି

ତୁମକୁ ମୁଁ ମନେ କରୁଛି

## (୨୨)

ତନ୍ତିଣ ତୁଲିଆ ଲାଲାଏ ଲେ ସେଲାନ୍‌ଡାଏ
ତିନ୍ତିଣ ତୁଲିଆ ଲାଲାଏ

ଲାଲାଏ ଜଲେ ଜଲେ ଆତମା ବାଧକେ
ଲାଲାଏ ସାମୁରା ମେଡ଼କସେରେ

ଗିତଏଁତେ ମିସୁଂନେକେ ଚାଙ୍ଗୁତେ ମିସୁଂନେକେ
ସତେ ଲୋ ସଲାନ୍‌ଡାଏ ମା ଆସିକେ

ଏତେ ଶରଧାରେ ଡାକେକେ
ବିତେ ଲୋ ସେଲାନ୍‌ଡାଏ ମାଆଁକେ

ତିନ୍ତିଣ ତୁଲିଆ ଲାଲାଏ ଲୋ ବାଙ୍ଗୁରି
ତିନ୍ତିଣ ତୁଲିଆ ଲାଲାଏ

ଲାଲାଏ ଜଲେ ଜଲେ ଆତମା ଜଲେକେ
ଲାଲଏ ସାମୁରା ମାସିକେ ।

### ଓଡ଼ିଆ ଅନୁବାଦ:

ତେନ୍ତୁଳି ତଳର ନିଆ ଲୋ ଝିଅ
ତେନ୍ତୁଳି ତଳର ନିଆଁ

ନିଆଁ ଜଳି ଜଳି ଆତ୍ମା ବାଧୁଛି
ନିଆଁ ପାଖରେ ତୁ ବସିଛୁ

ମୋ ଗୀତକୁ ବାଉନୁଛୁ ଚାଙ୍ଗୁଡକୁ ବାଉନୁଛୁ
ସତେ ଲୋ ଝିଅ ତୁ ଏଇଠି ଅଛୁ

ଏତେ ଶରଧାରେ ଡାକୁଛି
କାହିଁକି ଝିଅ ତୁ ଶୁଣୁନୁ

ତେନ୍ତୁଳି ତଳର ଲୋ ବାଙ୍ଗୁରି
ତେନ୍ତୁଳି ତଳର ନିଆଁ

ନିଆଁ ଜଳି ଜଳି ଆତ୍ମା ଜଳୁଛି
ନିଆଁ ପାଖରେ ତୁ ବସିଛୁ ।

(୨୩)

ଲଟବଡ଼ା ଇଣିର ଟାଙ୍ଗର ପଥର
ଇନିଂତେ ଜରେ ସାପାର
ଆରତ ଇନିଂତେ ଜୀବନ ଡିଞ୍ଚେକେ
ଆଣ୍ଡାତା ଧମର ଲଂସେକେ
ଗିମାରେ ଗୁରୁଜ ଲଟବଡ଼େ ଇରେ ସଜ
ଆରା ଲାଗି ଇଜିଂ ମେ ବଞ୍ଚେକେ
ଗିମାରେ ଗୁରୁଜ ନେଲାରାକେ
ସୁଖ ଦୁଃଖ ଗାତା ନେଗାତାଏ କେ
ଉଜା ନିକିବାଂଜ ଗିମା ଗୁରୁକେ
ବାର ଆଣି କଏଲଂ ସତ ଆସିକେ
ଉଜା ନିକିବାଂଜ ଗିମା ଗୁରୁକେ
ଆରା ଲାଗି ଇନିଂ ନେବେଞ୍ଚେକେ
ଗିମାରେ ଗୁରୁଜ ନେଲାରାକେ

## ଓଡ଼ିଆ ଅନୁବାଦ:

ମାଟିର ଦେହ ଟାଙ୍କର ପଥର
ଆମକୁ ଦେଖାଯାଏ କେତେ ସୁନ୍ଦର
ସିଏତ ଆମକୁ ଜୀବନ ଦେଇଛି
ଉପର ପଟୁ ଧର୍ମ ଅନେଇଛି
ବର୍ଷା ହେଲେ ହୁଅଇ ସଜ
ତା' ଲାଗି ଆମେ ବଞ୍ଚିଛୁ ଆଜ
ବର୍ଷା ହେଲେ ଆମେ ହସୁଛୁ
କେତେ ସୁଖ ଦୁଃଖ କଥା ହେଉଛୁ
ପୂଜା କଲେ ଗାଆଁରେ ବର୍ଷା ହେଉଛି
ବାରଆଣି ଦେବତା ସତ ଅଛି
ପୂଜା କଲେ ବର୍ଷା ହେଉଛି
ତାଙ୍କ ଲାଗି ଆମେ ବଞ୍ଚି ରହିଛୁ
ବର୍ଷା ହେଲେ ପୁଣି ଖୁସି ହେଉଛୁ

(୨୪)

ରାମ ନାଆଁରେ ନିଗୀତଏରେ
ଆର ଭଗବାନ ଇସେରେ
ରାଦା ସୀତା ଡେଣ୍ଡେ ଧିରେ ଧିରେ
ଇନିଂ ଲଟବଡ଼ା ଆଲି ଗାଆଁରେ
ରାମ ଇଏଆନା ଅଯୋଧ୍ୟା ପୁରେ
କୃଷ୍ଣ ଲରନା ଗୋପପୁରେ
ବଣ ବୁଲିକେ ଲକ୍ଷ୍ମଣରେ
ରାମ ସାଙ୍ଗେ ସୀତା ଅଞ୍ଚେରେ
ରାମ କୃଷ୍ଣ ଲୀଲାରେ
ପାପ ତାପ ଡୁମଙ୍ଗ ଦୂରେ
ରାମରେ ବଢ଼େ ଖୁସି ଇରେ
ରାମ ନାମରେ ନିଗାତାଏରେ

କୃଷ୍ଣ ନାଆରେ ନିଗୀତାଏରେ
ଦୁନିଆଁ ଆଲୁଅ ଜଳେ ରେ
ଆରତେ କୃଷ୍ଣ ଲୁବରେ
ରାମ କୃଷ୍ଣ ଜନମରେ ।
କୃଷ୍ଣ ଜନମ ଆବ ମଥୁରାରେ
ବିତେ ଲରାନା କୃଷ୍ଣରେ
ରାମ ସାଙ୍ଗେରେ ଅଞ୍ଚେରେ
ଚୋର କିବାନ ରାବଣରେ ।
ଇନିଂ ମିସିଂ ନିଗାତାଏରେ
ଇନିଂ ମିସିଂ ନେମାନରେ ।
ଧୂପରେ ବଢ଼େ ଲାଗେରେ
କୃଷ୍ଣ ନାମରେ ନିଗାତାଏରେ ।

## ଓଡ଼ିଆ ଅନୁବାଦ

ରାମ ନାମଟି ଗାଉଛୁ
ସିଏ ଭଗବାନ ହୋଇଛି
ରାଧା ସୀତା ଆସୁଛନ୍ତି ଧିରେ ଧିରେ
ଏଇ ମାଟିରି ଉପରେ
ରାମ ରହିଲା ଅଯୋଧ୍ୟାରେ
କୃଷ୍ଣ ଲୁଚିଲା ଗୋପପୁରେ
ବଣ ବୁଲୁଛନ୍ତି ଲକ୍ଷ୍ମଣ
ରାମଙ୍କ ସଙ୍ଗେ ସୀତା ଗଲେ
ରାମ କୃଷ୍ଣ ଲୀଳାରେ
ରାମନାମରେ ବଡ଼ଖୁସି
ରାମ ନାମଟି ଜପୁଛୁ

କୃଷ୍ଣ ନାମଟି ଗାଉଛୁ
ଦୁନିଆଁ ଆଲୁଅ କରିଛି
ତାଙ୍କୁ କୃଷ୍ଣ ଲୋଭ କରେ
ରାମ କୃଷ୍ଣ ଜନମରେ
କୃଷ୍ଣ ଜନମ ମଥରାରେ
କୃଷ୍ଣ କାହିଁକି ଲୁଚିଲାରେ
ରାମ ସଙ୍ଗରେ ଯାଇଛନ୍ତି
ରାବଣ ତାଙ୍କୁ ଚୋରୀ କଲେ
ଆମ୍ଭେ ଗାଉଛୁରେ
ଧୂପ ବହୁତ ଲାଗୁଛି
କୃଷ୍ଣ ନାମଯି ଗାଉଛୁ ।

(୨୫)

ନାଁରେ ଲୋ ନାଁରେ ନାଁରେ ଲୋକ ନାଁରେ ନାଁରେ ନାଁରେ...
ନାଜିଲୋ ମନେ ମନେ ବିତେ ମିଝୁରିକେ
ନାଜିଲୋ ମନେ ମନେ ବିତେ ମିଝୁରିକେ
କଙ୍ଗେର କିତେ ମେଜୟଜ ଫେରେକେ
କାଣ୍ଡାଏ କିତେ ମେଜୟଜ ମିଜିଙ୍ଗ କେ
ନାଜିଲୋ ଅଲଗାବ ମେଲଂଗଜ ମେଲାରାକେ
ନାଜିଲେ ମନେ ମନେ ମିଝୁରିକେ
ମିଛ ଗାତାୟଜ ମେଲାରାଜେ
ସଖିଲୋ ମନେ ମନେ ବିତେ ମିଝୁରିକେ
ବିରି ଗାତାଥେ ମେଭା ବେକେ
ଜିଙ୍ଗମ କିଲୋ ନାଜା ମା ତୁଣ୍ଡାଏକେ
ନାଜିଲୋ ମନେ ମନେ ବିତେ ମିଝୁରିକେ
ସଖିଲୋ ମନେ ମନେ ବିତେ ମିଝୁରିକେ

## ଓଡ଼ିଆ ଅନୁବାଦ

ମନେ ମନେ କାହିଁକି ଝୁରୁଛୁ ସାଥି
ମନେ ମନେ କାହିଁକି ଝୁରୁଛୁ
ପିଲାମାନଙ୍କୁ ଦେଖି ଫେରି ଯାଉଛୁ
ବୁଢ଼ୀ ଦେଖିଲେ ତୁ ପଚାରୁଛୁ
ସାଥିଲୋ ଅଲଗା ଅନାଇଁ ହସୁଛୁ
ସାଥି ଲୋ ମନେ ମନେ କାହିଁକି ଝୁରୁଛୁ
ସାଥିଲା ଅଲଗା ଆଡ଼େ ଚାହିଁ ହସୁଛୁ
ମିଛ କହି କହି ହସୁଛୁ
ସଖିଲୋ ମନେ ମନେ କାହିଁକି ଝୁରି ହେଉଚୁ
କେଉଁ କଥା ଭାବୁଛୁ
ପଚାରିଲେ ସାଥି ତୁଣ୍ଡାଇ ନାହୁଁ
ସାଥିଲୋ ମନେ ମନେ କାହିଁକି ଝୁରୁଛୁ
ସଖିଲେ ମନେ ମନେ କାହିଁକି ଝୁରୁଛୁ ।

(୨୬)

ସେଲାନଣ୍ଡେ ଲଂ ସେକେ ଜଲାର ଡାକେକେ
କେଡ଼େ ସୁନ୍ଦର ଧୂଳି ମେର୍ସାକେ

ନାଟ କିତା କିତା ମିରୁନ୍ଧିକେ ବିତେ
ନାଟ କିଜେ ଆଉକୁଟିଇତା

ଗାତାମଡ଼େ ଲୋ ନାଜା ଡ଼ିଅରତା
ନାଟ କିଜେ ଆଉକୁଟିଇତା

ନାଟମ୍ଡ଼େ ଲୋ ନାଜି ଡିଅବିତା
ଚାଲିମଣ୍ଡେ ଲୋ ନାଜି ଡ଼ିଅରତା

ସେଲାନଣ୍ଡେ ଲଂ ସେକେ ଜଲାର ତା କେକେ
କେତେ ସୁନ୍ଦର ଧୂଳି ମେସାର୍‌କେ

## ଓଡ଼ିଆ ଅନୁବାଦ

ଝିଅ ଅନେଇଛି ତା'ର ସାଥିମାନେ ଡାକୁଛନ୍ତି
କେଡ଼େ ସୁନ୍ଦର ଧୂଳି ଉଡାଉଛି

ନାଚି ନାଚି ମାଡ଼ି ଆସୁଛନ୍ତି
ନାଚ ଆଉ ଟିକେ ନାଚ

ତୁମ କଥାଯି ସାଥି ଭଲ
ନାଚ ଆଉ ଟିକେ ନାଚ

ତୁମ ନାଚ ଲୋ ସାଥି ଭଲ
ତୁମ ଚାଲି ମଧ ଭଲ

ଝିଅ ଅନେଇଛନ୍ତି ସାଥି ଡାକୁଛି
କେତେ ସୁନ୍ଦର ଧୂଳି ଉଡ଼ି ଯାଉଛି ।

(୨୭)

ବୁଧ ମାସତେ ତିଲାଇଡ଼େ ବାଧେକେ
ଶାଗ ଜୁଆଣିତେ ମେଲଂସେକେ

ଅଶିଣ ମାସତେ ବୁଆରେ ବିଲମକେ
ଗଡ଼ାଗ ବୁଆରେ ଲୋ ନୁରକେ

କାର୍ତ୍ତିକ ମାସତେ ଗିମାରେ ସାଡ୍ଡେକେ

ଆଗୁଁର କେ ବଲତେ ଆଣ୍ଡାବ ନେଲାଂକେ

ତାପରେ ଡେଣ୍ଡେଲୋ ମାସ ମଗୁଶୀର

ଘାସ ବାକାଲିତେ ବୁକେ କାକର

ପୁଷ ମାସ ରାତେ ବଡ଼େ ରାଗାଁକେ

ବିଲବ ନନଜ ବୁଆ ନେଗର୍କେ

ମାଘ ମାସରେତେ କାମ ଜେଲାଏକେ

ମୁଲିଆ ପୁଲିଆ ମେକ ସାଡ଼େକେ

ଫଗୁଣ ମାସତେ ଲୋ ଅଲେ ଏରାକେ

ବଣ ଜାଲତେ କନ୍ତେର ଗିତକେ ।

## ଓଡ଼ିଆ ଅନୁବାଦ

ଭାଦ୍ରବ ମାସରେ ଭୋଜରେ ବାଧେ

ଶାଗ ମକାକୁ ଚାହିଁ ରହିଥାଉ

ଅଶିଣ ମାସରେ ଧାନ ପାଛେ

ଗଡ଼ାର ଧାନ ଆମେ କାଉ

କାର୍ତ୍ତିକ ମାସରେ ବର୍ଷା ଛାଡ଼ିଯାଏ

ବର୍ଷା ନ ହେଲେ ଉପରକୁ ଅନେଇ ରହୁ

ତାପରେ ଆସେ ମାର୍ଗଶୀର ମାସ

ଘାସ ବାଡ଼ିରେ ଶିଶିର ପଡ଼େ

ପୌଷ ମାସରେ ବଡ଼ ଶୀତ

ବିଲକୁ ଗଲେ ଧାନ କାଟୁଛୁ

ମାଘ ମାସରେ କାମ ସରିଯାଏ

ମୁଲିଆ କାମ ନେକ ସାଡ଼େକେ

ଫଗୁଣ ମାସରେ ଆମ୍ବ ବଉଳେ

ବଣରେ କେତେ ଚଢ଼େଇ ରାବନ୍ତି

(୨୮)

ଏଲା ରସିକା ବସନ୍ତ ରସିକା

ମିସିଂ ଯାଇଲୋ ମିଆନ ଦେଖା

ଆମା ଲାଗିର ରାତି ଦିନରେ

କିଛି ସୁଖଲୋ ଆଲା ଗେରେ

ଆମ ଗାତାରେ ପରତେ ଜେନା

ଇନି ଗାମଚାରେ ତେରା ମେଗନା

ଗାମଚାତେ ନାଜା ମନ ମାସିନା

ମେଗଂଆଁ ଲୋ ତେରା ସିନା

ଇନି ସେଲାନଡାଏରେ ସପାର ଜରେ

ଗଟାଙ୍ଗ ସିଟାଙ୍ଗ ତେ ବଢ଼େ ଗାତାରେ

ମିସିଂ ଲୋ ନାଜା ଦେଖାମିରେ

ମେଚାଜିଂକେ ଧିରେ ଧିରେ

**ଓଡ଼ିଆ ଅନୁବାଦ:**

ଆଲୋ ବସନ୍ତ ରସିକ

ଆଜି ତୋର ହେଲା ଦେଖା

ତୋ ଲାଗି ରାତି ଦିନ

କିଛି ସୁଖ ଲାଗୁ ନାହିଁ

ତୋର କଥାକୁ ପରତେ ନାହିଁ

ଏ ଗାମୁଛା କାଲି ନେବୁ

ଗାମୁଛା ନେଇ ମନେ ରଖିବୁ

ନେଇଯିବୁ କାଲି

ଏ ଝିଅଟି ସୁନ୍ଦର ଦେଖାଯାଉଛି

ବାଟଘାଟରେ କଡା ହେଉଛି

ସାଥି ଆଜି ଦେଖା ହେଲ

ଚାଲୁଅଛ ଧିରେ ଧିରେ ।

(୨୯)

ନାଁରେ ନାଁରେ ନାଁରେ ଲୋ ନାଁରେ ନାଁରେ ନାଁରେ ....
ମେଣ୍ଡଜ୍ ଲୋ କିପ୍ ସେରାନ୍ ଆମତେ ଭାବ ପୀରତି
ଆତମା ଏଣ୍ଡେ ବାଧେ କୈ ଆମା ଲାଗି
ମନଏଣ୍ଡେ ରାଂସେରେ ଆମ ଲାଗି
ଆମ ଗାତାମଣ୍ଡେଲୋ ଇମିତି
ଆମତେ କିପ୍ ସେରାନ ଭାବ ପୀରତି
ପଦମିଂ ଗାତାରେ ମାମାବଂଗଂ
ଆୟଁତେ ଲୋ ବିତେ ମିକି ବାନାରାଗ
ଆମ ଗୀତାମଣ୍ଡେ ଇମିତି
କିପ୍ ସେରାନ୍ ଲୋ ଭାବ ପୀରତି
ଆୟଁତେ ଲୋ ଆମ୍ ମିଭୂଲିଆନା
ଜବାବ୍ ଗାତାରେ ଆରୟାନା ।

## ଓଡ଼ିଆ ଅନୁବାଦ

ସାଥି କରିଥିଲି ତୋତେ ଭାବ ପିରତି
ତୁମ କଥାଟିରେ ମୋର ଆତ୍ମା ବାଧୁଛି
ମନ ରହିଯାଇଛି ତୁମରି ଠାରେ
ତୁମର କଥାଟି ଏମିତି
ତୁମକୁ କରିଥିଲି ଭାବ ପୀରତି
ପଦେ କଥା ମାତ୍ର ଜଣେଇଲ ନାହିଁ
ତୁମେ ମୋତେ ରାଗିଲ କାହିଁକି
ତୁମ କଥାଟି ଏମିତି
କରିଥିଲି ତୁମ ସହିତ ଭାବ ପୀରତି
ମାତ୍ର ତୁମେ ଭୁଲିଗଲ
କଥାର ଜବାବ୍ ନ ରଖବଲ ।

## (୩୦)

ଏଡ଼େକି ସାପାର ନିନିରା ରୂପର
ମେଜରେ ଲୋ କେଡ଼େ ସୁନ୍ଦର
ଗରୁମ୍‌ଡାଇ ଗାମ କମକି ଆମତେ
ଲୁବରେ କି ସମସ୍ତେ
ବକଞ୍ଚାବ ଗଗେ ଆମତେ
ଜୟଜଲେ ଆମତେ ଲୁମୁବନା
ଏଲେଲେଜାଣ୍ଡ ଆଏଁତେ ସିନା
ଦୁଃଖ ସୁଖରେ ଏଗାତା ଅନା
ଡରୁକି ଆବୁନେ ତେରା ତେରା କାନିଆଁ ପରା
ବକଞ୍ଚାବ ଗଗେ ଲୁବରେ କି ପରା ଦୁନିଆଁ ସାରା
କାଣ୍ଡାରିଆ କିଂତେ ମିସିଂ ମିସିଂ
ଅବାର କିତେ ନିକୁ ଜିଂ ଜିଂ
ଅବାଣ୍ଡେ ଗାମଜ ଜେନା ଜେନା
ଅମାନତରେ ଇନିଂ ନିଡ଼ିଗାନା ।

## ଓଡ଼ିଆ ଅନୁବାଦ

କେତେ ସୁନ୍ଦର ଝିଅର ରୂପ
କେତେ ସୁନ୍ଦର ଦେଖାଯାଉଛୁ
ସୁନ୍ଦରୀ ବୋଲି କହୁଛନ୍ତି ତୁମକୁ
ସମସ୍ତେ ଦେଖି ଲୋଭ କରୁଛନ୍ତି
ସାନ ଭାଇ ସହିତ ନେବି ତତେ
ଦେଖିଲେ ସମସ୍ତେ ଲୋଭ କରିବେ
ରାଗିବ ନାହିଁ ମୋ ପାଇଁ ସିନା
ଦୁଃଖ ସୁଖରେ କଥା ହେବ
ସାନ ଭାଇ ପାଇଁ ନେବି କନିଆଁ ପରା
ଲୋଭରେ ପଡ଼ିଛି ଦୁନିଆଁ ସାରା
ଡ଼ଣ୍ଡାରିଆ ପଠେଇବି ଆଜି
ତାଙ୍କ ବାପାଙ୍କୁ ପଚାରିବୁ ଯାଇ
ତୁମ ବାପା କହିଲେ ନାହିଁ ନାହିଁ
ଅନାୟାସରେ ଆମେ ନେବୁ ଟାଣି ।

## (୩୧)

ବିରି କିବେ ବିରିଜେନା କଦମ୍ବଆ ରାସିଂ
କଣ୍ଡ ମିଡ଼ିଞ୍ଚେର ଲୋ ମେଡେନ ମିସିଂ
ମିଛେ ମାହାଲିଆ ସିନା କଦମ୍ବଆ ରାସିଂ
ଆରାଡାଏ ନଦୀତେ ଡକ ଡକ ମିସିଂ
ଦେଖା ମାୟାନା ମିସିଂ ଦେଖା ମାୟାନା ମିସିଂ
ମନଏଣ୍ଡେ ମେବାଟୁଙ୍ଗ ଲୋ କଦମ୍ବ ରାସିଂ
ଆମ ମେ ବାଟୁଂଙ୍ଗ କଦମ୍ବଆ ରାସିଂ
ମନ ଦୁଃଖ ଇଆନା ଆଞ୍ଜା ମିସିଂ
ଇଲିବେ ନାଜି ଆମତେ ମିସିଂ
ଝୁରି ଝୁରି ଦିନ ଲୋ ମନା ମସିଂ
ଆମ ମେବାଟୁଙ୍ଗ କଦମ୍ବଆ ରାସିଂ
ଝୁରି ଝୁରି ଦିନ ମନା ମିସିଂ ।

## ଓଡ଼ିଆ ଅନୁବାଦ

କଣ କରିବି କ'ଣ ନାହିଁ କଦମ୍ବ ଫୁଲ
ଆଜି କଣ୍ଡ ଦେଇଥିଲୁ ଆସିଲୁ ଯାଇ
ମିଛରେ ସିନା ଲୋ କଦମ୍ବ ଫୁଲ
ଅରଡାଇ ନଦୀ କୂଳେ ବସିଛି
ଦେଖା ହେଲା ଆଜି ଦେଖା ହେଲା
ମନଟିକୁ ଭାଙ୍ଗି ଦେଲୁ କଦମ୍ବ ଫୁଲ
ତୁ ଭାଙ୍ଗି ଦେଲୁ କଦମ୍ବ ଫୁଲ
ମନ ଦୁଃଖ ହେଲା ମୋର ଆଜ
ପାଶୋରି ଦେବି ସାଥି ଆଜି ତୋତେ
ଝୁରି ଜୁରି ଯିବ ଦିନ
ତୁ ମନ ଭାଙ୍ଗି ଦେଲୁ କଦମ୍ବ ଫୁଲ
ଆଜ ଝୁରି ଝୁରି ଯିବ ଦିନ ।

(୩୨)

ଉଆଲୋ ସଙ୍ଗାତ ବଣବ ବାନା
ଆସଂ ସାଗରେର ବାକାମ୍‌କାମା
ଟୁପୁଲି ବାପୁରାୟ ଛାଇ ମୂଳ ତେର
ବାଡକନା ଲୋ ବାଡକନା କୁଟି କରାଏ
ବଡ଼େ ବାଜି ରାୟାନା
କାରାରେର ବଡ଼େ କାଟେକେ
କାଟେକେ ଗାମକେ ଆମତେ ବଡ଼େ
ମା ମିବୁଜିକେ ଆଇଣ୍ଡେର ଆମତେ ଗାମକେ
ଆଲୋ ମନ ବିରାଜ କତେଂ ଡେର
ବିତେ ମେରାଜ ।

**ଓଡ଼ିଆ ଅନୁବାଦ**

ଆସଲୋ ସଙ୍ଗାତ ବଣକୁ ଯିବା
ପିତା ଶାଗ ତୋଳିବା
ଶାଗ ଟୁକଲିରେ ପୁରାଇ ଛାଇ ମୂଳେ ଟିକେ ବସିବା
ବଡ଼ ଖରା ଲୋ ବଡ଼ ଖରା ବାଧୁଛି ପରା
ଖରା ବହୁତ କାଟୁଛି
କାଟୁଛି ବୋଲି ମୁଁ ତୋତେ କହୁଛି
ବୁଝି ନ ବୁଝିଲା ପରି ହେଉଛୁ
ମୁଁ ତୋତେ କହୁଛି
ଆଲୋ ମନ କଷ୍ଟ କାହିଁକି
ତୋ ଲୁଗା କ'ଣ ପାଇଁ ଚିରାଇଲୁ ।

(୩୩)

ଅବାରେ ମିସିଂଳେ ବକ ଚାଙ୍ଗୁରେ ବାବଗେ ବକ ।
ବାକିବେ ସୁଲଜ ବକ ସେଲାନ କିତେ ବାଜଏକ ।
ତିନି ଦିନ ମିନା ଅବ ଗାଆଁରେ ସିନା ଚଅଲ ॥
ବୁଢ଼ା କି ଲିମିଲିୟାଏକି କାଣ୍ଡାଏକି ଲାମା ନିଞ୍ଜକି ।
ବନ୍ଧୁ ବାସିଆ ଡେନକ ବାକିବେ ବଡ଼ ମଉଜ ॥

ସାଙ୍ଗ ଜଳାରେ ନିନା ବନ୍ଧୁ ସଙ୍ଗେ ବାଗାତାନା ।
ଓଆ ବକ ନେକ ଗାମା ଦୁଃଖ ସୁଖ ନିକୁସିମା ॥

**ଓଡ଼ିଆ ଅନୁବାଦ**

ପର୍ବରେ ଆଜି ଭାଇ ଚାଙ୍ଗୁ ବଜେଇବା ଭାଇ
କରିବା ଆନନ୍ଦମୟ ଝିଅମାନଙ୍କୁ ଦେଖିବା
ତିନିଦିନ ହେବ ପର୍ବ ଗାଆଁ ସିନା ହେବ ଚହଲ
ବୁଢ଼ାମାନେ ଆଲୋଚନା କରୁଛନ୍ତି ବୁଢ଼ୀମାନେ ହସଖୁସି ହେଉଛନ୍ତି
ବନ୍ଧୁବାନ୍ଧବମାନେ ଆସିଲେ କରିବା ବଡ଼ ମଉଜ
ବନ୍ଧୁ ସହିତ ବସିବା କଥା ହେବା ସାଙ୍ଗ ହୋଇ
ଆସ ଭାଇ ଚାଲ ଯିବା ଦୁଃଖ ସୁଖ ପଚାରିବା

## (୩୪)

ଟଙ୍ଗ ତୁଳିତେ ଡାଗ ସାମୁତେ ଇନିଂ ଇଞ୍ଚା ନିକିଡ଼େ
ବଣ ଜାଳରେ ନିଞ୍ଚାଁ ସାଆ ଜୁଆର ନିକିଆଁ ଉଆ
ତିଲାଏକେ ବୋଲି ନିଇଁ ନାମାକଂକେ ମନ ସୁକେ ନାଆସିକେ
ଯେ ଯୁଆଡ଼େ ଦୁଃଖନି କିପ୍‌ଡେ ଭଗବାନତେ ଲଂ ସେକେ
ବୁଉଲୁ ଅଜ ମଣ୍ଡକଗଡ଼ା ଇଞ୍ଚାତେ ଟାଙ୍କୁଣି ଟୁଳନିରେ
ଯେ ଯାହାର ଦୁଃଖ ଗଟାଙ୍ଗଡ଼େ ଏରାତେ ନିକୁଜିଂଜିଂକେ
ନିଞ୍ଚ କାହାର ବଗାରୀ ଜେନା ଟାଙ୍କୁଣି ନିଞ୍ଚା ଆପଣା ।

**ଓଡ଼ିଆ ଅନୁବାଦ**

ପାହାଡ଼ ତଳେ ପାଣି ପାଖରେ ଆମେ କରିଛୁ ଘର
ବଣ ଜଙ୍ଗଲ ଆମର ସାହା ଜୁହାର କରିବା ଆସ
ଭୋକ ବୋଲି ଆମେ ମାନୁନାହୁଁ ମନ ସୁଖରେ ରହିଛୁ
ଯେ ଯୁଆଡ଼େ ଦୁଃଖ କରନ୍ତି ଭଗବାନ ସବୁ ଦେଖୁଛନ୍ତି
ସନ୍ଧ୍ୟା ହେଲେ ମଣ୍ଡ ଘରେ ସମସ୍ତେ ହେଉ ରୁଣ୍ଡ
ଯେ ଯାହାର ଦୁଃଖ ବାଟରେ ଯାଏ ସେଇଠି ହେଉ ମେଳ
ଆମେ କାହାରି ଭଗାରୀ ନୋହୁ ସମସ୍ତେ ଆମ ଆପଣାର ।

(୩୫)

ତିତିଣୀ ତୁଳିଆ ଲାଲାଇକେ ଲୋ ସେଲାନଣ୍ଡାଏ
ତିତିଣି ତୁଳିଆ ଲାଲାଇ
ଲାଲାକେ ଜଳେ ଜଳେ ଆତ୍ମା ଜଳେକେ
ଲାଲାକେ ତୁଳିଆର ମେଡକସେରେ
ସତେଲେ ସେଲାନଣ୍ଡାଏ ମାସିକେ
ବେଜେରାଙ୍ଗେ ମୁଠାମିଞ୍ଜା କାଳିଆ ଆଲାକ ମୁଠାମିଞ୍ଜା
ଡାଲୁଗଗ ଗଟାଙ୍ଗତେ ମେଗକ ସିନିଂ
ଇତିମ୍ବ ମିଡ଼ିଞ୍ଜାର ଲକାତେ ମୁନେ
ଜାତିଣ୍ଡେର ବୁମୁର୍ଡେନା ।

## ଓଡ଼ିଆ ଅନୁବାଦ

ତେନ୍ତୁଳି ତଳର ନିଆଁ ଲୋଜସଜନୀ
ତେନ୍ତୁଳୀ ତଳର ନିଆଁ
ନିଆଁ ଜଳି ଜଳି ଆତ୍ମା ଜଳୁଛି
ନିଆଁ ପାଖରେ ବସିଛୁ
ସତେ ଲୋ ମୁଁ ତୋତେ ଡାକୁଛି
ଦକ୍ତା ମୁଠେ ପତ୍ର ବିଡ଼ି ମୁଠାଏ
ଗାଧୁଆ ଘାଟକୁ ନେଇଥିବୁ
ହାତକୁ ବଢ଼ାଇ ଦେବୁ ନାହିଁ
ଜାତିଟି ତୋର ଚାଲିଯିବ

(୩୬)

ଉଆଳେ କଙ୍ଗେରନି ନନା ବଣବ
ବଣରା ଲାକୁରେ କି ନରେନାର
ବଣରା ଲାକୁରେ କିଳେଜରେ ସାପାର
କକବ୍‌ତେଲେ ଲାଗେରେ ବାଚାର
ବିରିବିରି ଲାକୁ କଳେ ଆସିକେ ବଣାରାର

କକବତେ ଆଞ୍ଜ ଅଣ୍ଡେ ବଣବ
ସେକାଲ କାରାରେଲେ ସମୁସିଞ୍ଚଣ୍ଡେକି ଜରେ ଡ଼ିଅର
ସେକାଲ ବଣ ବୁଲିଲେ ଲାଗେରେର
ପବନ ତେଲେ ସୁମୁସିଂଞ୍ଚଣ୍ଡେକି ସଁ ସଁକେରାବଡେକି
ଲୋକରିକି ଅଂଡ଼ଂକିଜ କାତିଂଞ୍ଜ୍ଜିର ଡ଼େକି

## ଓଡ଼ିଆ ଅନୁବାଦ

ଆସରେ ପିଲାମାନେ ବଣକୁ ଯିବା
ବଣରୁ ଫଳ ଆଣିବା
ବଡ଼ ବଡ଼ ଫଳ ସବୁ କେଡେ ସୁନ୍ଦର
ଖାଇବା ପାଇଁ ଲାଗେ କେଡେ ମଧୁର
କ'ଣ କ'ଣ ଫଳ ସବୁ ଅଛି ବଣରେ
ଖାଇବା ପାଇଁ ପଳୋଉଛି ବଣକୁ
ସକାଳ ଖରାରେ ଗଛଗୁଡ଼ିକ ଦେଖାଯାଏ ସୁନ୍ଦର
ସେତେବେଳେ ବଣ ବୁଲି ବୁଲି ଯିବା ପାଇଁ ହୁଏ ମନ
ପବନରେ ସୁଁ ସୁଁ ଶବ୍ଦ ହୁଏ
ଲୋକେ ଶୁଣିଲେ ଚମକି ପଡ଼ନ୍ତି ।

## (୩୭)

ନିତା ଗାଅଁ ନିନିଞ୍ଚ ଡେଲେ ବଡ଼େ ସାପାର
ଗାଁ ବେଲା ମିଞ୍ଚ ବଣରେ କି ଜରେ ସାପାର
ନିଜ ଗାଅଁ ତାଲେ କାନ୍ଧା ବିରି ଆସିକେ
ଯୁଆଡ଼େ ମନଜକି ବାଣା ଆଇରେ
କଲ ନାଲ ବଣରେ କି ବଳେ ଗାଅଁରେ କି
ଅଦକତା ବାଚାଜ୍‌ରେ ଡୁଲେ ଜରେ ସାପାର
ନିତା ଗାଅଁ ନିନିଞ୍ଚଣ୍ଡଲେ ବଡ଼ ସାପାର ।

## ଓଡ଼ିଆ ଅନୁବାଦ

ଆମ ଗାଆଁଟି ଦେଖିବାକୁ କେଡ଼େ ସୁନ୍ଦର
ଗାଆଁ ଚାରିପାଖ ବଣଗୁଡ଼ିକ ସୁନ୍ଦର

ନିଜ ଗାଆଁରେ କ'ଣ ସବୁ ଅଛି

ଯୁଆଡକୁ ଗଲେ ବି ବଣା ହୁଏ

ନଦୀ ନାଳ ବଣ ଗାଆଁ

ଆଉ ଅଧ ଗାଆଁ କେଡ଼େ ସୁନ୍ଦର

ଏପର ଆମ ଗାଆଁ କେଡ଼େ ସୁନ୍ଦର

(୩୮)

ଅଲଗା ଗାଆଁ ସେଲାନକି ଡେଞ୍ଜେରିକି

କଙ୍ଗେରକି ଚାଙ୍ଗୁ ବୁଗକି ଏତେ

କିକିତେ ଡେନକି

କିକିଜ୍‌ଡ଼ା ବେଲା କଙ୍ଗେର ଡେକି ଲାରାଅକି

ଲାରାଓକି ଏତେ ସେଲାନଣ୍ଡେକି ଗିଆନାନକି

ଲାରାଓକି ଏତେ ଇଣିରକି ଆଲାଣ୍ଡେ ଆନ୍‌କି

ଜୟକି ବାଙ୍ଗୁରି କା ବକବ୍‌ଡାକା ଜାବାକା

ଅଲଗା ଗାଅଁଆଁ ସେଲାନ୍‌କି ଡେଞ୍ଜେରକି

**ଓଡ଼ିଆ ଅନୁବାଦ**

ଅଲଗା ଗାଆଁର ଝିଅମାନେ ଆସିଛନ୍ତି

ପିଲାମାନେ ଚାଙ୍ଗୁ ବଜାଉଛନ୍ତି, ଝିଅମାନେ ନାଚୁଛନ୍ତି

ନାଚିଲାବେଳେ ପିଲାମାନେ ହସୁଛନ୍ତି

ହସିଦେଲେ ଏଥିପାଇଁ ପିଲାମାନେ ଲାଜ କରୁଛନ୍ତି

ହସିବା ଯୋଗୁଁ ଦେହଟିକୁ ଆଉଁସିବାକୁ ଗଲେ

ଦେଖିଲେ ଝିଅମାନଙ୍କୁ ମୁଣ୍ଡରେ ଲଟକା କଣ୍ଟା

ଅଲଗା ଗାଆଁର ଝିଅମାନେ ଆସିଛନ୍ତି ।

(୩୯)

ସ୍ତ୍ରୀ- କୁ କୁଲେ କମଙ୍ଗେର ସେଆଁତାର କୁ

ଢ଼ଡାଗାଡ଼ିଆ ରାସିଂଢ଼େ ତେ ବାନାର କୁ

ପୁ- କୁ କୁ ଲୋ ସେମେଲାନ୍ ସେଙ୍ଗାତାର କୁ

ଢ଼ଡାଗାଡ଼ିଆ ରାସିଂଢେ ବାନାର କୁ

ସ୍ତ୍ରୀ- କୁ କୁଲେ କମଙ୍ଗେର ସେଆଁତାରକୁ

କାଉଟିଆ ପାଗମ ଡେଡେ ଲଂସେକେ କୁ

ପୁ- କୁ କୁ ଲୋ ସେମେଲାନ୍ ସେଙ୍ଗାତାର କୁ

ଯୁଡ଼ା ବନ୍ଧା ବାଂସମ୍ ଡେତେ ଲଂ ସେକେ କୁ

ସ୍ତ୍ରୀ- ଡେ ଡେଲେ କମଙ୍ଗେର ଡିଞ୍ଜାତାର ଡେ

ବାଛି ବାଛି ରାସିଂ ଡେ ଅବଲଗେ ଡେ

ପୁ- ଡେ ଡେ ଲୋ ସେମେଲାନ୍ ଢ଼େରାର ସବେ ତାର ଡେ

ବାଛି ବାଛି ରାସିଂ ଡେ ଅବେଳ କେଡେ

ସ୍ତ୍ରୀ ଉଆଲେ କମଙ୍ଗେର ଅଲେ ନାର ଉଆ

ବେଲରେ ଅଣ୍ଡେତେ ଅଲେନାର ଉଆ

ପୁ- ଡେ ଡେ ଲୋ ସେମେଲାନ୍ ଡେରାର ସବେଡେ

ବେଲରେ ଅଣ୍ଡେତେ ଅଲେର ଡେ

ସ୍ତ୍ରୀ-କୁ କୁଲେ କମଙ୍ଗେର ବାଡୁଂଙ୍ଗେ କୁ

ବେଲରେ ଅଣ୍ଡେତେ ବାଡୁଙ୍ଗେ କୁ

ପୁ- ଉଆଲୋ ସେମେଲାନ୍ ତଳା ଜିଙ୍ଗା ଉଆ

ବକ ମିଣ୍ଡେ କାସୁକେ ଗୁଚଗ୍‌ଡେ ଉଆ

ସ୍ତ୍ରୀ ଡେ ଡେଲେ କମଙ୍ଗେର ଗୁଚଗାଁର ଡେ

ବକମ୍ ମଣ୍ଡେ ଦଲେକେ ଡେ

ଉଆଲେ କମଙ୍ଗେର ବାଡୁଙ୍ଗେ ଉଆ

ଅରି ହେ ଦଇବ ଅରି ହେ କରମ

ଇନି କଙ୍ଗେ ଲଗଡ଼ା ଜୀବନର ଅନ

ବନସ୍ତେ ଜାଲରାର ଜୀବନର ଅନ ...

## ଓଡ଼ିଆ ଅନୁବାଦ

ସ୍ତ୍ରୀ - ଚାଲ ଚାଲ ରେ ପିଲା ଆଗେଇ ଚାଲ

ଖାଲି ଢ଼ିପ ଡେଇଁ ଫୁଲ ପାଇଁ ଯିବା ଚାଲ

ପୁ- ଚାଲ ଚାଲ ଲୋ ଝିଅ ଆଗେଇ ଚାଲ

ଖାଲ ଢ଼ିପ ଡେଇଁ ଫୁଲ ପାଇଁ ଯିବା ଚାଲ

ସ୍ତ୍ରୀ- ଚାଲ ଚାଲ ରେ ପିଲା ଆଗେଇ ଚାଲ
ପଗଡ଼ିକୁ ଅନେଇ ଯିବି ଚାଲ
ପୁ- ଚାଲ ଚାଲ ଲୋ ଝିଅ ଆଗେଇ ଚାଲ
ଗଭାକୁ ଦେଖି ମୁଁ ଯିବି ଚାଲ
ସ୍ତ୍ରୀ - ଦେ ଦେରେ ପିଲା ଗଛକୁ ଉଠି ପଡ଼
ବାଛି ବାଛି ଫୁଲ ସବୁ ପକେଇ ଦେ
ପୁ- ଦେ ଦେ ଲୋ ଯୁବତୀ ବାଡ଼ିଟି ଗଛରେ ଡେରି ଦେ
ବାଛି ବାଛି ଫୁଲ ସବୁ ପକେଇ ଦେଉଛି ଦେ
ସ୍ତ୍ରୀ- ଆସରେ ପିଲା ଓହ୍ଲେଇ ପଡ଼
ବେଳ ଗଲାଣି ଓହ୍ଲେଇ ପଡ଼
ପୁ- ଦେ ଦେ ଲୋ ଯୁବତୀ ଡେରା କାଠ ଧର
ବେଳ ଗଲାଣି ଓହ୍ଲାଇଛି ଧର
ସ୍ତ୍ରୀ- ଚାଲ ଚାଲରେ ଯୁବକ ପଳେଇବା ଚାଲ
ବେଳ ହେଲାଣି ପଳେଇବା ଚାଲ
ପୁ- ଆସ ଲୋ ଯବୁତୀ ପାଦ ଲମ୍ବେଇ ଆସ
ମୁଣ୍ଡ ବଥା ହେଉଛି ଶୋଇବି ଆସ
ସ୍ତ୍ରୀ- ଦେ ଦେ ରେ ଯୁବକ ଶୋଇ ପଡ଼ ଦେ
ମୁଣ୍ଡ ଘସି ଦେଉଛି ଦେ
ଆସରେ ଯୁବକର ଜୀବନଟି ଗଲା
ବଣ ଜଙ୍ଗଲରେ ଜୀବନଟି ଗଲା

(୪୦)

ଉଆ ଉଆ ଉଆଲିକି
ଇନିଂ ନେବ ଡମା
ଗାଆଁ ଦାଣ୍ଡ ଧୂଳିତେ ଇନିଂ ଇଞ୍ଜା ନିକିମା
ଗଛ ତୁଳିତେ ନେବଡମା
ଅଣସମ୍ ଆଲଗା କାନିଆଁ ନିକିମା
ନାଳେ ନାଳେ ତା ନିଙ୍ଗ
ସପତା ସପତା ନିକିଇଁ କିଞ୍ଜିମା

## ଓଡ଼ିଆ ଅନୁବାଦ

ଆସ ଆସରେ ଛୁଆମାନେ
ଆମେ ମିଶି ଖେଳ ଖେଳିବା
ଗାଆଁ ଦାଣ୍ଡ ଧୂଳିରେ ଘର କରିବା
ଗଛ ମୂଳରେ ଖେଳ ଖେଳିବା
ପଣସ ପତ୍ରର କନିଆଁ କରିବା
ହାତ ଧରା ଧରି ହୋଇ ନାଚି ଖେଳ ଖେଳିବା

### (୪୧)

ଟାଣ କାରାତା ତାତକେ ପବନ
ବଏକେ ଇଣିତା ଗିଲିଂ
ତାତକେ ବାଲି ତାତେକେ ଦାଣ୍ଡ
କସରକେ ନଇ ନାଲ
ଅଲେ ବିଲମକେ ବିଲିମ୍‌କେ ଅଲସମ୍
ଜଲେକେ ମୁଲୁନ ରାସିଂ
ଅଂଅଁଣା ଉରିଲା ଖୁଜୁରୀ ଜାମୁ
ବିଲମକେ ପୁଣି କୁଲାପ
ଉଆ ଉଆଲକି ନୁରେ ନିଇଂ
ବିଲିମ୍ଣ୍ଡ ଲାକୁରେକି
ଲୁଟି ବଣତେ ମନ ଅରସେ
ମଜା ନେମାରେ ଜାଲିଂ

## ଓଡ଼ିଆ ଅନୁବାଦ

ଟାଣ ଖରାରେ ତାତେ ପବନ
ବହେ ଦେହରୁ ଝାଳ
ତାତି ଯାଏ ବାଲି ତାତି ଯାଏ ଦାଣ୍ଡ
ଶୁଖି ଯାଏ ନଇ ନାଳ
ଆମ୍ବ ପାଚିଯାଏ ପଣସ ପାଚିଯାଏ
ମହୁଲ ପଡ଼େ ଖସି

ଅଁଳା, ହରିଡା, ଖଜୁରୀ, ଜାମୁ
ପାଚିଯାଏ ପୁଣି ବେଲ
ଆସ ଆସରେ ଏହା ଖାଇବା
ପାଚିଲା ଫଳ ସବୁ
ଲଟା ବଣରେ ମନ ହରଷେ
ଖୁସିରେ ନାଚିବା ଖେଳି ।

(୪୨)

ନାଁରେ ନାଁରେ ନାଁରେ...
ସେଲାନ୍‌ଡାଇ ଡେମେନା ସତେ ଚାଙ୍ଗୁନାଟ କିକିତେ
ଆଞ୍ଜେନା ମନ ପରତେ
ମାଡିଞ୍ଜୋରେ ଲୋ ସୁନ୍ଦୁରୁର କତେ
ଦୋଲି ଲାମା ଗେନା ଆମା ଝିଲି ମିଲି ପାଦମ୍‌ତେ
ନାଟରେ ନିକିଜେ ବିତେ
ଉଆଲୋ ସେଲାନ୍‌କି ଚାଙ୍ଗୁ ଡାକେକେ
ଗୀତଂଡେ ଡାକେକେ
ଲାଟବ ଚାଙ୍ଗୁ ବାବୁକେ
ଅଡେଣ୍ଡେ ମନରାତେ ଟୁପ୍‌ସାଜେନା ରୁନ୍ଦାଲିୟତେ
ସେଲାନଡାଇ ଲୋ ମନ ଇସେରାନ୍‌ତେ

**ଓଡ଼ିଆ ଅନୁବାଦ**

ଝିଅ ଆସିବୁଲୋ ଚାଙ୍ଗୁ ନାଟ କରିବାକୁ
ମୋର ମନ ପରତେ ହେଉନାହିଁ
ପିନ୍ଧିବୁ ଲୋ ନାଲି ଶାଢ଼ୀ
ଧୂଳି ଲାଗିଯିବ ଝିଲିମିଲି ପାଦରେ
କାହିଁକି ନାଟ ନାଚିବୁ

ଆଲୋ ଝିଅ ଚାଙ୍ଗୁ ଡାକୁଛି ତୋତେ

ଗୀତ ତୋତେ ଡାକୁଛି

ଭଙ୍ଗା ଚାଙ୍ଗୁ ବାଜିବାରୁ

ତୋ ମନକୁ ପାଇଲା ନାହିଁ

ଠିକ୍ ତାଳରେ ବାଜୁ ନାହିଁ ତଥାପି ମାଡ଼ିଆସ

ଝିଅଲୋ ରୁଷି ଯାଇଛୁ ।

## (୪୩)

ଡେ ଡେଲେ ବକ ସାଜେ ସାଜନା

ଗାଆଁ ବୁଲିବାନା

ସୁନ୍ଦର କତେରେ ବାସବ ସେନା

ସେଲାନଡାଇ ବାକୁଯଜ ବାଇବାଇନା

ଡେଲେ ବକ ବାଚେ ବାଚେନା

ମିସିଂଡେର ବାକ ଗନା

ସେଦିନ କଥାରେ ବାଗାଇ ସେରେନା

ବେହେରା କଥାରେ ଚିନ୍ତା ଜେନା

ଚାଙ୍ଗୁ ଗୀତ ବାଗୀତ ନମା

ଜୁଆଙ୍ଗ୍କି ଗାମକେକି ଜେନା ଜେନା

ମସିଂଡେରେ ବକ ଗନା ।

## ଓଡ଼ିଆ ଅନୁବାଦ

ଆସ ଆରସ ଭାଇ ସଜାଇ ଦିଅ

ଗାଆଁ ବୁଲି ଯିବା ଚାଲ

ସୁନ୍ଦର ଲୁଗାରେ ସୁନ୍ଦର ଦେଖାଯିବ

ଝିଅଲୋ ତୋତେ ଲୁଗା ପିନ୍ଧାଇ ଦେବି ଆ

ଆସ ଆସ ଭାଇ ବାଛି ବାଛି ନେଇ ଯାଅ

ଆଜି ନେଇଯିବା ଭାଇ

ସେଦିନ ଯେଉଁ କଥା ହୋଇଥିଲୁ

ବେହେରା କଥାରେ ଚିନ୍ତା ନାହିଁ

ଟାଙ୍ଗୁ ଗୀତ ଗାଇବା ଚାଲ

ସ୍ତ୍ରୀ ଲୋକମାନେ କହୁଛନ୍ତି ନାହିଁ ନାହିଁ

ଆଜି ନେଇ ଯିବା ନାହିଁ

(୪୪)

ବାର ମୁଣ୍ଡାଣି କଇଲଂଙ୍ଗକି ଏଡ଼େନା

ନାଗମ୍ ପୂଜା ଡିଙ୍କେ ଏକୁଏନା

ହାଡ଼ି ଦୁଆତେ ଲୋ ଚାଉଳ ଧୁଆତେ

ଆଷାଢ଼ ମାସରେ ରଥ ଯାତରା

ଜେନା ମେଗାମର ବକରାଇ ବାନା ଯାତରା

ବଲଭଦ୍ର କଇଲଙ୍ଗ ତେ ନେଜଇ ପରା

ଅସୁର ଖାଲରା ତୁଲିତା ଗଟଂାଙ୍ଗ

ଜେନାମେଗାମର ବକରାଇ ବାନା ଯାତରା

ଅସୁର ହାତ ମେସବେ ମୁଇଣ୍ଡ ଇଞ୍ଜାବ ବାଗଙ୍ଗା

ଚିନ ବାବାନାଏଜ ବାକବେ ପରା ।

## ଓଡ଼ିଆ ଅନୁବାଦ

ବାରମୁଣ୍ଡିଆଣି ଦେବତା ଆସିବ

ଦେହୁରୀ କରୁଛନ୍ତି ପୂଜା

ଡାହାଣ ଓ ବାମ ହାତରେ ଦେଉଛନ୍ତି ଚାଉଳ

ଆଷାଢ଼ ମାସରେ ରଥ ଯାତରା

ନାଇଁ କହିବୁନି ଯିବା ଯାତରା

ବଳଭଦ୍ର ଠାକୁର ଦେଖିବା ପରା

ଅସୁର ଖୋଲର ତଳପଟେ ରାସ୍ତା

ନାହିଁ କରିବୁନି ଯିବା ଯାତରା

ଅସୁର ହାଡ଼ ଗୋଟିଏ ଘରକୁ ନେବା

ତାକୁ ପୋଡ଼ି ଚୁନ କରିବା

ଦକ୍ତାରେ ମିଶାଇ ଖାଇବା ।

(୪୫)

ଆଉବ କୁକୁଡାଏ ଡୁକେଁ ନି ସେଲାନ୍‌ଡାଏରେ ଅମରବ ଲଙ୍ଗେ

ଆଏନ୍ତେର ବଡ଼େ ଗିଆନକେ

ଆଗିୟାତାନ୍ ଜେନା ଆଏନ୍ତେ ବିଲା ଆସିକେ ଏତେ

ଏତେ ଗାମ୍‌କେ ସଙ୍ଗାତ

ଏତେ ଏକେଚେ ଆଏଁ ଲାଜ କୁଲିଆ ଡୁଙ୍ଗେ ବାରିଆ

କିମିପେ ପଛେ କେସିଆ

ଗିୟାନାନ୍ ଜାଲେ ଚାଙ୍ଗୁରେ ବୁଗେ ବାନ୍ଦୁ

ନାଟରେ କିଜେପେଲେ ଡୁ

ଚାଙ୍ଗୁରେ ନିବୁକେ ମନ ହରସ ଲେଲେୟାପେ କାଲେଡୁ ବାଇସ

ଡାଇଙ୍ଗ୍ ସେକେ ଡୁ ଚାଙ୍ଗୁ ପିଆସ

ଲେଲେ ଜାନ୍‌କି ଜାଲେ ଆଡ଼ି ଲେମେଜକି ବିତେ ଲେମେଜେକି ବୁଢ଼ାରେକି

ଇନିଞାତେତୋ ତମଡ଼େ କି

ଆହୁରି ଖୁସି ନେମାନେକି

ତଣ୍ଡରେ ସିନାଲୋ ତଣ୍ଡେ ଆଲି ଅସଲ ବୁତାଏ ଗାର୍‌କିକି

ଡାକୁଆଡ଼େ ମଙ୍ଗାଏ ଅଲି

ବେଦାରେ ବୁତାଏ ଗାରକି ସେଲାନକି କଙ୍ଗେରକି କାମ ଅନକି

ପୁଣି ନିଅନ୍ତା ବିଜିମକି

## ଓଡ଼ିଆ ଅନୁବାଦ

ଏ କପୋତ ଚଢ଼େଇ ଭିଡ଼ିଯାଉଛି, ଏ ଟୋକି ମତେ ଅନୋଉଛି

ମତେ ବହୁତ ଲାଗ ମାଡୁଛି

ତାକୁ ଲାଜ ଲାଗୁନାହିଁ, ଭିଡ଼ ଥିବାରୁ ମୋତେ ବହୁତ ଲାଜ

ଏଥିପାଇଁ ତୋତେ କହୁଛି ସଙ୍ଗାତ

ଦେଖୁଛତ ମୁଁ ଲାଜକରି ବାହାରେ ବାହାରେ ପଳୋଉଛି

ନୀରିହ ଭାବି ଅପମାନ କରୁନ ତ

ଲାଜ କଲେବି ଆଜି ଚାଙ୍ଗୁ ବଜେଇବି ଲୋ ବାଙ୍ଗୁରୀ
ନାଟ ନାଚିବୁ ଚାଲ
ଚାଙ୍ଗୁ ବଜାଉଛୁ ମନ ହରସରେ ରାଗେ ପଛେ ନାଚିବା ଚାଲ
ଚାଲିଛି ଅମାର ଚାଙ୍ଗୁ ଅଭ୍ୟାସ
ଯିଏ ରାଗିଲେ ରଗନ୍ତୁ ପଛେ କ'ଣ ପାଇଁ ରାଗିବେ ଗାଁର ବୁଢ଼ାବୁଢ଼ୀ ମାନେ
ସେମାନେ ଆହୁରି ଖୁସି ମନେଇବେ
ଜିରମାନା କରିବେ ସିନାଲୋ ବଡ଼ ଘୁସୁରୀଟେ ମାଗୁଛନ୍ତି
ଡାକୁଆ ଆସି କହିଛି
କାମ ପାଇଁ ଘୁଷୁରୀ ମାଗୁଛନ୍ତି ଝିଅ ଓ ପିଲାମାନେ କାମକୁ ଯାଉଛନ୍ତି
ପୁଣି ଥରେ ନିଅନ୍ତା ଖାଇ ଫେରି ଆସିବେ

(୪୬)

କାଇରେ ବାସାଜାନ୍ ସମନ୍ଦାଏ ଆଟାଙ୍ଗ ମିଡ୍ଡୁଙ୍ଗେଲୋ ଯୋଲା କଂସ ଗଟାଙ୍ଗ
ଚଉଠି ମେଡ଼େନା ତେରା ମୟାଁ
ଗୁଣ୍ଡି ତୁଳିଆର ଅଳଂ ମାରିଆନା ତେରା ଗଳଂ
ଯେମିତି ନାଉଚିନା ଗଳଂ
ଡୁଡୁଙ୍ଗତେ ସେନାଳେ ମଙ୍ଗେ ସେକେ ପୁଣି ଜେନା ମେଗାମକେ
କୁଇକାରନିଂ ମଦ ଆବୁରକେ
ମଦରେ ଶଏ ଟଙ୍କା ଅରେନସେକେ ଉଆଳେ ଆରାମ ବାଉରେ ଗାମକେ
ଆରାମଡ଼ ଆଂଜତେ ଆମା ଉରକେ ଜେନା
ବଳେତ ମାମା ଉରକେ ଭିଳା ଲୋକକିତେ ଚିନ୍ତା କିବ୍କେ
ଏତେ ମଦରେତେ ଜେନା ଗାମ୍କେ
ଏକଳଂଙ୍ଗ କାନିଆରା ବାଡ୍ଡୁଙ୍ଗେ ଗାମକେ ମିସିଂତେର ଆର ମଙ୍ଗେକେ
ତେରା ତେର ଆର ଜେନା ଗାମ୍କେ
ବର କୁଳିଆକି ବିରି ଏଗାମ୍କେ କୁଳେ ଆଗିଲାବ ଆପେ ସେଙ୍ଗାପେ
ନିଇଁବା ଉଛୁଳିତା ବାଡୁଙ୍ଗକେ

## ଓଡ଼ିଆ ଅନୁବାଦ

କାଇ ଝାଡ଼ିଲା ଯେ କାଲି ଅଣ୍ଡାଗୁଡ଼ା ଚାଲ ପଳେଇବା କଂସକୁ
ଚଉଠି ଆସିବୁ ଆଜି କି କାଲି
ଗଣ୍ଡି ତଳର ଠେକୁଆ ବାହାରିବୁ କାଲି ଶିଘ୍ର
ଶିଘ୍ର ପହଞ୍ଚିବା ଗାଁକୁ
ପଳେଇବାକୁ ସିନା ମଙ୍ଗୁଛୁ ପୁଣି ନାହିଁ କାହିଁକି କରୁଛୁ
- ଶଶୁର ମଦ ଖାଇବାକୁ ଡାକୁଛନ୍ତି
ମଦ ପାଇଁ ଶହେ ଟଙ୍କା ଆଣିଛନ୍ତି ଆସ ଜୁଆଇଁ ଖାଇବା କହୁଛନ୍ତି
ଜୁଆଇଁ କହୁଛନ୍ତି ମୁଁ ଖାଇବି ନାହିଁ
କ'ଣ ପାଇଁ ପିଉ ନାହିଁ, ଭିଡ଼ ଲୋକ ପାଇଁ ଚିନ୍ତା କରୁଛ କି
ଏତେ ମଦ ପାଇଁ ନାହିଁ କରୁଛ କି
ବର୍ତ୍ତମାନ କନିଆଁ ଯିବା ପାଇଁ କହୁଛି, ଆଜି ଯିବା ପାଇଁ କହୁଛି
କାଲିକୁ ନାହିଁ କହୁଛି
ବରଯାତ୍ରୀମାନେ କ'ଣ କହୁଛ ଚାଲ ଆଗକୁ ଆଗକୁ ଚାଲ
ଆମେ ପଛରେ ଚାଲୁଛୁ ।

### (୪୭)

ଲାରେ ଲାରେ ଲାରେ ଲୋ ଲାରେଗ୍ ଲାରେ
ଅରାତେ ମେଲାର ମାଣ୍ଡିଆ ମୁନ
ଲଲଙ୍ଗ ଲଲଙ୍ଗ ଦୀନ ଅନ ମାଣ୍ଡିଆ ମୁନ
ମୁଣୁଷ କଞ୍ଚେଲାଣ୍ଡେ ବଡ଼େର ଯେଲେ
ବୁଇର ଅଞ୍ଚେରେ ଲୋ ଡାଗ ଅରେଂତେ
ଆରାଲୋ ଆଜଇ ବିତେ ଗେଯେଲେ
ବୁଇନମ୍ ଅଞ୍ଚେରେ ଡାଗ୍ତେ
ଡାଏ ଲଅନା ଆଝି ଅଦବାଟତେ
ବିଗ ମେଡାକେ ଗଇଁନଗ୍ତେ
କୁ କୁଲା ବଏଁ ବିଗରକୁ
କରଆରା ଉନ୍‌ଚେକେ ଅଲାଗଡ଼େ
ଅରେନେ ଅରେନେ ଆଝି ବିଗ ଅରେନେ
ବଙ୍କରାମଣ୍ଡେ ବଡ଼େ ବାୟାରେ
ବଙ୍ଗ ଉଞ୍ଚେଲେ ଗାମ କରାଆରା

ଲଲଙ୍ଗ ଲଲଙ୍ଗ ଆମା କୁଇକେ ହେରା
ବଇର ଗାମକୁ ଏରା ଅଞ୍ଚେକେ
ନି ତୁଫକ୍ ଡାଏରେର ବଡ଼େ ଆବ୍‌ଯେକେ
ମଣିଷ କେଞ୍ଚେଲାନ୍ ବିଡେ ମେଲେଏକେ
ଅଳାଗ ମଂଡ଼ାକ ମୁଞ୍ଚେକେ
ମଣିଷ କଞ୍ଚେଲାନ୍‌ତେ ବିଡ଼େ ମେଲେଏକେ
ନାନାର ଗାମକୁ ବିରି ମିକିବାନ୍
ମୁଣୁଷ କଞ୍ଚେଲାଣ୍ଡେ ବଡ଼େ ବାୟାୟାନ୍
କୁଶୁକ୍ରୀ ଲୋକରି ବିଳା ଇଶିରିକି
ଡାଗ୍‌ଡେ ଅରେନ୍‌ତେ ଆପିପି ଯାନ୍‌କି

## ଓଡ଼ିଆ ଅନୁବାଦ

ଲାରେ ଲାରେ ଲାରେ.....
ପିଠା ପୋଡ଼ିଲ କେଉଁଠି ରଖିଲ
ଖୋଜି ଖୋଜି ଦିନ ଗଲା
ଛୋଟ ପିଲାଟି ବଡ଼ କାନ୍ଦୁଛି
ତା ମାଆ ଯାଇଛି ପାଣି ଆଣିବାକୁ
ଆଇ ଡାକୁଛି କ'ଣ ପାଇଁ ନାତୁଣୀ କାନ୍ଦୁଛି
ମାଆ ଯାଇଛି ପାଣି ଆଣିବା ପାଇଁ
ଯା ଯିବୁ ଅଧବାଟକୁ
ଚଞ୍ଚଳ ଡାକିବୁ ତୋର ମାଆକୁ
ଚାଲ୍ ମାଆ ଶିଘ୍ର ଚାଲ୍
ଠଣାରେ ରଖିଛି ପିଠା
ଆଣିଦେ ଆଣିଦେ ଶିଘ୍ର ଆଣିଦେ
ସାନ ଭାଇଟି ବେଶୀ କାନ୍ଦୁଛି
ମାଆ କହିଛି ଠଣାରେ ରଖିଛି ବୋଲି
ଖୋଜି ଖୋଜି ଜମା ପାଇଲିନି
ମାଆ କହିଲା ସେଠି ରଖିଛି ।
ଏ ପେଚା ଛୁଆଟି କିଛି ଦେଖି ପାରୁନାହିଁ
ମଣିଷ ଝିଅଟି ବଡ଼ କାନ୍ଦୁଛି
ତୁମେ କେଉଁଠି ରଖିଛ
ଝିଅଟିକୁ ବଡ଼ ରାଗୁଛ

ନାଳକୁ ଯାଇ କ'ଣ କଲୁ
ଝିଅଟି ବଡ଼ କାନ୍ଦୁଛି
ବହୁତ ଲୋକ ହୋଇଛନ୍ତି ପାଣି ପାଖରେ
ପାଣି ଘାଟର ରାସ୍ତା ପାଇଲି ନାହିଁ ।

(୪୮)

କାଯାଲୋଗ୍ ଅଙ୍ଗେରେ କିୟା
ବୁଢ଼ୀ ବୁଢ଼ାକିୟା କଙ୍ଗେଲଗ ଗୀତଏଲେ
କାରାରେ କିଜେ ଲୋ ବାଙ୍ଗୁରୀ ଡେଗେ ଡେଗେ ତା
ଅତାମାଏଁ କାଟେକେ ଲୋ
ମନମଣ୍ଡେ ଅନ୍‌ଚେରେ କାନ୍ଥୁଂରା ଡାଗଡେ ଡ଼େଡେ
ଆଏଁଥେର ବଡେ ଏଜେଲାଙ୍କେ
ମୁଇଁଣ୍ଟ ଅରେନେ ଡ଼ିଅ ହଲା ଗ୍ରଣ୍ଡେ ଡାଗଡେର
ଉରକେ ଜୀବନଇଁଣ୍ଡେ କୁଟିୟାଁ ଶାନ୍ତି ରଏଁରେମେ
ଡାହାଗ ଡ଼ିଞ୍ଜଜ ଆମତେ
ମନଣ୍ଡେ ରୟୟାନ ତିଲାକେ ଡେ ଲୋ ବାଙ୍ଗୁରୀ
ଡେଏବିଘ ଇୟାଁ ଆଁବକୁ ଲୋ ବାଡୁଙ୍ଗେ ବିଗ
ଇୟାଁଆବ ଆଉଚିନା ଜିବଇଁ ବାରେର ରଏରେମେ
ଦୁଃଖ ସୁଖ କାମଇଁ ବାରେର ଜେଲାଅ ଲୋ ବାଙ୍ଗୁରୀ
ତେରାର ଗଲଂ ବାନା ବାଙ୍ଗୁରୀ
କାରାର ବଡ଼େ କାଟେକେ
ଆତମା ଏଁଣ୍ଡେର ବଡ଼ ବାଦେକେ

## ଓଡ଼ିଆ ଅନୁବାଦ

ବନ୍ଧକାମ ଚାଲିଛି
ବୁଢ଼ାବୁଢ଼ୀମାନେ ପିଲାଙ୍କ ବିଷୟରେ ଗାଉଛନ୍ତି
ଖରାଟି ନାଚୁଛି ଲୋ ଡେଇଁ ଡେଇଁକା
ମନଟି କଷ୍ଟ ହେଉଛି ଲୋ
ମନଟି ରହିଯାଇଛି ଲାଉତୁମ୍ବା ପାଣି ପାଖରେ
ଗୋଟିଏ ଶିଆଳି ପତ୍ର ଆଣି ଆସିବୁ ଯାଆ ଲୋ
ମତେ ବହୁତ ଶୋଷ ଲାଗିଲାଣି
ପିଇଲେ ଜୀବନଟା ଶାନ୍ତି ହୋଇଯିବ

ପାଣି ତୁଣ୍ଡରେ ଗଲା ପରେ
ଭୋକରେ ମନ ରହିଲାଣି ଲୋ ବାଙ୍ଗୁରୀ
ଶିଘ୍ର ଘରକୁ ଯିବା ଚାଲ୍ ଲୋ ବାଙ୍ଗୁରୀ
ଘରକୁ ପହଞ୍ଚିବା ଜୀବନଟା ବଞ୍ଚିଯାଉ
ଦୁଃଖ ସୁଖ କାମ ସରିଲା ଆମର ଲୋ ବାଙ୍ଗୁରୀ
ବାଲିକି ଶିଘ୍ର ଆସିବା ଲୋ ବାଙ୍ଗୁରୀ
ଖରାଟି ବଡ଼ କାଟୁଛି ଲୋ ବାଙ୍ଗୁରୀ
ଆତ୍ମାକୁ ଏଠି ବଡ଼ ବାଧୁଛି ।

## (୪୯)

ଅଲସମ୍ ଅଲାଗ୍ କାନିଆରାଏ
ଚାନିଆଁ ବିତେ ମିରେ ବକରାଏ
ହଲାଗ୍ କାନିଆଁରାଏ ବନାଇରିକି
ଉଆଲିରେକି ହେବଡ଼ମ୍ ଡିକି
ବାଡ଼ି କାଣ୍ଡାରିଆ କତେଣ୍ଡେକି
ଅଲାଗ୍ କା!ନିୟାରାଏ ଅରେଣ୍ଡେକି
ଫଗୁଣ ମାସତେ ବାଗର
ବିତେ ବକରାଏ ଥର ଥର
ଆମ୍ଣ୍ଡେ ସଙ୍ଗାତ କୁବାର
ମିକୁଇନା ଲୋ ସାନ ବର
ବାଗର ଇଆଯ ଗୋଆ ମୁଇଣ୍ଡ
ଆଏଁ ଡ଼ିଞ୍ଜମ୍ ମେରମ୍ ମୁଇଣ୍ଡ
ମେଗା ଥାଏ ଆଗିଲାର
ଆଏଁ ଇନା ଥର ଥର
ବାଗର ଇଆଯ ମେଯେଗର
ଆଏଁ ଡୁଙ୍ଗେ ଥର ଥର
ଗାତାଏ ସେକମ୍ ଲୋ ମେଯେଗର
ବାଗର ଯେଲାଅଯ ମିଡ଼ଙ୍ଗର
ମେଡୁଙ୍ଗେ ଲୋ ପର ଘର
ଆଂତେ ନିକୁବ ସାତପର ।
ମନା ଲୋ ଆଜିକାର ମାମିଇଁକାବ
ଦୁଃଖ ମିକିବେ ବିତେ ଲୋ

ବାଗରମ୍ ଜେଲାଅ ଆଛିଙ୍କାର
ଆଏଁ ଡୁଙ୍ଗେ ମିଶିଏଁ ଣ୍ଡେର
ପାଶୁରା ଆସୁରା ମିକିବର
ମା ମେଯକେ ଜେନା ମିସିଂ ।

## ଓଡ଼ିଆ ଅନୁବାଦ

ପଣସ ପତ୍ରର କନିଆଁ ଖେଳ
ଛାନିଆ ହେଉଛୁ କଅଣ ପାଇଁ
ପତର କନିଆଁ କରୁଛନ୍ତି
ଛୋଟ ଛୁଆମନେ ଖେଳୁଛନ୍ତି
ବାଡ଼ି ଦାଣ୍ଡିଆ ଯାଉଛନ୍ତି
ପତ୍ର କନିଆଁ ଆଣୁଛନ୍ତି
ଫଗୁଣ ମାସରେ ବାହାଘର
କଅଣ ପାଇଁ ହେଉଛୁ ଥର ହର
ତୁ ତ ସଙ୍ଗାତ ବଡ଼
ପାଇବୁ ତୁ ଛୋଟ ବର
ବାହାଘର ହେଲେ ଗୁଆ ଦବ
ମୁଁ ଗୋଟିଏ ଛେଳି ଦେବି
ପୂର୍ବରୁ ମୋତେ କହିଥିବୁ
ମୁଁ ହେବି ଥର ହର
ବାହାଘର ହେଲେ କାନ୍ଦିବୁ ନାହିଁ
ମୁଁ ପଳେଇବି ବହୁତ ଶିଘ୍ର
କହିଦେଉଛି ମୁଁ ତୁ କାନ୍ଦିବୁ ନାହିଁ
ବାହାଘର ସରିଲା ପରେ ପଳେଇବି
ପରର ଘରକୁ ଯିବୁ ଲୋ ତୁହି
ମୋତେ କରିବୁ ତୁ ସାତ ପର
ଯିବୁ ଲୋ ତୁ ଶାଶୁଘର
ଦୁଃଖ କରୁଛୁ କାହିଁ ପାଇଁ
ବାହାଘର ସରିଲା ପରଦିନ
ମୁଁ ପଳେଇ ଯାଉଛି ଆଜି
ପାଶୋରି ଯିବୁନାହିଁ ମୋତେ
ଆଜିଠୁ ଦେଖି ପାରିବି ନାହିଁ ତୋତେ

# ପହଳି

(୧)

ଜୁଆଙ୍ଗ-ଆଲୁଂ ବ ଅଣ୍ଡେ ଗୈ ଗୈ ରେ
ବା ଏବ ଅଣ୍ଡେ ଜାଲାକାରେ । (ଜେନ୍କ)

ଓଡ଼ିଆ- ଘରକୁ ଗଲେ କୁଣ୍ଡେଇ ହେଉଛି
ବାହାରେ ଚୁପ୍ ରହିଛି । (ଛାଞ୍ଚୁଣୀ)

(୨)

ଜୁଆଙ୍ଗ-ଉଳି ଅଲିଂତା ବାନାଏ ଅଲଗାନା
ଇଣିରତା ଜୁଣ୍ଡା ସଲବଲା ଏରେ । (ଅଲସମ୍)

ଓଡ଼ିଆ- ପାହାଡ଼ ଉପରୁ ଭାଲୁ ଖସି ପଡ଼ିଲା
ତା ଦେହରେ ଚୁଟି ସାଲୁ ସାଲୁ । (ପଣସ)

(୩)

ଜୁଆଙ୍ଗ - ବଇଁଲ ଆଏଁନ୍ତେ ଡିଂଏଁ ବିରି ଅନା । (ସେଡାକ୍)
ଓଡ଼ିଆ - ମାଆ ଲୋ ମତେ ଦେଇକି ଯାଆ । (କବାଟ)

(୪)

ଜୁଆଙ୍ଗ -ଡକସେନା ଲୋ କୁଜି କାଣ୍ଡାଏ
ଆଏଁ ଅଣ୍ଡେ ସରଗବ ଉଡ଼ି ।(ବିକିମ୍ ଆଉକାଲାଏ)

ଓଡ଼ିଆ- ବସିଥାଆ କୁଜି ବୁଢ଼ି
ମୁଁ ଯାଉଛି ସରଗକୁ ଉଡ଼ି । (କଲେଇ, ଝିଡ଼ିପୋକ)

(୫)

ଜୁଆଙ୍ଗ -ଏଣ୍ଡେରା ମେରମ୍ନ୍ତେ କାଳିଆ ଆକା । (ଟସର)
ଓଡ଼ିଆ -ଧଳା ଛେଳିକୁ କାଳିଆ ପଘା । (ଟସର)

(୬)

ଜୁଆଙ୍ଗ -ବୁଇର ଝାମ୍ବରା କଞ୍ଚେଲାଣ୍ଡ ସୁନ୍ଦରୀ । (ଡୁଙ୍କାରୀ)
ଓଡ଼ିଆ -ମାଆ ଝାମ୍ପୁରୀ ଝିଅ ସୁନ୍ଦରୀ । (ଲଙ୍କା ମରିଚ)

(୭)

ଜୁଆଙ୍ଗ -କାଳିଆ ଅଳେଇ ଡକସେରେ
ସୁନ୍ଦର ଅଳେଇ ଜାଞ୍ଜାନ୍ କେ, (ଲାଲାଇ, ଆଟିକା)

ଓଡ଼ିଆ -କାଳି ଗାଈ ବସିଛି, ନାଲି ଗାଈ ଚାଟୁଛି । (ନିଆଁ ଓ ହାଣ୍ଡି)

(୮)

ଜୁଆଙ୍ଗ -ତିନିଜଣ କୁଣିଆଁ ଅନକି
ବାନତ ବାଏତେ ରଏ ଏନା କିଆ
ମିନକ ଆଲୁଂବ ଡୁଇରାନା (ଚପଲ ଓ ମୁଣୁଷ)
ଓଡ଼ିଆ - ତିନିଜଣ ବନ୍ଧୁ ଆସିଲେ
ଦୁଇଜଣ ବାହାରେ ରହିଲେ
ଜଣେ ଘର ଭିତରକୁ ପଶିଲେ । (ଚପଲ ଓ ମଣିଷ)

(୯)

ଜୁଆଙ୍ଗ -ଆଲିଂତା ବାସାର ତୁଲିତା ସୁସୁର । (ମୁଣୁନ୍)
ଓଡ଼ିଆ -ଉପରଟି ବସା ପରି ତଳଟି ଅଣ୍ଡାପରି । (ମହୁଲ)

(୧୦)

ଜୁଆଙ୍ଗ -ଆଲିଂତା ନାଳା ଆଲା ତୁଲିଆ ଖପର ନଡ଼ିଆ
ଆର ଛଣତା ଟାଇଲି ଆରା ତୁଲିଆ ଡାଗ୍ । (ନଡ଼ିଆ)
ଓଡ଼ିଆ -ଉପରେ ଛଣ ତା ତଳେ ଖପର
ତା ତଳେ ଟାଇଲି ତା ଭିତରେ ପାଣି । (ନିଡ଼ିଆ)

(୧୧)

ଜୁଆଙ୍ଗ -ରାଜା ସେଡାଗ୍ ଡ ଆଜିର୍ ଡେ କିବ୍ ଡେ । (ଶିଆଳି ମଞ୍ଜି)
ଓଡ଼ିଆ -ରାଜା କବାଟ ଶିଘ୍ର ଫିଟେ ନାହିଁ । (ଶିଆଳି ମଞ୍ଜି)

(୧୨)

ଜୁଆଙ୍ଗ -ରାଜା ବାରର ଉଂଣ୍ଡେ ଉଂଣ୍ଡେ । (ସେଲକ୍ ଆଟାର)
ଓଡ଼ିଆ -ରାଜାର ଭାର ଦୋହଲୁଥାଏ । (କୁକୁର ଲାଞ୍ଜ)

(୧୩)

ଜୁଆଙ୍ଗ -ସବୁଆଡ଼େ ପାଚେରୀ ମୁଜିଆ ଡାଗ୍ । (ନଡ଼ିଆ)
ଓଡ଼ିଆ -ସବୁଆଡ଼େ ପାଚେରୀ ମଝିରେ ପାଣି । (ନଡ଼ିଆ)

(୧୪)

ଜୁଆଙ୍ଗ -ଇତିବଡ଼ ବୁସୁଆଞ୍ଜି ଡାଇକେ
ଏଜେଲାନ୍ ଆଁଞ୍ ଆଡାଜିଂକେଂ କେ । (କଲମ)
ଓଡ଼ିଆ- ପେଟ ପୁରିଲେ ଚାଲେ, ଶୋଷ ହେଲେ ଚାଲେ ନାହିଁ । (କଲମ)

(୧୫)

ଜୁଆଙ୍ଗ -ଆଣ୍ଡାବ୍ ଇଜିଂଏଗଣ୍ଡ ଚଅଗଟା ଏଟାବ ବକବଡ଼ ମୁଇଣ୍ଡ । (ଉଲିର୍)
ଓଡ଼ିଆ -ଉପରକୁ ଛଅଟା ମୁଣ୍ଡ, ତଳକୁ ଗୋଟିଏ ମୁଣ୍ଡ । (ଶିକା)

(୧୬)

ଜୁଆଙ୍ଗ -ମୁଇଣ୍ଡ ମୁଇଷିଆ ସାଠିଏଗଟା କିଲା । (ଅଲସମ୍)

ଓଡ଼ିଆ -ଗୋଟିଏ ମଇଁଷିର ସାଠିଏଟି କିଲା । (ପଣସ)

(୧୭)

ଜୁଆଙ୍ଗ -ଆଲିଙ୍ଗଆଁ ଅୟାଗଡ଼ ଲକା ସୁଶୁତେରଡ଼ ମାନେ ବିରି । (ମୁଲୁନ୍)

ଓଡ଼ିଆ -ଉପରେ ରହିଲା ବସା, ତଳେ ରହିଲା ଅଣ୍ଡା । (ମହୁଲ)

(୧୮)

ଜୁଆଙ୍ଗ -ଆଲୁଙ୍ଗବ ଅଣ୍ଡେ କେରବ୍‌ଡେ ବାଏଁବ ଅଣ୍ଡେ କେରାବ୍‌ଡ଼େ ନିରି ମିନ୍ଦୀ (ସେଣ୍ଡାଗ୍)

ଓଡ଼ିଆ -ଭିତରକୁ ଯାଉଛି କାନ୍ଦୁଛି, ବାହାରକୁ ଯାଉଛି କାନ୍ଦୁଛି । (କବାଟ)

(୧୯)

ଜୁଆଙ୍ଗ -ଜଗତ ଉପେର ଆସିଆନ୍ ଘରଣୀ ଜିଙ୍ଗବିରି ମିଜମ୍‌ଜ ମାସିକେ । (ତେନ୍ତରାକ)

ଓଡ଼ିଆ -ଶୂନ୍ୟରେ ଘର କରି ରିଛି, କ'ଣ ଖାଇ ବଞ୍ଚୁଛି । (ବୁଢ଼ିଆଣୀ)

(୨୦)

ଜୁଆଙ୍ଗ -ଆଠଗଟା ଇଜିଂଡ଼, ଶୁଳଗଟା ପଞ୍ଜରାର । (ତେନ୍ତରାଳ)

ଓଡ଼ିଆ -ଆଠଗୋଟି ଗୋଡ଼, ଷୋଳଗୋଟି ପଞ୍ଜରା । (ବୁଢ଼ିଆଣୀ)

(୨୧)

ଜୁଆଙ୍ଗ -ନେଗଣେ ନେଗଣେ ଆଡ଼ିତେ ନେଗଣେ
ଆଡ଼ି ଏସ ଟେକେ ଗଣେ । (ଆଲବଣୀ)

ଓଡ଼ିଆ -ଗଣିବୁ ଗଣିବୁ କେମିତି ଗଣିବୁ
ହାତ ଧରି ଧରି ଗଣୁଥା । (ପଟି)

***

ଆଦିବାସୀ ଭାଷା ଓ ସଂସ୍କୃତି ଏକାଡେମୀ